# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୭/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 7/2023 Page 16 ₹ 7.00

୪୯ଶ ଭାଗ ୪୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 45 ମୂଲ୍ୟ₹୭/-





# ଓଡ଼ିଶା ପାଇଁ କୋଭିଡ୍ ବିପଦ ନାହିଁ: ସ୍ୱାସ୍ଥ୍ୟ ବିଶେଷଜ୍ଞ

**ଭୁବନେଶ୍ୱର, ୬।୧(ବ୍ୟୁରୋ)**

ଓମିକ୍ରନ୍‌ର ୨ଟି ଷ୍ଟ୍ରେନ୍ 'ବିଏଫ୍ ୭' ଓ 'ଏକ୍ସବିବି ୧.୫' ଚାଇନା, ଜାପାନ, ହଂକଂ, ଥାଇଲାଣ୍ଡ, ଦକ୍ଷିଣ କୋରିଆ, ସିଙ୍ଗାପୁର, ଆମେରିକା, ୟୁରୋପ, ଜର୍ମାନୀ, ଫ୍ରାନ୍ସ, ଅଷ୍ଟ୍ରେଲିଆରେ ବ୍ୟାପିବାରେ ଲାଗିଛି। ଏହାକୁ ନେଇ ଓଡ଼ିଶାବାସୀ ଭୟଭୀତ ହେଉଛନ୍ତି। କିନ୍ତୁ ରାଜ୍ୟରେ ଏହାର ଅଧିକ ପ୍ରଭାବ ପଡ଼ିବ ନାହିଁ ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି। ଏ ସମ୍ପର୍କରେ କଟକ ଏସ୍‌ସିବିର ମେଡିସିନ ବିଭାଗ ମୁଖ୍ୟ ପ୍ରଫେସର ଡା. ଜୟନ୍ତ ପଣ୍ଡା କହିଛନ୍ତି, ରାଜ୍ୟରେ ୬ ହଜାରରୁ ଊର୍ଦ୍ଧ୍ୱ କୋଭିଡ୍ ଟେଷ୍ଟ କଲେ ମାତ୍ର ଗୋଟିଏ ଦୁଇଟି ସଂକ୍ରମିତ ବାହାରୁଛନ୍ତି। ଏସ୍‌ସିବି ମେଡିକାଲରେ ୨ ମାସ ହେଲା କୌଣସି କୋଭିଡ୍ ରୋଗୀ ନାହାନ୍ତି କି ପଜିଟିଭ୍ ଚିହ୍ନଟ ହେଉନାହାନ୍ତି। ଓଡ଼ିଶାରେ କୋଭିଡ୍‌ର ଦୈନିକ ପଜିଟିଭ୍ ହାର ୦.୦୧ ପ୍ରତିଶତ ରହିଛି। ସେହିଭଳି ସାପ୍ତାହିକ ୦.୧୨ ପ୍ରତିଶତ ରହୁଛି। ତେଣୁ ଓଡ଼ିଶା ପାଇଁ କୋଭିଡ୍ ବିପଦ ନାହିଁ ବୋଲି କୁହାଯାଇପାରିବ। ସେ କହିଛନ୍ତି, ଆମର କୋଭିଡ୍ ପରିଚାଳନା ବହୁତ ଭଲ ହୋଇଛି। ତେଣୁ ବର୍ତ୍ତମାନ ସ୍ଥିତିରେ କୋଭିଡ୍‌କୁ ନେଇ ଭୟଭୀତ ହେବାର ନାହିଁ। ପ୍ରତି ୧୦୦ ବର୍ଷରେ କିଛିନା କିଛି ମହାମାରୀ ଆସିଛି। ପ୍ରଥମ ଲହର, ଦ୍ୱିତୀୟ, ତୃତୀୟ ଲହର ଆଦି ରହିଛି। କୋଟି କୋଟି ଲୋକଙ୍କର ମୃତ୍ୟୁ ହୋଇଛି। କିନ୍ତୁ କୋଭିଡ୍‌ରେ ଏପର୍ଯ୍ୟନ୍ତ ବିଶ୍ୱରେ ମାତ୍ର ୫ ଲକ୍ଷ ୩୦ ହଜାର ଲୋକଙ୍କ ମୃତ୍ୟୁ ହୋଇଛି। ଇତିମଧ୍ୟରେ ଭାରତର ଲୋକେ କୋଭିଡ୍‌ର ଆଲ୍‌ଫା, ଡେଲ୍‌ଟା ଓ ଓମିକ୍ରନ ଭାରିଆଣ୍ଟକୁ ସାମ୍ନା କରିଛନ୍ତି। ଆମର କୋଭିସିଲ୍ଡ ଓ କୋଭାକ୍ସିନ୍ ଲୋକଙ୍କୁ ସୁରକ୍ଷା ଦେଇଛି। ଭାରତରେ ୨୨୦ କୋଟି ଡୋଜ୍ ଟିକା ଦିଆସରିଛି। ୧୦୦ କୋଟିରୁ ଊର୍ଦ୍ଧ୍ୱ ଲୋକ ପ୍ରଥମ ଓ ପାଖାପାଖି ୯୫ କୋଟି ଲୋକ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ୨୦ କୋଟି ଲୋକ ବୁଷ୍ଟର ଡୋଜ୍ ନେଇସାରିଛନ୍ତି। ଓଡ଼ିଶାରେ ୧୦୦ ଭାଗ ଲୋକ ଉଭୟ ପ୍ରଥମ ଓ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ସେହିପରି ୪୦ ପ୍ରତିଶତ ବୁଷ୍ଟର ଡୋଜ୍ ଟିକା ନେଇଛନ୍ତି। ତେଣୁ ଏମାନଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଯାଇଛି। ଓଡ଼ିଶାରେ ଗୋଷ୍ଠୀ ରୋଗ ପ୍ରତିଷେଧକ ଆସିଯାଇଛି। ତଥାପି ଆମକୁ ସତର୍କ ରହିବାର ଅଛି ବୋଲି ଡା. ପଣ୍ଡା ପରାମର୍ଶ ଦେଇଛନ୍ତି।

# ୭ ବର୍ଷ ବାଳକଙ୍କ ଆତ୍ମହତ୍ୟା

**ପାଠ ପଢ଼ିବାକୁ ତାଗିଦ୍ କରିଥିଲେ ମା'**

**ପଦ୍ମପୁର, ୬।୧(ଡି.ଏନ.ଏ.)**

ଭଦ୍ରକ ଜିଲା ସଦର ବ୍ଲକ ଅଧୀନ ସାହାଡ଼ା ଅଞ୍ଚଳରେ ପାଠ ପଢ଼ିବା ପାଇଁ ଘରେ ତାଗିଦ୍ କରିବାରୁ ଜଣେ ୭ ବର୍ଷର ନାବାଳକ ଗୁରୁବାର ରାତିରେ ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକଙ୍କ କହିବା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ପାଠପଢ଼ାକୁ ନେଇ ତାଙ୍କ ମା' ତାଗିଦ୍ କରିଥିଲେ। ରାତିରେ ପଢ଼ାଘରେ ସେ ବେକରେ ରଶି ଲଗାଇ ଦେଇଥିବା ଶୁକ୍ରବାର ସକାଳେ ସେମାନେ ଦେଖିବାକୁ ପାଇଥିଲେ। ଖବର ପାଇ ସାବରଙ୍ଗ ଥାନା ଏଏସ୍‌ଆଇ ଯତୀନ୍ଦ୍ର ନାଥ ସିଙ୍କୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୧/୨୩) ରୁଜୁ କରାଯାଇଛି।






ଓଡ଼ିଶାରେ ୨୦୦୮ରୁ ଦୁଇ ଟଙ୍କିଆ, ୨୦୧୩ରୁ ଟଙ୍କିଆ ଚାଉଳ

# ରାଜରାଜେଶ୍ୱର ବେଶରେ ଦର୍ଶନ ଦେଲେ ମହାପ୍ରଭୁ

## ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି

**ପୁରୀ ଅଫିସ, ୬।୧**

ପବିତ୍ର ପୌଷ ପୂର୍ଣ୍ଣମୀ ଶୁକ୍ରବାର ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହୋଇଛି। ରତ୍ନ ସିଂହାସନରେ ମହାପ୍ରଭୁ ରାଜରାଜେଶ୍ୱର ବା ସୁନାବେଶରେ ଦର୍ଶନ ଦେଇଛନ୍ତି। ବର୍ଷକ ମଧ୍ୟରେ ହେଉଥିବା ପାଞ୍ଚଥର ସୁନାବେଶ ମଧ୍ୟରୁ ଏହା ଅନ୍ୟତମ।

ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଗୁରୁବାର ଚନ୍ଦନ ଲାଗି ନୀତି ପରେ ୮୭ ଗରା ଜଳ ଓ ୨୧ ଗରା ଘିଅ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରହିଥିଲା। ଶୁକ୍ରବାର ଶ୍ରୀମନ୍ଦିର ଭିତର ବେଢ଼ାରେ ନିର୍ମିତ ଯଜ୍ଞଶାଳାରେ ହୋମ କରାଯାଇଥିଲା। ଅପର ପକ୍ଷରେ ସକାଳ ଧୂପ ବଢ଼ି ଅଭିଷେକ ନୀତି ଆରମ୍ଭ ହୋଇଥିଲା। ଟେରାବନ୍ଧା ପରେ ଭୋଗମଣ୍ଡପ ଘରଠାରୁ ଜଳଛେକ ପର୍ଯ୍ୟନ୍ତ ଗରାବଡୁମାନେ ବାଘମୁହଁ ବାନ୍ଧି, ଘଣ୍ଟା ଛତା କାହାଳି ସହ ତଳୁଛ ପ୍ରଧାନୀ ପଟୁଆରରେ ଆସି ଚାରୋଟି ପନ୍ତି ରଖିଥିଲେ। ଶୀତଳ ଭୋଗ ଛେକ ଆସିଥିଲା। ମୁଦିରସ୍ତ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିଥିଲେ। ଅଧିବାସ ହୋଇଥିବା ୧୦୮ ଗରା ଘିଅମିଶ୍ରିତ ଜଳରେ କେବଳ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଅଭିଷେକ କରାଯାଇଥିଲା। ମହାପ୍ରଭୁଙ୍କଠାରୁ ଶ୍ରୀଦେବୀ (ମହାଲକ୍ଷ୍ମୀ) ଆଜ୍ଞାମାଳ ପାଇ ମହାଲକ୍ଷ୍ମୀ ମନ୍ଦିର ଜଗମୋହନକୁ ବିଜେ କରିଥିଲେ। ସେଠାରେ ମାଜଣା, ବନକଲାଗି ଓ ବେଶ କରାଯାଇଥିଲା। ସେହିପରି ଶ୍ରୀମନ୍ଦିରରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା। ତିନିଠାକୁର କିରୀଟ, ଶ୍ରୀପୟର, ଶ୍ରୀଭୁଜ, ଆଡ଼କାନି, ଚନ୍ଦ୍ର, ସୂର୍ଯ୍ୟ,



ସେବତୀ ମାଳି, ଘାଗଡ଼ା ମାଳି, ମକର କୁଣ୍ଡଳ, ବାଘନଖି ପ୍ରଭୃତି ସୁବର୍ଣ୍ଣ ଅଳଙ୍କାର ଧାରଣ କରିଥିଲେ। ଶ୍ରୀଜଗନ୍ନାଥ ମହାପ୍ରଭୁ ସୁବର୍ଣ୍ଣ ଚକ୍ର, ରୁପା ଶଙ୍ଖ ଏବଂ ବଳଭଦ୍ର ସୁବର୍ଣ୍ଣ ହଳମୂଷଳ ଧାରଣ କରିଥିଲେ। ଯାତ୍ରାଙ୍ଗୀ ଭୋଗ ଶ୍ରୀଛାମୁକୁ ଆସିବାବେଳେ ମନ୍ଦିରରୁ ମହାଲକ୍ଷ୍ମୀ ଫେରି ଶ୍ରୀଅଙ୍ଗ ଲାଗି ହୋଇଥିଲେ। ଭିତରଛ ମହାପାତ୍ର ଲକ୍ଷ୍ମଣ ଏବଂ ଜଣେ ପାଳିଆ ହନୁମାନ ରୂପରେ ମେକାପ ଦଣ୍ଡଛତ୍ର ମୂଳ ଧାରଣ କରିଥିଲେ। ମହାପ୍ରଭୁ ଫୁଲ ଧନୁଶର ଧାରଣ କରିଥିଲେ। ରାଜନୀତି ବନ୍ଦାପନା ପରେ ମୁଦିରସ୍ତ ମଇଲମ କରିଥିଲେ। ଦକ୍ଷିଣୀଘର ଭୋଗ ବଢ଼ିବା ପରେ ଶ୍ରୀରଘୁନାଥ ମହାଜନ ରତ୍ନସିଂହାସନ ପାଖକୁ ବିଜେ କରିଥିଲେ। ସେଠାରେ ପାଳିଆ ପୂଜାପଣ୍ଡା ସାମନ୍ତ ଶ୍ରୀବିଗ୍ରହଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରଘୁନାଥଙ୍କୁ ପ୍ରଦାନ କରିଥିଲେ। ଶ୍ରୀରଘୁନାଥ ଲକ୍ଷ୍ମୀ ମନ୍ଦିରକୁ ବିଜେ କରିଥିଲେ। ମହାସ୍ନାନ, ଶୀତଳ ଭୋଗ, ବନ୍ଦାପନା ଆଦି ସରିବା ପରେ ଠାକୁର ଦକ୍ଷିଣୀଘରକୁ ଫେରିଥିଲେ। ପରେ ମହାପ୍ରଭୁଙ୍କ ଦୈନନ୍ଦିନ ନୀତି ସମ୍ପନ୍ନ ହୋଇଥିଲା। ପୌରାଣିକ ତଥ୍ୟ ଅନୁଯାୟୀ, ମର୍ଯ୍ୟାଦା ପୁରୁଷ ଶ୍ରୀରାମଚନ୍ଦ୍ର ୧୪ ବର୍ଷ ବନବାସ ପରେ ଅଯୋଧ୍ୟାକୁ ଫେରି ପୌଷ ପୂର୍ଣ୍ଣିମା ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହି ସ୍ମୃତିରେ ପ୍ରତିବର୍ଷ ଉକ୍ତ ତିଥିରେ ମହାପ୍ରଭୁଙ୍କ ଅଭିଷେକ ଉତ୍ସବ ପାଳିତ ହୋଇଥାଏ। ଏହି ଦିନ ମହାପ୍ରଭୁଙ୍କ ଅଭିଷେକ ନୀତି ଦର୍ଶନ ପାଇଁ ଦେବଦେବୀ ଶ୍ରୀମନ୍ଦିରକୁ ଆସିଥାନ୍ତି ବୋଲି ବିଶ୍ୱାସ ରହିଛି।

# କୋଟିଆରେ ଆନ୍ଧ୍ର ଅନୁପ୍ରବେଶକୁ ପଣ୍ଡକଲା ପୋଲିସ

**ସ୍ୱାସ୍ଥ୍ୟସେବା ଶିବିର କରି ନ ପାରି ଫେରିଗଲା ସ୍ୱାସ୍ଥ୍ୟ ଟିମ୍**



ଆନ୍ଧ୍ର ସ୍ୱାସ୍ଥ୍ୟ ଟିମ୍‌କୁ ଅଟକାଇଛି କୋଟିଆ ପୋଲିସ।

**ପଟ୍ଟାଙ୍ଗି/କୋରାପୁଟ,୬।୧(ଡି.ଏନ.ଏ./ସ୍ୱ.ପ୍ର.)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକର କୋଟିଆ ପଞ୍ଚାୟତରେ ଆନ୍ଧ୍ର ପ୍ରଦେଶ ବାରମ୍ବାର ଅନୁପ୍ରବେଶ ଜାରି ରଖିଛି। ଅଧିକାଂଶ ସମୟରେ ପଞ୍ଚାୟତର ଅନେକ ଗ୍ରାମରେ ସଭା କରିବା ସହ ସ୍ୱାସ୍ଥ୍ୟସେବା ଶିବିର କରି ସମ୍ପୃକ୍ତ ଅଞ୍ଚଳବାସୀଙ୍କ ମନ ଜିଣିବାକୁ ପ୍ରୟାସ କରୁଛି। ମାତ୍ର ଶୁକ୍ରବାର କୋଟିଆ ପଞ୍ଚାୟତର ଉପରସେମ୍ଳି ଗ୍ରାମକୁ ସ୍ୱାସ୍ଥ୍ୟସେବା ଶିବିର କରିବାକୁ ଆସି ଆନ୍ଧ୍ର ଫେଲ୍ ମାରିଛି।

ଖବରରୁ ଜଣାପଡିଛି, ଆନ୍ଧ୍ର ତା'ର ପୂର୍ବ ଯୋଜନା ମୁତାବକ ସାଲୁର ବ୍ଲକର ୧୦୪ ଆମ୍ବୁଲାନ୍ସ କୋଟିଆ ଅଞ୍ଚଳରେ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଔଷଧ, ଡାକ୍ତର, ଫାର୍ମାସିଷ୍ଟ, ଟେଷ୍ଟ କିଟ୍, ଏଏନ୍‌ଏମ୍‌ଙ୍କୁ ନେଇ ପୂର୍ବାହ୍ନ ୧୧ଟାରେ ଉପରସେମ୍ଳିରେ ପହଞ୍ଚିଥିଲା। ଏହି ସୂଚନା ପାଇବା ମାତ୍ରେ କୋଟିଆ ଏସ୍‌ଆଇ ବିଷ୍ଣୁ ପ୍ରସାଦ ଦାସ ଘଟଣା ସ୍ଥଳରେ ପହଞ୍ଚି ଏଠାରେ କୌଣସି ସ୍ୱାସ୍ଥ୍ୟ ଶିବିର, ପରୀକ୍ଷା ଆଦି କରାଯାଇପାରିବ ନାହିଁ। ତୁମେମାନେ ଆନ୍ଧ୍ର ଫେରିଯାଅ କହି ତାଗିଦ୍ କରିଥିଲେ। କାହିଁକି ଫେରିଯିବୁ ବୋଲି ଆନ୍ଧ୍ର ଟିମ୍ ଏସ୍‌ଆଇ ଦାସଙ୍କୁ ପ୍ରଶ୍ନ କରିଥିଲେ। ଆନ୍ଧ୍ରର ପୂର୍ବତନ ସରପଞ୍ଚ ବିଶୁ ଗେମେଲ କୋଟିଆ ପଞ୍ଚାୟତ ସୀମା ବିବାଦ ଉଚ୍ଚ ନ୍ୟାୟାଳୟରେ ବିଚାରାଧୀନ ରହିଛି। ଏପରି ସ୍ଥଳେ ଉକ୍ତ ଅଞ୍ଚଳରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବାରେ କାହାରିକୁ ବାରଣ କରିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ପଚାରିଥିଲେ। ଗେମେଲଙ୍କ କୌଣସି କଥାକୁ ଏସ୍‌ଆଇ ଦାସ ଶୁଣି ନ ଥିଲେ। ଶେଷରେ ଆନ୍ଧ୍ର ସ୍ୱାସ୍ଥ୍ୟ ଟିମ୍ ବାଧ ହୋଇ ଫେରିଯାଇଥିଲା। ଏ ସମ୍ପର୍କରେ ସମ୍ପୃକ୍ତ ଏସ୍‌ଆଇ ଦାସଙ୍କୁ ପଚାରିବାରୁ ଏହା ଉପରେ ମୁଁ କିଛି କହିପାରିନାହିଁ। ଥାନା ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ କହି ଗଣମାଧ୍ୟମକୁ ଏଡାଇଯାଇଥିଲେ। ସୂଚନାଯୋଗ୍ୟ, ଗତ କିଛି ଦିନ ତଳେ କୋଟିଆର ଗଞ୍ଜେଇ ପଦର ଓ ଧୂଳିପଦର ଗ୍ରାମରେ ଆନ୍ଧ୍ରର ସ୍ୱାସ୍ଥ୍ୟ ଟିମ୍ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ଆସିଥିବାବେଳେ ପଟ୍ଟାଙ୍ଗି ବିଡିଓ ଓ ସ୍ଥାନୀୟ ଜିଲା ପରିଷଦ ସଭ୍ୟା ଏହାକୁ ତୀବ୍ର ବିରୋଧ କରିଥିଲେ। ଫଳରେ ସେତେବେଳେ ମଧ୍ୟ ଆନ୍ଧ୍ରର ସ୍ୱାସ୍ଥ୍ୟ ଟିମ୍ ଅଧାବାଟରୁ ଫେରିଯାଇଥିଲା।

ଅନ୍ୟପକ୍ଷରେ କୋଟିଆର ସାମଗ୍ରିକ ବିକାଶ ନେଇ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ନେଇ ଜିଲାପାଳ ଅବଦାଲ ଏମ୍. ଅଖତାର ଗୁରୁବାର ସମୀକ୍ଷା କରିଥିଲେ। କୋଟିଆରେ ଯେପରି ଆନ୍ଧ୍ରର ଅନୁପ୍ରବେଶକୁ ସ୍ଥାୟୀ ଭାବେ ବନ୍ଦ କରାଯିବ ସେନେଇ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକର ୨୪ ଘଣ୍ଟା ନ ପୂରୁଣୁ ଆନ୍ଧ୍ରର ଆମ୍ବୁଲାନ୍ସକୁ ଅଟକାଇ ସ୍ୱାସ୍ଥ୍ୟସେବା ବନ୍ଦ କରିବା ଜିଲା ପ୍ରଶାସନ ଆଭିମୁଖ୍ୟକୁ ପ୍ରମାଣିତ କରିଛି।

## ପିକ୍‌ଅପ୍ ଭ୍ୟାନ୍‌ରେ ପିଟିହେଲା ଆମ୍ବୁଲାନ୍ସ, ୪ ଆହତ

**ମଙ୍ଗୁଳି-ଜଗତପୁର,୬।୧(ଡି.ଏନ.ଏ.):** ଟାଙ୍ଗୀ ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ବନ୍ଦାଳ ଟୋଲ୍‌ଗେଟ୍ ନିକଟରେ ଶୁକ୍ରବାର ଅପରାହ୍ନରେ ଏକ୍ ପିକ୍‌ଅପ୍ ଭ୍ୟାନ୍ ପଛପଟେ ୧୦୮ ଆମ୍ବୁଲାନ୍ସ ପିଟି ହୋଇଯାଇଛି। ଫଳରେ ଆମ୍ବୁଲାନ୍ସର ସମ୍ମୁଖ ଭାଗ ନଷ୍ଟ ହୋଇଥିବାବେଳେ ଡ୍ରାଇଭର, ଜଣେ ରୋଗୀଙ୍କ ସମେତ ୨ ଆଟେଣ୍ଡାଣ୍ଟ ସାମାନ୍ୟ ଆହତ ହୋଇଛନ୍ତି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ek baar WANTED
Position: Salesman (2 Nos.)
Salary: 6,500/- (P/M)
Experience: Minimum 1 year in Salesmanship & Stitching Knowledge
Date of Interview: 12th & 13th January, 2023
Address:45, Ashok Nagar, Janpath, Bhubaneswar- 751009, Near "Steps" Shoe Store

WANTED
Lady Office Executive
Best Fooding+
Good Accommodation with Attached Bath at Cuttack.
Nakhara +
10 to 15000 + Bonus
7809525452

VACANCY
MNC Life Insurance company is looking for RELATIONSHIP MANAGERS for Paradeep, Baripada & Koraput. Age-28 & Above, Exp.- 18 months in Life Insurance Agency/Variable
Contact to
Mr. Surya : 9776080027

ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି
❖ ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ।
❖ ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
❖ ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ।
❖ ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ।
ଯୋଗାଯୋଗ ମୋବାଇଲ ନମ୍ବର
9583494854

See Career Appointment on every Wednesday & Saturday

WANTED
Talented Marketing Executive required to undertake marketing projects for benefit of our Company
BLAZWEL, Bhubaneswar, Marketing Executive - 5 Nos.
Salary : ₹14,000/- to ₹20,000/-
Contact: 9078694228, Email : blazwelmarketing@gmail.com.

PARADIP PORT AUTHORITY
PARADIP-754142, ODISHA (INDIA)
(An autonomous body under Ministry of Ports, Shipping & Waterways, Govt. of India)
No. AD/RSC-22/196/2015(Pt.-VI)/20 Dated, the 4th January, 2023
Advertisement
Applications are invited from Indian Nationals for engagement of 01 (one) Chief Manager (Corporate Relations & Communications) on contractual basis in Paradip Port Authority.
For further details, visit our website: www.paradipport.gov.in.
Sd/- Dy Secretary
Paradip Port Authority
PPA/PR/218/2022-23 Dt. 05.01.2023

ଧରିତ୍ରୀ DHARITRI Oriya daily
ଆବଶ୍ୟକ କରୁଛି
ସହସମ୍ପାଦକ
• ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
• ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
• ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।
ଖବରଦାତା
• ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
• ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।
Apply immediately to : recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ।

## ODISHA PUBLIC SERVICE COMMISSION, CUTTACK

**NOTICE**

No.163/P.S.C. Dt.6.1.23
1R-05-2022-23 (DR-V)

**No.D-278:** It is for information of all concerned that, the Commission has scheduled to conduct the written examination for the post of SDIPRO (OIS-II), Group-B of Odisha Information Service Cadre on 28.01.2023 and 29.01.2023, pursuant to Advt. No.05 of 2022-23 as per the programme mentioned below: -

**Programme for SDIPRO (OIS-II) Examination, 2022**

| Date | 1st Sitting 10.00 AM to 12.00 Noon | Subject Code | 2nd Sitting 2.00 PM to 4.00 PM | Subject Code |
|---|---|---|---|---|
| 28.01.2023 (Saturday) | Paper-I (Odia) | 01 | Paper-II (General English) | 02 |
| 29.01.2023 (Sunday) | Paper-III (General Awareness) | 03 | Paper-IV (Journalism & Mass Communication) | 04 |

NB:- The PWD candidates, will be given 40 minutes extra time in each sitting i.e. from 12.00 Noon to 12.40 P.M. & 4.00 P.M. to 4.40 P.M.

2. The "Admission Certificate" and "Instruction to Candidates" for the aforesaid Examination will be uploaded in the website of the Commission shortly. The candidates are required to download their "Admission Certificate* & "Instruction to Candidates" from the website of the Commission at http://opsc.gov.in for admission to the examination centre.

3. The candidates are advised to visit the website of the Commission http://www.opsc.gov.in from time to time for further information.

**Sd./- Secretary**
OIPR-12002/11/0244/2223

## ODISHA PUBLIC SERVICE COMMISSION, CUTTACK

**NOTICE**

No.182/PSC, Dt.06.01.2023

**Addendum/Corrigendum to Advt. No.17 of 22/23 of Odisha Civil Services Examination 2022**

**No.D-279:** This is for information of all concerned that the following Addendum/Corrigendum is hereby made to Advt.17 of 2022-23 In respect of Odisha Civil Services Examination, 2022 under General Administration & Public Grievance Department.

1. Under Para-7 (Number of Attempts), before NOTE-1, the following paragraph is Inserted:-
"As per **Resolution No.24/Gen, Dt-02.01.2023,** of Government in G.A. &. P.G. Deptt, the intending candidates who have appeared in **OCSE-2019 or OCSE-2020 or OCSE-2021** but are otherwise ineligible to appear/compete in the OCSE-2022, on account of attainment of upper age limit or exhaustion of the attempts prescribed under the Rules, **shall be allowed one more additional compensatory attempt for appearing in OCSE-2022**. No further additional compensatory attempt to appear the OCS Examination shall be allowed in future".
2. Under Annexure-I, before "Syllabi for Optional Subjects of Odisha Civil Services (Main Written Examination)", "Essay" and "Syllabi for General Studies- I to IV for Odisha Civil Services (Main Written Examination)" as appended to this Addendum are inserted.
3. The Scheme of examination (Page-1 to 5) and Syllabi of OCS, (Main) Examination (08 pages) appended to Schedule-II of Annexure-II pertaining to old pattern of examination, Inserted inadvertently, stands withdrawn.

Besides this, all other terms and conditions of the Advertisement No. 17 of 2022-23 shall remain unchanged.

The candidates are requested to visit the website of Commission at http://opsc.gov.in for detail syllabi of Essay Paper and G.S. Papers of OCS Main (Written) Examination, 2022.

**Sd./- Secretary**
OIPR-12002/11/0246/2223

## OFFICE OF THE CHAIRMAN
## DISTRICT LEGAL SERVICES AUTHORITY, KENDRAPARA

**ADVERTISEMENT No. 01 of 2023**
Dated the 5th January, 2023

**No.W-71:-** Applications in the prescribed format are invited from the eligible candidates for recruitment to the posts of **1 (one) Junior Clerk** and **1 (one) Junior Clerk-cum-Typist**. Such appointment shall be guided by Odisha Group "B", "C" and Group "D" Posts (Repeal and Special Provisions) Rules, 2022 notified vide GA & PG Department, Government of Odisha Notification No.29076/Gen, dated 17.10.2022.

**CATEGORY-WISE VACANCY POSITION:**

| Name of the post | UR | SEBC | SC | ST | Total | Pay Matrix Level & Scale of Pay (As per 7th Pay Commission) |
|---|---|---|---|---|---|---|
| Jr. Clerk, DLSA | -- | -- | -- | 01 | 01 | Level-4 Rs.19,900-63,200/- |
| Jr. Clerk-cum-Typist, TLSC | 01 | -- | -- | -- | 01 | Level-4 Rs.19,900-63,200/- |

**LAST DATE FOR RECEIPT OF APPLICATIONS:- 04.02.2023 (4TH FEBRUARY 2023)**

The application along with the required documents must reach the **Office of the District & Sessions Judge-cum-Chairman, District Legal Services Authority, Kendrapara, At- New Civil Courts Building, PO/Dist- Kendrapara-754211** on or before **04.02.2023** either by post or may be dropped in the box provided in the Office of the DLSA, Kendrapara for the purpose on each working day. Details of the Advertisement and Syllabus for Recruitment are available in District Court, Kendrapara website **https://districts.ecourts.gov.in/kendrapara**. The Candidates shall have to carefully study the details of the Advertisement from the website prior to filling of application forms.

**Sd./- Chairman, District Legal Services Recruitment Committee, Kendrapara**
OIPR-18063/11/0002/2223

## ଓଡ଼ିଶା ସରକାର, ଗ୍ରାମ୍ୟ ଉନ୍ନୟନ ବିଭାଗ
## GOVERNMENT OF ODISHA
## DEPARTMENT OF RURAL DEVELOPMENT

ଲୋକ ସେବା ଭବନ, ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
Lok Seva Bhawan, Sachibalaya Marg, Bhubaneswar-751001
Fax: 0674-2531690; E-mail:- rdsec.or@nic.in

**ADVERTISEMENT**

No.O-1580:- Applications are invited from interested retired Government Employees having legal background/experience in handling Court cases and legal matters, within the age group of 60-64 years on the closing date of advertisement for re-engagement of 02 (two) retired employees as OSD (Legal Consultant) on contractual basis for a period of 1 (one) year or till regular appointment of Asst. Director (Law) whichever is earlier as per the terms and conditions laid down in erstwhile General Administration Department Resolution No. 23750 date. 27.08.2014. On engagement, he/she will be entitled to get consolidated monthly remuneration as per para-2 of Finance Department Office Memorandum No.24533 dated 29.09.2022.

Retired Government employees against whom departmental proceedings or criminal cases are contemplated/ pending or who have been penalized for misconduct during the period of preceding five years will not be eligible for consideration.

Eligible and interested candidates may submit their applications in the prescribed proforma with copies of testimonials in support of their service records by registered post/ speed post/ by hand superscribing "Application for engagement as OSD (Legal Consultant)" so as to reach the Additional Secretary to Govt., Rural Development Department, Loka Seva Bhawan, Bhubaneswar-751001 by 20.01.2023.

The details of the advertisement along with prescribed proforma of application can be downloaded from Rural Development Department website (https://rd.odisha.gov.in).

**By order of the Principal Secretary**
**Sd./- Addl. Secretary to Govt.**
OIPR-25001/11/0001/2223

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୭/୨୦୨୩ Bhubaneswar, Saturday, January 7/2023



DSPL-398

## ରାଉରକେଲା ସହରକୁ ବିମାନସେବା

## ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଶୁଭାରମ୍ଭ

୭ ଜାନୁୟାରୀ, ୨୦୨୩ | ସକାଳ ୧୦ଟା ୪୫ମିନିଟ୍
ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର, ଭୁବନେଶ୍ୱର



एलाइंस एअर
ALLIANCE AIR
Connecting India

ଓଡ଼ିଶା ସରକାର, ସେଲ୍, ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ, କେନ୍ଦ୍ର ସରକାର ଏବଂ ବିମାନବନ୍ଦର ପ୍ରାଧିକରଣର ମିଳିତ ଉଦ୍ୟମରେ ଉଡ଼ାନ୍ ଯୋଜନାରେ ରାଉରକେଲା ବିମାନବନ୍ଦରକୁ ନିର୍ଦ୍ଧାରିତ ବାଣିଜ୍ୟିକ ବିମାନ ଚଳାଚଳ ନିମନ୍ତେ ଅନୁମତି (ଲାଇସେନ୍ସ) ପ୍ରଦାନ କରାଯାଇଛି । ଆଲିୟାନ୍ସ ଏୟାର ପକ୍ଷରୁ ଭୁବନେଶ୍ୱର ଏବଂ ରାଉରକେଲା ମଧ୍ୟରେ ନିର୍ଦ୍ଧାରିତ ବିମାନ ଚଳାଚଳ କରିବ । ଏହି ବିମାନ ଚଳାଚଳ ଫଳରେ ମାତ୍ର ୧ ଘଣ୍ଟାରେ ରାଜ୍ୟ ରାଜଧାନୀରୁ ଇସ୍ପାତ ସହରକୁ ଯାତ୍ରା କରିହେବ ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମଜା କଂସାର ଜାଉ**
**ହସିକରି ପଦେ କଥା ନ କହୁ**
**ତୋ ଲାଗି ଜୀବନ ଯାଉ।**

ମନର ମଣିଷ ଯେତେବେଳେ ଦୂରେଇ ଦିଏ, ଆଡ଼ ଆଡ଼ ହୋଇ କଥା ନ କହେ ସେତେବେଳେ ତାହାକୁ ସହ୍ୟ କରିବା ଅତୀବ କଷ୍ଟକର ହୋଇଯାଏ। ପ୍ରେମୀର ହତାଦର ଭାବକୁ ସହ୍ୟ କରିପାରୁ ନ ଥିବା ବ୍ୟକ୍ତିର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଅଶରଣକୁ ଭଉଣୀ ଜୋଇଁ ଘଇତା**
**ଠେଲାପେଲା କରି ଦିନ ନେଉଥା।**

ସ୍ୱାମୀ ମରି ଗଲେ ନିଃସହାୟ ସ୍ତ୍ରୀ ନିଜର ରକ୍ଷଣାବେକ୍ଷଣ ପାଇଁ ଅନ୍ୟର ଶରଣ ପଶିଥାଏ। ଭଉଣୀ ଜ୍ୱାଇଁକି ଧରି ତାକୁ ମୁରବି ବୋଲି ମାନି ଗୁଜୁରାଣ ମେଣ୍ଟେଇବା ଭଳି ଅସୁବିଧାରୁ ନ କରିବା କଥା ବାଧ୍ୟ ହୋଇ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଆସିକା ଥାନା ଶ୍ରେଷ୍ଠ ବିବେଚିତ




**ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

ଆସିକା,୬।୧(ଡି.ଏନ.ଏ.)

ଗଞ୍ଜାମ ଜିଲାର ଆସିକା ଥାନା ସର୍ବଭାରତୀୟ ସ୍ତରରେ ଶ୍ରେଷ୍ଠ ବିବେଚିତ ହୋଇଛି। କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ୨୦୨୨ ବର୍ଷ ପାଇଁ ହୋଇଥିବା ସର୍ଭେରେ ଦେଶର ୩ ଶ୍ରେଷ୍ଠ ଥାନା ମଧ୍ୟରେ ଏହି ଥାନା ରହିଛି। ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ମହଲରୁ ଆସିକା ଥାନାକୁ ଶୁଭେଚ୍ଛା ଜଣାଯାଇଛି।

ଥାନା ପରିଚାଳନାରେ ବୃତ୍ତିଗତ ପାରଦର୍ଶିତା, ସ୍ୱଚ୍ଛତା, ନିଷ୍ଠାପରତା, ତ୍ୱରିତ କାର୍ଯ୍ୟାନୁଷ୍ଠାନ, ଜନସାଧାରଣଙ୍କ ପ୍ରତି ଉତ୍ତମ ବ୍ୟବହାର, ଦଣ୍ଡବିଧାନ, ଦଳଗତ କାର୍ଯ୍ୟ, ପ୍ରଯୁକ୍ତି ବିଦ୍ୟା, ପରିବର୍ତ୍ତନ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ କାର୍ଯ୍ୟ ଆଦି ୧୬୫ଟି ମାନଦଣ୍ଡକୁ ନେଇ ଦେଶର ବିଭିନ୍ନ ଥାନାରେ ସର୍ଭେ କରାଯାଇଥିଲା। ଗତ ସେପ୍ଟେମ୍ବରରେ କେନ୍ଦ୍ରରୁ ଆସିଥିବା ୨ଜଣିଆ ଟିମ୍ ଆସିକା ଥାନା ଅଧୀନରେ ଥିବା ଆସିକା ଓ ଶେରଗଡ ବ୍ଲକର ୧୦୮ଟି ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ବ୍ୟକ୍ତିବିଶେଷ ଓ ବିଭିନ୍ନ ବର୍ଗର ଜନସାଧାରଣଙ୍କୁ ସାକ୍ଷାତ କରି ଓ ଟେଲିଫୋନ ମାଧ୍ୟମରେ ତଥ୍ୟ ସଂଗ୍ରହ କରିଥିଲା। ଗୃହ ମନ୍ତ୍ରଣାଳୟର ମାନଦଣ୍ଡ ପୂରଣ କରୁଥିବାରୁ ଆସିକା ଥାନା ଦେଶର ସର୍ବଶ୍ରେଷ୍ଠ ଥାନା ତାଲିକାରେ ସାମିଲ ହୋଇପାରିଛି। ଆସନ୍ତା ୨୦ ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ପୋଲିସ ବିଭାଗର ଉଚ୍ଚ ଅଧିକାରୀଙ୍କ ଏକ ସମ୍ମିଳନୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆସିକା ଥାନାକୁ ପୁରସ୍କୃତ କରିବା କାର୍ଯ୍ୟକ୍ରମ ରହିଛି। ଆସିକା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ପୋଲିସ ବିଭାଗ ପକ୍ଷରୁ ଜଣାଇ ଦିଆଯାଇଛି। ସୂଚନାଯୋଗ୍ୟ, ୨୦୨୨ରେ ରାଜ୍ୟ ଅପରାଧ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପ୍ରଥମ କରି ରାଜ୍ୟର ୬୪୩ ଥାନାର ବିଭିନ୍ନ କାର୍ଯ୍ୟର ସମୀକ୍ଷା ଲାଗି ପ୍ରସ୍ତୁତ କରାଯାଇଥିବା ପ୍ରଗତି ଡାସବୋର୍ଡରେ ଆସିକା ଥାନା ରାଜ୍ୟରେ ପ୍ରଥମ ସ୍ଥାନ ହାସଲ କରିଥିଲା।

# ଆଜିଠାରୁ ଭୁବନେଶ୍ୱର-ରାଉରକେଲା ବିମାନ ସେବା

ଭୁବନେଶ୍ୱର, ୬।୧(ବ୍ୟୁରୋ)

ଭୁବନେଶ୍ୱରରୁ ରାଉରକେଲାକୁ ଶନିବାର ବିମାନ ଚଳାଚଳ ଆରମ୍ଭ ହେବ। ଆଲାଏନ୍ସ ଏୟାର ପକ୍ଷରୁ ଏହି ବିମାନ ସେବା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଏହି ବିମାନ ସେବାର ଶୁଭାରମ୍ଭ କରିବେ। ସକାଳ ୧୦ଟା ୪୫ରେ ଭୁବନେଶ୍ୱରରୁ ବିମାନ ଉଡାଣ ଆରମ୍ଭ କରି ୧୧ଟା ୪୦ରେ ରାଉରକେଲା ବିମାନବନ୍ଦରରେ ପହଞ୍ଚିବ। ଏହାପରେ ୧୨ଟା ୫ରେ ରାଉରକେଲାରୁ ବାହାରି ଅପରାହ୍ନ ଗୋଟାଏରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଭର୍ଚୁଆଲରେ ଯୋଗଦେବେ। ରାଜ୍ୟ ପରିବହନ ମନ୍ତ୍ରୀ ଟୁକୁନି ସାହୁ ଓ ମନ୍ତ୍ରୀ ଅଶୋକ ପଣ୍ଡା ମଧ୍ୟ ଉପସ୍ଥିତ ରହିବେ।

ତେବେ ଆସନ୍ତା ୧୨ ତାରିଖରୁ ଦୈନିକ ଉଡ଼ାଣ ଜାରି ରହିବ। ୭୨ ସିଟ୍ ବିଶିଷ୍ଟ ଏହି ବିମାନ ପ୍ରତିଦିନ ଭୁବନେଶ୍ୱରରୁ ଅପରାହ୍ନ ୨ଟା ୫୫ରେ ଛାଡ଼ି ରାଉରକେଲାରେ ୩ ଟା ୫୦ରେ ପହଞ୍ଚିବ। ରାଉରକେଲାରୁ ୪ଟା ୧୫ରେ ବାହାରି ଭୁବନେଶ୍ୱରରେ ୫ଟା ୧୦ରେ ପହଞ୍ଚିବ। ଭୁବନେଶ୍ୱରରୁ ରାଉରକେଲା ବିମାନ ଟିକେଟ ମୂଲ୍ୟ ରହିଛି ୨,୮୦୩ ଟଙ୍କା ରହିଥିବାବେଳେ ରାଉରକେଲାରୁ ଭୁବନେଶ୍ୱର ଟିକେଟ ମୂଲ୍ୟ ୨,୭୨୧ ଟଙ୍କା ରହିଛି।

# ଦୋଷୀଙ୍କୁ ଆଜୀବନ ଜେଲ

## ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ମାମଲା

ବାରିପଦା ଅଫିସ,୬।୧

ମୟୂରଭଞ୍ଜ ଅତିରିକ୍ତ ଜିଲା ଓ ଦୌରା ଜଜ ତଥା ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଶୁକ୍ରବାର ଏକ ନାବାଳିକା ବଳାତ୍କାର ଓ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ ଦୁର୍ଗା ଚରଣ ମିଶ୍ର ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହିତ ୩୦ହଜାର ଟଙ୍କା ଜରିମାନା ଓ ଅନାଦାୟେ ଅଧିକ ୩ବର୍ଷ କାରାଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ନାବାଳିକାଙ୍କ ପରିବାରକୁ ୧୧ଲକ୍ଷ ଟଙ୍କାର ସହାୟତା ଅର୍ଥ ରାଶି ପ୍ରଦାନ କରିବା ପାଇଁ ଜିଲା ଆଇନ ସହାୟତା କର୍ତ୍ତୃପକ୍ଷଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ଠିରିଂ ଥାନା ଅଧୀନ ସାନକୁମୁରୁମ ଗ୍ରାମର ଚୁମୁରୁ ଟପ୍ନୋ(୩୦)।

ମାମଲାର ବିବରଣୀ ଅନୁଯାୟୀ, ୨୦୧୬ ମାର୍ଚ୍ଚ ୨୪ରେ ଉକ୍ତ ନାବାଳିକାଙ୍କୁ ଏକୁଟିଆ ପାଇ ଚୁମୁରୁ ବଳପୂର୍ବକ ଉଠାଇ ନେଇ ସାଁସିଆଜଙ୍ଗ ଜଙ୍ଗଲରେ ବଳାତ୍କାର କରିଥିଲେ। ନାବଳିକା ଜଣକ ଗୁରୁତର ହୋଇ ପଡ଼ିବାରୁ ଅଭିଯୁକ୍ତ ଚୁମୁରୁ ଘଟଣା ଲୁଚାଇବାକୁ ଯାଇ ପୀଡ଼ିତାଙ୍କ ଓଢଣୀକୁ ତାଙ୍କ ବେକରେ ଫାଶ ପକାଇ ଗଛରେ ଝୁଲାଇ ହତ୍ୟା କରିଥିଲେ। ପୀଡ଼ିତାର ପରିବାର ଲୋକେ ଖୋଜାଖୋଜି କରି ଘଟଣା ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ.୧୫/୧୬)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ଉକ୍ତ ମାମଲାକୁ ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ପରିଚାଳନା କରୁଥିଲେ।

# କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦେଲେ ହାଇକୋର୍ଟ

**ବହୁଚର୍ଚ୍ଚିତ ମଡେଲ ସୌମ୍ୟ ଆତ୍ମହତ୍ୟା ମାମଲା**

- ୩ ମାସ ମଧ୍ୟରେ ତଦନ୍ତ ସାରିବାକୁ କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କୁ ନିର୍ଦ୍ଦେଶ
- ୨୦୨୨ ଜାନୁୟାରୀ ୩୦ ରାତିରେ ଆତ୍ମହତ୍ୟା କରିଥିଲେ ସୌମ୍ୟ
- ପ୍ରେମିକା ସୋନାଲି, ତାଙ୍କ ମା'ଙ୍କ ନାଁରେ ମାମଲା ରୁଜୁ କରି ଚୁପ୍ ବସିଛି ପୋଲିସ

ଭୁବନେଶ୍ୱର, ୬।୧(ବ୍ୟୁରୋ)

ଭୁବନେଶ୍ୱରର ବହୁଚର୍ଚ୍ଚିତ ମଡେଲ ସୌମ୍ୟରଞ୍ଜନ ପାଣିଗ୍ରାହୀଙ୍କ ଆତ୍ମହତ୍ୟାକୁ ୧୧ ମାସରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବାବେଳେ ଏବେ ଏହା ନୂଆ ମୋଡ଼ ନେଇଛି। ଶୁକ୍ରବାର ହାଇକୋର୍ଟ ଏହି ମାମଲାର ଶୁଣାଣି କରି ପୋଲିସର ତଦନ୍ତ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି। ଏଥିସହ ୩ ମାସ ମଧ୍ୟରେ ତଦନ୍ତ ସାରିବାକୁ ଜଷ୍ଟିସ୍ ସଞ୍ଜୀବ ପାଣିଗ୍ରାହୀ କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ଘଟଣାରେ ଇନ୍‌ଫୋସିଟି ଥାନା ପୋଲିସ ପ୍ରେମିକା ସୋନାଲି ନନ୍ଦ ଓ ତାଙ୍କ ମା'ଙ୍କ ନାମରେ ଆଇପିସିର ଦଫା ୩୦୬ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା) ଓ ୩୬ରେ ମାମଲା (ନଂ.୧୦୦/୨୦୨୨) ରୁଜୁ କରିଥିଲେ ମଧ୍ୟ ଉଭୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇନାହିଁ। ଏପରି ସ୍ଥିତିରେ କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯିବା ଘଟଣା ପୋଲିସର ତଦନ୍ତ ଉପରେ ପ୍ରଶ୍ନ ଉଠାଇଛି। ତେବେ ଏହା ଚର୍ଚ୍ଚିତ ଘଟଣା ହୋଇଥିବାରୁ ସୋନାଲି ଓ ତାଙ୍କ ମା'ଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ କି କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

ସୂଚନାଯୋଗ୍ୟ, ଗାୟିକା ସୋନାଲିଙ୍କ ସହ ମଡେଲ୍ ସୌମ୍ୟ ପ୍ରେମ ସମ୍ପର୍କରେ ଥିଲେ। ଉଭୟଙ୍କ ମଧ୍ୟରେ ବିବାହ ସ୍ଥିର ହୋଇଥିବାବେଳେ ସୌମ୍ୟ ତାଙ୍କ ରୋଜଗାରର ସମସ୍ତ ଅର୍ଥ ସୋନାଲିଙ୍କ ପାଇଁ ଖର୍ଚ୍ଚ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ସୋନାଲି ପ୍ରତାରଣା କରିବାରୁ ସୌମ୍ୟ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଥିଲେ। ୨୦୨୨ ଜାନୁୟାରୀ ୩୦ ରାତିରେ ସୌମ୍ୟ ନନ୍ଦନବିହାରସ୍ଥିତ ତାଙ୍କ ଘରର ଏକ ରୁମ୍‌ରେ ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ସୌମ୍ୟ ଏକ ହାତଲେଖା ଚିଠି ଛାଡ଼ିଯାଇଥିଲେ, ଯେଉଁଥିରେ ସେ ସୋନାଲିଙ୍କୁ ଦାୟୀ କରିଥିଲେ। ଏପରି କି ଘଟଣା ପରେ ସୋସିଆଲ ମିଡିଆରେ ସେମାନଙ୍କ ବାର୍ତ୍ତାଳାପର ଅଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ସୋନାଲି ସୌମ୍ୟଙ୍କୁ କଲ୍ କରି ମରିଯା ଭଳି ଶବ୍ଦ ବ୍ୟବହାର କରି ଗାଳି ଦେଉଥିବା ଶୁଣିବାକୁ ମିଳିଥିଲା। ପରିବାର ଲୋକଙ୍କ ଅଭିଯୋଗକ୍ରମେ ପୋଲିସ କେବଳ ଅପମୃତ୍ୟୁ ମାମଲା (ନଂ.୮/୨୨) ରୁଜୁ କରି ତଦନ୍ତ ଚଳାଇଥିଲା। ହେଲେ ପ୍ରେମିକା ସୋନାଲି ଓ ପରିବାର ଲୋକଙ୍କୁ ତଦନ୍ତ ପରିସରଭୁକ୍ତ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସୌମ୍ୟଙ୍କ ପରିବାର ଲୋକେ ଓ ସମାଜସେବୀ ଭୁବନେଶ୍ୱରସ୍ଥିତ ଡିସିପି ଅଫିସ ଆଗରେ ଏକାଧିକ ଥର ଧାରଣା ଦେଇଥିଲେ। ନ୍ୟାୟ ନ ମିଳିବାରୁ ସୌମ୍ୟଙ୍କ ଭଉଣୀ ଲକ୍ଷ୍ମୀପ୍ରିୟା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ବିଚାର କରି ହାଇକୋର୍ଟ ଫେବୃୟାରୀ ୨୮ରେ ୩ ସପ୍ତାହ ମଧ୍ୟରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭୁବନେଶ୍ୱର ଡିସିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ହେଲେ କମିଶନରେଟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ମାର୍ଚ୍ଚ ୨୫ରେ ସୌମ୍ୟଙ୍କ ପରିବାର ପକ୍ଷରୁ ଅଦାଲତ ଅବମାନନା ମାମଲା ଦାଏର କରାଯାଇଥିଲା। ପରେ ହାଇକୋର୍ଟଙ୍କ ନିର୍ଦ୍ଦେଶାନୁଯାୟୀ ଏପ୍ରିଲ ୧୯ରେ ଇନ୍‌ଫୋସିଟି ପୋଲିସ ଏକ ଆପରାଧିକ ମାମଲା ରୁଜୁ କରିଥିଲା।

# ଆକାଶ ପାଠକଙ୍କ ଦାମୀ କାର ଜବତ କଲା ଇଡି

**ବେଆଇନ ଅର୍ଥ କାରବାର ମାମଲା**



ଭୁବନେଶ୍ୱର, ୬।୧ (ବ୍ୟୁରୋ)

ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ଜେଲ୍ ଯାଇ ଜାମିନରେ ଆସିଥିବା ପୂର୍ବତନ ଆଇଏଫ୍‌ଏସ୍ ଅଫିସର ଅଭୟକାନ୍ତ ପାଠକଙ୍କ ପୁଅ ଆକାଶଙ୍କ ଦାମୀ ବିଏମ୍‌ଡବ୍ଲ୍ୟୁ କାର୍ (ଓଡି୦୭ଏଜି୭୨୭୨)କୁ ମହାରାଷ୍ଟ୍ରରୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜବତ କରିଛି। ଉକ୍ତ କାରକୁ ଭୁବନେଶ୍ୱରସ୍ଥିତ ଇଡିର ଆଞ୍ଚଳିକ କାର୍ଯ୍ୟାଳୟରେ ରଖାଯାଇଥିବାବେଳେ ଏହାକୁ ବେଆଇନ ଅର୍ଥରେ କିଣାଯାଇଥିବା କୁହାଯାଇଛି। ତେବେ କାର୍‌ର ମୂଲ୍ୟ ୭୨ ଲକ୍ଷ ଟଙ୍କା ହୋଇଥିବାବେଳେ ଭୁବନେଶ୍ୱରସ୍ଥିତ ବିଏମ୍‌ଡବ୍ଲ୍ୟୁ ଓଏସ୍‌ଏଲ୍ ପ୍ରେଷ୍ଟିଜ୍ ଶୋ'ରୁମ୍‌ରୁ ଆକାଶ ଏହାକୁ କିଣିଥିଲେ। ଏହି କାର୍ କିଣା ଲିଙ୍କ୍‌ରେ ଶୋ'ରୁମ୍ ମାଲିକ ତଥା ଶିଳ୍ପପତି ମହିମାନନ୍ଦ ମିଶ୍ରଙ୍କ ପୁଅ ଚର୍ଚ୍ଚିତ ମିଶ୍ରଙ୍କୁ ଗତ ଡିସେମ୍ବର ୧୨ରେ ଇଡି ୨ ଘଣ୍ଟା ପଚରାଉଚରା କରିଥିଲା। ଡିସେମ୍ବର ୧୪ରେ ଆକାଶ ଇଡିରେ ହାଜର ହୋଇ ମାମଲା ସଂକ୍ରାନ୍ତୀୟ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ମଧ୍ୟ ଦେଇଥିଲେ। କାର୍ ଜବତ ଘଟଣାରେ ଆକାଶ ଗଣମାଧ୍ୟମକୁ କହିଛନ୍ତି, ତାଙ୍କ ଆକାଉଣ୍ଟର ଚେକ୍ ଦିଆଯାଇ ୨/୪ଟି କିସ୍ତିରେ ଏହି କାର୍ କିଣାଯାଇଥିଲା। ବାହାଘର ଠିକ୍ ହୋଇଯାଇଥିବାରୁ ଭାବୀ ଶ୍ୱଶୁର ଘର ଲୋକଙ୍କୁ ଉକ୍ତ କାର୍ ବ୍ୟବହାର କରିବାକୁ ଦିଆଯାଇଥିଲା। ଏହି କାର୍ ବେଆଇନ ଅର୍ଥରେ କିଣାଯାଇ ନ ଥିବା ପାଠକ କହିଛନ୍ତି। ତେବେ ଏହି କାର୍‌କୁ ମହାରାଷ୍ଟ୍ରରୁ କେଉଁଠୁ ଏବଂ କାହାଠାରୁ ଜବତ କରାଗଲା ସେନେଇ ଇଡି ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଓ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ଘଟଣାରେ ହୋଇଥିବା କୋଟି କୋଟି ଟଙ୍କା ବେଆଇନ ଅର୍ଥ କାରବାର ସମ୍ବନ୍ଧରେ ଇଡି ତଦନ୍ତ କରୁଛି। ଏହାପୂର୍ବରୁ ଆକାଶଙ୍କ ବାପା ଅଭୟକାନ୍ତ, ଭାବୀ ଶ୍ୱଶୁର ତଥା ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ପ୍ରଦୀପଙ୍କ ଝିଅ ଶ୍ରୁତି ପାଣିଗ୍ରାହୀ, ସ୍ତ୍ରୀ ସୁଜାତାଙ୍କୁ ଇଡି ଜେରା କରି ବହୁ ତଥ୍ୟ ହାସଲ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଅଭୟକାନ୍ତଙ୍କୁ ୨୦୨୦ ନଭେମ୍ବରରେ ଭିଜିଲାନ୍ସ ଗିରଫ କରିବା ପରେ ବେଆଇନ ଅର୍ଥ କାରବାରର ଖିଅ ଖୋଜିବାକୁ ଇଡି ନିଜଆଡୁ ଏକ ମାମଲା ରୁଜୁ କରିଥିଲା। ସେହିପରି ଅଭୟକାନ୍ତଙ୍କ ପୁଅ ଆକାଶ ଟାଟା କମ୍ପାନୀରେ ଚାକିରି ଦେବା ନାଁରେ ଠକେଇ ମାମଲାରେ ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଏହି ମାମଲାରେ ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କୁ ମଧ୍ୟ ଗିରଫ କରାଯାଇଥିଲା।

# ୧୦ ଶିକ୍ଷକ ବହିଷ୍କୃତ, ୨ ବରଖାସ୍ତ, ୮ଜଣଙ୍କୁ ନୋଟିସ

**ଅନୁପସ୍ଥିତ ୨୦ ପ୍ରାଥମିକ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ**

ଭୁବନେଶ୍ୱର, ୬।୧(ବ୍ୟୁରୋ)

ଦୀର୍ଘଦିନ ଧରି ଅନୁପସ୍ଥିତ ଥିବା ୨୦ଜଣ ପ୍ରାଥମିକ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ମାଲକାନଗିରି ଜିଲାର ୧୦ ଜଣ ପ୍ରାଥମିକ ଶିକ୍ଷକଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବହିଷ୍କୃତ କରିଛି। ସେହିଭଳି ସୁନ୍ଦରଗଡ଼ ଜିଲାରେ ଜିଲା ଶିକ୍ଷାଧିକାରୀଙ୍କ ବିବରଣୀ ଏବଂ ଜିଲାପାଳଙ୍କ ଅନୁମୋଦନକ୍ରମେ ୨ଜଣ ପ୍ରାଥମିକ ଶିକ୍ଷକଙ୍କୁ ବରଖାସ୍ତ କରାଯାଇଛି। ଏଥିସହ ୮ଜଣ ପ୍ରାଥମିକ ଶିକ୍ଷକଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି ବୋଲି ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଶିକ୍ଷାର ସାମଗ୍ରିକ ବିକାଶ ଉପରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଗୁରୁତ୍ୱ ଦେଇଆସୁଛି। ଶିକ୍ଷାଦାନ ପ୍ରକ୍ରିୟାକୁ ଅଧିକ ବ୍ୟବସ୍ଥିତ କରିବା ସହ ସମସ୍ତ ବ୍ଲକ୍ ଓ ଜିଲାରେ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିବା ସହ ଅନୁପସ୍ଥିତ ରହୁଥିବା ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ପୂର୍ବରୁ ଗଣଶିକ୍ଷା ବିଭାଗ ପକ୍ଷରୁ ୧୫୪ଜଣ କନିଷ୍ଠ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଏବେ ଆଉ ୨୦ଜଣଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ବିଭାଗ ପକ୍ଷରୁ କୁହାଯାଇଛି।

# ୧୧ରୁ ଅନିର୍ଦ୍ଦିଷ୍ଟକାଳ ରାଜ୍ୟବ୍ୟାପୀ ଟ୍ରକ୍ ଧର୍ମଘଟ

ଖୁଣ୍ଟୁଣୀ,୬।୧(ଡି.ଏନ୍.ଏ.)

ରାଜ୍ୟର ଟ୍ରକ୍ ମାଲିକଙ୍କ ମୁଖ୍ୟ ୫ଦଫା ଦାବିକୁ ରାଜ୍ୟ ସରକାର ମାନିବାରେ ବିଳମ୍ବ ନୀତି ଆପଣାଉଥିବା ଓଡ଼ିଶା ରାଜ୍ୟ ଟ୍ରକ୍ ମାଲିକ ମହାସଂଘ ପକ୍ଷରୁ ଅଭିଯୋଗ ହୋଇଛି। ଫଳରେ ଉକ୍ତ ୫ ଦାବି ନେଇ ପୂର୍ବନିଷ୍ପତ୍ତିକ୍ରମେ ଚଳିତ ମାସ ୧୧ତାରିଖ ମଧ୍ୟରାତ୍ରିରୁ ରାଜ୍ୟ ଟ୍ରକ ମାଲିକ ସଂଘ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଟ୍ରକ ଧର୍ମଘଟ କରିବାକୁ ଡାକରା ଦେଇଛି। ଏ ନେଇ ଶୁକ୍ରବାର ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ ଆଠଗଡ଼ ଉପଖଣ୍ଡ କାର୍ଯ୍ୟାଳୟ ସଭାଗୃହରେ ମହାସଂଘ ସଭାପତି ବିଭୂତି ପ୍ରସାଦ ଦାସଙ୍କ ଦ୍ୱାରା ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ରାଜ୍ୟ ଟ୍ରକ୍ ମାଲିକ ମହାସଂଘ ସାଧାରଣ ସମ୍ପାଦକ ରବି ନାରାୟଣ ଶତପଥୀ ଏହି ସୂଚନା ଦେଇଛନ୍ତି।

# ପରିବାରଠୁ ଦୂରେଇ ଦେଇଛି ବାତ୍ୟା

- ଘରକୁ ଫେରିପାରୁନାହାନ୍ତି ୩ ବାଂଲାଦେଶୀ ମତ୍ସ୍ୟଜୀବୀ
- ପାରାଦୀପ ଆଶ୍ରୟ କେନ୍ଦ୍ରରେ ବିତୁଛି ଜୀବନ

ପାରାଦୀପ,୬।୧(ସ୍ୱ:ପ୍ର:)

ଗତ ଅକ୍ଟୋବରରେ ୨ଟି ବୋଟ୍ ଯୋଗେ ସମୁଦ୍ରରେ ମାଛ ଧରୁଥିଲେ। ସେଥିରେ ଥିଲେ ୩୭ ଜଣ ବାଂଲାଦେଶୀ ମତ୍ସ୍ୟଜୀବୀ। ଏହି ସମୟରେ ବାତ୍ୟା 'ସିତରଙ୍ଗ' ପ୍ରଭାବରେ ଉଭୟ ବୋଟ୍ ଓଲଟି ପଡ଼ିଥିଲା। ସେମାନେ ସମସ୍ତେ ଅଥଳ ସମୁଦ୍ରରେ ଭାସୁଥିଲେ। ସେମାନଙ୍କ ମଧ୍ୟରୁ ୩ଜଣଙ୍କୁ ବାଲେଶ୍ୱର ଅଞ୍ଚଳର 'ରଘୁନାଥ' ନାମକ ମାଛଧରା ବୋଟ୍‌ର ମତ୍ସ୍ୟଜୀବୀ ଅକ୍ଟୋବର ୨୮ରେ ସାଗରଦ୍ୱୀପଠାରୁ ୯୦ ନଟିକାଲ ମାଇଲ (୧୬୨କିମି) ସମୁଦ୍ରରୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ଆଣି ପାରାଦୀପ ମାଛଧରାବନ୍ଦର ପରିସରରେ ମତ୍ସ୍ୟବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ମେରାଇନ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ୩ ବାଂଲାଦେଶୀ ମତ୍ସ୍ୟଜୀବୀଙ୍କୁ ନେଇ ପ୍ରଥମେ ଅଠରବାଙ୍କି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସୁସ୍ଥ ହେବାପରେ ସେମାନଙ୍କୁ ଅଠରବାଙ୍କିର ଆଶ୍ରୟ କେନ୍ଦ୍ରରେ ରଖାଯାଇଛି। ପୋଲିସ ସେମାନଙ୍କୁ ଦିନରାତି ଜଗି ରହୁଛି। ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କ ଖାଇବା ବନ୍ଦୋବସ୍ତ କରାଯାଇଛି। ଜିଲା ପ୍ରଶାସନ ଓ ଇମିଗ୍ରେସନ ବିଭାଗ ପକ୍ଷରୁ ଅକ୍ଟୋବର ୨୮ରୁ ଏପର୍ଯ୍ୟନ୍ତ ୩ ଥର କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟକୁ ସୂଚନା ଦିଆଗଲାଣି। ହେଲେ ବାଂଲାଦେଶ ସରକାର ଏଯାଏ କ୍ଲିୟରାନ୍ସ ଦେଇ ନ ଥିବାରୁ ଏହି ୩ଜଣ ଘରକୁ ଫେରିପାରୁନାହାନ୍ତି।

ସୂଚନାଯୋଗ୍ୟ, ବାତ୍ୟା ସିତରଙ୍ଗ ସମୟରେ ଅର୍ଥାତ୍ ଗତ ଅକ୍ଟୋବର ୨୬ରେ କୋଷ୍ଟଗାର୍ଡ ମଧ୍ୟ ସମୁଦ୍ରରୁ ୧୮ଜଣଙ୍କୁ ଉଦ୍ଧାର କରିଥିଲା। ସେତେବେଳେ ପ୍ରାଥମିକ ଯାଞ୍ଚ କରାଯାଇ ବାଂଲାଦେଶ କୋଷ୍ଟଗାର୍ଡକୁ ହସ୍ତାନ୍ତର କରାଯାଇଥିଲା। କିନ୍ତୁ ଯେଉଁ ୩ ଜଣଙ୍କୁ ମାଛଧରା ବୋଟ୍ ଦ୍ୱାରା ଉଦ୍ଧାର କରାଯାଇଛି ସେମାନେ ଅଟକି ରହିଛନ୍ତି। ସେମାନେ ହେଲେ ମହମ୍ମଦ ମିରାଜ, ମହମ୍ମଦ ନାଜି ଏବଂ ହବିସ ମହମ୍ମଦ। ଏମାନେ ଉର୍ଦ୍ଦୁ ମିଶା ବଙ୍ଗଳା ଭାଷାରେ କଥା ହେଉଛନ୍ତି। ମିରାଜ ଏବଂ ନାଜିର କୁହନ୍ତି, ସେମାନଙ୍କ ଘର ବାଂଲାଦେଶର ଭୋଲା ଜିଲା ଚୋପତାର ୱାର୍ଡ ୯ ଅଞ୍ଚଳରେ। ଗତ ଅକ୍ଟୋବର ୨୦ରେ ସେମାନେ ୧୮ ଜଣ ଗୋଟିଏ ବୋଟ୍‌ରେ ସମୁଦ୍ରକୁ ମାଛ ଧରିବା ପାଇଁ ବାହାରିଥିଲେ। ଅକ୍ଟୋବର ୨୩ରେ ବାତ୍ୟା ପ୍ରଭାବରେ ବୋଟ୍ ଦୁଇଫାଳ ହୋଇଯାଇଥିଲା। ପାଣିରେ ଭାସୁଥିଲେ। ଆସନ୍ନ ମୃତ୍ୟୁ ଅବସ୍ଥାରେ ଥିବାବେଳେ 'ରଘୁନାଥ' ବୋଟ୍ ଡ୍ରାଇଭର ବିଶ୍ୱନାଥ ଗାରୁ ସେମାନଙ୍କୁ ଉଦ୍ଧାର କରିଥିଲେ। ଅନ୍ୟ ୧୬ ଜଣ ସମୁଦ୍ରରେ ନିଖୋଜ ହୋଇଯାଇଛନ୍ତି କହି ସେମାନେ କାନ୍ଦି ପକାଇଥିଲେ। ଇତିମଧ୍ୟରେ ପୋଲିସ ବାବୁଙ୍କ ମୋବାଇଲ ଫୋନ ଜରିଆରେ ସେମାନେ ଦୁଇଥର ସ୍ତ୍ରୀ, ପରିବାର ଲୋକଙ୍କ ସହିତ କଥା ହୋଇଛନ୍ତି। ପରିବାର ଲୋକମାନେ ମଧ୍ୟ ବାଂଲାଦେଶ ସରକାରଙ୍କ ପାଖରେ ଆବେଦନ କରିଛନ୍ତି। ଶୀଘ୍ର ଘରକୁ ଫେରିବେ ବୋଲି ମିରାଜ ଏବଂ ନାଜିର ଆଶା କରି ରହିଛନ୍ତି। ସେହିପରି ହବିସ ମହମ୍ମଦଙ୍କ ଘର ବାଂଲାଦେଶର ପାଟୁଆଖଲି ଜିଲାର ଦୋଲୁତଖାନ ଅଞ୍ଚଳରେ। ତାଙ୍କ ସହିତ ବୋଟ୍‌ରେ ୧୯ ଜଣ ଥିଲେ। ଅନ୍ୟ ୧୮ ଜଣ ମଧ୍ୟ ସେହି ସ୍ଥାନରେ ଭାସୁଥିବା ବେଳେ ଅଲଗା ହୋଇଯାଇଥିଲେ। ଉଦ୍ଧାର ମତ୍ସ୍ୟଜୀବୀଙ୍କ ପାଖରେ କୌଣସି କାଗଜପତ୍ର ନ ଥିବାରୁ ଏବେ ଦୁଇ ଦେଶର ସରକାରୀ ସ୍ତରରେ ଅସୁବିଧା ହେଉଛି ବୋଲି ପାରାଦୀପ ଇମିଗ୍ରେଶନ ଡିଏସ୍‌ପି ମାନସ ରଞ୍ଜନ ଦାଶ କହିଛନ୍ତି।

୨୦୦୯ରେ ଏଭଳି ଏକ ଘଟଣାରେ ପାରାଦୀପ ଷଣ୍ଢକୁଦର ନୋଳିଆ ମତ୍ସ୍ୟଜୀବୀ ୬ ଜଣ ମ୍ୟାନ୍‌ମାର ନାଗରିକଙ୍କୁ ଉଦ୍ଧାର କରି ଆଣିଥିଲେ। ସେମାନଙ୍କ ପାଖରେ କାଗଜପତ୍ର ନ ଥିବାରୁ ପାରାଦୀପ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜେଲରେ ଦୀର୍ଘଦିନ ରହିବା ପରେ ମୁକୁଳିଥିଲେ। ହେଲେ ସେମାନେ ନିଜ ଦେଶକୁ ଯାଇନାହାନ୍ତି। ଷଣ୍ଢକୁଦ ବସ୍ତିରେ ରହୁଥିଲେ। ତାଙ୍କ ମଧ୍ୟରୁ ଦୁଇଜଣ ପ୍ରେମଜନିତ ଘଟଣାରେ ପରସ୍ପରଙ୍କୁ ହତ୍ୟା କରିଥିଲେ। ସେହିପରି ଜଣଙ୍କର ଏଡ୍‌ସରେ ମୃତ୍ୟୁ ଘଟିଛି। ଆଉ ୩ଜଣ ସ୍ଥାନୀୟ ଅଞ୍ଚଳରେ ବିବାହ କରି ରହୁଛନ୍ତି। ସବୁଠାରୁ କୌତୂହଳ ବିଷୟ ହେଲା ତାଙ୍କ ନାମରେ ସରକାରୀ ପରିଚୟପତ୍ର ହୋଇସାରିଲାଣି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଅନୁକୂଳ ଗ୍ରହସ୍ଥିତିରୁ ପାରିବାରିକ ଓ କର୍ମକ୍ଷେତ୍ରର ପାରିପାର୍ଶ୍ୱିକ ପରିସ୍ଥିତି ଅନେକାଂଶରେ ଭଲ ରହିବ। ଉତ୍ସବାନୁଷ୍ଠାନ, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର କ୍ଷେତ୍ରରେ ବନ୍ଧୁ ମିଳନ ହେତୁ ମନ ଖୁସି ରହିବ। ଭୁଲ୍ ବୁଝାମଣାରୁ ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତି ସୁଧାରି ନେବେ। ଆଜିର ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟରେ କ୍ଷତିରେ ପଡ଼ିପାରନ୍ତି।

**ବୃଷ** ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ସୃଷ୍ଟି ସହ କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ସହ ମତଭେଦ ଘଟିପାରେ। ସଭାସମିତି, ରାଜନୀତି, ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ପ୍ରତିଯୋଗିତାରେ ସଫଳତା ହାସଲ କରିବେ।

**ମିଥୁନ** ଆଜି ଚନ୍ଦ୍ରଙ୍କ କେନ୍ଦ୍ରରେ ଶୁକ୍ର ଅବସ୍ଥାନ କରିଥିବାରୁ ଭୋଗବିଳାସ ସାଙ୍ଗକୁ ବୈଷୟିକ ସୁଖ, ସମୃଦ୍ଧି ପ୍ରଦାନ କରିବେ। ଶିକ୍ଷା, ସାହିତ୍ୟ, ସନ୍ତାନହେତୁକ ସମସ୍ୟାର ସମାଧାନ ହୋଇଯିବ। ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ରରେ ଉନ୍ନତି ସାଙ୍ଗକୁ ବନ୍ଧୁ ମିଳନରୁ ଆନନ୍ଦିତ ରହିବେ। ଯାନବାହନ ଚାଳନାରେ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି।

**କର୍କଟ** ଚତୁର୍ଥକେନ୍ଦ୍ରରେ କେତୁ ରହିଥିବାରୁ ନିଜ ଲୋକଙ୍କ ଦ୍ୱାରା ପ୍ରତିରୋଧର ସମ୍ମୁଖୀନ ହେବେ। କିନ୍ତୁ କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହୋଇପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଯାତ୍ରା ଓ ଆନୁଷ୍ଠାନିକ କାମରେ ସହଯୋଗ କରି ଖୁସି ରହିବେ। ସ୍ଥାନ ପରିବର୍ତ୍ତନ ଯୋଗୁ ଥଣ୍ଡା ରୋଗରେ ପୀଡ଼ିତ ହେବାର ଆଶଙ୍କା ରହିଛି।

**ସିଂହ** ପରିସ୍ଥିତିକୁ ଲକ୍ଷ୍ୟ ରଖିବା ସହ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ମନୋନିବେଶ କରିବେ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ସ୍ତ୍ରୀଙ୍କ ପ୍ରେରଣା ଓ ପରାମର୍ଶକୁ ପ୍ରାଧାନ୍ୟ ଦେଇ ପାରିବାରିକ ସ୍ଥିତିକୁ ସୁଧାରି ନେବେ। ଆର୍ଥିକ ଅନଟନ ଲାଗି ରହିଥିଲେ ମଧ୍ୟ କୌଣସି କାମ ଅଟକି ରହିବ ନାହିଁ।

**କନ୍ୟା** ଦେବଗୁରୁଙ୍କ କୃପାଦୃଷ୍ଟିରୁ ବିଭିନ୍ନ ଦିଗରୁ ସାହାଯ୍ୟ, ସହଯୋଗର ଅବାରିତ ଧାରା ବହି ଆସିବ। ଜମିଜମା, ମାଲିମକଦ୍ଦମା, ଯାତ୍ରା, ବାଣିଜ୍ୟ ଓ ରାଜନୈତିକ କ୍ଷେତ୍ରରେ ଅସ୍ଥିରତା ଆଶଙ୍କା ରହିଛି। ଆରମ୍ଭ କରିବାକୁ ଥିବା କାମ ନିର୍ବିଘ୍ନରେ ସମାପନ କରିପାରିବେ। ଆକସ୍ମିକ ପ୍ରତିବନ୍ଧକ କାରଣରୁ ଚିତ୍ରା କୌଣସି କାମ କରିବାରେ ପଛେଇ ଯାଇପାରନ୍ତି।

**ତୁଳା** ସୌହାର୍ଦ୍ଦ୍ୟର ବାତାବରଣ ପାରିବାରିକ ଜୀବନକୁ ସରସ କରିବ। ସ୍ୱାତୀର ପାରିବାରିକ ଅଶାନ୍ତି ହେତୁକ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସମାଧାନ ହୋଇଯିବ। ଶିଳ୍ପ, ବ୍ୟବସାୟ ଓ ପରିବହନରେ ସମସ୍ୟା ଲାଗି ରହିବ।

**ବିଛା** ପରିବାରରେ ଉତ୍ତମ ବାତାବରଣ, କର୍ମକ୍ଷେତ୍ରରେ ସହଯୋଗ, ନୂତନ କାମର ପରିକଳ୍ପନା କରି ଖୁସି ରହିବେ। କଳା, ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ଅଫିସ୍‌ରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି। ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟ ହେବେ।

**ଧନୁ** ଚନ୍ଦ୍ର ଭାବାତ୍ମକ ରାଶିରେ ପରିବାର ସମ୍ପର୍କୀୟ ବିଷୟକୁ ନେଇ ଭାବପ୍ରବଣତା ସୃଷ୍ଟି କରାଇବ। ଅପ୍ରିୟ ସତ୍ୟ କହି ବନ୍ଧୁଙ୍କ ସହ ସମ୍ପର୍କକୁ ତିକ୍ତ କରିପାରନ୍ତି। ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ ନିଜ ନିଜ ମଧ୍ୟରେ ସାମୟିକ କଳହ ଦେଖାଦେଇପାରେ।

**ମକର** ପାରିବାରିକ ଅଶାନ୍ତି ଲାଗି ରହିବା କାରଣରୁ ମାନସିକ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ। କୌଣସି ବନ୍ଧୁଙ୍କ ସହ ଆଜି ଫଳପ୍ରଦ ଆଲୋଚନା କରିବେ। ଗାଡ଼ି, କଳକାରଖାନା ସମସ୍ୟାର ସମାଧାନ କରିବାରେ ସଫଳ ହେବେ। ଭୁଲ୍ ବୁଝାମଣାଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତରର ସମ୍ଭାବନା ରହିଛି।

**କୁମ୍ଭ** ଆଜି ଆର୍ଥିକ ଦିଗରୁ କୌଣସି ସମସ୍ୟା ସୃଷ୍ଟି ହେବାର ସମ୍ଭାବନା ରହିଛି। କୌଣସି ବ୍ୟକ୍ତି ମିଥ୍ୟା ଦୋଷାରୋପ କରି ମାନସିକ ଅଶାନ୍ତି ସୃଷ୍ଟି କରିପାରନ୍ତି। ଯେତେ ଭଲ କାମ କଲେ ମଧ୍ୟ ପରିବାରରୁ ପଦୁଟିଏ ପ୍ରଶଂସା ମଧ୍ୟ ଶୁଣି ପାରିବେ ନାହିଁ। ବ୍ୟବସାୟ, ଶିଳ୍ପ, ବାଣିଜ୍ୟ ଓ ପରିବହନରେ ସମସ୍ୟାକୁ ନିୟନ୍ତ୍ରଣ କରିବାରେ ସମର୍ଥ ହେବେ।

**ମୀନ** ଦିନଟି ବହୁତ ଭଲରେ ଅତିବାହିତ ହେବ। କିନ୍ତୁ ଆଜି ଆର୍ଥିକ ଦିଗରୁ ପାଇବେ ଯେତିକି ତାହାର ଦୁଇଗୁଣା ଖର୍ଚ୍ଚ ପାଇଁ ବାଟ ଫିଟିଯିବ। ଈର୍ଷାପରାୟଣ ବ୍ୟକ୍ତିବିଶେଷ କିମ୍ବା ପାଖ ପଡ଼ୋଶୀଙ୍କ ସହ ସମ୍ପର୍କରେ ଅବନତି ଘଟିବ। ବାହାର ଦୁନିଆରୁ ଯେତିକି ଶ୍ରଦ୍ଧା, ସମ୍ମାନ ପାଇବେ ନିଜ ଲୋକଙ୍କ ନିକଟରୁ ତାହାର ଠିକ୍ ଓଲଟା ଫଳ ମିଳିବ।

ଆଜି ମାଘ କୃଷ୍ଣ ପ୍ରତିପଦା ଶନିବାର, ଜାନୁୟାରୀ ୭ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୭।୫୩ ଗତେ ଘ.୦୯।୦୯ ମଧ୍ୟେ, ଘ.୧୨।୧୪ ଗତେ ଘ.୦୧।୧୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୦୯ ଗତେ ଘ.୧୦।୩୧ ମଧ୍ୟେ ରାହୁକାଳ।।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୭/୨୦୨୩ | Bhubaneswar, Saturday, January 7/2023 | ପୃଷ୍ଠା-୧




**ଶାନ୍ତନୁଙ୍କ ଦ୍ୱିଶତକ**

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଶୁକ୍ରବାର ଶେଷ ହୋଇଥିବା ନାଗାଲାଣ୍ଡ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଦ୍ୱିଶତକ ହାସଲ କରିଛନ୍ତି ଓଡ଼ିଶାର ଶାନ୍ତନୁ ମିଶ୍ର।

୦୯

୦୮

**ଟ୍ୟାକ୍ସ ଚୋରିରୁ ଛାଡ଼ପତ୍ର**

ଫିଲ୍ମ 'ଭାରିସୁ'ର ଅଭିନେତା ଥାଲାପାଥି ବିଜୟ ପୂର୍ବରୁ ଟ୍ୟାକ୍ସ ଫାଙ୍କିରେ ସମ୍ପୃକ୍ତ ଥିବାବେଳେ ଏବେ ସ୍ତ୍ରୀ ସଙ୍ଗୀତାଙ୍କୁ ଛାଡ଼ପତ୍ର ଦେବାକୁ ଯାଉଥିବା ଚର୍ଚ୍ଚା ଜୋର୍ ଧରିଛି।





ହକି ବିଶ୍ୱକପ ଖେଳିବା ପାଇଁ ଶୁକ୍ରବାର ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିବା ଗତଥରର ଚାମ୍ପିୟନ ବେଲଜିୟମ ଦଳ। **(ଫଟୋ-ବିକାଶ ନାୟକ)** (ରିପୋର୍ଟ: ଖେଳ ପୃଷ୍ଠା)

# ୨ ଛାତ୍ର ଗିରଫ, ଜଣେ ବହିଷ୍କୃତ

## ଆସିକା ବିଜ୍ଞାନ କଲେଜରେ ରାଗିଂ

**ଆସିକା, ୬।୧ (ଡି.ଏନ୍.ଏ)**

ଗଞ୍ଜାମ ଜିଲା ଆସିକା ବିଜ୍ଞାନ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଗତ ୩ ତାରିଖରେ ଘରକୁ ଫେରୁଥିବା ଜଣେ ଛାତ୍ରୀଙ୍କୁ ରାଗିଂ ଅଭିଯୋଗରେ ପୋଲିସ ଶୁକ୍ରବାର ୨ ଜଣ ଛାତ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଦେବାଶିଷ ସ୍ୱାଇଁ ଓ କୈଳାସ ସ୍ୱାଇଁ। ସେମାନଙ୍କ ମଧ୍ୟରୁ ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳାର ଛାତ୍ର ଦେବାଶିଷଙ୍କୁ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ବାଧ୍ୟତାମୂଳକ ଟିସି ଦେଇ କଲେଜରୁ ବହିଷ୍କାର କରିଦେଇଛନ୍ତି।

ଅଭିଯୋଗରୁ ପ୍ରକାଶ, ଗତ ୩ ତାରିଖ ମଙ୍ଗଳବାର ଛାତ୍ରୀ ଜଣକ ଅପରାହ୍ନ ପ୍ରାୟ ୨ଟା ସମୟରେ କଲେଜରୁ ଘରକୁ ଫେରୁଥିଲା ବେଳେ କଲେଜ ଫାଟକ ବାହାରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳାର ଛାତ୍ର ଦେବାଶିଷ ସ୍ୱାଇଁ, କୈଳାସ ସ୍ୱାଇଁଙ୍କ ସମେତ ଅନ୍ୟ ଦୁଇଜଣ ଯୁବକ ମିଶି ତାଙ୍କୁ ରାଗିଂ କରିବା ସହିତ ତାଙ୍କ ନାମ ପଚାରିଥିଲେ ଓ ବିଭିନ୍ନ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଛାତ୍ରୀଜଣକ ତାଙ୍କ ଭାଇଙ୍କୁ ଖବର ଦେବା ପରେ ସେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଅଭିଯୁକ୍ତମାନେ ତାଙ୍କ ଭାଇଙ୍କୁ ମଧ୍ୟ ଧମକଚମକ ଦେଇଥିଲେ। ଏ ନେଇ ଛାତ୍ରୀଜଣକ କଲେଜ ଅଧ୍ୟକ୍ଷଙ୍କୁ ଜଣାଇବା ସହିତ ଆସିକା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ☞ପୃଷ୍ଠା-୩

# ବିଦେଶୀ ବିଶ୍ୱବିଦ୍ୟାଳୟକୁ ସ୍ୱାଧୀନତା

**ନୂଆଦିଲ୍ଲୀ,୬।୧**

**ୟୁଜିସି ଜାରିକଲା ଚିଠା ନିୟମାବଳୀ**

- **୨୦୨୫ ସୁଦ୍ଧା ଦେଶରେ ପ୍ରଥମ ବିଦେଶୀ ୟୁନିଭର୍ସିଟି କ୍ୟାମ୍ପସ**
- **ନାମଲେଖା ଓ ଫି' ଧାର୍ଯ୍ୟରେ ନିଷ୍ପତ୍ତି ନେଇପାରିବେ ଏଫ୍ଏଚ୍ଆଇଇ**

ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଏଣିକି ଭାରତରେ ନିଜସ୍ୱ କ୍ୟାମ୍ପସ ପ୍ରତିଷ୍ଠା କରିବା ସହ ନାମଲେଖା ପ୍ରକ୍ରିୟା ଏବଂ ଫି' ଧାର୍ଯ୍ୟ କ୍ଷେତ୍ରରେ ନିଷ୍ପତ୍ତି ନେଇପାରିବେ। ଏପରି କି ଭାରତରୁ ସଂଗୃହୀତ ପାଣ୍ଠିକୁ ମଧ୍ୟ ନିଜ ଦେଶକୁ ସ୍ଥାନାନ୍ତର କରିପାରିବେ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ସଦ୍ୟ ଜାରି କରାଯାଇଥିବା ଚିଠା ନିୟମାବଳୀରେ ଏନେଇ ଉଲ୍ଲେଖ କରାଯାଇଛି। ଛାତ୍ରୀଛାତ୍ରଙ୍କ ଗୋଟିଏ ଗୋଷ୍ଠୀ ଏହାକୁ ସ୍ୱାଗତ କରିଥିବାବେଳେ ଏହାର ନକାରାତ୍ମକ ଦିଗ ପ୍ରତି ମଧ୍ୟ ଆଖି ବୁଜି ଦିଆଯାଇ ନ ପାରେ। ଗୋଟିଏ ଦୃଷ୍ଟିରୁ ଦେଖିଲେ ଭାରତୀୟ ବିଦ୍ୟାର୍ଥୀ ବିଦେଶକୁ ନ ଯାଇ ଦେଶ ଭିତରେ ଅନ୍ତର୍ଜାତୀୟ ସ୍ତରର ଶିକ୍ଷା ଲାଭ କରିପାରିବେ। ଅନ୍ୟପକ୍ଷେ ବିଦେଶୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅଧିକ ସ୍ୱାଧୀନତା ପ୍ରଦାନ କରାଯାଇଥିବାରୁ ସେଗୁଡ଼ିକ ଉପରେ ସରକାରଙ୍କ କର୍ତ୍ତୃତ୍ୱ ରହିବ ନାହିଁ। ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକ ୟୁଜିସି ନିୟମ ମାନି କ୍ୟାମ୍ପସ ପରିଚାଳନା କରିବା ନେଇ ମଧ୍ୟ ସନ୍ଦେହ ସୃଷ୍ଟି ହୋଇଛି। ଶିକ୍ଷାଦାନରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିଲେ ଅନ୍ତର୍ଜାତୀୟ ର୍‍ୟାଙ୍କିଙ୍ଗ୍‌ରେ ସ୍ଥାନ ପାଉ ନ ଥିବା ଭାରତୀୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ନ୍ୟୂନ ହୋଇଯିବେ। ତେଣୁ ଶିକ୍ଷାରେ ସଂସ୍କାର ନାମରେ ସରକାର ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲିଦେଉଥିବା କେତେଜଣ ବିଶେଷଜ୍ଞ ମତ ଦେଇଛନ୍ତି।

ଜାତୀୟ ଶିକ୍ଷାନୀତି (ଏନ୍ଇପି) ୨୦୨୦ ଅନୁସାରେ ବିଶ୍ୱର ସର୍ବୋଚ୍ଚ ୟୁନିଭର୍ସିଟିଗୁଡ଼ିକ ଭାରତରେ ନିଜ କ୍ୟାମ୍ପସ ପ୍ରତିଷ୍ଠା ଓ ପରିଚାଳନା କରିପାରିବେ। କେନ୍ଦ୍ର ସରକାରଙ୍କ ଏହି ଲକ୍ଷ୍ୟ ପୂରଣ ପାଇଁ ୟୁଜିସି ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ୟୁଜିସି ଅଧ୍ୟକ୍ଷ ପ୍ରଫେସର ଏମ୍. ଜଗଦୀଶ କୁମାର ଏ ସମ୍ପର୍କରେ ଘୋଷଣା କରି କହିଛନ୍ତି, ବିଦେଶୀ ବିଶ୍ୱବିଦ୍ୟାଳୟଗୁଡ଼ିକ କେବଳ ଫୁଲ୍‌ଟାଇମ୍ ପ୍ରୋଗ୍ରାମ ପାଠ୍ୟକ୍ରମରେ ଶିକ୍ଷା ଦେଇପାରିବେ। ଅଫ୍‌ଲାଇନ୍ ମୋଡ୍‌ରେ ପାଠ ପଢ଼ାଇବାକୁ ବାଧ୍ୟତାମୂଳକ କରାଯାଇଛି। ଅନ୍‌ଲାଇନ୍ କ୍ଲାସ୍ ଏବଂ ଦୂର ଶିକ୍ଷାକୁ ଅନୁମତି ଦିଆଯିବ ନାହିଁ। ତେବେ ୟୁଜିସିର ବିନା ଅନୁମୋଦନରେ କୌଣସି ବିଦେଶୀ ଉଚ୍ଚ ଶିକ୍ଷାନୁଷ୍ଠାନ ଭାରତରେ ନିଜ କ୍ୟାମ୍ପସ ପ୍ରତିଷ୍ଠା କରିପାରିବେ ନାହିଁ। ନିଜ ଦେଶରେ ଥିବା ମୁଖ୍ୟ କ୍ୟାମ୍ପସ ☞ପୃଷ୍ଠା-୩

# ବ୍ରିଟିଶମାନେ ଗଣିତରେ ଦୁର୍ବଳ

**କଲ୍‌ଚେଷ୍ଟର(ବ୍ରିଟେନ), ୬।୧**

- **ଗାଣିତିକ ଦକ୍ଷତା ଅଭାବରୁ ବ୍ରିଟେନ ବର୍ଷକୁ ହରାଉଛି ୨୦ ବିଲିୟନ ପାଉଣ୍ଡ**
- **ଗଣିତ ଶିକ୍ଷା ବାଧ୍ୟତାମୂଳକ କରିବାକୁ ସୁନକଙ୍କ ପ୍ରସ୍ତାବ**

ବ୍ରିଟିଶମାନଙ୍କଠାରେ ଗାଣିତିକ ଦକ୍ଷତାର ଅଭାବ ରହିଥିବା ବ୍ରିଟିଶ ପ୍ରଧାନମନ୍ତ୍ରୀ ଋଷି ସୁନକ ସ୍ୱୀକାର କରିଛନ୍ତି। ବର୍ତ୍ତମାନର ଡେଟା ଯୁଗରେ ପ୍ରତି କାମ ପାଇଁ ପରିସଂଖ୍ୟାନର ଆବଶ୍ୟକତା ପଡୁଛି। ସେଥିପାଇଁ ଯୁବଗୋଷ୍ଠୀଙ୍କୁ ସହାୟତା ନିମନ୍ତେ ୧୮ ବର୍ଷ ପର୍ଯ୍ୟନ୍ତ ସବୁ ପିଲାଙ୍କ ପାଇଁ ଗଣିତ ଶିକ୍ଷା ବାଧ୍ୟତାମୂଳକ କରିବାକୁ ସୁନକ ପ୍ରସ୍ତାବ ଦେଇଛନ୍ତି। ବାଧ୍ୟତାମୂଳକ ଗଣିତ ଶିକ୍ଷା ପ୍ରସ୍ତାବ ନୂଆ ନୁହେଁ। ପୂର୍ବରୁ କେତେଜଣ ମନ୍ତ୍ରୀ ଏଭଳି ପ୍ରସ୍ତାବ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରି ନାହିଁ। ତେବେ ବ୍ରିଟେନରେ ଗଣିତ ଦକ୍ଷତାର ଅଭାବ ଦର୍ଶାଇ ସୁନକ ଏହାକୁ ବାଧ୍ୟତାମୂଳକ ଶିକ୍ଷା କରିବାକୁ ପ୍ରସ୍ତାବ ଦେଇଛନ୍ତି।

୨୦୧୭ର ସ୍ମିଥ୍ ରିଭ୍ୟୁ ଅନୁଯାୟୀ ଉଚ୍ଚ ଶିକ୍ଷାରେ ନନ୍-ଷ୍ଟେମ୍ ଡିଗ୍ରୀ କରୁଥିବା ମାତ୍ର ୨୦ ପ୍ରତିଶତ ପିଲା ୧୬ ବର୍ଷ ବୟସ ପରେ ଗଣିତ ଶିକ୍ଷା କରିଥାନ୍ତି। ଇଂଲଣ୍ଡ, ସ୍କଟଲାଣ୍ଡ, ଉତ୍ତର ଆୟର୍ଲାଣ୍ଡ, ୱେଲ୍ସ ସମେତ ୬ଟି ଦେଶ ୧୬ ବର୍ଷ ବୟସ ପରେ ଗଣିତ ଶିକ୍ଷା ଆବଶ୍ୟକ କରୁ ନ ଥିବା ନୁଫିଲ୍ଡ ଫାଉଣ୍ଡେଶନ ରିପୋର୍ଟରେ କୁହାଯାଇଛି। ଫଳରେ ବ୍ରିଟେନର ପ୍ରାୟ ୫୦ପ୍ରତିଶତ ବୟସ୍କଙ୍କର ଗଣିତ ଜ୍ଞାନ ପ୍ରାଥମିକ ସ୍କୁଲ୍ ପିଲାଙ୍କ ସହ ସମାନ। ଗଣିତ ଦକ୍ଷତା ଅଭାବରୁ ବ୍ରିଟେନକୁ ପ୍ରତିବର୍ଷ ୨୦ ବିଲିୟନ ପାଉଣ୍ଡ ହରାଇବାକୁ ପଡୁଥିବା କୁହାଯାଇଛି। ☞ପୃଷ୍ଠା-୩


**ଆଜିର ସମ୍ପାଦକୀୟ**

ସୁଖୁଙ୍କ ପସନ୍ଦ






E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: soupayan.kar@maruti.co.in

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450.

**ODYSSEY MOTORS**
ANGUL: 7752076136, 9776901481. PALLAHARA: 7873565435, 9437831123.

**JYOTE MOTORS**
BHUBANESWAR: LEWIS ROAD: 9798190190.
NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMPARA: 7381094851. PARADEEP: 9583022034/ 48. PURI HIGHWAY PIPILI: 9583022013.

**SKY AUTOMOBILES**
BHUBANESWAR: PATIA: 7381045356. CUTTACK: 9776677771, 7381873818, DHENKANAL: 7381045357. NARSINGHPUR: 7381045357. KAMAKHYANAGAR: 7381045357. JAJPUR: 9776900777. SALEPUR: 9583544555. CHANDIKHOL : 9583544555. TANGI: 7381045356.

*Offer includes consumer offer, exchange bonus and institutional or rural offer (wherever applicable) on selected models/ variants. Above mentioned savings amount is the value of maximum savings on selected models. **Terms and conditions apply. Finance scheme details mentioned in the advertisement are at the sole discretion of the financier and terms and conditions as specified by the financier shall apply. Credit at the sole discretion of the Bank. 100% on-road funding is provided by select financiers only. Creative visualization. Price applicable on the date of invoice shall be applicable.For more details, please contact your nearest ARENA dealership. Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only. Car color may vary due to printing on paper. Offers vary across variants. Maruti Suzuki India Limited reserves the right to discontinue offers without notice. Above offers are valid till 31st January, 2023.

# ସୁଖୁଙ୍କ ପସନ୍ଦ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ହିମାଚଳପ୍ରଦେଶ ମୁଖ୍ୟ ଶାସନ ସଚିବ ରାମ ଦାସ ଧିମନଙ୍କ ଅବସର ପରେ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁ ଏହି ପଦବୀ ପାଇଁ ପ୍ରବୋଧ ସକ୍‌ସେନାଙ୍କୁ ପସନ୍ଦ କରିଛନ୍ତି। ଅନ୍ୟ ପକ୍ଷରେ ଧିମନଙ୍କୁ ରାଜ୍ୟ ମୁଖ୍ୟ ସୂଚନା କମିଶନର ଭାବେ ଅବସ୍ଥାପିତ କରାଯାଇଛି। ୧୯୯୦ ବ୍ୟାଚ୍ ହିମାଚଳପ୍ରଦେଶ କ୍ୟାଡର ଆଇଏଏସ୍ ଅଧିକାରୀ ସକ୍‌ସେନା ମାର୍ଚ୍ଚ ୨୦୨୫ ପର୍ଯ୍ୟନ୍ତ ମୁଖ୍ୟ ଶାସନ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିବେ। ସାଧାରଣତଃ ଶୀର୍ଷ ପଦବୀଗୁଡ଼ିକରେ ନିଯୁକ୍ତି ପାଇଁ ଅନେକ ଦାବିଦାର ରହିଥାନ୍ତି ଯାହା ଉକ୍ତ ପଦବୀ କ୍ଷେତ୍ରରେ ଘଟିଥିଲା। ସୂତ୍ରରୁ ପ୍ରକାଶ ଯେ, ଏହି ପଦବୀରେ ଆସୀନ ହେବା ଲାଗି ପୂର୍ବରୁ ରାମ ଶୁଭ ସିଂ ଓ ତାଙ୍କ ସ୍ତ୍ରୀ ନିଶା ସିଂ, ୧୯୮୮ ବ୍ୟାଚ୍ ଆଇଏଏସ୍ ଅଧିକାରୀ ସଞ୍ଜୟ ଗୁପ୍ତା ଏବଂ ପ୍ରବୋଧ ସକ୍‌ସେନା ବହୁ ଚେଷ୍ଟା କରିଥିଲେ। କିନ୍ତୁ ଏହି ବାବୁମାନଙ୍କୁ ପଛରେ ପକାଇ ବିଦାୟୀ ମୁଖ୍ୟ ସଚିବ ଧିମନଙ୍କୁ ସେତେବେଳେ ନିଯୁକ୍ତ କରାଯାଇଥିଲା। ତେବେ ଏମାନଙ୍କ ମଧ୍ୟରେ ଥିବା ଯୋଗ୍ୟ ପ୍ରାର୍ଥୀ ସକ୍‌ସେନାଙ୍କର ଚାକିରି କାଳ ଆଉ ଅନେକ ବର୍ଷ ବାକିଥିଲା ଏବଂ ତାଙ୍କ କ୍ୟାରିୟର ରେକର୍ଡ ମଧ୍ୟ ବହୁତ ଭଲ। ଏହି କାରଣରୁ ସ୍ୱଷ୍ଟତଃ ଏବକାର ସ୍ଥିତି ତାଙ୍କ ସପକ୍ଷରେ ଯାଇଛି ଓ ତାଙ୍କୁ ନିଯୁକ୍ତ କରାଯାଇଛି। ନିକଟରେ ହିମାଚଳପ୍ରଦେଶରେ ଅନୁଷ୍ଠିତ ନିର୍ବାଚନରେ କଂଗ୍ରେସକୁ ଐତିହାସିକ ବିଜୟ ଆଣିଦେଇଥିବା ମୁଖ୍ୟମନ୍ତ୍ରୀ ସୁଖୁ ତାଙ୍କ ଶାସନ ଚଳାଇବା ପାଇଁ ଜଣେ କୁଶଳୀ ଓ ଅଭିଜ୍ଞ ବ୍ୟକ୍ତି ଚାହିଁବା ସ୍ୱାଭାବିକ। ଏହାକୁ ଦେଖିଲେ ମୁଖ୍ୟମନ୍ତ୍ରୀଙ୍କର ସୁବୁଠୁ ଯୋଗ୍ୟ ତଥା ଗ୍ରହଣୀୟ ପସନ୍ଦ ଥିଲେ ସକ୍‌ସେନା।

### ପରାମର୍ଶଦାତା ପୂର୍ବତନ ବାବୁ

ଗୁଜରାଟର ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ପୂର୍ବତନ ଅର୍ଥ ସଚିବ ହସମୁଖ ଅଧିଆଙ୍କୁ ତାଙ୍କ ପରାମର୍ଶଦାତା ଭାବେ ନିଯୁକ୍ତ କରିଛନ୍ତି। ଅଧିଆଙ୍କ ମନୋନୟନକୁ ଯଦି ଦେଖାଯାଏ ତେବେ ସେଥିରେ ଗୁରୁତ୍ୱ ରହିଛି ବୋଲି କୁହାଯାଇପାରେ। କାରଣ ଏବକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲାବେଳେ ଅଧିଆ ତାଙ୍କର ପ୍ରମୁଖ ସଚିବ ଥିଲେ। ମୋଦି ପ୍ରଧାନମନ୍ତ୍ରୀ ହେବା ପରେ ତାଙ୍କୁ କେନ୍ଦ୍ର ରାଜସ୍ୱ ସଚିବ ଓ ଏହାପରେ ଅର୍ଥ ସଚିବ ଭାବେ ନିଯୁକ୍ତ କରିଥିଲେ। ଅର୍ଥ ସଚିବ ଥିବା ସମୟରେ ଅଧିଆ ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) କାର୍ଯ୍ୟକାରୀ କରିବାରେ ମୁଖ୍ୟ ଭୂମିକା ନେଇଥିଲେ। ୨୦୧୮ରେ ଅବସର ପରେ ଅଧିଆ ବ୍ୟାଙ୍କ ଅଫ୍ ବରୋଦାର ନନ୍–ଏକଜିକ୍ୟୁଟିଭ ଚେୟାରମ୍ୟାନ ଓ ଗୁଜରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ସମେତ ବିଭିନ୍ନ ପଦପଦବୀରେ ପ୍ରମୁଖ ଭୂମିକାରେ ରହି ଦାୟିତ୍ୱ ନିର୍ବାହ କରିଥିଲେ। ଭାରତକୁ ୫ ଟ୍ରିଲିୟନ ଅର୍ଥ ବ୍ୟବସ୍ଥା କରିବାକୁ ଗୁଜରାଟର ନକ୍ସା ଉପରେ ରିପୋର୍ଟ ପ୍ରସ୍ତୁତ କରୁଥିବା ଏକ ଟାସ୍କ ଫୋର୍ସର ନେତୃତ୍ୱ ମଧ୍ୟ ନେଇଥିଲେ। ପଟେଲଙ୍କୁ ଅର୍ଥ, ଆର୍ଥିକ ବ୍ୟାପାର, ଶିକ୍ଷା, ଶକ୍ତି, ଅକ୍ଷୟଶକ୍ତି ଓ ପରିବେଶ ଭଳି ଅନ୍ୟ ପ୍ରସଙ୍ଗଗୁଡ଼ିକରେ ଅଧିଆ ସହଯୋଗ କରିବେ ବୋଲି ଜଣାପଡ଼ିଛି। ଗୁଜରାଟ ସରକାର ଅଧିଆଙ୍କ ସହିତ ଆଉ ଜଣେ ପୂର୍ବତନ ବାବୁ ଓ ମୋଦିଙ୍କ ସମର୍ଥକ ତଥା ଗୁଜରାଟ ମେଟ୍ରୋ ରେଲ୍ କର୍ପୋରେଶନ ଲିମିଟେଡ୍ (ଜିଏମ୍‌ଆର୍‌ସି)ର ପରିଚାଳନା ନିର୍ଦ୍ଦେଶକ ଏସ୍.ଏସ୍. ରାଠୋରଙ୍କୁ ବି ପଟେଲଙ୍କ ପରାମର୍ଶଦାତା ଭାବେ ନିଯୁକ୍ତ କରିଛନ୍ତି। ସଡ଼କ ଓ ନିର୍ମାଣ, ବେସାମରିକ ବିମାନ ଚଳାଚଳ, ମେଟ୍ରୋ ରେଲ୍ ପ୍ରୋଜେକ୍ଟ, ରେଲ୍‌ୱେ, ଜଳ ସଂସାଧନ ଏବଂ ନର୍ମଦା ଓ କଳ୍ପସର ପ୍ରୋଜେକ୍ଟରେ ସେ ମୁଖ୍ୟମନ୍ତ୍ରୀଙ୍କୁ ସାହାଯ୍ୟ କରିବେ। ଏହା ସ୍ୱଷ୍ଟ ଯେ, ମୋଦି ତାଙ୍କ ନିଜ ରାଜ୍ୟ ଅର୍ଥ, ନିବେଶ ଓ ଭିତ୍ତିଭୂମିକୁ ପ୍ରାଥମିକତା ଦେଉ ବୋଲି ଚାହୁଁଛନ୍ତି। କିନ୍ତୁ ଗୁଜରାଟ ସରକାରରେ ଥିବା ନିୟମିତ ବାବୁମାନେ ଅବସରପ୍ରାପ୍ତ ବାବୁମାନଙ୍କ ନିର୍ଦ୍ଦେଶକୁ ଖୁସିରେ ଗ୍ରହଣ କରିବେ କି ନାହିଁ ତାହା ଅସ୍ୱଷ୍ଟ ରହିଛି। ସମ୍ଭବତଃ, 'ମୋଦି'ଙ୍କ ନାମ କୁହୁକ ଶକ୍ତି ରୂପେ କାମ କରିବ।

### ଆଶାୟୀଙ୍କ ଆଶା କ୍ଷୀଣ

କମ୍ପିଟିସନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ)ର ନୂଆ ଅଧ୍ୟକ୍ଷ ନିଯୁକ୍ତିରେ ବିଳମ୍ବ ଘଟିଥିବା ଜଣାପଡ଼ିଛି। ଗତ ମାସରେ କିଛି ମିଡିଆ ପ୍ରକାଶ କରିଥିଲେ ଯେ, ଏହି ପଦବୀ ପାଇଁ ଚୟନ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି ଓ ଏହି ଦୌଡରେ ସ୍ମିତା ଜିଙ୍ଗ୍ରାନ, ଯୋଗେନ୍ଦ୍ର ଚୌଧୁରୀ ଏବଂ ଇଞ୍ଜିତି ଶ୍ରୀନିବାସ ଆଗରେ ରହିଛନ୍ତି। ଗତ ବର୍ଷ ଅକ୍ଟୋବରରେ ୫୭ ଜଣ ଆଶାୟୀଙ୍କ ଇଣ୍ଟରଭ୍ୟୁ ହୋଇଥିଲା। ନଭେମ୍ବରରେ ଦ୍ୱିତୀୟ ପର୍ଯ୍ୟାୟ ଇଣ୍ଟରଭ୍ୟୁ କରାଯିବା ପରେ ତାଲିକାରେ ଏହି ତିନି ଜଣ ବାବୁ ରହିଥିଲେ। ଏବେ ଜଣାପଡୁଛି, ପୂର୍ବ ଇଣ୍ଟରଭ୍ୟୁକୁ ରଦ୍ଦ କରାଯାଇ ନୂଆ ଚୟନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ତେବେ ସରକାରଙ୍କ ପ୍ରାଥମିକତା ତାଲିକାରେ କ'ଣ ଜଣେ ନିର୍ଦ୍ଦିଷ୍ଟ ପ୍ରାର୍ଥୀ ରହିଛନ୍ତି କି? ସମ୍ପୂର୍ଣ୍ଣ ଚୟନ ପ୍ରକ୍ରିୟାକୁ ପୁଣିଥରେ ଆରମ୍ଭ କରିବା ନିଷ୍ପତ୍ତିରୁ ଆମେ କ'ଣ ବା ନିଷ୍କର୍ଷ ପାଇପାରିବା? ଗତବର୍ଷ ଅକ୍ଟୋବରରେ ପୂର୍ବତନ ଆଇଏଏସ୍ ଅଧିକାରୀ ଅଶୋକ କୁମାର ଗୁପ୍ତା ଅବସର ନେବା ପରଠାରୁ ସିସିଆଇ ଅଧ୍ୟକ୍ଷ ପଦ ଖାଲି ରହିଛି ଓ ସଙ୍ଗୀତା ବର୍ମା କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଭାବେ ଦାୟିତ୍ୱ ତୁଲାଉଛନ୍ତି। ତେବେ ନୂଆ ଚୟନ ପ୍ରକ୍ରିୟା ନିଷ୍ପତ୍ତି ଯୋଗୁ ବହୁ ବରିଷ୍ଠ ବାବୁ, ଅର୍ଥନୀତିଜ୍ଞ, ବିଚାରପତି ଏବଂ ଏପରିକି ସିସିଆଇର ସଦସ୍ୟଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ଆଶାୟୀଙ୍କ ଆଶା କ୍ଷୀଣ ହୋଇଯାଇଛି। ତେବେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀ କେତେଦିନ ଧରି ଖାଲି ରହିବ ତାହା କହିବା ମୁସ୍କିଲ। କିନ୍ତୁ ଶେଷରେ ଯାହାଙ୍କ ନାମ ଘୋଷଣା ହେଲେ ବି ନିଃସନ୍ଦେହରେ ତାଙ୍କ ପଛରେ ସରକାରଙ୍କ ସମର୍ଥନ ରହିଛି ବୋଲି କୁହାଯିବ।

Email: dilipcherian@gmail.com

## su | do | ku
Puzzles by Srikant Ghosh

ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| | 4 | | | | | | 9 | 3 |
| | | | 8 | | | | | |
| | 1 | | 4 | 7 | | | | |
| | 9 | | | 5 | | | | 6 |
| | | | 1 | 2 | | | 4 | |
| 2 | | | | | 8 | 5 | | |
| | | 8 | 3 | | | | 5 | 7 |
| | 6 | | | | | | 2 | |
| | | | 5 | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 2 | 3 | 1 | 9 | 6 | 8 | 5 | 7 |
| 9 | 5 | 1 | 3 | 8 | 7 | 6 | 4 | 2 |
| 6 | 7 | 8 | 2 | 5 | 4 | 9 | 1 | 3 |
| 3 | 1 | 7 | 8 | 6 | 2 | 4 | 9 | 5 |
| 5 | 9 | 2 | 7 | 4 | 1 | 3 | 8 | 6 |
| 8 | 4 | 6 | 9 | 3 | 5 | 7 | 2 | 1 |
| 2 | 6 | 4 | 5 | 7 | 9 | 1 | 3 | 8 |
| 1 | 8 | 9 | 6 | 2 | 3 | 5 | 7 | 4 |
| 7 | 3 | 5 | 4 | 1 | 8 | 2 | 6 | 9 |

ଗତକାଲିର ଉତ୍ତର

# ସ୍ୱଷ୍ଟ କୃଷି ନୀତି କେବେ



ବିପ୍ଳବ

କିଛି ଦିନ ତଳେ ଜଣେ କୃଷକ ତାଙ୍କ କୋବି ବିଲରେ ଟ୍ରାକ୍ଟର ପୂରେଇ ଫସଲ ଉଜାଡି ଦେବାର ଦୃଶ୍ୟ ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। ଏଥିରୁ ଆମ ରାଜ୍ୟରେ କୃଷକ ଓ କୃଷିର ଅବସ୍ଥା ବିଷୟରେ କଳନା କରାଯାଇପାରେ। ତିରଟ ସମୟରେ କୃଷକଟିଏ ବଜାର ଦରର ମହଙ୍ଗା ମାଡ଼ର ଶିକାରହୋଇ ନିଜର କ୍ରୟ ଶକ୍ତି ହରାଏ ଆଉ ଅଧିକ ଅମଳ ସମୟରେ ବିଶେଷକରି ଶୀତଦିନରେ ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଉଚିତ ମୂଲ୍ୟ ନ ପାଇ ଅଭାବୀ ବିକ୍ରିର ଶିକାର ହୁଏ। ସେଥିପାଇଁ କେବେକେବେ ରାସ୍ତାରେ ଟ୍ରକ୍ ଟ୍ରକ୍ ବିଲାତି ଢଳା ହେବାର ଖବର ଅଥବା କୃଷକଟିଏ ନିଜ ଫସଲ ନିଜେ ଉଜାଡି ଦେବାର ଖବର ବା ବିଲରେ ବିଷପିଇ ଆତ୍ମହତ୍ୟା କରିବାର ଛାତିଥରା ଖବର ଶୁଣିବାକୁ ହୁଏ।

କୃଷକଟିଏ ବହୁ କଷ୍ଟରେ ସମବାୟ ସଂସ୍ଥାରୁ ହେଉ, କୌଣସି ମହାଜନ ପାଖରୁ ବା ଅର୍ଥ ଲଗାଣକାରୀ ସଂସ୍ଥାରୁ ଋଣ ନେଇ ଫସଲ ପାଇଁ ବିହନ କ୍ରୟ କରେ। ବେଳେ ବେଳେ ନକଲି ସରକାରୀ ବିହନର ଶିକାର ହୋଇ ହତାଶ ହୁଏ। କେବେ ଯଦି ବିହନ ଗଜା ହୁଏ ନିମ୍ନମାନର ବିହନ ପାଇଁ ଅମଳ ବି ଭଲ ଆସେନାହିଁ। ଫସଲ ଅମଳକ୍ଷମ ହେବା ପର୍ଯ୍ୟନ୍ତ ଚାଷ, ସାର, ମଜୁରି, ଜଳକର ଇତ୍ୟାଦି ପାଇଁ ସେ ଅନେକ ପଇସା ଖର୍ଚ୍ଚ କରେ। ଅଧିକାଂଶ ସମୟରେ ଅଭାବୀ ବିକ୍ରିର ଶିକାର ହୋଇ ଖର୍ଚ୍ଚ କରିଥିବା ମୂଳ ପଇସା ମଧ୍ୟ ଉଠାଇ ପାରେନାହିଁ।

ସାରା ଦୁନିଆକୁ ଆହାର ଯୋଗାଉଥିବା ଲୋକଟି ଭାଗ୍ୟରେ କ'ଣ ପାଇଁ ଏତେ ଦୁଃଖ ଲେଖା ହୋଇଥାଏ? ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କୃଷକମାନଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରିଛନ୍ତି। ବିଭିନ୍ନ ସମୟରେ କୃଷକମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ କୋଟି କୋଟି ଟଙ୍କା ଦିଆଯାଉଥିବାର ବିଜ୍ଞାପନ ପ୍ରସାରିତ ହେଉଛି। ହେଲେ କୃଷକର ବାସ୍ତବ ସ୍ଥିତି କ'ଣ? ଏମିତି ବି ରାଜ୍ୟ ସରକାର କିଛି ବର୍ଷ ହେବ କୃଷିକୁ ଗୁରୁତ୍ୱ ଦେଇ ସ୍ୱତନ୍ତ୍ର କୃଷି ବଜେଟ ମଧ୍ୟ ପ୍ରସ୍ତୁତ କରୁଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ଏହି ବରାଦ ହୋଇଥିବା ଅର୍ଥ ଖର୍ଚ୍ଚ ନ ହୋଇ ପଡି ରହୁଛି। ଏଥିପାଇଁ କ'ଣ ସରକାରୀ କଳର ଉଦାସୀନତା ଦାୟୀ ନୁହେଁ କି?

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର କେବଳ ଯୋଜନା କରି ବସିଯାଆନ୍ତି। ତା'ର ସଫଳ ରୂପାୟନ କେମିତି ହେବ, କୃଷକମାନଙ୍କର ପ୍ରକୃତ ଉନ୍ନତି କେମିତି ହେବ ସେ ବିଷୟରେ ବିଭାଗୀୟ ଅଧିକାରୀମାନେ କେବେବି ଯତ୍ନବାନ ନୁହନ୍ତି। ଆଳୁ ମିଶନକୁ ଉଦାହରଣ ଭାବେ ନିଆଯାଇପାରେ। ଆଳୁ ପାଇଁ ଓଡ଼ିଶା ସରକାର ସଦାବେଳେ ପଶ୍ଚିମବଙ୍ଗ, ପଞ୍ଜାବ ଓ ଉତ୍ତରପ୍ରଦେଶ ଉପରେ ନିର୍ଭରଶୀଳ। ଏଥିପାଇଁ ରାଜ୍ୟ ସରକାର ବାରମ୍ବାର ସମାଲୋଚିତ ହେବା ଫଳରେ ୨୦୧୫–୧୬ରେ ୩ବର୍ଷିଆ ଆଳୁ ମିଶନ ଯୋଜନା କରିଥିଲେ। ଲକ୍ଷ୍ୟ ଥିଲା ଯେ ଓଡ଼ିଶାର ବାର୍ଷିକ ଆବଶ୍ୟକ ପଡୁଥିବା ୧୨ଲକ୍ଷ ମେଟ୍ରିକ୍ ଟନ୍ ଆଳୁର ଉତ୍ପାଦନ କରିବା ଓ ତା'ର ସଂରକ୍ଷଣ କରିବା। ସେଥିପାଇଁ ୧୧୨ଟି ନୂତନ ଶୀତଳଭଣ୍ଡାର ନିର୍ମାଣର ଯୋଜନା ମଧ୍ୟ କରାଯାଇଥିଲା। ମାତ୍ର ଏଇ ୩ବର୍ଷିଆ ଆଳୁ ମିଶନର ଅବଧି ଶେଷ ହୋଇ ୭ବର୍ଷ ବିତିଯାଇଥିଲେ ବି ମାତ୍ର ୪ଟି ଶୀତଳଭଣ୍ଡାର ନିର୍ମାଣ କରାଯାଇଛି। ଏପଟେ ସରକାର ଅଲଗା ରାଜ୍ୟରୁ ବାର୍ଷିକ ୧୩ଲକ୍ଷ ୨୦ହଜାର ମେଟ୍ରିକ୍ ଟନ୍ ଆଳୁ ଆମଦାନୀ କରୁଛନ୍ତି। ଇଏ ହେଲା ଆମ କୃଷି ନୀତି।



ସରକାରଙ୍କ ଯେଉଁ କେତୋଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ରହିଛି ତାହାର ସଂରକ୍ଷଣ କ୍ଷମତା ମାତ୍ର ୧୪୮୦ ମେଟ୍ରିକ୍ ଟନ୍। ଚାଷୀଟିଏ ଅଭାବୀ ବିକ୍ରି ପାଇଁ ଇଏ କ'ଣ ଏକ କାରଣ ନୁହେଁ। ଓଡ଼ିଶା ଗୋଟିଏ କୃଷିପ୍ରଧାନ ରାଜ୍ୟ। ଶୀତଋତୁରେ ଏଠି ପ୍ରଚୁର ପରିମାଣର ଫୁଲକୋବି, ବନ୍ଧାକୋବି ଓ ଟମାଟୋ ଉତ୍ପାଦିତ ହୋଇଥାଏ। ଅଧିକ ଉତ୍ପାଦନର ସୁଯୋଗ ନେଇ ବେପାରୀମାନେ ଚାଷୀମାନଙ୍କ ସହିତ ମୂଲଚାଲ କରିଥାନ୍ତି। ଫଳରେ ଚାଷୀଟିଏ ନଷ୍ଟ ହୋଇଯିବା ଭୟରେ ଦି' ପଇସା ପାଇବା ଆଶାରେ ଶସ୍ତାରେ ବିକ୍ରି କରିଥାଏ। ଯଦି ପାଖରେ ଶୀତଳ ଭଣ୍ଡାରଟିଏ ଥାଆନ୍ତା ବଜାର ଦର ଉଚ୍ଚା ରହିଥିବା ସମୟରେ ସେ ତା'ର ଉତ୍ପାଦିତ ଫସଲକୁ ଶୀତଳ ଭଣ୍ଡାରରୁ ବାହାର କରି ଉଚିତ ମୂଲ୍ୟରେ ବିକ୍ରି କରିପାରିଥାନ୍ତା। ଏଥିପାଇଁ ବେପାରୀଙ୍କୁ ଆଉ ଖୁସାମଦ କରିବାକୁ ପଡ଼ି ନଥାନ୍ତା।

ଚଳିତ ବର୍ଷ ପରି ୧୯୯୯ ରେ ମଧ୍ୟ ଅନୁରୂପ ପରିସ୍ଥିତି ହୋଇଥିଲା। କୃଷକମାନେ ଅଭାବୀ ବିକ୍ରିର ଶିକାର ହୋଇ ଅମଳ ହେବାକୁ ଥିବା ଫସଲରେ ଗୋରୁ ଛାଡି ଦେଇଥିଲେ। ଯାହାକି ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚାର ବିଷୟ ହୋଇଥିଲା। ସେଥିପାଇଁ ତତ୍କାଳୀନ କେନ୍ଦ୍ର ସରକାର ଶୀତଳ ଭଣ୍ଡାର ନିର୍ମାଣ ଉପରେ ଗୁରୁତ୍ୱ ଦେଇଥିଲେ। ତା'ର ଫାଇଦା ବିଭିନ୍ନ ରାଜ୍ୟ ମଧ୍ୟ ନେଇଥିଲେ। ଏପରିକି ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗର ଅଧିକାଂଶ ପଞ୍ଚାୟତରେ ଶୀତଳ ଭଣ୍ଡାର ନିର୍ମାଣ କରାଯାଇଥିଲା, ଯାହାକି ଓଡ଼ିଶାର ମୋଟ ଶୀତଳ ଭଣ୍ଡାରଠାରୁ ଯଥେଷ୍ଟ ଅଧିକ। ବର୍ତ୍ତମାନ ରାଜ୍ୟ ସରକାର ୫ହଜାର ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ପାଇଁ ଲୋଭନୀୟ ରିହାତି ଘୋଷଣା କରିଛନ୍ତି। ମାତ୍ର ସରକାରୀ ଘୋଷଣା ଆଉ ରିହାତି ଦେବାରେ ଟାଳଟୁଳ ନୀତି କାରଣରୁ ବେସରକାରୀ ସ୍ତରରେ କୌଣସି ବ୍ୟକ୍ତିବିଶେଷ ଏଥିପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଣେ କୃଷି ଓ କୃଷକମାନଙ୍କର ଉନ୍ନତି ପାଇଁ ସରକାର କରୁଥିବା ବ୍ୟୟବରାଦ ବିଭାଗୀୟ ଅଧିକାରୀମାନେ ଖର୍ଚ୍ଚ କରିପାରୁ ନାହାନ୍ତି। ତାହାହେଲେ କୃଷିର ଉନ୍ନତି ହେବ କିପରି? କେନ୍ଦ୍ର ହେଉ କିମ୍ବା ରାଜ୍ୟ ସରକାରଙ୍କ ଯୋଜନାରେ ଅଧିକାଂଶ ଅଯୋଗ୍ୟ ହିତାଧିକାରୀଙ୍କ ଖାତାକୁ ମଝିରେ ମଝିରେ ଟଙ୍କା ଗଲେ କୃଷି ଆଉ କୃଷକର ଉନ୍ନତି ହେବା ସମ୍ଭବ କି? ଏହା କ'ଣ ଗୋଟିଏ କୃଷିପ୍ରଧାନ ଦେଶ ବା ରାଜ୍ୟର କୃଷକ ଉନ୍ନତିର ଗୋଟିଏ ସଫଳ ନୀତି?

ପଞ୍ଚାୟତ କଥା ଛାଡ଼। ବ୍ଲକ ସ୍ତରରେ ଗୋଟିଏ ଲେଖାଏ ଶୀତଳ ଭଣ୍ଡାର ନିର୍ମାଣ କଲେ କ'ଣ କ୍ଷତି ହୁଅନ୍ତା? ବରଂ କୃଷକଟିଏ କୃଷି ପ୍ରତି ଅଧିକ ଆଗ୍ରହୀ ହୋଇ ବଳକା ଅମଳକୁ ସଂରକ୍ଷଣ କରନ୍ତା ଆଉ ଉପଯୁକ୍ତ ବଜାର ମୂଲ୍ୟ ପାଆନ୍ତା। ଦୁଇ ମାସ କଷ୍ଟକରି ବଢ଼େଇ କୁଢ଼େଇ ଅମଳ ଯୋଗ୍ୟ ହେଉଥିବା ଫସଲକୁ କ'ଣ ପାଇଁ ଟ୍ରାକ୍ଟର ଚଢ଼େଇ ନଷ୍ଟ କରନ୍ତା! ଆମେ ଲକ୍ଷ ଲକ୍ଷ ଟଙ୍କା ଦରମା ପାଇଲେ କି ରୋଜଗାର କଲେ ବି ଆମର ଖାଦ୍ୟ ସୁନା, ରୁପା ହୋଇଯିବ ନାହିଁ। ସେଇ ଧାନ, ଚାଉଳ, ଗହମ, ମୁଗ, ବିରି ବା ପନିପରିବାରୁ ଉତ୍ପାଦିତ ଖାଦ୍ୟ ହିଁ ଗ୍ରହଣ କରିବା। ଆଉ ସେ ସବୁର ଉତ୍ପାଦକ ହେଉଛି କୃଷକ। ତେଣୁ କେବଳ ଘୋଷଣାରେ ନୁହେଁ କୃଷି ଆଉ କୃଷକର ପ୍ରକୃତ ଉନ୍ନତି ପାଇଁ ଯୋଜନା କରାଯାଉ। ବଜାର ଦର ଓ ସଂରକ୍ଷଣ ଉପରେ ବ୍ୟବସାୟୀ ଏବଂ କୃଷି ବିଶେଷଜ୍ଞମାନଙ୍କ ସହିତ ସରକାରୀ ସ୍ତରରେ ଆଲୋଚନା କରାଯାଇ ଉପଯୁକ୍ତ ବା ସ୍ୱଷ୍ଟ କୃଷି ନୀତି ଗ୍ରହଣ କରାଯାଉ। ଏଥିପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଚିନ୍ତା କରିବା ଦରକାର।

ମକୁନ୍ଦପୁର, ବାଙ୍କୀ
ମୋ–୯୪୩୭୪୬୮୦୧୬

# ସଡ଼କ ଦୁର୍ଘଟଣାରେ କ୍ଷତି



ଅଲେଖ ଚନ୍ଦ୍ର ସାମଲ

ସଡ଼କ ନିରାପତ୍ତା ସଂକ୍ରାନ୍ତରେ ସଚେତନ ନ ହେବା ଯୋଗୁ ଓଡ଼ିଶାରେ ବାର୍ଷିକ ପ୍ରଭୁତ କ୍ଷତି ଘଟୁଛି। ଅବକାରୀ, ପରିବହନ ଓ ପୋଲିସ ପ୍ରଶାସନ ଏ କ୍ଷେତ୍ରରେ ସମ୍ମିଳିତ ଉଦ୍ୟମ କଲେ ସଡ଼କ ଦୁର୍ଘଟଣା ଏବଂ ତଜ୍ଜନିତ ମୃତାହତଙ୍କ ସଂଖ୍ୟା ୫୦ପ୍ରତିଶତରୁ ଅଧିକ କମିପାରିବ ବୋଲି ନିକଟରେ ଏକ ଆଲୋଚନାଚକ୍ରର ଉପସ୍ଥାପିତ ତଥ୍ୟରୁ ଜଣାପଡ଼ିଛି। ଗତ ୧୨ବର୍ଷରେ ଓଡ଼ିଶାରେ ଲକ୍ଷାଧିକ ସଡ଼କ ଦୁର୍ଘଟଣା ଘଟିଥିବାବେଳେ ୪୦ ହଜାରରୁ ଅଧିକ ଲୋକ ମରିଛନ୍ତି ଏବଂ ୫୦ହଜାରରୁ ଅଧିକ ଗୁରୁତର ଭାବେ ଆହତ ହୋଇଛନ୍ତି ବୋଲି ରାଜ୍ୟ ସରକାରଙ୍କ ପରିସଂଖ୍ୟାନରେ ଦର୍ଶାଯାଉଛି। ରାଜ୍ୟରେ ଯେତେ ସଂଖ୍ୟକ ସଡ଼କ ଦୁର୍ଘଟଣା ଘଟୁଛି ତାହାର ପ୍ରାୟ ୬୦ ପ୍ରତିଶତ ନିଶାଜନିତ କାରଣରୁ ହେଉଥିବାବେଳେ ବେପରୁଆ ଗାଡ଼ିଚାଳନାରୁ ଅନ୍ୟୁନ ୩୦ ପ୍ରତିଶତ ଦୁର୍ଘଟଣା ଘଟୁଛି।

ଉପରୋକ୍ତ ସରକାରୀ ପରିସଂଖ୍ୟାନକୁ ହିସାବକୁ ନେଲେ ଗତ ୧୨ବର୍ଷରେ ଅନ୍ୟୁନ ୨୪ ହଜାର ଲୋକ ନିଶାଜନିତ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବାବେଳେ ପ୍ରାୟ ୩୦ ହଜାର ଲୋକ ଓଡ଼ିଶାରେ ପଙ୍ଗୁ ହୋଇଛନ୍ତି। ଏହାଛଡ଼ା ଦୁର୍ଘଟଣାଜନିତ ସମ୍ପତ୍ତି କ୍ଷୟ ମଧ୍ୟ ରହିଛି। ସରକାରୀ ହିସାବ ଅନୁଯାୟୀ ୨୦୧୫ରେ ଓଡ଼ିଶାରେ ୪୩୦୩ ଜଣ ସଡ଼କ ଦୁର୍ଘଟଣାରେ ମରିଥିବାବେଳେ ବର୍ଷକୁ ବର୍ଷ ଏହି ସଂଖ୍ୟା ବୃଦ୍ଧି ପାଉଥିବା ବିଗତ ୧୦ ବର୍ଷର ପରିସଂଖ୍ୟାନରୁ ଜଣାପଡ଼ିଛି। ରାଜପଥ କଡ଼ରେ ମଦ ଦୋକାନ ଖୋଲା ଯିବାରୁ ସଂଖ୍ୟାଧିକ ଚାଳକ ମଦ ପିଇ ନିଶାସକ୍ତ ଅବସ୍ଥାରେ ଗାଡ଼ିଚାଳନା କରୁଛନ୍ତି ଓ ଏଥିପାଇଁ ବ୍ୟାପକ ସଂଖ୍ୟକ ଦୁର୍ଘଟଣା ଘଟୁଛି। ତେଣୁ ନିଶାପାନଜନିତ ଦୁର୍ଘଟଣା ଓ ତଜ୍ଜନିତ ଅପମୃତ୍ୟୁ ତଥା ଅନ୍ୟାନ୍ୟ କ୍ଷୟକ୍ଷତି ପାଇଁ ସରକାର ପ୍ରତ୍ୟକ୍ଷ ଭାବେ ଦାୟୀ ବୋଲି ମଦମୁକ୍ତି ଅଭିଯାନ ଅଭିଯୋଗ କରିଆସୁଛି। ଅର୍ଥନୀତିଜ୍ଞମାନେ କହୁଛନ୍ତି, ଓଡ଼ିଶାରେ ସଡ଼କ ଦୁର୍ଘଟଣାଜନିତ ବାର୍ଷିକ କ୍ଷୟକ୍ଷତିର ପରିମାଣ ଦେଢ଼ ହଜାର କୋଟି ଟଙ୍କାରୁ ଅଧିକ ହେଉଛି। କେବଳ ସେତିକି ନୁହେଁ ଯେଉଁ ଲୋକମାନେ ଦୁର୍ଘଟଣାରେ ମରୁଛନ୍ତି କିମ୍ବା ପଙ୍ଗୁ ହେଉଛନ୍ତି ସେମାନଙ୍କ ପରିବାର ଉପରେ ଦୁଃଖର ପାହାଡ଼ ଲଦି ହୋଇଯାଉଛି। ମଦ୍ୟପ ଗାଡ଼ିଚାଳକମାନଙ୍କୁ ସାବାଡ଼ କରିବା ପାଇଁ ମୋଟର ଯାନ ଆଇନରେ କଡ଼ା ବ୍ୟବସ୍ଥା ଥିବାବେଳେ ତାହାର ଠିକଣା ଅନୁପାଳନ କରାଯାଉନାହିଁ। ପ୍ରତିବର୍ଷ ସଡ଼କ ସୁରକ୍ଷା ସପ୍ତାହ ପାଳନ ଅବସରରେ ବ୍ୟାପକ ଅର୍ଥ ବ୍ୟୟ କରାଯାଉଥିବାବେଳେ ବାସ୍ତବରେ ସଚେତନତା ଅଭାବରୁ ଦୁର୍ଘଟଣାଜନିତ କ୍ଷୟକ୍ଷତି ବଢୁଛି।

ସଡ଼କ ଦୁର୍ଘଟଣାର ପ୍ରମୁଖ କାରଣ ହେଉଛି ମନୁଷ୍ୟକୃତ ତ୍ରୁଟି। କିନ୍ତୁ ଏହି ତ୍ରୁଟି ପାଇଁ ଖୋରାକ ଯୋଗାଉଛି ରାସ୍ତା କଡ଼ରେ ଉପଯୁକ୍ତ ସୂଚନା ଫଳକର ଅଭାବ। ଗୁରୁତ୍ୱପୂର୍ଣ୍ଣ ରାସ୍ତା କଡ଼ରେ ସୂଚନା ଫଳକ ବ୍ୟବସ୍ଥା ଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ବାରମ୍ବାର ପରାମର୍ଶ ଦେଇ ଆସୁଥିଲେ। ତେବେ ସଡ଼କ ସୁରକ୍ଷା ଦିଗରେ ବଡ଼ ପଦକ୍ଷେପ ସ୍ୱରୂପ ରାଜ୍ୟର ଶତପ୍ରତିଶତ ସଡ଼କରେ ସଙ୍କେତ ବ୍ୟବସ୍ଥା ପାଇଁ ଅଣ୍ଟା ଭିଡ଼ିଛି ପରିବହନ ବିଭାଗ। ଏଥିପାଇଁ ପ୍ରଥମ ପର୍ଯ୍ୟାୟରେ ୩୦୦୦କିମି ରାସ୍ତାରେ ସଙ୍କେତ ବ୍ୟବସ୍ଥା ଆରମ୍ଭ ହେବ। ସଡ଼କ ସୁରକ୍ଷା ଦିଗରେ ସାଇନେଜ ଅବା ସୂଚନା ଫଳକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହା ଗାଡ଼ି ଚାଳକମାନଙ୍କୁ ସମ୍ଭାବ୍ୟ ବିପଦ ସମ୍ପର୍କରେ ସୂଚନା ଦେଇଥାଏ। ଉପଯୁକ୍ତ ସଡ଼କ ଚିହ୍ନ ଏବଂ ଟ୍ରାଫିକ୍ ସଙ୍କେତ, ସରଳ ସଡ଼କ ଇଞ୍ଜିନିୟରିଂ ପଦକ୍ଷେପ ଦୁର୍ଘଟଣାକୁ ବହୁ ମାତ୍ରାରେ ଦୂର କରିପାରିବ। କିନ୍ତୁ ତ୍ରୁଟିପୂର୍ଣ୍ଣ ସୂଚନା ଏବଂ ସିଗ୍‌ନାଲ ବ୍ୟବସ୍ଥା ସଡ଼କ ଦୁର୍ଘଟଣା ଏବଂ ଟ୍ରାଫିକ ଜାମ ପାଇଁ ଦାୟୀ। ତେବେ ବିଳମ୍ବରେ ହେଲେ ମଧ୍ୟ ପରିବହନ ବିଭାଗ ରାଜ୍ୟର ବ୍ୟସ୍ତବହୁଳ ରାସ୍ତାରେ ଠିକ୍ ସୂଚନା ଓ ସିଗ୍‌ନାଲ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେଇଛି। ସୂଚନାଯୋଗ୍ୟ ଯେ ଓଡ଼ିଶାରେ ସଡ଼କ ଦୁର୍ଘଟଣା ଓ ମୃତାହତ ସଂଖ୍ୟା ହ୍ରାସ ପାଇବା ବଦଳରେ ବଢ଼ି ଚାଲିଛି। ପୂର୍ବ ବର୍ଷ ତୁଳନାରେ ଗତବର୍ଷ ସଡ଼କ ଦୁର୍ଘଟଣା ହାର ୧୨ ପ୍ରତିଶତ ବୃଦ୍ଧି ପାଇଛି। ସ୍ଥାନୀୟ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ସଂଯୋଗ କରୁଥିବା ରାସ୍ତା, ମରାମତି ହେଉଥିବା ସ୍ଥାନ, ବ୍ଲାକ ସ୍ପଟ୍, ବିପଦପୂର୍ଣ୍ଣ ଅଞ୍ଚଳ ସମ୍ପର୍କରେ ସୂଚନା ଫଳକ ଲାଗିବା ଆବଶ୍ୟକ। ଏହା ଗାଡ଼ି ଚାଳକଙ୍କୁ ଆଗୁଆ ସତର୍କ କରିଥାଏ। ତେବେ ଏପରି ସୂଚନା ଓ ସିଗ୍‌ନାଲ ବ୍ୟବସ୍ଥାର ଘୋର ଅଭାବ ରହିଛି। ସିଂହଭାଗ ସୂଚନା ଫଳକ ଜରାଜୀର୍ଣ୍ଣ ହୋଇଛି। ଅନେକ ସୂଚନା ଫଳକରୁ ରଙ୍ଗ ଉଡିଗଲାଣି। ଜାତୀୟ ରାଜପଥ, ରାଜ୍ୟ ରାଜପଥ, ଗ୍ରାମ୍ୟ ଉନ୍ନୟନ ତଥା ପୂର୍ତ୍ତ ବିଭାଗ ପକ୍ଷରୁ ନିଜ ନିଜ ରାସ୍ତାରେ ଉପଯୁକ୍ତ ସୂଚନା ଫଳକ ନ ଥିବାରୁ ଅନେକ ଲୋକ ମୃତାହତ ହେଉଛନ୍ତି।



ଗତବର୍ଷ ଡିସେମ୍ବରରେ ଲୋକ ସଭାରେ କେନ୍ଦ୍ର ସରକାର କହିଛନ୍ତି ଯେ, ୨୦୨୨ରେ ଜାତୀୟ ରାଜପଥ ଓ ଏକ୍ସପ୍ରେସ୍‌ୱେଗୁଡ଼ିକରେ ଦୁର୍ଘଟଣା ଯୋଗୁ ୪୭୯୪୪ ଜଣଙ୍କର ମୃତ୍ୟୁ ଘଟିଥିଲା। ୨୦୨୦ରେ ସେହି ସଂଖ୍ୟା ୫୩୮୭୨ଥିଲା। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ଅନୁସାରେ ୨୦୨୨ରେ ଦେଶରେ ସବୁପ୍ରକାର ରାସ୍ତା ଦୁର୍ଘଟଣାରେ ୧.୬୪ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥିଲା। ଜାତୀୟ ରାଜପଥଗୁଡ଼ିକରେ ଦୁର୍ଘଟଣାର ପ୍ରଧାନ କାରଣ ହେଲା ଦ୍ରୁତଗତିରେ ଗାଡ଼ି ଚଳାଚଳ, ମଦ ପିଇ ଗାଡ଼ି ଚଲାଇବା, ଭୁଲ୍ ପଟେ ବା ରଙ୍ଗ୍ ସାଇଡ୍‌ରେ ଗାଡ଼ି ଚଳାଚଳ, ଯାନବାହନ ଡିଜାଇନରେ ତ୍ରୁଟି ଓ ଗାଡ଼ିଗୁଡ଼ିକର ଖରାପ ଅବସ୍ଥା, ରାସ୍ତା ନିର୍ମାଣରେ ବୈଷୟିକ ତ୍ରୁଟି ଏବଂ ମୋବାଇଲ ଫୋନ ବ୍ୟବହାର। ୨୦୨୨ରେ ଯେତିକି ଦୁର୍ଘଟଣା ଜନିତ ମୃତ୍ୟୁ ଘଟିଥିଲା ସେଥିରୁ ୭୦ ପ୍ରତିଶତ ଗାଡ଼ି ସ୍ପିଡ୍ ଅଧିକ ଥିବାରୁ ହୋଇଥିଲା। ରାଜପଥରେ ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଆଇନ ଉଲ୍ଲଂଘନକାରୀଙ୍କୁ ଦଣ୍ଡ ଦେବା ସକାଶେ ବୈଷୟିକ କୌଶଳର ଅଧିକ ବ୍ୟବହାର କରିବାକୁ ପଡ଼ିବ। ତଦ୍ୱାରା ଦୋଷୀ ଡ୍ରାଇଭରମାନଙ୍କର ତ୍ରୁଟିକୁ ତତ୍‌କ୍ଷଣାତ ଧରାଯାଇପାରିବ ଏବଂ ସେମାନଙ୍କ ପାଖକୁ ଚାଲାଣ ପଠାଇ ହେବ। ସଡ଼କ ଦୁର୍ଘଟଣା ପାଇଁ ଓଡ଼ିଶାରେ ଏହି ନୂଆ ସୂଚନା ଓ ସଙ୍କେତ ବ୍ୟବସ୍ଥା ଦୁର୍ଘଟଣା ହ୍ରାସ ସହ ସଚେତନତା ମଧ୍ୟ ସୃଷ୍ଟି କରିବ।

ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍),
ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,
ମୋ:୯୪୩୭୨୫୭୧୨୩

## ଏଇ ଭାରତରେ

ଶସ୍ୟ ଖୁଣ୍ଟା ପୋଡ଼ିଜନିତ ବାୟୁପ୍ରଦୂଷଣ ରୋକିବା ଲାଗି ବେଙ୍ଗାଲୁରୁର ସୁହାସ ବକ୍ସି ଓ ଅଶ୍ୱିନୀ ସାଭେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସେମାନେ ୨୦୨୦ରେ 'ବାୟୋଫୁଏଲ ସର୍କଲ' ଷ୍ଟାର୍ଟଅପ୍ ଗଠନ କରି କୃଷକମାନଙ୍କୁ ଶସ୍ୟବର୍ଜ୍ୟ ବିକ୍ରି କରିବାରେ ସାହାଯ୍ୟ କରିଆସୁଛନ୍ତି। ଏହା ଏକ ଅନ୍‌ଲାଇନ ମାର୍କେଟ ପ୍ଲେସ, ଯାହା ଗ୍ରାମାଞ୍ଚଳ କୃଷକଙ୍କୁ ଜୈବ ଇନ୍ଧନ, ଜୈବ ଖତ ଓ ଜୈବଗ୍ୟାସ୍ ଉତ୍ପାଦକଙ୍କ ସହ ସିଧା ଯୋଡ଼ିବାରେ ସହାୟକ ହୋଇଛି। ଏହି ଷ୍ଟାର୍ଟଅପ୍ ଦ୍ୱାରା ସୁହାସ ଓ ଅଶ୍ୱିନୀ ୧୫୦୦ କୃଷକଙ୍କୁ ଆର୍ଥିକ ଲାଭ ଦେଉଛନ୍ତି। କୃଷକମାନେ ସେମାନଙ୍କ ମଧ୍ୟରେ କୃଷକ ଉତ୍ପାଦକ ସଂଘ ଗଠନ କରି ଶସ୍ୟ ଅବଶେଷାଂଶ ସଂଗ୍ରହ କରି ତାହାକୁ ବିକ୍ରି କରୁଛନ୍ତି। ପାଖାପାଖି ୨ ଏକର ଜମି ଥିବା କୃଷକଟିଏ ଶସ୍ୟ ଅବଶେଷାଂଶ ବିକ୍ରି କରି ବର୍ଷକୁ ୧୦,୦୦୦ରୁ ୧୫,୦୦୦ ଟଙ୍କା ରୋଜଗାର କରିପାରୁଛନ୍ତି। ଏହି ଷ୍ଟାର୍ଟଅପ ପ୍ରଥମେ ମହାରାଷ୍ଟ୍ରରେ କାର୍ଯ୍ୟ ଆରମ୍ଭ କରିବା ପରେ ଏହାକୁ ଗୁଜରାଟ ଓ ତାମିଲନାଡୁକୁ ସମ୍ପ୍ରସାରିତ କରାଯାଇଛି ଓ ୨୦୨୧ରେ ୨୫,୦୦୦ ମେଟ୍ରିକ ଟନ୍ ଶସ୍ୟ ଅବଶେଷାଂଶ ସଂଗ୍ରହ ହୋଇଛି। ଏହା ଖୁବ୍ ଶୀଘ୍ର ଅନ୍ୟ ରାଜ୍ୟଗୁଡ଼ିକରେ ଆରମ୍ଭ କରାଯିବ ବୋଲି କହିଛନ୍ତି ସୁହାସ।

## ୨୫ ବର୍ଷ ତଳର ଧରିତ୍ରୀ

୭ ଜାନୁୟାରୀ ୧୯୯୮

- ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ରିଟିଶ ବୈଜ୍ଞାନିକ ମାଇକେଲ ଭି. ବେରୀ ଏବଂ ଇସ୍ରାଏଲ ବୈଜ୍ଞାନିକ ୟାକିର ଆହାରୋନୋଭଙ୍କୁ ଓଲଫ ପୁରସ୍କାର।
- ଜିମ୍ବାୱେର ରାଜଧାନୀ ହରାରେଠାରୁ ୨୫୦ କିମି ଦୂର ପୂର୍ବାଞ୍ଚଳରେ ଏକ ବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୬ ଜଣଙ୍କ ମୃତ୍ୟୁ।
- ଲକ୍ଷ୍ନୌଠାରୁ ୯୦ କିମି ଦୂର ମୋରାଦାବାଦ ଡିଭିଜନରେ ରହିଥିବା କାଶୀ ବିଶ୍ୱନାଥ ଏକ୍ସପ୍ରେସ୍ ଟ୍ରେନ୍‌କୁ ବରେଲୀ–ବାରାଣସି ପାସେଞ୍ଜର ଟ୍ରେନ ପଛପଟୁ ଧକ୍କା ଦେବା ଫଳରେ ୫୦ରୁ ଊର୍ଦ୍ଧ୍ୱ ଯାତ୍ରୀ ମୃତ।

## ପାଠକ ଶ୍ରେଷ୍ଠ ବିଚାରକ

### ମଦ ନିଷେଧ କରାଯାଉ

ମହାଶୟ,

ଦେବଦେବୀଙ୍କ ଲୀଳାଭୂମିର ଭାରତବର୍ଷ ହେଉଛି ଏକ ବିକାଶଶୀଳ ରାଷ୍ଟ୍ର। ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ପରେ ମଧ୍ୟ ଆମ ଦେଶ ବିକଶିତ ହୋଇପାରିଲା ନାହିଁ। କାରଣ ନାଗରିକମାନଙ୍କର ଏଥିପ୍ରତି ଦାୟିତ୍ୱ ଓ କର୍ତ୍ତୃତ୍ୱ ରହୁନାହିଁ। ଅଥଚ ପ୍ରତିବର୍ଷ ଡିସେମ୍ବର ୩୧ ଓ ଜାନୁୟାରୀ ୧ ଦିନ ଅର୍ଥାତ୍ ନୂଆବର୍ଷ ଅବସରରେ ଦେଶର ଅନେକ କୋଟି ଲୋକ ମଦ୍ୟପାନ କରି ହଜାର ହଜାର କୋଟି ଟଙ୍କା ଉଡାଇ ଦେଉଛନ୍ତି। ଏଥର ନୂଆବର୍ଷରେ କେବଳ ଉତ୍ତର ପ୍ରଦେଶ ନଏଡାରେ ମଦ୍ୟପମାନେ ମଦ୍ୟପାନରେ ପ୍ରାୟ ୯ କୋଟି ଟଙ୍କା ଉଡ଼ାଇ ଦେଇଥିବା ଜଣାପଡ଼ିଛି, ଯାହା ଘୋର ଲଜ୍ଜା ଓ ଉଦ୍‌ବେଗଜନକ। ଏମାନେ ସମ୍ଭବତଃ ମହା ବିଷୁବ ସଂକ୍ରାନ୍ତି କଥା ଭୁଲିଯାଇଛନ୍ତି। ସରକାର ମଦ ବିକ୍ରି କରାଇ ଦେଶବାସୀଙ୍କୁ ଦୁରାରୋଗ୍ୟ ବ୍ୟାଧିଗ୍ରସ୍ତ କରାଇବା ସହିତ ସେମାନଙ୍କୁ ଅକାଳ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି। ମଦ ଯୋଗୁ ପାରିବାରିକ ଓ ସାମାଜିକ ସ୍ତରରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏଣୁ ସମଗ୍ର ଦେଶରେ ମଦ ଉପରେ ନିଷେଧାଦେଶ ଜାରି କରାଯାଉ।

–ରାଇଚରଣ ବିଶ୍ୱାଳ, ସାମନ୍ତରାୟପୁର, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପଉଷ ଶୀତର ନିବିଡ଼ ବେଦନା ପରେ
ବସନ୍ତ କ୍ଷଣେ ବହିଥିଲା କେବେ ଥରେ,
କେବେ ଜୋଛନାର ସଲାଜ ପରଶେ
ପ୍ରାଣ ଉଠିଥିଲା ପୁଲକି ହରଷେ,
କେବେ କେଉଁ ଦିନ ଗୋଧୂଳି ଆଲୋକ ପରେ
ହଳିଆର ଗୀତ ଭାସି ଆସିଥିଲା ଖରେ।
–(ଲୋହିତ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଡେଲ୍‌ଏଟ୍‌ର ଓଡ଼ିଶା ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର,୬।୧(ବ୍ୟୁରୋ)

ବିଶ୍ୱସ୍ତରୀୟ ବହୁରାଷ୍ଟ୍ରୀୟ କମ୍ପାନୀ ଡେଲଏଟ୍‌ର କାପାବିଲିଟି ଅଫ୍ ଏନ୍‌ହାନ୍ସମେଣ୍ଟ(ସିଇସି) ଓଡ଼ିଶା ଶାଖା କାର୍ଯ୍ୟାଳୟ ସତ୍ୟନଗରସ୍ଥିତ ଇଣ୍ଟେଲିଜେଣ୍ଟ ସିଟି ଅପରେଶନ ମ୍ୟାନେଜମେଣ୍ଟ ସେଣ୍ଟର (ଆଇସିଓଏମ୍‌ସି) ଠାରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର କମ୍ପାନୀର ଏହି କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ଆଇଟି ମନ୍ତ୍ରୀ ତୁଷାର କାନ୍ତି ବେହେରା ଉପସ୍ଥିତ ଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଡେଲଏଟ୍‌କୁ ତା'ର କାର୍ଯ୍ୟାଳୟ ଖୋଲିବାକୁ ସରକାର ନିଜର ପ୍ରତିବଦ୍ଧତାକୁ ପୂରଣ କରିଛନ୍ତି। ଆଇଟି କ୍ଷେତ୍ରରେ ଯୁବଗୋଷ୍ଠୀଙ୍କୁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏହା ସହାୟତା କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି। ଏଥିସହିତ ରାଜ୍ୟରେ ଡେଲଏଟ୍‌ର ସମସ୍ତ ପ୍ରକାର ସମ୍ପ୍ରସାରଣ ଓ ଯୋଜନାକୁ ଯଥାସମ୍ଭବ ସହାୟତା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ପୂର୍ବ ଭାରତ ବିକାଶ ବିକଶିତ ଭାରତ ଗଠନରେ ସହାୟତା କରିବ। ଡେଲଏଟ୍ ଅନ୍ୟ ବୃହତ୍ କମ୍ପାନୀଗୁଡ଼ିକ ପାଇଁ ରାଜ୍ୟରେ ଏକ ରୋଲ୍‌ମଡେଲ ଭାବେ କାର୍ଯ୍ୟ କରିବ ବୋଲି ସେ ଆଶା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ବିଭାଗର ପରାମର୍ଶଦାତା ଅନୁଭବ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ, ବିଭାଗୀୟ ସଚିବ ମନୋଜ ମିଶ୍ର, ସ୍ମାର୍ଟସିଟି ଲିମିଟେଡର ଏମ୍‌ଡି ବଲୱନ୍ତ ସିଂ, ସ୍ମାର୍ଟସିଟିର ସିଇଓ ବିଜୟ କୁଲାଙ୍ଗେ, ଡେଲଏଟ୍ ଇଣ୍ଡିଆର ସିଇଓ ଏନ୍. ଭେଙ୍କଟରାମ, ଡେଲଏଟ୍ ସିଇଓ ଡେଜିଗନେଟ ରୋମାଲ ସେଟ୍ଟି ଏବଂ ଡେଲଏଟ୍ ପାର୍ଟନର ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡେଲଏଟ୍ ସେଣ୍ଟର ଖୋଲିବା ଫଳରେ ରାଜ୍ୟ ଅର୍ଥନୀତିକୁ ଏହା ବଳ ଯୋଗାଇବା ସହ ଯୁବତୀଯୁବକଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଚଳିତ ଆର୍ଥିକ ବର୍ଷରେ ୨୦୨୨ ମେ' ସୁଦ୍ଧା କମ୍ପାନୀ ବିଶ୍ୱସ୍ତରରେ ୫୯.୩ ବିଲିୟନ ଆମେରିକୀୟ ଡଲାର ରେକର୍ଡ ରାଜସ୍ୱ ଆଦାୟ କରିପାରିଛି। କମ୍ପାନୀର ୧୫୦ ଦେଶରେ ଥିବା ଶାଖାରେ କେବଳ ଭାରତୀୟ ପ୍ରଫେସନାଲମାନେ ୧ ଲକ୍ଷରୁ ଊର୍ଦ୍ଧ୍ୱ ନିଯୁକ୍ତ ହୋଇଛନ୍ତି। ଏହା ୧୭୫ ବର୍ଷ ପୁରାତନ ଓ ବିଶ୍ୱର ବୃହତ୍ ବୃତ୍ତିଗତ ସେବା ଫାର୍ମ। ଏହି କମ୍ପାନୀକୁ ବିଶ୍ୱର ବଳିଷ୍ଠ ଓ ଅତିମୂଲ୍ୟବାନ ବାଣିଜ୍ୟିକ ସେବା ସଂସ୍ଥା ଭାବେ ବ୍ରାଣ୍ଡ୍ ଫାଇନାନ୍ସ ସ୍ୱୀକୃତି ଦେଇଛି। ଡେଲଏଟ୍ ଭାରତରେ ୫୦ ନିୟୁତ ଲୋକଙ୍କୁ ଜୀବିକା ଯୋଗାଇ ଦେବା ନେଇ ପ୍ରତିବଦ୍ଧ। ବିଶେଷକରି ମହିଳା, ବାଳିକାଙ୍କ ଶିକ୍ଷା ଓ ଦକ୍ଷତା ବୃଦ୍ଧି କ୍ଷେତ୍ରରେ କମ୍ପାନୀ ପୁଞ୍ଜିନିବେଶ ଉପରେ ଗୁରୁତ୍ୱ ଦେଇ ଆସୁଛି।

ଠାଣେ, ମୁମ୍ବାଇ, ଗୁରୁଗ୍ରାମ ଏବଂ କୋଏମ୍ବାଟୁର ପରେ ଭୁବନେଶ୍ୱରରେ ଏହି ସେଣ୍ଟର ଖୋଲାଯାଇଛି। ଏହି କାର୍ଯ୍ୟାଳୟ ସବୁଠାରୁ ଶ୍ରେଷ୍ଠ ବୈଷୟିକ ଜ୍ଞାନକୌଶଳ ଏବଂ ବିଭିନ୍ନ ପ୍ରକାର ଦକ୍ଷ ମାନବ ସମ୍ବଳ ଯୋଗାଇବାରେ ସହାୟକ ହେବ। ଏହିକେନ୍ଦ୍ର ଆନାଲିଟିକ୍ସ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ଡିଜିଟାଇଜେଶନ, ମେଶିନ ଲର୍ନିଂ, କ୍ଲାଉଡ ଆଣ୍ଡ ସାଇବର ସିକ୍ୟୁରିଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଏଠାରେ ପ୍ରତି ଶିଫ୍ଟରେ ୫ଶହ ଲେଖାଏ ମୋଟ ୩ଟି ଶିଫ୍ଟରେ ୧୫ ଶହ କର୍ମଚାରୀ କାର୍ଯ୍ୟ କରିବେ। ଆଗକୁ ଏହି କୋଠାରେ ସ୍ମାର୍ଟସିଟି ଓ ବିଏମ୍‌ସି କାର୍ଯ୍ୟାଳୟ କାର୍ଯ୍ୟ କରିବ।



ଡେଲ୍‌ଏଟ୍ କାପାବିଲିଟି ଅଫ ଏନହାନ୍ସମେଣ୍ଟ କାର୍ଯ୍ୟାଳୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି। ନିକଟରେ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ଅନ୍ୟ ଅତିଥି।

# ନବମ, ଦଶମ ସମ୍ମେଟିଭ-୨ ପରୀକ୍ଷା ଫି' ଛାଡ଼ ହେବ

ଭୁବନେଶ୍ୱର,୬।୧(ବ୍ୟୁରୋ)

- ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପାଇଁ ଗଲା ଫାଇଲ
- କୋଭିଡ୍ ଲାଗି ଅଭିଭାବକଙ୍କ ଆର୍ଥିକ ସ୍ଥିତିକୁ ଦେଖି ନିଷ୍ପତ୍ତି
- ଏଥିଲାଗି ସରକାର ଖର୍ଚ୍ଚ କରିବେ ୩୦ କୋଟି ଟଙ୍କା

ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସମ୍ମେଟିଭ୍ ଆସେସ୍‌ମେଣ୍ଟ(ଏସ୍‌ଏ-୨) ପରୀକ୍ଷା ମାର୍ଚ୍ଚ ୧୦ରୁ ଆରମ୍ଭ ହୋଇ ୧୭ ତାରିଖରେ ସରିବ। ସେହିପରି ନବମ ସମ୍ମେଟିଭ-୨ ପରୀକ୍ଷା ଫେବୃୟାରୀ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ଚାଲିବ। ସମ୍ମେଟିଭ୍ ଆସେସ୍‌ମେଣ୍ଟ-୧ ପରି ଉଭୟ ସମ୍ମେଟିଭ-୨ ପରୀକ୍ଷା ପଦ୍ଧତି ସମାନ ରହିବ। ହେଲେ ଚଳିତ ବର୍ଷ ରାଜ୍ୟ ସରକାର ୯ମ ଓ ୧୦ମ ସମ୍ମେଟିଭ-୨ ପରୀକ୍ଷା ଫି' ଛାଡ଼ କରିବାକୁ ଯୋଜନା କରିଛନ୍ତି। ଏନେଇ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଚିଠି ହୋଇସାରିଥିବାବେଳେ କେବଳ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଅନୁମୋଦନ ବାକି ରହିଛି। ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ଖୁବ୍‌ଶୀଘ୍ର ଏନେଇ ଘୋଷଣା ହେବ ବୋଲି ସୂଚନା ମିଳିଛି।

ବୋର୍ଡ ପକ୍ଷରୁ ଦିଆଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି ଯେ, ୧୦ମ ସମ୍ମେଟିଭ୍-୧ ଓ ୨ ପାଇଁ ୪୨୦ ଟଙ୍କା ଲେଖାଏ ପରୀକ୍ଷା ଫି' ନିଆଯାଇଥାଏ। ସେହିପରି ନବମ ସମ୍ମେଟିଭ-୧ ଓ ୨ ଲାଗି ୧୫୦ ଟଙ୍କା ଲେଖାଏ ଆଦାୟ ହୋଇଥାଏ। ପରୀକ୍ଷା ପରିଚାଳନା ବାବଦ ଖର୍ଚ୍ଚ ଲାଗି ସରକାର ଏହି ଫି' ଛାତ୍ରୀଛାତ୍ରଙ୍କଠାରୁ ନେଇଥାନ୍ତି। ହେଲେ କୋଭିଡ୍ ଯୋଗୁ ଅଭିଭାବକଙ୍କ ସ୍ଥିତି ଭଲ ନ ଥିବାରୁ ରାଜ୍ୟ ସରକାର ଏହି ଫି' ଛାଡ଼ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଗୋଟିଏଥର ନବମ ଓ ଦଶମ ସମ୍ମେଟିଭ ପରୀକ୍ଷା ପରିଚାଳନା ଲାଗି ବୋର୍ଡ ୩୦ କୋଟି ଟଙ୍କାର ଫି' ଆଦାୟ କରିଥାଏ। ହେଲେ ଚଳିତ ବର୍ଷ ଏହି ଅର୍ଥ ସରକାର ବହନ କରିବାକୁ ନିଷ୍ପତ୍ତି ନେଇଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଦଶମ ସମ୍ମେଟିଭ-୧ରେ ହୋଇଥିବା ସମସ୍ତ ନୋଡାଲ ସେଣ୍ଟରରେ ସମ୍ମେଟିଭ୍-୨ ପରୀକ୍ଷା ହେବ। ଏଥିରେ କୌଣସି ପରିବର୍ତ୍ତନ ହେବନାହିଁ। ରାଜ୍ୟରେ ମୋଟ ୩୦୨୯ଟି ପରୀକ୍ଷା କେନ୍ଦ୍ରରେ ୫ ଲକ୍ଷ ୩୨ ହଜାର ୭୦୦ରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ପରୀକ୍ଷା ଦେବେ। ଫର୍ମ ପୂରଣ ଲାଗି ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। ଚଳିତବର୍ଷ ଦଶମ ସମ୍ମେଟିଭ-୧ ପରୀକ୍ଷା ଫଳ ଆସନ୍ତା ୧୦ଦିନ ମଧ୍ୟରେ ପ୍ରକାଶ ପାଇବ। ଯେଉଁମାନେ ସମ୍ମେଟିଭ-୧ ପରୀକ୍ଷା ଦେଇଛନ୍ତି ସେମାନେ ସମ୍ମେଟିଭ-୨ ପରୀକ୍ଷା ଦେଇପାରିବେ। ସମ୍ମେଟିଭ-୧ ପରୀକ୍ଷା ଦେଇ ନ ଥିବା ବିଦ୍ୟାର୍ଥୀମାନେ ମଧ୍ୟ ସମ୍ମେଟିଭ-୨ ପରୀକ୍ଷା ଦେଇପାରିବେ। ହେଲେ ସମ୍ମେଟିଭ-୧ର ମାର୍କ ସେମାନଙ୍କ ମାର୍କରୁ ବାଦ୍ ପଡିବ। ଉଭୟ ସମ୍ମେଟିଭ ପରୀକ୍ଷା ପଦ୍ଧତି ସମାନ ରହିବ।

# ୨୬,୭୨୨ ଏସ୍‌ଏଚ୍‌ଜିଙ୍କୁ ୧୦୦୧ କୋଟିର ଋଣ

ଭୁବନେଶ୍ୱର,୬।୧(ବ୍ୟୁରୋ)

**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମେଗା ଋଣ ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ**

- ଉପକୃତ ହେବେ ୨.୬୮ ଲକ୍ଷ ମହିଳା
- ୫ ମୋବାଇଲ ଭ୍ୟାନ୍-କମ୍-ଏଟିଏମ୍ ଲୋକାର୍ପିତ
- ଓଡ଼ିଶା ରୂପାନ୍ତରରେ ସାମିଲ ହେବା ପାଇଁ ବ୍ୟାଙ୍କର୍ସମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

ଓଡ଼ିଶାର ମିଶନ ଶକ୍ତି କାର୍ଯ୍ୟକ୍ରମରେ ଆରମ୍ଭ ହୋଇଛି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଏଥିରେ ସହଯୋଗର ହାତ ବଢ଼ାଇଛି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ। ଏହି ବ୍ୟାଙ୍କ ପକ୍ଷରୁ ରାଜ୍ୟର ୨୬,୭୨୨ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କ ପାଇଁ ୧୦୦୧ କୋଟି ଟଙ୍କାର ଋଣ ପ୍ରଦାନ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଶୁଭାରମ୍ଭ କରିଛନ୍ତି। ଏହାଦ୍ୱାରା ରାଜ୍ୟର ୨.୬୮ ଲକ୍ଷ ଏସ୍‌ଏଚ୍‌ଜି ସଦସ୍ୟା ଉପକୃତ ହେବେ। ଗୋଟିଏ ଦିନରେ କେବଳ ମା'ମାନଙ୍କ ପାଇଁ ଏତେ ବଡ଼ ଋଣ ପ୍ରଦାନ କାର୍ଯ୍ୟକ୍ରମ ପୂର୍ବରୁ କେବେ ହୋଇନାହିଁ। ଉପସ୍ଥିତ ଥିବା ୫ଟି ମିଶନ ଶକ୍ତି ଗୋଷ୍ଠୀକୁ ମୁଖ୍ୟମନ୍ତ୍ରୀ ୧୦ ଲକ୍ଷ ଲେଖା ଋଣ ପ୍ରଦାନ କରି କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ମିଶନ ଶକ୍ତି କାର୍ଯ୍ୟକ୍ରମରେ ସାମିଲ ହୋଇ ମହିଳା ସଶକ୍ତୀକରଣ କାର୍ଯ୍ୟକ୍ରମକୁ ଆଗେଇ ନେବା ଓ ଓଡ଼ିଶାର ରୂପାନ୍ତରରେ ଭାଗୀଦାର ହେବା ପାଇଁ ବ୍ୟାଙ୍କର୍ସମାନଙ୍କୁ ଆହ୍ୱାନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମା'ମାନଙ୍କୁ ସଶକ୍ତ କରିବାରେ ଓଡ଼ିଶା ଏକ ଆଗୁଆ ରାଜ୍ୟ। ଓଡ଼ିଶାର ଘରେ ଘରେ, ଗାଁ ଗାଁରେ ଆଜି ମିଶନ ଶକ୍ତି ତା'ର ଜୟଯାତ୍ରା ଜାରି ରଖିଛି। ଆଗାମୀ ଦିନରେ ଏହା ଆହୁରି ସଶକ୍ତ ହେବ ବୋଲି ସେ କହିଛନ୍ତି। ଜିଲାସ୍ତରୀୟ ଫେଡେରେଶନଗୁଡ଼ିକ ପାଇଁ ୧ କୋଟି ଏବଂ ବ୍ଲକସ୍ତରୀୟ ଫେଡେରେଶନ ପାଇଁ ୫୦ ଲକ୍ଷ ଟଙ୍କାର ରିଭଲଭିଂ ଫଣ୍ଡ୍ କରିବା ପାଇଁ ନିଷ୍ପତ୍ତି କରାଯାଇଛି। ଏହାସହିତ ମିଶନ ଶକ୍ତି ସଦସ୍ୟମାନଙ୍କୁ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଦେବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ମିଶନ ଶକ୍ତି କାର୍ଯ୍ୟକ୍ରମରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି। ମେକ୍-ଇନ୍-ଓଡ଼ିଶା କାର୍ଯ୍ୟକ୍ରମରେ ଏହା ସବୁଠାରୁ ଶ୍ରେଷ୍ଠ ପ୍ରଦର୍ଶନକାରୀ ବ୍ୟାଙ୍କ ଭାବେ ପୁରସ୍କାର ପାଇଛି ଏବଂ ମା'ମାନଙ୍କୁ ୧୦୦୧କୋଟି ଟଙ୍କାର ଋଣ ବ୍ୟବସ୍ଥା କରିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ଟି ବହୁମୁଖୀ ମୋବାଇଲ ଭ୍ୟାନ୍-କମ୍-ଏଟିଏମ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଗ୍ରାମାଞ୍ଚଳରେ ଆର୍ଥିକ ଅନ୍ତର୍ଭୁକ୍ତି କାର୍ଯ୍ୟକ୍ରମକୁ ଏହା ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଗ୍ରାମାଞ୍ଚଳରେ ବିଶେଷକରି ମହିଳାମାନଙ୍କୁ ଋଣ ପ୍ରଦାନ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଏଥିପାଇଁ ଗତ ୬ ବର୍ଷ ଧରି ଏହା ରାଜ୍ୟ ସରକାରଙ୍କଠାରୁ ଏକ୍ସିଲେନ୍ସ ଆୱାର୍ଡ ମଧ୍ୟ ପାଇଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି, ରାଜ୍ୟରେ ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଆଗକୁ ନେବା ପାଇଁ ହାରାହାରି ଋଣ ପରିମାଣ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ପାଇଁ ଉଦ୍ୟମ ଜାରି ରହିଛି। ଏଥିପାଇଁ ବ୍ୟାଙ୍କମାନେ ସହଯୋଗ କରିବାକୁ ସେ ପରାମର୍ଶ ଦେଇଥିଲେ। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ କହିଥିଲେ, ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ପାଇଁ ଆଜି ମିଶନ ଶକ୍ତି ଏକ ମହାଦ୍ରୁମରେ ପରିଣତ ହୋଇପାରିଛି। ମିଶନ ଶକ୍ତିର ସଦସ୍ୟମାନେ ଋଣ ପରିଶୋଧ କ୍ଷେତ୍ରରେ ବହୁତ ଆଗରେ ଅଛନ୍ତି। କାର୍ଯ୍ୟକ୍ରମରେ ଭାଗ ନେଇ ମିଶନ ଶକ୍ତି ବିଭାଗର କମିଶନର-ତଥା-ସଚିବ ସୁଜାତା କାର୍ତ୍ତିକେୟନ କହିଛନ୍ତି, ମିଶନ ଶକ୍ତି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବିଭିନ୍ନ କ୍ଷେତ୍ରରେ ଯୋଗଦାନ ରଖି ମା'ମାନେ ନିଜର ଉପସ୍ଥିତି ଓ ମର୍ଯ୍ୟାଦା ଜାହିର କରିବେ। ଏ କ୍ଷେତ୍ରରେ ଆଜି ଆମେ ଅନେକ ପରିମାଣରେ ସଫଳ ହୋଇଛୁ। ଦିନ ଥିଲା ମା'ମାନେ ବ୍ୟାଙ୍କ କ'ଣ ଜାଣି ନ ଥିଲେ। ବ୍ୟାଙ୍କକୁ ଯିବାକୁ ଡରୁଥିଲେ। କାରଣ ଏହା ଥିଲା ପୁରୁଷମାନଙ୍କ କ୍ଷେତ୍ର। ଆଜି ବ୍ୟାଙ୍କ ଗାଁ ଗାଁ, ଘର ଘର ବୁଲି ମା' ମାନଙ୍କୁ ଋଣ ଦେଉଛି। ଏହା ହେଉଛି ରୂପାନ୍ତର ବୋଲି ସେ କହିଥିଲେ। ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠାରେ ସ୍ୱୟଂ ମୁଖ୍ୟମନ୍ତ୍ରୀ ମିଶନ ଶକ୍ତି ଗୋଷ୍ଠୀକୁ ବ୍ୟାଙ୍କର୍ସମାନଙ୍କ ଋଣ ପ୍ରଦାନ କାର୍ଯ୍ୟକ୍ରମର ନିୟମିତ ସମୀକ୍ଷା କରନ୍ତି। ସେହିପରି ମିଶନ ଶକ୍ତିକୁ ଏକ ସ୍ୱତନ୍ତ୍ର ବିଭାଗ କରିବାରେ ଓଡ଼ିଶା ପ୍ରଥମ ରାଜ୍ୟ। ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ, ଯେଉଁଠାରେ ମା'ମାନଙ୍କୁ ୫ ବର୍ଷରେ ୫୦,୦୦୦ କୋଟି ଟଙ୍କାର ଋଣ ପ୍ରଦାନ କରାଯିବ ଓ ୧୨୦୦ କୋଟି ଟଙ୍କାର ସୁଧ ରିହାତି ଦିଆଯିବା ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ଅଧ୍ୟକ୍ଷ ମୋହନ ଏମ୍ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଜେନେରାଲ ମ୍ୟାନେଜର ବସନ୍ତ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଶୁଣାଣି ଶେଷ, ରାୟ ସଂରକ୍ଷିତ



ବର୍ଷା ପ୍ରିୟଦର୍ଶିନୀ

**ବର୍ଷା-ଅନୁଭବ ସୋସିଆଲ ମିଡିଆ ବିବାଦ ମାମଲା**

କଟକ ଅଫିସ,୬।୧

ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଓ ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତିଙ୍କ ମଧ୍ୟରେ ସୋସିଆଲ ମିଡିଆ ବିବାଦର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଥିଲା। ବିଚାରପତି ଏହାର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ବର୍ଷାଙ୍କ ପକ୍ଷରୁ ଏ ନେଇ ହାଇକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ଫଳରେ ହାଇକୋର୍ଟ ପିଟିଶନକୁ ଗ୍ରହଣ କରି ମାମଲାର ଶୁଣାଣି କରିଥିଲେ।

# ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଗଲା ବିଦାନୋଭଙ୍କ ଭିସେରା

ରାୟଗଡ଼ା, ୬।୧(ସ୍ୱ.ପ୍ର.)

**୨ ରୁଷୀୟ ପର୍ଯ୍ୟଟକଙ୍କ ମୃତ୍ୟୁ ମାମଲା**

- ସଂରକ୍ଷଣ କରାଯାଇନି ଆଣ୍ଟୋଭ ପାଭେଲଙ୍କ ଭିସେରା
- ଡମି ସିମୁଲେଶନ ପାଇଁ ଚାଲିଛି ପ୍ରସ୍ତୁତି

ରାୟଗଡ଼ା ସହରର ହୋଟେଲ ସାଇ ଇଣ୍ଟରନ୍ୟାଶନାଲରେ ରୁଷୀୟ ପର୍ଯ୍ୟଟକ ଭ୍ଲାଡିମିର ବିଦାନୋଭ ଓ ଆଣ୍ଟୋଭ ପାଭେଲଙ୍କ ମୃତ୍ୟୁ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଶୁକ୍ରବାର ଅଷ୍ଟମ ଦିନରେ ପହଞ୍ଚିଛି। କ୍ରାଇମବ୍ରାଞ୍ଚ ଅଧିକାରୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ପ୍ରଥମ ମୃତକ ଭ୍ଲାଡିମିର ବିଦାନୋଭଙ୍କ ଭିସେରା ସଂଗ୍ରହକରି ପରୀକ୍ଷଣ ପାଇଁ ଭୁବନେଶ୍ୱର ପଠାଇଛନ୍ତି। ଭୁବନେଶ୍ୱରସ୍ଥିତ ରାଜ୍ୟ ଫୋରେନ୍‌ସିକ ଲାବ୍‌ରେ ଉକ୍ତ ଭିସେରା ପରୀକ୍ଷା କରାଯିବ। ତେବେ ଦ୍ୱିତୀୟ ମୃତକ ତଥା ରୁଷୀୟ ଏମ୍‌ପି ଆଣ୍ଟୋଭ ପାଭେଲଙ୍କ ଭିସେରା ସଂରକ୍ଷଣ ହୋଇନାହିଁ। ଏହାକୁ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି।

ଶୁକ୍ରବାର ମଧ୍ୟ ୨ଭାଗରେ ବିଭକ୍ତ ହୋଇ କ୍ରାଇମବ୍ରାଞ୍ଚ ଅଧିକାରୀମାନେ ତଦନ୍ତ କରିଛନ୍ତି। ଡିଏସ୍‌ପି ତପନ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଭିସେରା ଗ୍ରହଣକରି ପଠାଇଥିଲେ। ସେହିଭଳି ଡିଏସ୍‌ପି ସରୋଜକାନ୍ତ ମହାନ୍ତଙ୍କ ନେତୃତ୍ୱରେ ଥିବା ଟିମ୍ ଗୁପ୍ତ ଭାବରେ କେଉଁଆଡ଼େ ଯାଇ ତଦନ୍ତ ଚଳାଇଛନ୍ତି। କ୍ରାଇମବ୍ରାଞ୍ଚର ଗୋଟିଏ ଟିମ୍ ଜିଲା ପୋଲିସ କାର୍ଯ୍ୟାଳୟକୁ ମଧ୍ୟ ଯାଇଥିଲା। ଏହା ବ୍ୟତୀତ ସିନ୍ ରିକ୍ରିଏଶନ୍ ପାଇଁ ମଧ୍ୟ ପ୍ରସ୍ତୁତି ଚାଲିଥିବା ସୂଚନା ମିଳିଛି। ମୁଖ୍ୟତଃ ଆଣ୍ଟୋଭ ପାଭେଲଙ୍କ ମୃତ୍ୟୁର ଆନୁମାନିକ କାରଣ ଜାଣିବା ପାଇଁ ଏହି ସିନ୍ ରିକ୍ରିଏସନ କରାଯିବ। ତେଣୁ ତଥ୍ୟ ଓ ଜବତ ସାମଗ୍ରୀରୁ ପରୀକ୍ଷଣ ରିପୋର୍ଟ ଆଧାରରେ ଏହି ରହସ୍ୟ ଉନ୍ମୋଚନ କରାଯିବ ବୋଲି ସୂଚନା ମିଳିଛି।

# ୨ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ, ଖଗେଶ୍ୱରଙ୍କ ସ୍ତ୍ରୀଙ୍କୁ ଜେରା

ଭୁବନେଶ୍ୱର, ୬।୧(ବ୍ୟୁରୋ)



ଅର୍ଚ୍ଚନାଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ



ଖଗେଶ୍ୱରଙ୍କ ସ୍ତ୍ରୀ



ଖଗେଶ୍ୱରଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ

**ଅର୍ଚ୍ଚନାଙ୍କ ବେଆଇନ ଅର୍ଥ କାରବାର ମାମଲା**

- ଅର୍ଚ୍ଚନା, ଜଗବନ୍ଧୁଙ୍କ ଦସ୍ତଖତ ନେଲା ପୋଲିସ
- ନୟାପଲ୍ଲୀ ମାମଲାରେ କେସ୍ ଡାଏରି ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ
- ମୋ ସ୍ୱାମୀ ନିର୍ଦ୍ଦୋଷ, ରାମଚନ୍ଦ୍ର : ଖଗେଶ୍ୱରଙ୍କ ସ୍ତ୍ରୀ

ବେଆଇନ ଅର୍ଥ କାରବାର ମାମଲାରେ ଚର୍ଚ୍ଚିତ ବ୍ଲାକ୍‌ମେଲର ଅର୍ଚ୍ଚନା ନାଗ ଓ ତାଙ୍କ ବ୍ୟବସାୟିକ ସହଯୋଗୀ ଖଗେଶ୍ୱର ପାତ୍ରଙ୍କ ୨ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କୁ ଶୁକ୍ରବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜେରା କରିଛି। ଆର୍ଥିକ କାରବାର ସଂକ୍ରାନ୍ତ ବିଭିନ୍ନ ଦିଗକୁ ନେଇ ଉଭୟଙ୍କୁ ବହୁ ପ୍ରଶ୍ନ ପଚାରି ତଥ୍ୟ ପାଇବାକୁ ଚେଷ୍ଟା କରିଥିଲେ ଅଧିକାରୀମାନେ। ହେଲେ କ'ଣ ମିଳିଲା ସେ ସମ୍ପର୍କରେ ଇଡି ପକ୍ଷରୁ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ୨ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଜେରା ହେବାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଅର୍ଚ୍ଚନା, ସ୍ୱାମୀ ଜଗବନ୍ଧୁ, ଖଗେଶ୍ୱର ଓ ଅନ୍ୟମାନଙ୍କଠାରୁ ଇଡି କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପାଇବା ପରେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ଅର୍ଚ୍ଚନାଙ୍କ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମନୋଜ ପ୍ରଧାନ କହିଛନ୍ତି, ୨୦୨୧ରେ ୧୦ ଲକ୍ଷ ଟଙ୍କାର ମୂଳଧନରେ ଅର୍ଚ୍ଚନା ଆଦିତ୍ୟ ପ୍ରେଷ୍ଟିଜ୍ ଆଗ୍ରୋ କମ୍ପାନୀ କରିଥିଲେ। କିନ୍ତୁ କିଛି କାରବାର ହୋଇ ନ ଥିଲା। ବର୍ତ୍ତମାନ ରେଜିଷ୍ଟ୍ରର ଅଫ୍ କମ୍ପାନୀ ଉକ୍ତ କମ୍ପାନୀକୁ ବନ୍ଦ କରିଦେଇଥିବା ସେ କହିଛନ୍ତି।

ଅପରପକ୍ଷରେ ଖଗେଶ୍ୱରଙ୍କ ସ୍ତ୍ରୀଙ୍କୁ ମଧ୍ୟ ଇଡି ଜେରା କରିଛି। ସ୍ୱାମୀଙ୍କ ପ୍ରସଙ୍ଗରେ ଇଡି ଅଧିକାରୀମାନେ ଗୁଡ଼ାଇ ତୁଡ଼ାଇ ପ୍ରଶ୍ନ ପଚାରିଥିଲେ ମଧ୍ୟ ସେ ବହୁକିଛି ଲୁଚାଇଥିବା କୁହାଯାଉଛି। ତେବେ ଏ ସମ୍ପର୍କରେ ସେ ଗଣମାଧ୍ୟମକୁ କହିଛନ୍ତି, ଯାହା କହିବା କଥା ଇଡିକୁ କହିସାରିଛି। ମୋ ସ୍ୱାମୀ ପୂରା ରାମଚନ୍ଦ୍ର ପରି ନିର୍ଦ୍ଦୋଷ। ଜଗବନ୍ଧୁ ହିଁ ମୋ ସ୍ୱାମୀଙ୍କୁ ଫସେଇଛନ୍ତି। କିଛି କଳାକାରବାର ନାହିଁ। ଆମର ରୋଜଗାର ଥିଲା, ମୋ ଶ୍ୱଶୁରଙ୍କର ମଧ୍ୟ ଅଜସ୍ର ସମ୍ପତ୍ତି ଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ସିନେ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ ଘଟଣାକୁ ନେଇ ନୟାପଲ୍ଲୀ ଥାନାରେ ହୋଇଥିବା ମାମଲାରେ ଅର୍ଚ୍ଚନାଙ୍କ ଜାମିନ ଆବେଦନର ଶୁଣାଣି ଶୁକ୍ରବାର ହାଇକୋର୍ଟରେ ହୋଇଥିଲା। ଜଷ୍ଟିସ୍ ବି. ନରସିଂ ଉକ୍ତ ବେଲ ପିଟିଶନ୍ (ନଂ.୩/୨୩)ର ଶୁଣାଣି କରି କେସ୍ ଡାଏରୀ ଦାଖଲ ପାଇଁ କମିଶନରେଟ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ଅର୍ଚ୍ଚନାଙ୍କ ପାଖରୁ ଖଣ୍ଡଗିରି ଥାନା ପୋଲିସ ଜବତ କରିଥିବା ୨ ଡାଏରୀରେ ଥିବା ଲେଖାକୁ ପ୍ରମାଣିତ କରିବା ପାଇଁ ପୋଲିସ ଝାରପଡ଼ା ଜେଲ ଯାଇ ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ଦସ୍ତଖତ ସଂଗ୍ରହ କରିଛି।

ଉଲ୍ଲେଖଯୋଗ୍ୟ, ସମ୍ପତ୍ତି କାହିଁକି ବାଜ୍ୟାପ୍ତ ନ ହେବ ଜଣାଇବାକୁ ଅର୍ଚ୍ଚନା, ଜଗବନ୍ଧୁ ଓ ଖଗେଶ୍ୱରଙ୍କୁ ଇଡି କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଆସନ୍ତା ୧୩ ତାରିଖରେ ଏନେଇ କୋର୍ଟରେ ଶୁଣାଣି ହେବାକୁ ଥିବାବେଳେ ଅଭିଯୁକ୍ତମାନେ ଏନେଇ ସେମାନଙ୍କ ପକ୍ଷ ରଖିବେ ବୋଲି ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାରୁ...

### ବିଦେଶୀ ବିଶ୍ୱବିଦ୍ୟାଳୟକୁ ...

ଭଳି ଭାରତୀୟ କ୍ୟାମ୍ପସରେ ମଧ୍ୟ ଶିକ୍ଷାର ମାନ ବଜାୟ ରଖିବେ। ବିଶ୍ୱର ଶୀର୍ଷ ୫୦୦ ବିଶ୍ୱବିଦ୍ୟାଳୟ ମଧ୍ୟରୁ ଭଲ ର୍‍ୟାଙ୍କରେ ରହୁଥିବା ୟୁନିଭର୍ସିଟିଗୁଡ଼ିକ ଭାରତରେ କ୍ୟାମ୍ପସ ପ୍ରତିଷ୍ଠା ପାଇଁ ଆବେଦନ କରିପାରିବେ। ଏହି ର୍‍ୟାଙ୍କରେ ଆସୁ ନ ଥିବା ବିଶ୍ୱବିଦ୍ୟାଳୟ ଭାରତରେ ପ୍ରବେଶ କରିବାକୁ ହେଲେ 'ଉଚ୍ଚ ପ୍ରତିଷ୍ଠିତ' ହେବାକୁ ପଡ଼ିବ ବୋଲି ଜଗଦୀଶ କୁମାର ସ୍ପଷ୍ଟ କରିଛନ୍ତି।

ଭାରତୀୟ ଛାତ୍ରୀଛାତ୍ରଙ୍କୁ ନିଜ ଦେଶରେ ଉଚ୍ଚମାନର ଅନ୍ତର୍ଜାତୀୟ ଶିକ୍ଷାଲାଭ ପାଇଁ ଅଧିକ ସୁଯୋଗ ପ୍ରଦାନ ଲକ୍ଷ୍ୟରେ 'ସେଟିଂ ଅପ୍ ଆଣ୍ଡ ଅପରେଶନ ଅଫ୍ କ୍ୟାମ୍ପସେସ୍ ଅଫ୍ ଫରେନ୍ ହାଇୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସ ଇନ୍ ଇଣ୍ଡିଆ' ଶୀର୍ଷକ ଡ୍ରାଫ୍ଟ ରେଗୁଲେଶନ୍ସ ପ୍ରଣୟନ କରାଯାଇଥିବା କୁହାଯାଇଛି। ଏହା ଉପରେ ଆସନ୍ତା ୧୮ ତାରିଖ ସୁଦ୍ଧା ସମସ୍ତ ପକ୍ଷଙ୍କ ମତାମତ ଲୋଡ଼ାଯାଇଛି। ମତାମତକୁ ଅନୁଧ୍ୟାନ କରିବା ପରେ ଚଳିତ ଜାନୁୟାରୀ ଶେଷ ସୁଦ୍ଧା ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯିବ। ଏହାଦ୍ୱାରା ଭାରତରେ ଉଚ୍ଚଶିକ୍ଷାକୁ ଏକ ନୂଆ ଦିଗ ମିଳିବା ସହ ଛାତ୍ରୀଛାତ୍ର ଉଚିତ ଖର୍ଚ୍ଚରେ ବିଦେଶୀ ଶିକ୍ଷାଗତ ଯୋଗ୍ୟତା ହାସଲ କରିପାରିବେ। ଫଳରେ ବୈଶ୍ୱିକ ଅଧ୍ୟୟନ ମାନଚିତ୍ରରେ ଭାରତ ଏକ ଆକର୍ଷଣୀୟ ଦେଶର ମାନ୍ୟତା ପାଇବାରେ ସକ୍ଷମ ହେବା ନେଇ ୟୁଜିସି ଚେୟାରମ୍ୟାନ୍ ଆଶାବାଦୀ। ବିଦେଶୀ ଉଚ୍ଚ ଶିକ୍ଷା ଅନୁଷ୍ଠାନ(ଏଫ୍‌ଏଚ୍‌ଇଆଇ)ଗୁଡ଼ିକୁ ନିଜ କ୍ୟାମ୍ପସରେ ନାମଲେଖା ପାଇଁ ସର୍ତ୍ତାବଳୀ ଏବଂ ଫିଜ୍ ଷ୍ଟ୍ରକ୍ଚର ସ୍ଥିର କରିବା ସମୟରେ ସ୍ୱଚ୍ଛତା ଆପଣାଇବାକୁ ସେ ପରାମର୍ଶ ଦେଇଛନ୍ତି।

ଆସନ୍ତା ୨ ବର୍ଷ ଭିତରେ ଭାରତରେ ପ୍ରଥମ ବିଦେଶୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବ। ନୂଆ ନିୟମାବଳୀ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ନୂଆଦିଲ୍ଲୀରେ ଅବସ୍ଥାପିତ ବିଭିନ୍ନ ଦେଶର ୫୫ ରାଷ୍ଟ୍ରଦୂତଙ୍କୁ ପତ୍ର ଲେଖାଯାଇଛି। ଏଫ୍‌ଏଚ୍‌ଇଆଇଗୁଡ଼ିକୁ ପ୍ରାରମ୍ଭିକ ଭାବେ ୧୦ ବର୍ଷ ପାଇଁ ଅନୁମତି ଦିଆଯିବ। ନବମ ବର୍ଷରେ ସେମାନେ କ୍ୟାମ୍ପସ ପରିଚାଳନା ଲାଗି ତାହାକୁ ନବୀକରଣ କରାଇବେ। ତେବେ ପାଠ୍ୟକ୍ରମରେ ଭାରତର ଜାତୀୟ ସ୍ୱାର୍ଥ କିମ୍ବା ଶିକ୍ଷାନୁଷ୍ଠାନଗୁଡ଼ିକର ମାନ ହ୍ରାସ ହେବା ଭଳି ବିଷୟ ନ ରଖିବାକୁ ଜଗଦୀଶ କୁମାର ପରାମର୍ଶ ଦେଇଛନ୍ତି। ଏଠାରୁ ସଂଗୃହୀତ ଅର୍ଥକୁ ନିଜ ଦେଶକୁ ନେବା ପାଇଁ ୧୯୯୯ରେ ପ୍ରଣୀତ ଫରେନ୍ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ (ବିଦେଶୀ ବିନିମୟ ପରିଚାଳନା ଆଇନ)କୁ ମାନି ଚଳିବାକୁ ପଡ଼ିବ। ଏଭଳି ଶିକ୍ଷାନୁଷ୍ଠାନରେ ଭାରତର ଆଣ୍ଟାଇ-ରାଗିଂ ଲ ଭଳି ସମସ୍ତ ଆଇନ ପ୍ରଯୁଜ୍ୟ ହେବ। ଭାରତ ଓ ବିଦେଶରୁ ମଧ୍ୟ ସେମାନେ ଫାକଲ୍ଟି ଓ ଅନ୍ୟ ଷ୍ଟାଫ୍ ଆଣିପାରିବେ। ଏସବୁର ଉଚିତ ଅନୁପାଳନ ହେଉଛି କି ନାହିଁ ତାହା ଜାଣିବା ପାଇଁ ୟୁଜିସି ଯେତେବେଳେ ଚାହିଁବ ନିଜ ପ୍ରତିନିଧିଙ୍କୁ କ୍ୟାମ୍ପସ୍ ପରିଦର୍ଶନ କରିବାକୁ ପଠାଇବ। ଏଥିସକାଶେ ଏକ ଷ୍ଟାଣ୍ଡିଂ କମିଟି ଗଠନ କରାଯିବ।

ଅନ୍ୟପକ୍ଷେ ଏହାକୁ ଶିକ୍ଷାବିତ୍ ମହଲରେ ବିରୋଧ କରାଯାଇଛି। କେନ୍ଦ୍ର ସରକାର ଶିକ୍ଷାରେ ସଂସ୍କାର ଆଣିବା ଆଳରେ ନେଉଥିବା ପଦକ୍ଷେପ ଦୁର୍ଭାଗ୍ୟଜନକ। ପାର୍ଲାମେଣ୍ଟରେ ବିଲ୍ ଆଣି ବିତର୍କ ପରେ ଏସବୁ କରାଯିବା କଥା। କିନ୍ତୁ ୟୁଜିସି ଜରିଆରେ ବିଦେଶୀ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ଭାରତରେ ପ୍ରବେଶ କରାଇବାର ଯଥାର୍ଥତା ନାହିଁ ବୋଲି ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ) ପ୍ରଫେସର ସୁରଜିତ ମଜୁମଦାର କହିଛନ୍ତି। ୨୦୧୨-୧୩ରେ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ଫରେନ୍ ୟୁନିଭର୍ସିଟିଜ୍ ବିଲ୍ ଆଣିଥିଲେ। ସେତେବେଳେ ଭାଜପା ଏହାକୁ ବିରୋଧ କରିବାରୁ ବିଧେୟକକୁ ରାଜ୍ୟ ସଭା ଷ୍ଟାଣ୍ଡିଂ କମିଟିକୁ ପଠାଇଦିଆଯାଇଥିଲା। ଏବେ ଭାଜପା ନେତୃତ୍ୱାଧୀନ ସରକାର ନିଜେ ସେହି ପନ୍ଥା ଆପଣାଇବା ଠିକ୍ ନୁହେଁ ବୋଲି ଦିଲ୍ଲୀ ବିଶ୍ୱବିଦ୍ୟାଳୟ ପ୍ରଫେସର ଆଭା ଦେବ ହବିବ କହିଛନ୍ତି।

### ବ୍ରିଟିଶମାନେ ଗଣିତରେ...

ତେବେ ସୁନକଙ୍କ ଯୋଜନା କାର୍ଯ୍ୟକାରୀ କରିବାରେ ବିଭିନ୍ନ ପ୍ରତିବନ୍ଧକ ରହିଛି। ପ୍ରଥମ ପ୍ରତିବନ୍ଧକ ହେଲା ଗଣିତ ଶିକ୍ଷକଙ୍କ ଅଭାବ। ଏକତୃତୀୟାଂଶ ଗଣିତ ଶିକ୍ଷକ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେବାର ୫ ବର୍ଷ ମଧ୍ୟରେ ଉକ୍ତ ପେସା ଛାଡ଼ିଦେଉଛନ୍ତି। ସ୍କୁଲ୍‌ଗୁଡ଼ିକ ଖର୍ଚ୍ଚକାଟ୍ କରୁଥିବାରୁ ଗଣିତ ଶିକ୍ଷକ ନିଯୁକ୍ତି ଦେବାରେ ପାଣ୍ଠି ମଧ୍ୟ ଏକ ସମସ୍ୟା। ୧୬ ବର୍ଷରୁ ଊର୍ଦ୍ଧ୍ୱ ପିଲାଙ୍କ ପାଇଁ ଗଣିତକୁ କିଭଳି ବାଧ୍ୟତାମୂଳକ ପାଠ୍ୟକ୍ରମ ଭାବେ ସାମିଲ କରାଯିବ, ସେ ନେଇ ସରକାର ନିର୍ଦ୍ଦିଷ୍ଟ ଯୋଜନା ପ୍ରସ୍ତୁତ କରି ନ ଥିବା ଜଣାପଡ଼ିଛି।

### ୨ ଛାତ୍ର ଗିରଫ, ଜଣେ...

ଭିତ୍ତିକରି ୬/୨୩ରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ଶୁକ୍ରବାର ଅଭିଯୁକ୍ତ କେ.ଲଛମନପଲ୍ଲୀ ଗ୍ରାମର ଦେବାଶିଷ ଓ କୈଳାସଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି। ଅନ୍ୟପକ୍ଷରେ ଏହି ରାଗିଂ ଘଟଣାକୁ ନେଇ ବୁଧବାର କଲେଜ ଶୃଙ୍ଖଳା କମିଟି ଓ ଆଣ୍ଟିରାଗିଂ ସେଲ୍ ପକ୍ଷରୁ ବୈଠକ ଡକାଯାଇ ସତ୍ୟାସତ୍ୟ ଅନୁଧ୍ୟାନ କରାଯାଇଥିଲା। କଲେଜ ପରିସରରେ ବିଶୃଙ୍ଖଳିତ ଆଚରଣ ଓ ଅଧ୍ୟୟନରତ ଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଛାତ୍ର ଦେବାଶିଷଙ୍କୁ ବହିଷ୍କାର ଲାଗି ନିଷ୍ପତ୍ତି ନିଆଯାଇଥିଲା। ତଦନୁଯାୟୀ ବୁଧବାର ସଂପୃକ୍ତ ଛାତ୍ରଙ୍କ ଠିକଣାରେ କଲେଜରୁ ବାଧ୍ୟତାମୂଳକ ଟିସି ରେଜିଷ୍ଟ୍ରି ଡାକ ଯୋଗେ ପଠାଇ ଦିଆଯାଇଥିବା କଲେଜ ଅଧ୍ୟକ୍ଷ ଡ. ଜୀବନାନନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଛାତ୍ର ଦେବାଶିଷଙ୍କ ବିଶୃଙ୍ଖଳିତ ଆଚରଣ ଲାଗି ପୂର୍ବରୁ ମଧ୍ୟ ବହୁବାର କଲେଜ କର୍ତ୍ତୃପକ୍ଷ ତାଗିଦ କରିଥିଲେ ବୋଲି ଜଣାପଡ଼ିଛି।

# ନବୀନ ଅନ୍ୟ ରାଜ୍ୟ ପାଇଁ ଆଦର୍ଶ



ବୈଠକରେ ଯୋଗଦେଇଥିବା ବିଜେଡି ନେତା ଓ କର୍ମକର୍ତ୍ତା।

**ଚଣ୍ଡିଖୋଲ,୬।୧(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ନୂତନ ଅସ୍ମିତା। ଆମ ଯୁବପିଢ଼ିଙ୍କ ଆଦର୍ଶ। ବିରୋଧୀମାନେ ସଦା ସର୍ବଦା ମିଥ୍ୟା କଥା କହି ଲୋକଙ୍କୁ ଭୁଆଁ ବୁଲାଇବା ବ୍ୟତୀତ କିଛି କରୁନାହାନ୍ତି। (ଭାଜପାର ନାଁ ନ ନେଇ) ଜନଧନ ଯୋଜନା କୁଆଡ଼େ ଗଲା। ବେକାରୀ ନିଯୁକ୍ତି କଥା କହି ଗୋଟିଏ ବି ନିଯୁକ୍ତି ଦେଇ ପାରିଲେ ନାହିଁ। ଆମେ ପୁରୁଷ ହକି ବିଶ୍ୱ କପ୍ ଆୟୋଜନ କରି ବିଶ୍ୱରେ ନୂତନ ପରିଚୟ ସୃଷ୍ଟି କରିଛୁ। ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିବାକୁ ଗଲାବେଳେ ସେମାନେ କହୁଛନ୍ତି, ନବୀନ ପଟ୍ଟନାୟକ ଆମମାନଙ୍କ ପାଇଁ ଆଦର୍ଶ। ଶୁକ୍ରବାର ବଡ଼ଚଣା ବିଜେଡିର ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁର ଜିଲା ବିଜେଡି ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ଅଶୋକ ପଣ୍ଡା ଏକଥା କହିଛନ୍ତି। ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରଠାରେ ବିଜେଡିର ୨୫ତମ ପ୍ରତିଷ୍ଠା ଦିବସ ପୂର୍ତ୍ତି ସମାରୋହ ପାଳିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଧାରଣ ସଭାରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ଜାତୀୟ ରାଜନୀତିରେ ବିଜେଡି ତା'ର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମହିଳାଙ୍କୁ ସଶକ୍ତ କରାଇ ମୁଖ୍ୟମନ୍ତ୍ରୀ ଦେଶରେ ସୁନାମ ଅର୍ଜନ କରିଛନ୍ତି ବୋଲି କହିଥିଲେ।

ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଅତିଥି ଭାବେ ଯୋଗଦେଇ କହିଥିଲେ, ସେ ବଲାଙ୍ଗୀର ଜିଲାରୁ ପ୍ରତିନିଧିତ୍ୱ କରୁଛନ୍ତି। ଦିନେ ଏହାକୁ କେବିକେ ଜିଲା ବୋଲି କହି ଲୋକେ ଅଟହସ୍ୟ କରୁଥିଲେ। ଏବେ ସେଠାରେ ମେଡିକାଲ କଲେଜ ପ୍ରତିଷ୍ଠା ହେଲାଣି। ଚାରି ଆଡ଼େ ଜଳସେଚନର ସୁବିଧା ହୋଇଛି। ଆଉ ସେ ଭୋକର ଭୂଗୋଳ ନାହିଁ। ଏହା ସମ୍ଭବ ହୋଇଛି କେବଳ ମୁଖ୍ୟମନ୍ତ୍ରୀଙ୍କ ଯୋଗୁ। ଅନ୍ୟତମ ଅତିଥି ଭାବେ ବିଜୁ ଛାତ୍ର ଜନତା ଦଳର ମହାସଚିବ ଇପ୍‌ସିତା ସାହୁ ଯୋଗଦେଇ ବଡ଼ଚଣାବାସୀଙ୍କ ଅକୁଣ୍ଠ ସମର୍ଥନ ବିଜୁ ଜନତା ଦଳ ସାଥିରେ ଅଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାସ ନନ୍ଦ, ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, ଶାରଦା ପ୍ରସନ୍ନ ମହାନ୍ତି, ଅମର ମହାନ୍ତି, ମିହିର କୁମାର ସ୍ୱାଇଁ, ସେକ୍ ମୋଇନ ଅହମ୍ମଦ ଓ ସରପଞ୍ଚ କିଶୋର ବେହୁରା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଅନନ୍ତ ମହାରଣା, ଅକ୍ଷୟ ଷେଣ୍ଢେ, ରତିକାନ୍ତ ସେଠୀ, ପିନାକୀ ପ୍ରସାଦ ଜେନା, ଭାବଗ୍ରାହୀ ବିଶ୍ୱାଳ, ଉଗ୍ରଶେନ ବିଶ୍ୱାଳ, ଅନନ୍ତ ସିଂହ, ସୁରେଶ ନାୟକ ଓ ପ୍ରତାପ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। ପୂର୍ବତନ ସରପଞ୍ଚ ଫନୀନ୍ଦ୍ର ନାଥ ପଣ୍ଡା ଓ ପୂର୍ବତନ ସମିତି ସଭ୍ୟ ଅମିୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ବଡ଼ଚଣା ବିଜେଡିର ପ୍ରତିଷ୍ଠା ଦିବସ

## ସଂକ୍ଷେପରେ

### ପୁରାତନ ସି.ଟି. ଛାତ୍ରଙ୍କ ବନ୍ଧୁମିଳନ

ପ୍ରୀତିପୁର,୬।୧(ଡି.ଏନ୍.ଏ.): ଆଞ୍ଚଳିକ ବଳଦେବଜୀଉ ସି.ଟି. ଟ୍ରେନିଂ ସ୍କୁଲ୍ ଅଳକୁଣ୍ଡର ୧୯୮୩ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ବରୁଣେଶ୍ୱର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ତଥା ବିଶିଷ୍ଟ ଔପନ୍ୟାସିକ ଜଗନ୍ନାଥ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ହାଡ଼ିବନ୍ଧୁ ରାଉତ୍ ସମ୍ମାନିତ ଅତିଥି ଓ ଶିକ୍ଷାବିତ୍ ରବିନାରାୟଣ ସାମଲ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପୂର୍ବତନ ଶିକ୍ଷକ ବିଷ୍ଣୁଚରଣ ନାୟକ, ଜଗନ୍ନାଥ ସାମଲ, ପ୍ରହ୍ଲାଦ ରଥ, ନରେନ୍ଦ୍ର କୁମାର ନାୟକ, ଚନ୍ଦ୍ରମଣି ନାୟକ, ସୁରେନ୍ଦ୍ର କୁମାର ନାୟକ ଓ ଉଦକର ଦାସଙ୍କୁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ସମେତ ଦିବଂଗତ ଛାତ୍ରୀଛାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ୪୦ ବର୍ଷ ବ୍ୟବଧାନପରେ ଏପରି ଏକ ବନ୍ଧୁମିଳନ ଅନେକ ସ୍ମୃତି ବହନ କରିବ ବୋଲି ଶିକ୍ଷକ ଓ ଛାତ୍ରୀଛାତ୍ର ମତବ୍ୟକ୍ତ କରିଥିଲେ। ସଭାର ବକ୍ତାମାନେ ପ୍ରତିଷ୍ଠାତା ସ୍ୱର୍ଗତ ଗୋଲଖ ଦାସଙ୍କ ପ୍ରତି କୃତଜ୍ଞତା ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ରୀଛାତ୍ର ଅର୍ଜୁନୀ ଚରଣ ଦାସ, ରବୀନ୍ଦ୍ର କୁମାର ଦାସ, ପ୍ରେମାନନ୍ଦ ମିଶ୍ର, ରବୀନ୍ଦ୍ର କୁମାର ସ୍ୱାଇଁ, ନିରଞ୍ଜନ ପରିଡ଼ା, ତାରାକାନ୍ତ ମହାନ୍ତି, ଶାନ୍ତିଲତା ପରିଡ଼ା, ଉର୍ବଶୀ ଦାଶ, ରଙ୍ଗଲତା ସାମଲ ଓ ସୁଷମାରାଣୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫୁଲ୍ଲ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

### ଦ୍ୱିତୀୟଥର ମା'ହେଲା ଧଳା ବାଘୁଣୀ ରୂପା

ବାରଙ୍ଗ,୬।୧(ଡି.ଏନ୍.ଏ.): ନୂଆ ବର୍ଷର ପ୍ରଥମ ସପ୍ତାହ ନନ୍ଦନକାନନ ପାଇଁ ଖୁସି ଖବର ଆଣିଛି। ଧଳା ବାଘୁଣୀ ରୂପା ଶୁକ୍ରବାର ମା' ହୋଇଛି। ନନ୍ଦନକାନନକୁ ନୂଆ ସଦସ୍ୟର ଆଗମନ ହୋଇଛି। ରୂପା ତା'ର ଦ୍ୱିତୀୟଗର୍ଭସ୍ଥ ସନ୍ତାନକୁ ଜନ୍ମଦେଇଛି। ବାଘୁଣୀ ରୂପା ଗର୍ଭଧାରଣ କରିଥିବାର ଜଣାପଡିବା ପରେ ନନ୍ଦନକାନନ କର୍ତ୍ତୃପକ୍ଷ ସଜାଗ ହୋଇଯାଇଥିଲେ। ଉପନିର୍ଦ୍ଦେଶକ ସଞ୍ଜିତ କୁମାରଙ୍କ ନିର୍ଦ୍ଦେଶ ମୁତାବକ ବନ୍ୟ ବିଭାଗ ଓ ଚିକିତ୍ସକମାନେ ରୂପା ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେଇ ରହୁଥିବା ୨୧ନଂ. ଏନକ୍ଲୋଜରରେ ଅଲଗା କରି ରଖିଥିଲେ। ଏହି ଏନ୍‌କ୍ଲୋଜରକୁ ସାଧାରଣ କର୍ମଚାରୀମାନଙ୍କ ଯାତାୟାତକୁ ବାରଣ କରାଯିବା ସହ ସିସି କ୍ୟାମେରା ଲଗାଯାଇ ରୂପାର ଗତିବିଧି ଉପରେ ଲକ୍ଷ୍ୟ ରଖାଯାଇଥିଲା। ଶେଷରେ ଶୁକ୍ରବାର ଅପରାହ୍ନରେ ଦୁଇଟି ଓ ସନ୍ଧ୍ୟାରେ ଗୋଟିଏ ଶାବକକୁ ଜନ୍ମଦେଇଥିଲା ରୂପା। ଜନ୍ମିତ ଶାବକ ସୁସ୍ଥ ଥିବାର ଜଣାପଡିଥିବାବେଳେ ଗୋଟିଏ ଧଳା ଓ ଦୁଇଟି ସାଧାରଣ ବାଘ ଶାବକ ବୋଲି ଅନୁମାନ କରାଯାଉଛି। ତେବେ ନବଜାତକଙ୍କୁ ମିଶାଇଲେ ନନ୍ଦକାନନରେ ବାଘ ସଂଖ୍ୟା ବୃଦ୍ଧିପାଇ ୨୮ରେ ପହଞ୍ଚିଛି। ଗତବର୍ଷ ସେପ୍ଟେମ୍ବର ୨୨ ଓ ୨୩ ରେ ସାଧାରଣ ମହାବଳ ଭାଇ ରାଜେଶ ସହ ଧଳାବାଘୁଣୀ ଭଉଣୀ ରୂପାର ମିଳନ ହୋଇଥିଲା। ତେବେ ଧଳାବାଘୁଣୀ ରୂପା ସହ ସାଧାରଣ ବାଘ ରାଜେଶର ମିଳନ ହୋଇ ୨୦୨୨ ମାର୍ଚ୍ଚରେ ରୂପା ପ୍ରଥମ ଗର୍ଭରୁ ୩ଟି ଶାବକ ଜନ୍ମ ଦେଇଥିଲା। ସାଧାରଣତଃ ଏହି ପ୍ରଜାତିର ବାଘ ୯୫ରୁ ୧୦୫ଦିନ ଗର୍ଭଧାରଣ କରି ବାଘୁଣୀ ଏକକାଳୀନ ୨ରୁ ୪ଟି ଶାବକ ଜନ୍ମ ଦେଇଥାନ୍ତି।



ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ଖାଦ୍ୟ ଅନ୍ୱେଷରେ ଗ୍ରାମାଭିମୁଖୀ ହୋଇଥିବା ଏକ ମାଙ୍କଡ଼କୁ ଜଣେ ବ୍ୟକ୍ତି ଖାଇବାକୁ ଦେଉଛନ୍ତି।

# ପଛିକୋଟ ପାକ୍ସ ଧାନମଣ୍ଡି ଉଦ୍‌ଘାଟିତ



ମଣ୍ଡି ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ଅତିଥି ଏବଂ ଚାଷୀ।

**ରଗଡ଼ି,୬।୧(ଡି.ଏନ୍.ଏ.)**

କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ ସମବାୟ ସମିତି ଧାନମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସମିତିର ସଭାପତି ରାଜେନ୍ଦ୍ର କୁମାର ରାଉତରାୟ ଓ ଉପସଭାପତି ଉଷାରାଣୀ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ଚାଷୀମାନଙ୍କଠାରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ବିଜୟ ପଲାଇ, ୧ ନଂ. ଜୋନ ଜିଲା ପରିଷଦ ସଭ୍ୟା ସସ୍ମିତା ତରେଇ, କର୍ପୋରେଟର ପଞ୍ଚାନନ ଆଚାର୍ଯ୍ୟ, ଦିଲୀପ କୁମାର ସ୍ୱାଇଁ, ତରଣୀ କୁମାର ପାତ୍ର, ବିଚିତ୍ର କୁମାର ରାଉତ, ଚୈତନ୍ୟ ବାରିକ, ପ୍ରହ୍ଲାଦ କର, ଅଜୟ ସ୍ୱାଇଁ ଉପସ୍ଥିତ ଥିଲେ।

# ମେଲାଣି ନେଲେ ଲକ୍ଷ୍ମୀନାରାୟଣ

**ରସୁଲପୁର,୬।୧(ଡି.ଏନ.ଏ.)**

୬୮ତମ କୁଆଖିଆ ଲକ୍ଷ୍ମୀନାରାୟଣ ପୂଜା ଉଦ୍‌ଯାପିତ ହେବାପରେ ଶୁକ୍ରବାର ସନ୍ଧ୍ୟାରେ ଲକ୍ଷ୍ମୀନାରାୟଣ ଯୁଗଳମୂର୍ତ୍ତି ମେଲାଣି ନେଇଛନ୍ତି। ଭକ୍ତଙ୍କ ଗହଣରେ ଏକ ବିରାଟ ପଟୁଆରେ ପ୍ରଭୁଙ୍କୁ ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱସ୍ଥ ଓରାଳି ପୁଷ୍କରିଣୀରେ ବିସର୍ଜନ କରାଯାଇଛି। ପୂଜା କମିଟି ପକ୍ଷରୁ ଭସାଣି ଯାତ୍ରାକୁ ଶାନ୍ତିଶୃଙ୍ଖଳାରେ ସହ ସମାପନ କରାଯାଇଛି। ଏନେଇ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଭସାଣ ଉତ୍ସବ ପୂର୍ବରୁ ଠାକୁରଙ୍କ ନିକଟରେ ସ୍ୱତନ୍ତ୍ର ପୂଜା ଅର୍ଚ୍ଚନା କରାଯାଇଥିଲା। ପୂଜା ନୀତି ସମ୍ପନ୍ନ ପରେ ଭସାଣପାଇଁ ପ୍ରସ୍ତୁତି କରାଯାଇଥିଲା। ଆତସବାଜୀ ସହ ଶିଙ୍ଘ, ଢୋଲ, ତେଲିଙ୍ଗି ବାଜା ବଜାଇ ପ୍ରଭୁଙ୍କୁ ନିଆଯାଇଥିଲା। ବିଦାୟୀ ଠାକୁରଙ୍କୁ ବଜାର ଅଞ୍ଚଳର ହରିପୁର, ମଧୁବନ ରୋଡ୍, ରାଜପଥର ଉଭୟ ପାର୍ଶ୍ୱରେ ପରିକ୍ରମା କରାଯାଇଥିଲା। ଶତାଧିକ ଶ୍ରଦ୍ଧାଳୁ ରାସ୍ତା ପାର୍ଶ୍ୱରେ ରୁଣ୍ଡ ହୋଇ ପ୍ରଭୁଙ୍କୁ ପୁଷ୍ପ ଅର୍ପଣ କରି ବିଦାୟ ଦେଇଥିଲେ। ଲକ୍ଷ୍ମୀନାରାୟଣ ପୂଜା କମିଟି ସଭାପତି ବନୋଜ ସ୍ୱାଇଁ, ସମ୍ପାଦକ ନାରାୟଣ ଚନ୍ଦ୍ର ମହାପାତ୍ର ଓ କମିଟିର ଅନ୍ୟ କାର୍ଯ୍ୟକର୍ତ୍ତା ଭସାଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଲକ୍ଷ୍ମୀ ନାରାୟଣଙ୍କୁ ମେଲାଣି ପାଇଁ ନିଆଯାଉଛି।

# କେରାବନ୍ଧୀ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଘାଟିତ

**ରଗଡ଼ି,୬।୧(ଡି.ଏନ୍.ଏ.)**

କୋରେଇ ବ୍ଲକ ଅନ୍ଧାରୀ ପଞ୍ଚାୟତର କୋରାବନ୍ଧୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ସରପଞ୍ଚ ରାଜେନ୍ଦ୍ର କୁମାର ରାଉତରାୟ, ସିଆରସିସି ହରେକୃଷ୍ଣ ସ୍ୱାଇଁ, ପରିଚାଳନା କମିଟି ସଭାପତି ରବୀନ୍ଦ୍ର ରାଉତ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ କାହ୍ନୁଚରଣ ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶିକ୍ଷକ ଭଗବାନ ସାହୁ, ବିଶ୍ୱନାଥ ପାଢ଼ୀ, ମଙ୍ଗୁଳି ଚରଣ ଖଟୁଆ, ପ୍ରଫୁଲ୍ଲ ଖଟୁଆ, ଜୟନ୍ତୀ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।

# ମହାବୀର ଏସ୍‌ଏଚ୍‌ଜି ଧାନମଣ୍ଡି ଉଦ୍‌ଘାଟିତ



ଧାନମଣ୍ଡି ଉଦ୍‌ଘାଟନୀ ସଭାରେ ଉପସ୍ଥିତ ଅତିଥି ଓ ମହିଳାମାନେ।

**କୋରେଇ,୬।୧(ଡି.ଏନ.ଏ.)**

କୋରେଇ ବ୍ଲକ ଅନ୍ତର୍ଗତ ବଡ଼ ବିରୁଆଁ ପଞ୍ଚାୟତ ସୋଲପଟା ଗ୍ରାମରେ ଶୁକ୍ରବାର ସରକାରୀ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ମହାବୀର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି) ପକ୍ଷରୁ ୫୫୧ ଜଣ ଚାଷୀଙ୍କ ପଞ୍ଜୀକରଣ କରାଯାଇ ସେମାନଙ୍କୁ ଟୋକନ ଦେବାର ବ୍ୟବସ୍ଥା କରାଯାଇଛି। ଚଳିତ ଧାନ ସଂଗ୍ରହ ବର୍ଷରେ ୫ ହଜାର କୁଇଣ୍ଟାଲ ଧାନ କିଣିବାକୁ ଧାର୍ଯ୍ୟ କରାଯାଇଛି। ଉଦ୍‌ଘାଟନୀ ଦିବସରେ ୬ ଜଣ ଚାଷୀ ୪୭୦ କୁଇଣ୍ଟାଲ ଧାନ ଦେଇଛନ୍ତି। ଜଣେ ଚାଷୀ ସର୍ବାଧିକ ୪୦ କୁଇଣ୍ଟାଲ ଧାନ ଦେଇପାରିବେ ବୋଲି ସଂଘର ସଭାନେତ୍ରୀ ଜୟଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ କୋରାଇ ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କୁମାର ଜେନା ସଭାପତିତ୍ୱ କରିଥିଲାବେଳେ ଚାଷୀ ପିନାକୀ ରଞ୍ଜନ ଦାସ ମୁଖ୍ୟଅତିଥି, ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପ୍ରମୋଦ କୁମାର ସାହୁ, ଚାଷୀ ନେତା ଯୋଗେନ୍ଦ୍ର ପାଣିଗ୍ରାହୀ, ବରିଷ୍ଠ ନାଗରିକ ବିନୋଦ ବିହାରୀ ସାହୁ, ଖମଣ ପଞ୍ଚାୟତର ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇଥିଲେ। ମହିଳା ଚାଷୀ ଲକ୍ଷ୍ମୀପ୍ରିୟା ପଣ୍ଡା, ତିଳୋତ୍ତମା ପାଳ, ବାସନ୍ତୀ ପାଳ, ଭାରତୀ ପଣ୍ଡା, ହେମଲତା ସାହୁ, ଜ୍ୟୋତି ଦାସ, ଶଶିରେଖା ସାହୁ, ଦମୟନ୍ତୀ ସାହୁ, ମାତନ ସାହୁ, ସରସ୍ୱତୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶଙ୍କର୍ଷଣ ସାହୁ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲାବେଳେ ସମ୍ପାଦିକା ଅର୍ଚ୍ଚନା ସାହୁ ଧନ୍ୟବାଦ ଦେଇଥିଲେ।

# ୨୦୧୯ ତୁଳନାରେ ୬୯,୫୮୩ ଭୋଟର ବଢ଼ିଛନ୍ତି

**ଯାଜପୁର ଅଫିସ,୬।୧**

ଯାଜପୁର ଜିଲାର ୨୦୨୩ ପାଇଁ ଚୂଡାନ୍ତ ଭୋଟର ତାଲିକା ଶୁକ୍ରବାର ପ୍ରକାଶ ପାଇଛି। ୨୦୧୯ ତୁଳନାରେ ଚଳିତବର୍ଷ ଭୋଟରଙ୍କ ସଂଖ୍ୟା ୬୯,୫୮୩ ବୃଦ୍ଧି ଘଟିଛି। ୨୦୧୯ରେ ୧୪,୪୩,୫୭୭ ଜଣ ଭୋଟର ରହିଥିଲାବେଳେ ଏଥର ୧୫,୧୩,୧୬୦ ଜଣ ରହିଛନ୍ତି। ଅନ୍ୟପକ୍ଷେ ୨୦୧୪ରେ ୧୩,୦୦,୭୪୫ ଜଣ ଭୋଟର ରହିଥିଲେ। ସମସ୍ତ ରାଜନୈତିକ ଦଳକୁ ନୂତନ ଭୋଟର ତାଲିକା ପ୍ରଦାନ କରାଯାଇଛି ଏବଂ ଚଳିତବର୍ଷ ଭୋଟର ସଚେତନତା କାର୍ଯ୍ୟକ୍ରମକୁ ଉତ୍ତମ ଭାବେ ପରିଚାଳନା କରାଯାଇଥିବାରୁ ପୂର୍ବବର୍ଷ ତୁଳନାରେ ବୃଦ୍ଧି ଘଟିଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳ ଗୋପୀନାଥ କୁଅଁର ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସମୟରେ ରାଜନୈତିକ ଦଳଗୁଡ଼ିକର ସହଯୋଗ ଏବଂ ସମନ୍ୱୟ ଯୋଗୁ ଏହି ତାଲିକା ପ୍ରକାଶ ହୋଇପାରିଛି ବୋଲି କହିଛନ୍ତି। ୨୦୨୩ ନିମନ୍ତେ ଭୋଟର ତାଲିକା ସଂଶୋଧନ ଫର୍ମ ୬ ମାଧ୍ୟମରେ ୫୧ ହଜାର ୩୪୪ ଜଣ ନୂତନ ଭାବେ ସାମିଲ ହୋଇଥିବାବେଳେ ୧୧ ହଜାର ୮୧୮ ଜଣ ତ୍ରୁଟି ସଂଶୋଧନ ନିମନ୍ତେ ଆବେଦନ କରିଥିଲେ। ଜିଲାର ୭ ନିର୍ବାଚନ ମଣ୍ଡଳୀରେ ୭,୮୧,୮୧୬ ଜଣ ପୁରୁଷ, ୭,୩୧,୨୭୯ ଜଣ ମହିଳା ଓ ୬୫ ଜଣ ଅନ୍ୟାନ୍ୟ ବର୍ଗର ଭୋଟର ରହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାଜପା ପକ୍ଷରୁ ସୁଦୀପ୍ତ ପଣ୍ଡା, ବିଜେଡି ପକ୍ଷରୁ ରଶ୍ମିରଞ୍ଜନ ରାଉତରାୟ, ସିପିଆଇ(ଏମ୍) ପକ୍ଷରୁ ମଳୟ ପଣ୍ଡା, ସିପିଆଇ ପକ୍ଷରୁ ପ୍ରଫୁଲ୍ଲ ନାୟକ, ବିଏସ୍‌ପି ପକ୍ଷରୁ ମନୋଜ ଜେନା, ନିର୍ବାଚନ ପଞ୍ଜୀକରଣ ବିଭାଗର ବରିଷ୍ଠ ରାଜସ୍ୱ ସହାୟକ ବସନ୍ତ କୁମାର ସାହୁ ଏବଂ ଅଜୟ କୁମାର ମହାପାତ୍ର ମଧ୍ୟ ଉପସ୍ଥିତ ଥିଲେ। ଡେପୁଟି କଲେକ୍ଟର ପ୍ରଜ୍ଞା ହୋତା ଧନ୍ୟବାଦ ଅର୍ପଣ କରିଥିଲେ।



ଉପଜିଲାପାଳ ନୂତନ ଭୋଟର ତାଲିକା ପ୍ରଦର୍ଶନ କରୁଛନ୍ତି।

# ଖରସ୍ରୋତା ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା

**ସିଂହପୁର, ୬।୧(ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁରସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ୪୪ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହା ଗୁରୁବାର ଉଦ୍‌ଘାଟିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ସତ୍ୟବ୍ରତ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଞ୍ଝାରପୁର ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା ଦାସ, ମୁଖ୍ୟବକ୍ତା ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ସାହୁ, ଛାତ୍ର ସଂସଦ ସଭାପତି ଡ. ସୁବାସ ଚନ୍ଦ୍ର ସାହୁ, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ସାମଲ, ମୀନକେତନ ତ୍ରିପାଠୀ, ଅଧ୍ୟାପିକା ରୁପାଲୀ ମହାରଣା, ପୁଷ୍ପଲତା ଜେନା, ଜଳଧର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଦିଲୀପ ଜେନା ଓ ଶକ୍ତି ବେହେରା ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ଅରୁଣ ସାମଲ, ଅମ୍ବିକା ଜେନା, ପଦ୍ମନାଭ ବେହେରା, ଉମେଷ ଜେନା, କମଳ ସେଠୀ, ଉପେନ୍ଦ୍ର ସାମଲ ପ୍ରମୁଖ ସହଯୋଗ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ହକି ବିଶ୍ୱ କପ୍‌ର ପ୍ରଚାର ଓ ପ୍ରସାର ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା।




କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# ପଞ୍ଚାୟତସ୍ତରୀୟ କ୍ରୀଡ଼ା, ଭୋଟକା ଚାମ୍ପିୟନ

**ରସୁଲପୁର,୬।୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କବାଡ଼ି ପ୍ରତିଯୋଗିତାରେ ଭୋଟକା ଦଳ ବଡ଼ରମ୍ଭେଇ ଦଳକୁ ହରାଇ ଚାମ୍ପିୟନ ହୋଇଛି। ଏଠାରେ ଅନୁଷ୍ଠିତ ଏକ ଦିବସୀୟ କ୍ରୀଡ଼ା ପ୍ରତିଯୋଗିତାରେ ପଞ୍ଚାୟତର ବିଲିପଡ଼ା, ଭୋଟକା, ଇଚ୍ଛାପୁର, ବଡ଼ରମ୍ଭେଇ ଓ ଅରଡ଼ା ଗ୍ରାମର ଦଳ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରୁ ବଡ଼ରମ୍ଭେଇ ଓ ଭୋଟକା ବି ଦଳ ଉନ୍ନତ କ୍ରୀଡ଼ା ପଦର୍ଶନ କରି ସେମି ଫାଇନାଲ ଖେଳିବାକୁ ଉନ୍ନୀତ ହୋଇଥିଲେ। ଅପର ପକ୍ଷରୁ ଭୋଟକା ଦଳ ଉନ୍ନତ ଖେଳ ପ୍ରଦର୍ଶନ କରି ଉନ୍ନତ ପଏଣ୍ଟ ଜରିଆରେ ଫାଇନାଲ ଖେଳିବାକୁ ମନୋନୀତ ହୋଇଥିଲା। ଫାଇନାଲ ମ୍ୟାଚ୍ ବଡ଼ରମ୍ଭେଇ ଓ ଭୋଟକା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଭୋଟକା ଦଳ ବଡ଼ ରମ୍ଭେଇକୁ ୨୯-୧୮ ପଏଣ୍ଟ ବ୍ୟବଧାନରେ ପରାସ୍ତ କରିଥିଲା।

ବିଡିଓ ଅବନିକାନ୍ତ ସାହୁ ଅତିଥି ଭାବରେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଶିକ୍ଷାବିତ୍ ବିନୋଦ ବିହାରୀ ବେହେରା ମୁଖ୍ୟ ଅତିଥି ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ, ସମିତିସଭ୍ୟ ରଞ୍ଜିତ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନସ କୁମାର ରାଉତ, ଗ୍ରାମ ରୋଜଗାର ସେବକ ପ୍ରଶାନ୍ତ କୁମାର ଘଡ଼େଇ, ଖେଳ ଶିକ୍ଷକ ନବଘନ ସାହୁ, ହେମନ୍ତ କୁମାର ନାୟକ ପ୍ରମୁଖ ଖେଳ ପରିଚାଳନା କରିଥିଲେ। ଉକ୍ତ ଖେଳରୁ ୧୭ ଖେଳାଳିଙ୍କୁ ମନୋନୀତ କରାଯାଇଛି। ସେମାନଙ୍କୁ ନେଇ ୨ଦିନ ପ୍ରଶିକ୍ଷଣ ପ୍ରଦାନ କରାଯିବ। ୯ତାରିଖରେ ଭୋଟକା ପଞ୍ଚାୟତ ଦଳ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବ ବୋଲି ପଞ୍ଚାୟତ ପକ୍ଷରୁ ସୂଚନା ଦିଆଯାଇଛି। ପଞ୍ଚାୟତର ୱାର୍ଡସଭ୍ୟାସଭ୍ୟ, ଅଙ୍ଗନୱାଡ଼ି କର୍ମୀ, ଏମ୍‌ବିକେ, ସିଆରପି ଓ ଆଶାକର୍ମୀମାନେ ଅଂଶଗ୍ରହଣ କରି ଖେଳ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## ସଂକ୍ଷେପରେ

### ବିଦ୍ୟୁତ୍ ଶର୍ଟ ସର୍କିଟରୁ ୫ ବଖରା ପୋଡ଼ିଗଲା

ରାଜନଗର, ୬।୧(ଡି.ଏନ.ଏ.): ରାଜନଗର ବ୍ଲକ ହାତିନା ଗାଁରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ନିଆଁଲାଗି ୫ ବଖରା ଘର ପୋଡି ପାଉଁଶ ହୋଇଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥିଲା। ନିଆଁର ବେଗ ଏତେ ପ୍ରଖର ଥିଲା ଯେ, ମାତ୍ର କେଇ ମିନିଟ୍ ଭିତରେ ୫ ବଖରା ଘର ସହ ସମସ୍ତ ଆସବାବ ପତ୍ର, ଧାନ ଚାଉଳ, ସୁନା, ରୁପା ଓ ନଗଦ ୩୭ ହଜାର ଟଙ୍କା ପୋଡିଯାଇଛି। ଗ୍ରାମବାସୀଙ୍କ ଉଦ୍ୟମ ସତ୍ତ୍ୱେ କୌଣସି ସାମଗ୍ରୀ ଉଦ୍ଧାର କରାଯାଇ ପାରି ନ ଥିଲା। ହାତିନା ଗାଁର ପଞ୍ଚାନନ ରାଉତ ଓ ପ୍ରଦୀପ ରାଉତଙ୍କ ପରିବାରର ୭ ଜଣ ସଦସ୍ୟଙ୍କ ପିନ୍ଧା ଲୁଗା ବ୍ୟତୀତ କୌଣସି ସାମଗ୍ରୀ ଉଦ୍ଧାର କରାଯାଇ ପାରିନାହିଁ। ଅଗ୍ନିକାଣ୍ଡ ପରେ ବିପନ୍ନ ପରିବାର ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ସରପଞ୍ଚ ସମୀର ସେଠୀ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ରଞ୍ଜନ ସାମଲ ବିପନ୍ନ ପରିବାର ନିକଟରେ ପହଞ୍ଚି ଶୀତବସ୍ତ୍ର, ପିନ୍ଧିବା ପାଇଁ ଲୁଗା, ରାନ୍ଧିବା ପାଇଁ ବାସନ ଯୋଗାଇ ଦେଇଛନ୍ତି। ୩ଦିନ ପାଇଁ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ ବୋଲି ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ବିପନ୍ନ ପରିବାରଙ୍କୁ ପାଲ ଯୋଗାଇ ଦେଇଛନ୍ତି।

### ବନମାଳୀ ବ୍ରହ୍ମଚାରୀ ମଡେଲ୍ ହାଇସ୍କୁଲର ୭୫ ବର୍ଷ ପୂର୍ତ୍ତି ପାଳନ

ଡେରାବିଶ,୬।୧(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଧୀନ ଦାନପୁର ପଞ୍ଚାୟତ ଦୋହଳିସ୍ଥିତ ବନମାଳୀ ବ୍ରହ୍ମଚାରୀ ମଡ଼େଲ ହାଇସ୍କୁଲ ୧୯୪୫ ମସିହାରେ ସ୍ଥାପିତ ହୋଇଥିଲା। ଏହି ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ୭୫ ବର୍ଷ ପୂର୍ତ୍ତି ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏହି ଅବସରରେ ଶୁକ୍ରବାର ବିଦ୍ୟାଳୟ ପରିସରରେ ଛାତ୍ର ସଂସଦ ପକ୍ଷରୁ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ସଂସଦର ସଭାପତି ବିଧୁଭୂଷଣ ମହାନ୍ତି ସମ୍ମିଳନୀରେ ଅଧକ୍ଷତା କରି କରୋନା ଯୋଗୁ ୨୦୨୦ରେ ହେବାକୁ ଥିବା ୭୫ ବର୍ଷ ପୂର୍ତ୍ତି ପାଳନ ହୋଇ ପାରି ନ ଥିଲା ବୋଲି କହିଥିଲେ। ତେବେ ଏହି ପୂର୍ତ୍ତି ଉତ୍ସବ ଚଳିତବର୍ଷ ଜାନୁୟାରୀ ୯ ଓ ୧୦ ତାରିଖରେ ପାଳନ ହେବ। ଏହି ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଡ. ଗଣେଶୀ ଲାଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ମହାନ୍ତି କହିଥିଲେ। ଉତ୍ସବରେ ବିଦ୍ୟାଳୟର ପଢିଥିବା ସମସ୍ତ ପୁରାତନ ପିଲାଙ୍କୁ ଏକାଠି କରାଯିବ। ଏଥିରେ ଛାତ୍ର ସଂସଦର ସମ୍ପାଦକ ନାରାୟଣ ଚକ୍ରବର୍ତ୍ତୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆରତୀବାଳା ରଥଙ୍କ ସମେତ ପୁରାତନ ଛାତ୍ରମାନେ ଉପସ୍ଥିତ ଥିଲେ।

# ଅଶ୍ରୁଖୋଳାର ପୁନରୁଦ୍ଧାର ହେଉନି, ଜଳ ସଙ୍କଟ ଆଶଙ୍କା

ପାଟକୁରା, ୬।୧ (ଡି.ଏନ.ଏ.)


ଅଶ୍ରୁଖୋଳା ଜଳାଶୟ ଦଳ ଓ ଖାସ ବଣରେ ପରିଣତ ହୋଇଛି।


ଅଶ୍ରୁଖୋଳା ଉନ୍ନୟନ ପରିଷଦ ବୈଠକରେ ଉପସ୍ଥିତ ସଦସ୍ୟମାନେ।

■ ଡ୍ରେନେଜ୍ ବିଭାଗର ଟାଳଟୁଳ ନୀତି
■ ଜନ ଆନ୍ଦୋଳନ ପାଇଁ ଅଞ୍ଚଳବାସୀଙ୍କ ସଜବାଜ

କଟକ ସଦର, ପାଟକୁରା ଓ ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଦେଇ ଅଶ୍ରୁଖୋଳା ନାମକ ଏକ ପ୍ରାକୃତିକ ଜଳାଶୟ ପୁରାତନ କାଳରୁ ପ୍ରବାହିତ ହେଉଥିବା ଦେଖାଯାଏ। ପୁରାତନ କାଳରେ ଯେତେବେଳେ ଗାଁ ଗଣ୍ଡାରେ କୂଅ, ପୋଖରୀ ଓ ନଳକୂପ ନ ଥିଲା, ସେତେବେଳେ ଏହି ଅଶ୍ରୁଖୋଳାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକେ ଦୈନନ୍ଦିନ ନିତ୍ୟକର୍ମ, ଗାଧୋଇବା, ପାନୀୟ ଜଳ ଭାବେ ବ୍ୟବହାର କରିବା, ଶୁଦ୍ଧି କ୍ରିୟାକର୍ମଠାରୁ ଆରମ୍ଭ କରି ଲୁଗା ସଫା କରିବା, ଟେଣ୍ଡା ସାହାଯ୍ୟରେ ଜମିକୁ ପାଣି ମଡ଼ାଇ ଚାଷ କରିବା, ଗୃହପାଳିତ ଗାଈ, ମଇଁଷି ଆଦିଙ୍କୁ ଗାଧୋଇ ଦେବା ଆଦି କାର୍ଯ୍ୟ ଏଠାରେ କରାଯାଉଥିଲା। ବର୍ତ୍ତମାନ ଏହି ଅଶ୍ରୁଖୋଳା ଦଳ ସହ ପଙ୍କରେ ପରିପୂର୍ଣ୍ଣ ହୋଇଯାଇଛି। ଫଳରେ ଏହାର ପାଣି ବିଷାକ୍ତ ହୋଇଯିବା ସହ ଦଳ ଯୋଗୁ ମଶା, ବିଷଧର ସାପଙ୍କ ବାସସ୍ଥଳି ପାଲଟିଛି। ଏହାର ପାଣି ବିଷାକ୍ତ ହୋଇଯିବା ଫଳରେ ମାଛ ମରିଯାଉଥିବା ବେଳେ ଗାଧୋଇଲେ ଦେହ ହାତ ସବୁ ଫଳି ଯାଉଛି। ମହାନଦୀରେ ଖରାଦିନେ ପାଣି ଆସୁ ନ ଥିବାରୁ ଶୁଖିଲା ପଡୁଛି। ତେଣୁ ଅଶ୍ରୁଖୋଳାର ଦଳ ସମ୍ପୂର୍ଣ୍ଣ ଭାବେ ସଫେଇ ଓ ଏହାର ପଙ୍କ ଉଦ୍ଧାର କରା ନ ଗଲେ ନଳକୂପର ଜଳସ୍ତର କମି ଯାଉଥିବାରୁ ନିକଟ ଭବିଷ୍ୟତରେ ସ୍ଥାନୀୟ ଅଞ୍ଚଳରେ ଜଳ ସଙ୍କଟ ଦେଖାଦେବାର ଯଥେଷ୍ଟ ଆଶଙ୍କା ପ୍ରକାଶ ପାଇଛି। ଏସବୁକୁ ଦୃଷ୍ଟିରେ ରଖି କଟକ ସଦର, ପାଟକୁରା ଓ ମହାକାଳପଡ଼ା ନିର୍ବାଚନମଣ୍ଡଳୀର ହଜାର ହଜାର ଲୋକ ଏକାଠି ହୋଇ ପ୍ରାୟ ୨ ବର୍ଷରୁ ଊର୍ଦ୍ଧ୍ୱ ହେଲା ଅଶ୍ରୁଖୋଳାର ପୁନରୁଦ୍ଧାର ପାଇଁ ଦାବି କରିଆସୁଛନ୍ତି। ଏହିସବୁ ଅଞ୍ଚଳର ସାଧାରଣ ଲୋକ, ବୁଦ୍ଧିଜୀବୀ ଓ ଜନ ପ୍ରତିନିଧିମାନେ ଏଥିରେ ସାମିଲ ହୋଇଛନ୍ତି। ଅଶ୍ରୁଖୋଳା ଆମ ଜୀବନ ଧାରା, ଏହାର ପୁନରୁଦ୍ଧାର ଏକାନ୍ତ ଆବଶ୍ୟକ। ଅଞ୍ଚଳର ଉତ୍ସାହୀ ଯୁବକ, ଜନପ୍ରତିନିଧି, ବୁଦ୍ଧିଜୀବୀଙ୍କୁ ନେଇ ଅଶ୍ରୁଖୋଳା ଉନ୍ନୟନ ପରିଷଦ ନାମରେ ଏକ ସଙ୍ଗଠନ ମଧ୍ୟ ଗଢ଼ି ଉଠିଛି। ଜିଲା ପ୍ରଶାସନ, ୩ ବିଧାୟକ, ୨ ଏମ୍‌ପି, ଜଳ ନିକାସ ବିଭାଗ, ଜଳ ସମ୍ପଦ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ, ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଦୃଷ୍ଟିକୁ ଅଣାଯାଇଥିଲା। ଫଳରେ ଏହାର ପୁନରୁଦ୍ଧାର ପାଇଁ ଜଳ ନିକାସ ବିଭାଗର ବରିଷ୍ଠ ଯନ୍ତ୍ରୀମାନେ ଏକାଧିକ ଥର କ୍ଷେତ୍ର ପରିଦର୍ଶନ କରି ଏଥିପାଇଁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଥିଲେ। ଫଳରେ ଅଶ୍ରୁଖୋଳାର ପୁନରୁଦ୍ଧାର ପାଇଁ ୨୪ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି କେନ୍ଦ୍ର ଜଳ ସମ୍ପଦ ବିଭାଗ ପକ୍ଷରୁ ୪୫ କୋଟି ମଞ୍ଜୁର କରାଯାଇଥିବାବେଳେ ଡ୍ରେନେଜ ବିଭାଗ ଏହାକୁ କାର୍ଯ୍ୟକାରୀ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛି। ଏଥିଯୋଗୁ ୩ଟି ନିର୍ବାଚନମଣ୍ଡଳୀର ଲୋକଙ୍କୁ ଜଳ ସଙ୍କଟ ଆଡ଼କୁ ଠେଲି ଦିଆଯାଉଛି।

ଏସବୁକୁ ଦେଖି ଅଶ୍ରୁଖୋଳା ଉନ୍ନୟନ ପରିଷଦର ଆହ୍ୱାନରେ ଆଳିଜଙ୍ଗାଠାରେ ଏକ ଜରୁରୀ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷାବିତ୍ ମନମୋହନ କାନୁନ୍‌ଗୋ ଅଧକ୍ଷତା କରିଥିଲେ। ଏଥିରେ ସିଫାର ଅବସରପ୍ରାପ୍ତ ବୈଜ୍ଞାନିକ ଡ. ଅମରେନ୍ଦ୍ରନାଥ ମହାନ୍ତି, ଡ. ଅବଦୁଲ ହଲିମ ଖାଁ, ପ୍ରଫେସର ଡ. ସରୋଜ କୁମାର ମହାନ୍ତି, ଆଇନଜୀବୀ ହୃଦୟନିଧି ମହାନ୍ତି, ଖବରଦାତା ଦୀପ୍ତିରଞ୍ଜନ କାନୁନ୍‌ଗୋ, ରବୀନ୍ଦ୍ରନାଥ ମହାନ୍ତି, ନୃସିଂହ ବେହେରା, ସୟଦ ଜମିଲ ଅଖତର, ଅମୀୟ କୁମାର ପତି, ଇଂ. ଦିଲୀପ କୁମାର ବେହେରା, ସରୋଜ କୁମାର ବେଉରା, ପ୍ରତାପ ଚନ୍ଦ୍ର ବେହେରା, ଗୋକୁଳ ଚନ୍ଦ୍ର ମହାନ୍ତି, ଆଲୋକ ବେହେରା, କୈଳାସ ଚନ୍ଦ୍ର ସ୍ୱାଇଁ, ଶ୍ରୀକାନ୍ତ କୁମାର ସେନାପତି, ଶତ୍ରୁଘ୍ନ ମଲିକ, ଅଶୋକ କୁମାର ବାରିକ, ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ଶତାଧିକ ଯୁବକ, ବୁଦ୍ଧିଜୀବୀ ଉପସ୍ଥିତ ହୋଇ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଡ୍ରେନେଜ ବିଭାଗର ମନମାନି ବିରୋଧରେ ଜନ ଆନ୍ଦୋଳନ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଆସନ୍ତା ୨୦ ତାରିଖରେ ଡ୍ରେନେଜ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ତୁରନ୍ତ ଅଶ୍ରୁଖୋଳାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରା ନ ଗଲେ ୩ଟି ନିର୍ବାଚନମଣ୍ଡଳୀର ଜନସାଧାରଣ ରାଜରାସ୍ତାକୁ ଓହ୍ଲାଇବାକୁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

# ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ ହେବ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

କେନ୍ଦ୍ରାପଡ଼ା ଅଫିସ, ୬।୧

କେନ୍ଦ୍ରାପଡ଼ା ସହରର ଖଡ଼ିଅଙ୍ଗସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ୩ କି.ମି. ଦୂର ଶ୍ୟାମଗୁଡ଼ିଆକୁ ସ୍ଥାନାନ୍ତର ହେଉଛି। ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମିକୁ ସିଟି ହସ୍ପିଟାଲରେ ପରିଣତ ପାଇଁ କେନ୍ଦ୍ରାପଡ଼ା ମେଡ଼ିକାଲ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଜିଲା ପ୍ରଶାସନକୁ ଶୁକ୍ରବାର ହସ୍ତାନ୍ତର କରାଯାଇଛି। ଏହି ଅବସରରେ ସିଡିଏମ୍‌ଓ ଡା. ଅନୀତା ପଟ୍ଟନାୟକ କହିଛନ୍ତି ଯେ, ଏହି ଭିତ୍ତିଭୂମିକୁ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ପରିଚାଳନା କରାଯିବ। ତେବେ କମିଟି କର୍ମକର୍ତ୍ତା ପ୍ରଫୁଲ୍ଲ କୁମାର ସାହୁ, ହିବଜୁର ରହେମାନ, ସଲିମ ଖାନ, ମନୋଜ କୁମାର ସିଂହ କହିଛନ୍ତି, ରାଜ୍ୟର ସର୍ବପ୍ରଥମ ମ୍ୟୁନିସିପାଲିଟି ଭାବେ କେନ୍ଦ୍ରାପଡ଼ା ମାନ୍ୟତା ପାଇଛି।

ଏଠାରେ ଏବେ ୬୦ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି। ଏହାସହ ଆଖପାଖ ପଞ୍ଚାୟତବାସୀ ବହୁ ସମୟରେ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହେଉଛନ୍ତି। ଖଡିଅଙ୍ଗସ୍ଥିତ ପୁରୁଣା ମୁଖ୍ୟ ଚିକିତ୍ସାଳୟରେ ଏବେ ୧୯୫ ଶଯ୍ୟାର ଭିତ୍ତିଭୂମି ଅଛି। ଏହି ଭିତ୍ତିଭୂମିକୁ ଉପଯୋଗ କରି ସିଟି ହସ୍ପିଟାଲର ରୂପରେଖ ଦିଆଗଲେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଉନ୍ନତି ଆସିବ। ନୂତନ ସିଟି ହସ୍ପିଟାଲ ପାଇଁ ଆବଶ୍ୟକ କର୍ମଚାରୀ ଯୋଗାଇ ଦେବାକୁ ଦାବି ହୋଇଛି। ଏହି ଦାବି ପୂରଣ ପର୍ଯ୍ୟନ୍ତ କମିଟି ନୀରବରେ ବସିବ ନାହିଁ ବୋଲି ସେମାନେ ମତ ଦେଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ସହରର ଶତାଧିକ ଲୋକ ସାମିଲ ହୋଇଥିଲେ।



କେନ୍ଦ୍ରାପଡ଼ା ମେଡିକାଲ ମିଳିତ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## କେନ୍ଦ୍ରାପଡ଼ାରେ ସିଟି ହସ୍ପିଟାଲ ଦାବି ତେଜିଲା

# କେନ୍ଦ୍ରାପଡ଼ା ଜିଲା ବିକାଶର ଶ୍ୱେତପତ୍ର ଦାବିକଲା ଭାଜପା

କେନ୍ଦ୍ରାପଡା ଅଫିସ, ୬।୧

୧୯୭୧ରେ ବିଜୁ ପଟ୍ଟନାୟକଙ୍କୁ କେନ୍ଦ୍ରାପଡ଼ା ଜିଲା ନେତୃତ୍ୱ ଦେଇଥିଲା। ସେହିପରି ୨୩ ବର୍ଷ ଧରି ବିଜେଡିକୁ ଜିଲାବାସୀ ବିଭିନ୍ନ ନିର୍ବାଚନମଣ୍ଡଳୀରେ ନେତୃତ୍ୱ ଦେଇ ଆସିଛନ୍ତି। ବିଜେଡି ଏବେ ୨୬ବର୍ଷ ପାଳନ କରୁଥିଲା ବେଳେ କେନ୍ଦ୍ରାପଡ଼ା ଜିଲାବାସୀଙ୍କୁ ଏଥିରୁ କ'ଣ ମିଳିଛି ବୋଲି ଭାଜପାର ନେତୃମଣ୍ଡଳୀ ଶୁକ୍ରବାର ପ୍ରଶ୍ନ କରିଛନ୍ତି। ସହରର ଗୋପସ୍ଥିତ କମଳଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାର ବିଧାନସଭା କ୍ଷେତ୍ର ଅନୁଯାୟୀ ଉପଲବ୍ଧି ସମ୍ପର୍କରେ ଶ୍ୱେତପତ୍ର ଜାରି କରନ୍ତୁ ବୋଲି ଏହି ନେତାମାନେ ଦାବି କରିଛନ୍ତି। ସମ୍ମିଳନୀରେ ବରିଷ୍ଠ ଭାଜପା ନେତା ଭୁବନମୋହନ ଜେନା, ପୂର୍ବତନ ବିଧାୟକ ଅଲେଖ ଜେନା, ଦୁର୍ଯ୍ୟୋଧନ ସାହୁ, ପବିତ୍ର ପରିଡା, ଗଗନ ସାହୁ, କରୁଣାକର ସାହୁ, ହେମନ୍ତ ପରିଡା, ରୋଜାଲିନ ମହାନ୍ତି, ଭୁବନମୋହନ ସିଂହ ଯୋଗ ଦେଇଥିଲେ।

ସେମାନେ କହିଥିଲେ ଯେ, କେନ୍ଦ୍ରାପଡ଼ା ଜିଲାରେ ତ୍ୱରିତ ଆର୍ଥିକ ବିକାଶ ପାଇଁ ଖଣି, ପାଣି, ରେଳ, କଳ ନାହିଁ। ଏଠାରେ ଥିବା ଲୋକସମ୍ବଳକୁ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଗମନାଗମନ ଆଦି ମୌଳିକ ଆବଶ୍ୟକତା ଦେବାକୁ ଦୀର୍ଘ ୫୧ବର୍ଷ ଧରି ବିଜୁବାବୁଙ୍କ ଅମଳରୁ ନେତୃତ୍ୱ ଦେଇଛି। ସେହିପରି ୨୩ ବର୍ଷ ଧରି ବିଜେଡିକୁ କ୍ଷମତା ପ୍ରଦାନ କରିଥିଲେ ମଧ୍ୟ ଏହି ଜିଲାବାସୀଙ୍କୁ କର୍ମ ନିଯୁକ୍ତି ମିଳୁ ନ ଥିବାରୁ ଦାଦନ ଖଟିବାକୁ ଜିଲା ବାହାରକୁ ଲୋକ ଯାଉଛନ୍ତି। କୃଷି କ୍ଷେତ ପାଇଁ ଜଳ ପରିଚାଳନା ହେଉ ଅଥବା ମହିଳା ସଶକ୍ତୀକରଣ ସମସ୍ୟାର ସମାଧାନ ହୋଇପାରୁନାହିଁ। ବିଭିନ୍ନ ସମୟରେ ମହାକାଳପଡ଼ା ଓ ଆଳି ବିଧାୟକ ମନ୍ତ୍ରୀ ପଦ ପାଇଛନ୍ତି। ତେବେ ଏହି ଦୁଇ ନିର୍ବାଚନ ମଣ୍ଡଳୀର ସର୍ବାଧିକ ଭୋଟର ହନ୍ତସନ୍ତ ଜୀବନ କାଟୁଛନ୍ତି। ଜିଲାର ଏମ୍‌ପିଙ୍କୁ ନିର୍ବାଚନ ପରେ ଦେଖିବାକୁ ମିଳୁନାହିଁ। ଏମ୍‌ପି ପାରିବାରିକ ମାମଲାରେ ଛନ୍ଦି ହୋଇଥିବା ଓ ସଂସଦୀୟ କ୍ଷେତ୍ରର ଉନ୍ନତି କରୁ ନ ଥିବା ନେଇ ବିଜେଡି ସଭାପତି କେନ୍ଦ୍ରାପଡାବାସୀଙ୍କୁ ଅଦ୍ୟାବଧି କ୍ଷମା ମାଗିନାହାନ୍ତି। ବିଧାୟକ, ପ୍ରଶାସକ ଓ ଠିକାଦାରଙ୍କ ଚତୁରତା ଯୋଗୁ ଜିଲାର ବିକାଶ ହେଉନାହିଁ। ବିଜେଡି ପୂର୍ତ୍ତି ଉତ୍ସବରେ ହକି ଖେଳ ପଡିଆ ସ୍ଥାପନା ହୋଇଥିବା ନେଇ ଆତ୍ମପ୍ରଚାର କରୁଥିବା ବେଳେ କେନ୍ଦ୍ରାପଡ଼ା ସହର ନିକଟ ସାରଙ୍ଗଠାରେ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଅସାମାଜିକଙ୍କ ଆଡ୍ଡାସ୍ଥଳ ପାଲଟିଛି। ଶିଳ୍ପ, ବନ୍ଦର, ଶୈକ୍ଷିକ ଭିତ୍ତିଭୂମି ପ୍ରତିଶ୍ରୁତି ପାଣିରଗାର ହୋଇଛି ବୋଲି ସେମାନେ ଦାବି ଉଠାଇଛନ୍ତି।



ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ।


ବନ୍ଧୁମିଳନ ଉତ୍ସବରେ କଂଗ୍ରେସ ନେତାମାନେ।

# ଡେରାବିଶରେ କଂଗ୍ରେସର ବନ୍ଧୁମିଳନ

ଡେରାବିଶ ୬।୧(ସ୍ୱ.ପ୍ର.)

ଡେରାବିଶ କଂଗ୍ରେସ ପକ୍ଷରୁ ବ୍ଲକ ଅଧୀନ ଗୁଆଲସିଂ ପଞ୍ଚାୟତ ଠାକୁରହାଟଠାରେ ପାଟକୁରା ନିର୍ବାଚନମଣ୍ଡଳୀସ୍ତରୀୟ ବନ୍ଧୁମିଳନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ଯୋଗଦେଇ ଉପସ୍ଥିତ ସମସ୍ତ କର୍ମୀ ଓ ନେତାଙ୍କୁ ନବବର୍ଷ ୨୦୨୩ର ଅଭିନନ୍ଦନ ଜଣାଇବା ସହ ଆସନ୍ତା ୨୦୨୪ରେ ଅନୁଷ୍ଠିତ ସାଧାରଣ ନିର୍ବାଚନ ପାଇଁ କିପରି ଦଳ ପକ୍ଷରୁ ରଣ କୌଶଳ କରାଯିବ ତାହାର ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଗରଦପୁର ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତିରଞ୍ଜନ ପରିଡ଼ାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାର୍ଶାଘାଇ ବ୍ଲକ ସଭାପତି ବିଜୟ ପଣ୍ଡା, ବରିଷ୍ଠ କଂଗ୍ରେସ ନେତା ରଘୁନାଥ ଶତପଥୀ, ଜୟଦେବ ପରିଡ଼ା, ଅନନ୍ତ ଚରଣ ପାତ୍ର, ରାଜୀବ ମିଶ୍ର, ରଶ୍ମିରଞ୍ଜନ ପଣ୍ଡା, ରଞ୍ଜନ କୁମାର ମଲିକ ପ୍ରମୁଖ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ। ଆଗାମୀ ୨୦୨୪ ନିର୍ବାଚନରେ କାନୁନ୍‌ଗୋଙ୍କ ନେତୃତ୍ୱରେ ଦଳୀୟ ସଂଗଠନ କିପରି ବଳିଷ୍ଠ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ।

# ଅସହାୟ ପରିବାରଙ୍କୁ ସହାୟତା

ଡେରାବିଶ ୬।୧(ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ରଘୁଦେଇପୁର ପଞ୍ଚାୟତ ବେଲାରପୁର ଗ୍ରାମର ଆର୍ଥିକ ଦୁରାବସ୍ଥା ମଧ୍ୟରେ ଗତି କରୁଥିବା ଚାରୁ ନାୟକ (୯୦)ଙ୍କ ପରିବାର ଏବେ ଏକମାତ୍ର ରୋଜଗାରିଆ ପୁଅ ହରାଇ ଅସହାୟ ହୋଇପଡ଼ିଛନ୍ତି। ପୁଅ ବିଜୟ ନାୟକ (୪୮) ଏକ ଔଷଧ ଦୋକାନରେ କର୍ମଚାରୀ ଭାବେ କାର୍ଯ୍ୟ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। ମା' ଚାରୁଙ୍କ ସହ ଏକ ଭଙ୍ଗା ଚାଳଘରେ ନିଜର ୨ଟି ପିଲାଙ୍କ ସହ ସ୍ୱଳ୍ପ ଆୟରେ ଖୁସିରେ ଥିଲେ। ୨୦୨୨ ଡିସେମ୍ବର ୧୯ ରେ ହୃଦ୍‌ଘାତ ଜନୀତ ରୋଗରେ ବିଜୟଙ୍କ ବିୟୋଗ ହୋଇଥିଲା। ଜଣେ ପରୋପକାରୀ ଯୁବକ ଭାବେ ଗ୍ରାମରେ ବିଜୟ ପ୍ରତି ପରିବାରର ସ୍ନେହଶ୍ରଦ୍ଧାର ପାତ୍ର ଥିବାରୁ ଗ୍ରାମବାସୀଙ୍କ ସହଯୋଗରେ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସମ୍ପନ୍ନ ହୋଇଥିଲା। ମାତ୍ର ଘରେ ରହିଥିବା ରୋଗଗ୍ରସ୍ତ ମା' ଚାରୁ ବିଧବା ସ୍ତ୍ରୀ ବବିତା ଓ ୧୩ ବର୍ଷର ପୁଅ ହିରଣ୍ୟ ଓ ୧୧ ବର୍ଷର ପୁଅ ଜ୍ଞାନ। ଏଭଳି ଏକ ବିପଦ ସମୟରେ ଗ୍ରାମର ପ୍ରତ୍ୟେକ ପରିବାର ଅସହାୟ ବୃଦ୍ଧାଙ୍କ ପରିବାରକୁ ସମସ୍ତ ସହଯୋଗ କରୁଥିବା ବେଳେ ସ୍ଥାନୀୟ ସରପଞ୍ଚ ଭକ୍ତିଲତା ନାୟକଙ୍କ ନେତୃତ୍ୱରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ଏହି ପରିବାରକୁ ଆପଣେଇ ନେଇଛନ୍ତି। ତେବେ ଖବରପାଇ ଶୁକ୍ରବାର କେନ୍ଦ୍ରାପଡ଼ା କ୍ରେଡିଟ୍ କୋ-ଅପରେଟିଭ୍ ବ୍ୟାଙ୍କର ସଭାପତି ପ୍ରମୋଦ କୁମାର ସାହୁ ବ୍ୟାଙ୍କ ପକ୍ଷରୁ ଖୋଲା ଯାଇଥିବା ଜ୍ଞାନଦେବୀ ଗୁଜୁରାଣ ସଂସ୍ଥା କଲ୍ୟାଣ ପାଣ୍ଠିରୁ ବୃଦ୍ଧା ଚାରୁଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ୨ ପିଲାଙ୍କ ଭବିଷ୍ୟତ ପାଇଁ ପ୍ରତ୍ୟେକ ମାସରେ ସଂସ୍ଥା ପକ୍ଷରୁ ୧ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବାକୁ ସଭାପତି ସାହୁ ଗ୍ରାମବାସୀଙ୍କୁ ସୂଚନା ଦେଇଛନ୍ତି। କ୍ରେଡିଟ୍ କୋ-ଅପରେଟିଭ୍ ବ୍ୟାଙ୍କର ମୁଖ୍ୟ ପରିଚାଳକ ବିଜୟ କୁମାର ସେଠୀ, ସ୍ଥାନୀୟ ସରପଞ୍ଚଙ୍କ ଉପସ୍ଥିତିରେ ଏହି ସହାୟତା ରାଶି ପ୍ରଦାନ କରିଥିଲେ।


ଅସହାୟ ପରିବାରଙ୍କୁ ଜ୍ଞାନଦେବୀ ଗୁଜୁରାଣ ସଂସ୍ଥା ପକ୍ଷରୁ ଆର୍ଥିକ ସହାୟତା ଦିଆଯାଇଛି।

# ହକି ବିଶ୍ୱକପ୍ ପାଇଁ ଗ୍ରାମାଞ୍ଚଳ କ୍ରୀଡ଼ା

ରାଜନଗର, ୬।୧(ଡି.ଏନ.ଏ.)

ହକି ବିଶ୍ୱକପ ପ୍ରସାର ପାଇଁ ଏବେ ପ୍ରତି ପଞ୍ଚାୟତରେ ଗ୍ରାମାଞ୍ଚଳ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଶୁକ୍ରବାର ରାଜନଗର ପଞ୍ଚାୟତରେ ୬ଟି ଦଳ ମଧ୍ୟରେ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ସାର୍ପସୁଟର କ୍ରିକେଟ ଟିମ୍ ରାଜନଗର, ବୁଢୀ ମଙ୍ଗଳା କ୍ରିକେଟ ଟିମ୍ ରାଜନଗର ଓ ତେନ୍ତୁଳି ସାମନ୍ତାଣୀ କ୍ରିକେଟ ଟିମ୍ ମଲିଆବୁଦା ବିଜୟ ଲାଭ କରିଥିଲେ। ବିଜୟୀ ଦଳକୁ ଟ୍ରଫି ଓ ପରାଜିତ ଦଳକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଥିଲା। ରାଜନଗର ସରପଞ୍ଚ ସୁଶ୍ରୀ ସଙ୍ଗୀତା ମିଶ୍ର ଏହି କ୍ରୀଡା ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମିତିସଭ୍ୟା ସୁମିତ୍ରା ସେଠୀ, ନାଏବ ସରପଞ୍ଚ ବାଇଧର ସେଠୀ, ୱାର୍ଡସଭ୍ୟ ଭିକାରୀ ଚରଣ ବଳ, ନିତ୍ୟାନନ୍ଦ ସେଠୀ, ଉମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇଥିଲେ। ଖେଳ ଶିକ୍ଷକ ପ୍ରଦୀପ୍ତ ମିଶ୍ର ଖେଳ ପରିଚାଳନା କରିଥିଲେ। ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିଜୟ କୁମାର ସେଠୀ, ରମଣୀ ରଞ୍ଜନ ମହାପାତ୍ର, ସୋମନାଥ ବାରିକ, ଅଶୋକ ଦାସ ପ୍ରମୁଖ ଏହି କ୍ରୀଡା ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

ସେହିପରି ଖମାରସାହି ପଞ୍ଚାୟତରେ କ୍ରୀଡା ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ଜୟ ବଜରଙ୍ଗବାଲୀ କ୍ରିକେଟ ଟିମ ନେତାଜୀ କ୍ରିକେଟ ଟିମକୁ ୯ ରନରେ ହରାଇ ଚାମ୍ପିୟନ ହୋଇଥିଲା। ଟିମ୍‌ର ଅଧିନାୟକ ରବୀନ୍ଦ୍ର ସିଂ ଚାମ୍ପିୟନ ଟ୍ରଫି ଗ୍ରହଣ କରିଥିଲେ। ବ୍ଲକ ସ୍ତରୀୟ କ୍ରୀଡା ଉତ୍ସବ ପାଇଁ ଶୁଭ୍ରାଂଶୁ ଶେଖର ସ୍ୱାଇଁ ଓ ବିକ୍ରମ ସେଠୀଙ୍କୁ ଚୟନ କରାଯାଇଛି। ୩୨ନଂ. ଜୋନ ଜିଲା ପରିଷଦ ସଭ୍ୟା ଝୁନୁମିନା କୁଅଁର, ଖମାରସାହି ସରପଞ୍ଚ ଅନସୂୟା ବିଶ୍ୱାଳ, ସମିତିସଭ୍ୟା ଶ୍ୟାମଳି ମାଇତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।


କ୍ରିକେଟ ଖେଳକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ୧୪୦ ଏକର ଗଞ୍ଜେଇ ଗଛ ନଷ୍ଟ

ଫୁଲବାଣୀ ଅଫିସ/ଫିରିଙ୍ଗିଆ, ୬।୧: କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଅଞ୍ଚଳରେ ବେଆଇନ ଗଞ୍ଜେଇ ଗଛକଟା ଅଭିଯାନ ଜୋରଦାର ହୋଇଛି। ଶୁକ୍ରବାର ଫିରିଙ୍ଗିଆ ଥାନାଧିକାରୀ ତପନ ନାହାକଙ୍କ ନେତୃତ୍ୱରେ ନୂଆପଦର ପଞ୍ଚାୟତର ପାଙ୍ଗାମା, ମୋତିଙ୍ଗିଆ, ସୁଲେପଡା ଅଞ୍ଚଳରେ ୧୪୦ ଏକର ଗଞ୍ଜେଇ ଗଛ କାଟି ନଷ୍ଟ କରିଦେଇଛନ୍ତି। ଏହି ଅଭିଯାନରେ ପୋଲିସ, ଅବକାରୀ ବିଭାଗ, ୩ ପ୍ଲାଟୁନ ଫୋର୍ସ, ନିୟୋଜିତ ଥିଲେ।

### ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ସୋରଡ଼ା, ୬।୧ (ଡି.ଏନ୍.ଏ): ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ତହସିଲ କାର୍ଯ୍ୟାଳୟ ପରିସରରେ ଗୁରୁବାର ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଯାଇଛି। ତହସିଲଦାର ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ, ମହାବିଦ୍ୟଳୟ, ଉଚ୍ଚବିଦ୍ୟାଳୟର ଛାତ୍ରୀଛାତ୍ରମାନେ ନିର୍ଦ୍ଧାରିତ ସମୟରେ ଜାତୀୟ ପତାକା ଉତ୍ତୋଳନ କରି ପ୍ୟାରେଡରେ ବାହାରି ନଗର ପରିକ୍ରମା କରି ଶଶିଭୂଷଣ ଉଚ୍ଚବିଦ୍ୟାଳୟ ଖେଳପଡ଼ିଆରେ ପହଞ୍ଚିବେ। ସେଠାରେ ତହସିଲଦାର ଡାକୁଆ ପତାକା ଉତ୍ତୋଳନ କରିବେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହେବ ବୋଲି ଅଧାପକ ରାଜେଶ କୁମାର ପାତ୍ର ସୂଚନା ଦେଇଥିଲେ। ଲଡୁକିଶୋର ଦାସ, ଲମ୍ବୋଦର ଅଧିକାରୀ ପରିଚାଳନା କରିଥିବା ବେଳେ ସହରର ସମସ୍ତ ଶିକ୍ଷାନୁଷ୍ଠାନ, ବେସରକାରୀ ଅନୁଷ୍ଠାନର ପ୍ରତିନିଧି ଯୋଗଦେଇଥିଲେ।

### ସ୍ମାର୍ଟ ସ୍କୁଲ୍ ବୁଲିଲେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ

ବୁଗୁଡା,୬।୧(ଡି.ଏନ.ଏ.):ଗଞ୍ଜାମ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି. କୀର୍ତ୍ତିଭାସନ ଗୁରୁବାର ବୁଗୁଡା ବ୍ଲକ ଗସ୍ତରେ ଆସିଥିଲେ। ସେ ଫନି କ୍ଷତିଗ୍ରସ୍ତ ପରିବାରଗୁଡିକୁ ଆବାସ ଯୋଜନାରେ ସାମିଲ କରିବା ପାଇଁ ବ୍ଲକରେ ଚାଲିଥିବା ଜିଓ ଟ୍ୟାଗର ତଦାରଖ କରିବା ସହ ବିଭିନ୍ନ ସ୍ମାର୍ଟ ସ୍କୁଲ୍ ବୁଲି ଦେଖିଥିଲେ। ବାଲିପଦର ସରକାରୀ ହାଇସ୍କୁଲ, ଘୋଡାପଡା ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଖରିଡା ଉଚ୍ଚ ବିଦ୍ୟାଳୟ, ପିପୁଲସ ହାଇସ୍କୁଲ ଓ ଶ୍ରୀବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ଆଦି ସ୍ମାର୍ଟ ସ୍କୁଲ୍ ବୁଲି ଦେଖିଥିଲେ। ପ୍ରତ୍ୟେକ ସ୍ମାର୍ଟ ସ୍କୁଲ୍ ପାଇଁ ୪୫ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଥିବା ବେଳେ ଯଦି ନିଅଣ୍ଟ ରହୁଛି ତେବେ ପଞ୍ଚାୟତରୁ ଆଣି ଖର୍ଚ୍ଚ କରିବା ସକାଶେ ଗାଇଡ୍ ଲାଇନ୍ ଅଛି। ତେଣୁ ସ୍ମାର୍ଟ ସ୍କୁଲ୍‌ଗୁଡିକର ଅସମ୍ପୂର୍ଣ୍ଣ କାର୍ଯ୍ୟ ପଞ୍ଚାୟତ ଫଣ୍ଡରୁ ଅର୍ଥ ଆଣି ତୁରନ୍ତ ସାରିବାକୁ କହିଥିଲେ। ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ପରିଦର୍ଶନ ସମୟରେ ବିଡିଓ ବାସୁଦେବ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କୁମାରୀ କର, ବ୍ଲକ ଅଧକ୍ଷା ପ୍ରତିନିଧି କେ. ନୀଳମାଧବ ଆଚାରୀ, ବ୍ଲକର ପ୍ରସନ୍ନ କୁମାର ସାହୁ, ଅଚ୍ୟୁତ ପଟ୍ଟନାୟକ, ସୁନୀଲ କୁମାର ଜାନି ଆଦି କନିଷ୍ଠ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଫେରାର

ଜି.ଉଦୟଗିରି,୬।୧(ଡି.ଏନ.ଏ.) ଜି.ଉଦୟଗିରି ଥାନା କଳିଙ୍ଗା ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ହୋଇଥିବା ପରିବାର ଲୋକେ ଶୁକ୍ରବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୁରୁବାର ରାତି ପ୍ରାୟ ୧୨ଟା ସମୟରେ ଜଣେ ନାବାଳିକା ଘର ସମ୍ମୁଖକୁ ଶୌଚ ନିମନ୍ତେ ଯାଇଥିବା ବେଳେ ପଡ଼ିଶା ଘରର ଜଣେ ୪୦ବର୍ଷ ବୟସ୍କ ବିବାହିତ ବ୍ୟକ୍ତି ତାଙ୍କୁ ଜୋର ଜବରଦସ୍ତ କିଛି ନିଶାଦ୍ରବ୍ୟ ସୁଙ୍ଘାଇ କିଛି ଦୂରକୁ ନେଇଯାଇ ବଳାତ୍କାର କରିଥିଲେ। ପୀଡ଼ିତା ଜଣଙ୍କ ଘରେ ଏ ସମ୍ପର୍କରେ କହିବା ପରେ ପରିବାର ଲୋକେ ଶୁକ୍ରବାର ଜି.ଉଦୟଗିରି ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ କେଶ ନଂ ୨/୨୩ ରୁଜୁ କରାଯାଇଛି ବୋଲି ଆଇଆଇସି ଅଜୟ କୁମାର ସ୍ୱାଇଁ କହିଛନ୍ତି। ନାବାଳିକାଙ୍କ ଡାକ୍ତରୀ ମାଇନା କରାଯାଇଥିବା ବେଳେ ଅଭିଯୁକ୍ତ ଫେରାର ଅଛନ୍ତି।

# ନୂଆ ତରିକାରେ ଶିଶୁକନ୍ୟାଙ୍କ ପାଇଁ ସଚେତନତା

■ ସରକାରୀ ଯୋଜନାକୁ ଲୋକାଭିମୁଖୀ ପାଇଁ ପ୍ରୟାସ
■ ମାଗଣାରେ ଦିଆଗଲା ସୁକନ୍ୟା ପାସବୁକ୍, ଜନ୍ମ ପ୍ରମାଣପତ୍ର

**ନୟାଗଡ଼ ଅଫିସ,୬।୧:**

ନୟାଗଡ଼ ଜିଲାରେ ଶିଶୁକନ୍ୟାଙ୍କ ସଂଖ୍ୟା ହ୍ରାସ ଓ ଭ୍ରୂଣହତ୍ୟା ଚିନ୍ତାର କାରଣ ପାଲଟିଛି। ସରକାରଙ୍କ ପକ୍ଷରୁ ବେଟି ବଞ୍ଚାଅ ବେଟି ପଢ଼ାଅ ପରି କାର୍ଯ୍ୟକ୍ରମ କରାଯାଇଥିଲେ ହେଁ ଏହାର ସୁଫଳ ଜିଲା ସାଉଁଟି ପାରିନାହିଁ। ଏଭଳି ସ୍ଥଳେ ଶିଶୁକନ୍ୟାଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ କାର୍ଯ୍ୟକ୍ରମକୁ ଲୋକାଭିମୁଖୀ କରିବା ପାଇଁ କନ୍ୟାରତ୍ନ ଅନୁଷ୍ଠାନ ଏବଂ ଓମ୍ ସାଇ ପ୍ରକାଶ ଖାଦ୍ୟରଥ ନୟାଗଡ଼ ପକ୍ଷରୁ ମିଳିତ ଭାବେ ଆରମ୍ଭ ହୋଇଛି କନ୍ୟାରତ୍ନ ସମ୍ମାନ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମରେ ଶୁକ୍ରବାର ୪ ନବଜାତ ଶିଶୁକନ୍ୟାଙ୍କୁ କନ୍ୟାରତ୍ନ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି। ସମ୍ମାନରେ ଶିଶୁକନ୍ୟାର ଜନ୍ମ ପ୍ରମାଣପତ୍ର ଓ ତାଙ୍କ ନାଁରେ ପୋଷ୍ଟ ଅଫିସରେ ସୁକନ୍ୟା ସମୃଦ୍ଧି ଯୋଜନାର ଏକ ପାସ୍‌ବୁକ୍ ଯୋଗାଇ ଦିଆଯାଇଛି। ଏ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟର ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରସ୍ଥ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର ଉତ୍ସବ ପାଳନ କରାଯାଇଥିଲା। ଏଥିରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ କନ୍ୟାରତ୍ନ ସମ୍ମାନ ବେସରକାରୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ମକରନ୍ଦ ବେଉରା, ଜିଲା ମୁଖ୍ୟ ଚିକିତ୍ସାଳୟର ଜିଲା ଚିକିତ୍ସାଧିକାରୀ ସ୍ୱାସ୍ଥ୍ୟସେବା ସୁଧାଂଶୁ ଶେଖର ଷଡ଼ଙ୍ଗୀ, ଶିଶୁରୋଗ ବିଶେଷଜ୍ଞ ଡା. ଆଶିଷ ଦୀକ୍ଷିତ ପ୍ରମୁଖ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଜିଲାପାଳ, ସିଡିଏମ୍‌ଓଙ୍କ ସମେତ ଅତିଥିମାନେ ନନ୍ଦିଘୋର ମହୁଲିଆର ସୌମ୍ୟଶ୍ରୀ ରାଉତ, ମାଛିପଡ଼ା କନ୍ଧକୁମ୍ଭାରିଆର ପ୍ରିୟଙ୍କା ନାହାକ, ଗିରିଡିପଲ୍ଲୀ ଖଙ୍ଗାରପଲ୍ଲୀର ଲକ୍ଷ୍ମୀପ୍ରିୟା ନାୟକ, କୋସକା ପଥରାର ଜ୍ୟୋତିର୍ମୟୀ ଦାସ ପ୍ରମୁଖ ନବଜାତ ଶିଶୁକନ୍ୟାଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧନା କରିଥିଲେ। କାର୍ଯ୍ୟକ୍ରମରେ ଓମ୍ ସାଇ ପ୍ରକାଶ ଖାଦ୍ୟରଥ ଆବାହକ ବିଭୂତି ପଟ୍ଟନାୟକ, ତାଙ୍କ ପତ୍ନୀ ସୁନିତାରାଣୀ ମହାପାତ୍ର, ସ୍ୱେଚ୍ଛାସେବୀ ମାନସ ମହାପାତ୍ର ଯୋଗଦେଇଥିଲେ। ଏ ନେଇ ଓମ୍ ସାଇ ପ୍ରକାଶ ଖାଦ୍ୟରଥର ଆବାହକ ପଟ୍ଟନାୟକ କୁହନ୍ତି, କାର୍ଯ୍ୟକ୍ରମ ସଫଳ କରିବାକୁ ପ୍ରତି ମାସରେ ଆମେ ଦମ୍ପତି ମାସକୁ ୧୧ ହଜାର ଟଙ୍କା କନ୍ୟାରତ୍ନ ଅନୁଷ୍ଠାନକୁ ଯୋଗାଇଦେବୁ। ପୁଅ ସାଇ ପ୍ରକାଶଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜାନୁୟାରୀ ୫ରେ କନ୍ୟାରତ୍ନ ଅନୁଷ୍ଠାନ ଗଢ଼ି ଉଠିଛି। ଆମ ସହାୟତା ରାଶି ଶିଶୁକନ୍ୟାଙ୍କ କାମରେ ଲାଗିଥିବାରୁ ଖୁସି ଅନୁଭବ କରୁଛୁ। କନ୍ୟାରତ୍ନ ଅନୁଷ୍ଠାନ ସଦସ୍ୟ ଦୀପକ ଦାସ, ପ୍ରଫୁଲ୍ଲ ନାୟକ ଓ ଲୋକନାଥ ମିଶ୍ର କୁହନ୍ତି, ଅନୁଷ୍ଠାନରେ କର୍ମକର୍ତ୍ତା ପଦବୀ ନାହିଁ। ସବୁ ସଦସ୍ୟ ଅନୁଷ୍ଠାନର ମୁଖ୍ୟ। ପ୍ରତି ମାସରେ ୧୦୦ରୁ ୧୫୦ ଶିଶୁକନ୍ୟାଙ୍କ ପାଇଁ ପ୍ରାୟ ୫୦ ହଜାର ଟଙ୍କା ଦରକାର ପଡୁଛି। ଅନୁଷ୍ଠାନ ଲୋକଙ୍କ ସହାୟତା ରାଶିରେ ଗଢ଼ିଉଠିଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ଯେଉଁ ଶିଶୁକନ୍ୟା ଜନ୍ମ ହେବେ ସେମାନଙ୍କୁ ଏକ ସପ୍ତାହ ଭିତରେ ଜନ୍ମ ସାର୍ଟିଫିକେଟ ଓ ସୁକନ୍ୟା ସମୃଦ୍ଧି ଯୋଜନାର ଏକ ପାସ୍‌ବୁକ୍ ପ୍ରଦାନ କରାଯିବ। ସୁକନ୍ୟା ସମୃଦ୍ଧ ପାସ୍‌ବୁକ୍‌ରେ ୨୫୦ ଟଙ୍କା ଡିପୋଜିଟ୍ କରି ଯୋଗାଇ ଦିଆଯାଉଛି। କନ୍ୟାର ମାତାପିତା ପରେ ଏଥିରେ ଟଙ୍କା ଡିପୋଜିଟ୍ କରିବେ। ଏପରି କାର୍ଯ୍ୟକ୍ରମ ଯୋଗୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଗର୍ଭବତୀ ମହିଳା ଅଧିକ ସଂଖ୍ୟାରେ ଆସିବେ। ସେହିପରି ନୟାଗଡ଼ ଜିଲା ପୋଷ୍ଟ ଅଫିସ ଅଧିକ ସଂଖ୍ୟକ ସୁକନ୍ୟା ସମୃଦ୍ଧି ଯୋଜନାର ପାସ୍‌ବୁକ୍ ଖୋଲିପାରିବ। ଅନ୍ୟପକ୍ଷେ ସରକାରୀ ଯୋଜନା କମ୍ ସମୟ ମଧ୍ୟରେ ବିନା ଖର୍ଚ୍ଚରେ କନ୍ୟା ଦମ୍ପତିଙ୍କ ପାଇଁ ଲୋକାଭିମୁଖୀ ହେବ। କନ୍ୟାସନ୍ତାନ ବୃଦ୍ଧିରେ ଏହା ସହାୟକ ହେବ ବୋଲି ଆଶା ରହିଛି। ଜିଲାପାଳ ସାହୁ କୁହନ୍ତି, କନ୍ୟା ସନ୍ତାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ କାର୍ଯ୍ୟକ୍ରମ କନ୍ୟାରତ୍ନ ଅନୁଷ୍ଠାନ ମାଧ୍ୟମରେ ଭଲ ସଚେତନତା ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ମାଗଣାରେ ଜନ୍ମ ସାର୍ଟିଫିକେଟ ଓ ସୁକନ୍ୟା ସମୃଦ୍ଧି ଯୋଜନାର ପାସ୍‌ବୁକ୍ ଯୋଗାଣ ଏକ ଲୋକ ହିତକର ପଦକ୍ଷେପ। ଏଥିରେ ସରକାରୀ ଯୋଜନା ମାଗଣାରେ ଶିଶୁକନ୍ୟାଙ୍କ ପାଖରେ ପହଞ୍ଚୁଛି। ଜିଲାରେ ଶିଶୁକନ୍ୟା ସଂଖ୍ୟା ହ୍ରାସ ହେଉଥିବାବେଳେ ଏଭଳି କାର୍ଯ୍ୟକ୍ରମ ସହାୟକ ହେବ। ସିଡିଏମ୍‌ଓ ମକରନ୍ଦ ବେଉରା କୁହନ୍ତି, ଜିଲାରେ ୧୦୦୦ ପୁଅରେ ପ୍ରତି ମାସରେ ୭୫୦ରୁ ୮୫୦ ମଧ୍ୟରେ ଝିଅ ଜନ୍ମ ହେଉଛନ୍ତି। ଶିଶକନ୍ୟା ଜନ୍ମ ସଂଖ୍ୟା ହ୍ରାସ ଚିନ୍ତାର କାରଣ ପାଲଟିଛି। ଏହି କାର୍ଯ୍ୟକ୍ରମ ଶିଶୁକନ୍ୟାଙ୍କ ପାଇଁ ଲାଭଦାୟକ ହେବ ବୋଲି ସେ କହିଛନ୍ତି।


ଜିଲାପାଳ ରବୀନ୍ଦ୍ରନାଥ ସାହୁ ନବଜାତ ଶିଶୁ କନ୍ୟା ମା'ଙ୍କୁ ଜନ୍ମ ସାର୍ଟିଫିକେଟ୍, ସୁକନ୍ୟା ପାସବୁକ୍ ଦେଉଛନ୍ତି ।

# ମୁଖ୍ୟ ଶାସନ ସଚିବଙ୍କୁ ଫେରାଦ୍ ହେଲା ବିବିପି

**ରାସ୍ତା ନ ଥିବାରୁ ଜୀବନ ଚାଲିଯିବା ପ୍ରସଙ୍ଗ**
■ ଗାଁକୁ ରାସ୍ତା ନକଲେ ଗଞ୍ଜାମ ଜିଲାରେ ମିଶାଇବାକୁ ଦାବି
■ ୧୫ ଦିନ ଭିତରେ ଦାବି ପୂରଣ ନ ହେଲେ କୋର୍ଟ ଯିବାକୁ ଚେତାବନୀ

**ନୟାଗଡ ଅଫିସ,୬।୧:**

ଗାଁକୁ ରାସ୍ତା ନ ଥିବାରୁ ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ କଳସାଖମଣ ପଞ୍ଚାୟତ ଭୋଗବାଡି ଗାଁର ସନ୍ନ୍ୟାସୀ ବେହେରା (୫୫)ଙ୍କ ମୃତ୍ୟୁ ଘଟଣା ଜିଲାରେ ଆଲୋଡନ ସୃଷ୍ଟି କରିଛି। ସନ୍ନ୍ୟାସୀଙ୍କ ମୃତ୍ୟୁ ନୟାଗଡ଼ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କର ଅପାରଗତାକୁ ପଦାରେ ପକାଇଛି। ରାଜ୍ୟ ସରକାରଙ୍କର ଗାଁ ବିକାଶର ବାହାବାକୁ ସମାଲୋଚନା କରିବାକୁ ବିରୋଧୀଙ୍କୁ ପଥ ଦେଖାଇଛି। ଏଭଳିସ୍ଥଳେ ଭାରତୀୟ ବିକାଶ ପରିଷଦ(ବିବିପି) ଧରିତ୍ରୀ ଖବରକାଗଜର ୨ ତାରିଖ ଖବର କ୍ଲିପିଂ ଓ ଫଟୋକୁ ନେଇ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରମୁଖ ଶାସନ ସଚିବ, ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ, ରେଭିନିଉ ଡିଭିଜିନାଲ କମିଶନର, ଜିଲାପାଳ ଓ ସିଡିଏମ୍‌ଓ ନୟାଗଡ଼କୁ ଫେରାଦ୍ ହୋଇଛି। ୧୫ ଦିନ ଭିତରେ ଭୋଗବାଡି ସମେତ ଆଖପାଖ ଗାଁକୁ ରାସ୍ତା ପାଇଁ ବ୍ୟବସ୍ଥା ଅଥବା ନିକଟବର୍ତ୍ତୀ ଗଞ୍ଜାମ ଜିଲାରେ ଗାଁକୁ ମିଶାଇବା ଦାବି ପୂରଣ ନ ହେଲେ ହାଇକୋର୍ଟ ଯିବାକୁ ଧମକ ଦିଆଯାଇଛି। ଭାରତୀୟ ବିକାଶ ପରିଷଦର ଦଶପଲ୍ଲା ବ୍ଲକ ସଭାପତି ଯୋଗେଶ୍ୱର ଦାସ ଓ ନୟାଗଡ଼ ଜିଲା ସମ୍ପାଦକ ନିରଞ୍ଜନ ଦାସଙ୍କ ସ୍ୱାକ୍ଷରରେ ଏହି ସ୍ମାରକପତ୍ର ପ୍ରଦାନ କରାଯାଇଛି।

ପ୍ରକାଶ ଯେ, ଭୋଗବାଡି ଗାଁକୁ ରାସ୍ତା ନାହିଁ। ତେବେ ଭୋଗବାଡି ଗାଁର ପଞ୍ଚାୟତ କଳଶାଖମଣ ପଞ୍ଚାୟତଠାରୁ ରାସ୍ତା ଅଛି। ଭୋଗବାଡି ଗାଁର ସନ୍ନ୍ୟାସୀ ବେହେରା ଗତ ୨ ତାରିଖରେ ଅସୁସ୍ଥ ହୋଇ ପଡିବା ପରେ ଖଟିଆ ଯୋଗେ ୩ କିମି ବୋହିବାକୁ ପଡିଥିଲା। ରୋଗୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚାଇବା ପରେ ୧୦୮ ଆମ୍ବୁଲାନ୍ସ ରୋଗୀଙ୍କୁ ନେଇଥିଲା। ତେବେ ଆମ୍ବୁଲାନ୍ସ ଦଶପଲ୍ଲା କି ନୟାଗଡ଼ରୁ ଆସି ନ ଥିଲା। ଆମ୍ବୁଲାନ୍ସ ଗଞ୍ଜାମ ଜିଲା ଗାଲେରୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସି ସନ୍ନ୍ୟାସୀଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ଅବସ୍ଥାରେ ଉନ୍ନତି ନ ଆସିବାରୁ ଭଞ୍ଜନଗର ଓ ପରେ ବ୍ରହ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମପୁରରେ ସନ୍ନ୍ୟାସୀଙ୍କର ସେହିଦିନ ମୃତ୍ୟୁ ହୋଇଥିଲା। କଳାସଖମଣ ପଞ୍ଚାୟତରେ ଭୋଗବାଡି, ଗୋଟାପଦର, ଗେଣ୍ଡାଳି, ପାଣ୍ଡେରୀ, କୁଡୁଙ୍ଗୁ, କଣାପାଜୁ, ନୂଆସାହି, ଭୁଟାପଦର, ବାରନାଳିଆ, ଲେଡିପଦର, ଚକିଡା ପରି ଅନେକ ଗାଁକୁ ଯିବାକୁ ରାସ୍ତା ନ ଥିବାରୁ ସ୍ଥାନୀୟ ଲୋକେ ରୋଗ ହେଲେ ସବୁବେଳେ ଜୀବନ ଯନ୍ତ୍ରଣା ଭୋଗି ଆସୁଛନ୍ତି। ଏପରିକି କେତେଜଣ ଲୋକଙ୍କ ମୃତ୍ୟୁ ହେଉଛି। ଅନ୍ୟପକ୍ଷେ ଚଢ଼େୟାପଲ୍ଲୀକୁ କନ୍ଧମାଳ ଏମ୍‌ପି ଯୋଗାଇଥିବା ଆମ୍ବୁଲାନ୍ସ ଦଶପଲ୍ଲା ମେଡିକାଲରେ ଖତ ଖାଉଥିଲେ ମଧ୍ୟ ଏହାର ପ୍ରତିକାର ନାହିଁ। ଏ ନେଇ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ କୁହନ୍ତି, ସଫଳତା ପାଇଁ ବାହାବା ନିଆଯାଉଛି ତେବେ ବିଫଳତା ପାଇଁ ଦୋଷ ମୁଣ୍ଡାଇବାକୁ ଅସୁବିଧା କାହିଁକି। ସରକାର ବିକାଶର ବାର୍ତ୍ତା ଦେଉଥିବାବେଳେ ଦୁର୍ଗମ ଅଞ୍ଚଳକୁ କାହିଁକି ରାସ୍ତା କରୁନାହାନ୍ତି। ସରକାରଙ୍କର ଗ୍ରାମ୍ୟ ସଡକ ଯୋଜନା, ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା, ପଞ୍ଚାୟତିରାଜ ବିଭାଗର ରାସ୍ତା ନିର୍ମାଣ ପରି ଯୋଜନା ଗଲା କୁଆଡେ। ବିକାଶ ପାଇଁ ଯଦି ଲୋକଙ୍କ ଟ୍ୟାକ୍ସରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଜ୍ଞାପନ ଦିଆଯାଉଛି ତେବେ ଦୁର୍ଗମ ଅଞ୍ଚଳ ବିକାଶ କାହିଁକି କରାଯାଉନାହିଁ। କିପରି ୧ ନଂ. ମୁଖ୍ୟମନ୍ତ୍ରୀ ବୋଲି ପ୍ରଚାର କରୁଛନ୍ତି। ଏଣୁ ରାସ୍ତା ନ ଥିବାରୁ ଦଶପଲ୍ଲାର ୨ଜଣ ଲୋକଙ୍କ ମୃତ୍ୟୁ ଘଟଣା ପାଇଁ ଦାୟୀ କରାଯାଇ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଉ ବୋଲି ଦାବି ରହିଛି। ସରକାର ନୟାଗଡ଼ ଜିଲା ପ୍ରଶାସନ ଜରିଆରେ ଉନ୍ନତି କରି ପାରୁ ନ ଥିଲେ ନିକଟସ୍ଥ ଗଞ୍ଜାମ ଜିଲାରେ ସମ୍ପୃକ୍ତ ଗାଁକୁ ମିଶାଇ ବିକାଶ କରନ୍ତୁ ବୋଲି ଅନୁରୂପ ଦାବି ରହିଛି ବୋଲି ସେ କହିଛନ୍ତି।

# ବିନା ପ୍ରତିଦ୍ୱନ୍ଦ୍ୱିତାରେ ତ୍ରିନାଥ ପଣ୍ଡା ଉପସଭାପତି

### ଖଣ୍ଡପଡ଼ା ବ୍ଲକ କଳା ସଂସ୍କୃତି ସଂଘ



ନିର୍ବାଚନରେ ଉପସ୍ଥିତ କଳାକାରମାନେ ।

**ଖଣ୍ଡପଡ଼ା,୬।୧(ସ୍ୱ.ପ୍ର)**

ଖଣ୍ଡପଡ଼ା ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ଭାବେ ତ୍ରିନାଥ ପଣ୍ଡା ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଥିବା ଜଣାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ବିଡିଓ ଅରୁଣୀମା ସାହୁଙ୍କ ଅଧକ୍ଷତାରେ ଆୟୋଜିତ ନିର୍ବାଚନରେ ଶହେରୁ ଊର୍ଦ୍ଧ୍ୱ କଳାକାର, ସଦସ୍ୟାସଦସ୍ୟ ଉପସ୍ଥିତ ରହିଥିଲେ। ସର୍ବସମ୍ମତିକ୍ରମେ ପଣ୍ଡାଙ୍କୁ ଉପସଭାପତି ଭାବେ ମନୋନୀତ କରାଯାଇଥିବା ବିଡିଓ ସାହୁଙ୍କଠାରୁ ପ୍ରକାଶ। ଏହି କାର୍ଯ୍ୟକ୍ରମକୁ ସାମାଜିକ ସୁରକ୍ଷା କର୍ମଚାରୀ କୃଷ୍ଣ କୁମାର ଆର୍ଯ୍ୟ, କନିଷ୍ଠ ସହକାରୀ ସୁନୀଲ କୁମାର ନିଶଙ୍କ ଏବଂ ଅନ୍ୟ କର୍ମଚାରୀମାନେ ପରିଚାଳନା କରିଥିଲେ।

# ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କୁ ଫେରାଦ୍

### ୧ ବନାମ ୧୭ ଖଣ୍ଡ ଗାଁ ରାସ୍ତା ବିବାଦ ପ୍ରସଙ୍ଗ


ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଗ୍ରାମର ମୁରବୀମାନେ ।

**ନୟାଗଡ ଅଫିସ,୬।୧:**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ବଳଭଦ୍ରପୁର ଓ ଢ଼ିପମାଳ ୬ କମି ରାସ୍ତାକୁ ନେଇ ଲାଗି ରହିଥିବା ବିବାଦ ପୁଣି କୁହୁଳୁଛି। ଏ ନେଇ ଗଡୁପାଙ୍ଗି ବନାମ ୧୭ ଖଣ୍ଡ ଗାଁ ମଧ୍ୟରେ ବିବାଦ ୨୦୧୭ରୁ ଲାଗି ରହିଥିଲା। ରାସ୍ତା ନିର୍ମାଣ ପାଇଁ ଢ଼େଙ୍କେଣା ଓ ମାଳିସାହି ପଞ୍ଚାୟତର ୧୭ ଖଣ୍ଡ ଗାଁର କମିଟି କର୍ମକର୍ତ୍ତା ଶୁକ୍ରବାର ଜିଲାପାଳଙ୍କୁ ଭେଟି ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଫେରାଦ୍ ହୋଇଛନ୍ତି। ରାସ୍ତା ନିର୍ମାଣ ପାଇଁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲର କ୍ଲିୟରାନ୍ସ ପାଇବା ପରେ ନୟାଗଡ଼ ଜିଲା ପ୍ରଶାସନ ୧ ବନାମ ୧୭ ଖଣ୍ଡ ଗାଁ ମଧ୍ୟରେ ଲାଗି ରହିଥିବା ବିବାଦୀୟ ବଳଭଦ୍ରପୁର ଓ ଢ଼ିପମାଳ ୩ କିମି ରାସ୍ତାକୁ ନିର୍ମାଣ କରିବାରେ ସଫଳ ହୋଇଥିଲା। ୨୦୨୨ ଜୁନ ୨୧ରେ ଆରମ୍ଭ ହୋଇଥିବା ଗୁଡୁପାଙ୍ଗିର ଗ୍ରାମ୍ୟ ଜଙ୍ଗଲ ମଧ୍ୟ ଦେଇ ରାସ୍ତା କାର୍ଯ୍ୟ ୨୩ ତାରିଖରେ ଶେଷ ହୋଇଥିଲା। ରାସ୍ତା ନିର୍ମାଣ ପାଇଁ ୧୦୭ ଓ ୧୪୪ ଧାରା ଜାରି କରାଯାଇ ୨୦୨୨ ଜୁନ ୧୬ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଲାଗୁ ହୋଇଥିଲା। ୩ ଦିନ ଧରି ୩ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୭ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇ ରାସ୍ତା ନିର୍ମାଣ କରାଯାଇଥିଲା। ତେବେ ସବୁ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ଅବଶିଷ୍ଟ ରାସ୍ତା ନିର୍ମାଣ କରିବା ଜରୁରୀ ହୋଇପଡିଛି। ତେବେ ଗୁଡୁପାଙ୍ଗିର ଜଣେ ଲୋକ ପୁଣି ଏନ୍‌ଜିଟିରେ ଅଭିଯୋଗ କରି ରାସ୍ତା ନିର୍ମାଣ କାର୍ଯ୍ୟ ବନ୍ଦ କରିଛନ୍ତି। ସେହିପରି ନୂଆ ସଂଶୋଧିତ ରାସ୍ତା ଏକ ପ୍ଲଟରେ ଯାଉଥିବାରୁ ଏଥିପାଇଁ ଅନେକ ପ୍ରକ୍ରିୟା କାମର ବାକି ରହିଥିବାରୁ କାର୍ଯ୍ୟ ବନ୍ଦ ଅଛି। ଏଣୁ ତୁରନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ କରିବାକୁ ଦାବି ଉଠିଛି।

# ଧାନ ବିକ୍ରି ପାଇଁ ମଣ୍ଡିରେ ଚାଷୀ ହନ୍ତସନ୍ତ

**ନୂଆଗାଁ, ୬।୧(ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ଚାଷୀ ଧାନ ବିକ୍ରି କରିବା ପାଇଁ ମଣ୍ଡିରେ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି। ପ୍ରଶାସନ, ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ସମ୍ପାଦକ ଓ ମିଲର ସଲାସୁତରା ଯୋଗୁ ଚାଷୀ ମୁଣ୍ଡରେ ଚଡ଼କ ପଡିଥିବା ନୂଆଗାଁ ବ୍ଲକର ଚାଷୀ କହିଛନ୍ତି।

ଧାର କରଜ କରି ଧାନ ଅମଳ କରିଥିବା ଚାଷୀ ମଣ୍ଡି ଖୋଲିବା ସମୟକୁ ଅପେକ୍ଷା କରି ଥାଆନ୍ତି। ଚାଷୀ ଧାନ ବିକ୍ରି କରି କରଜ ଶୁଝିବା ଚିନ୍ତା କରିଥିବା ବେଳେ ମଣ୍ଡିର ଅବ୍ୟବସ୍ଥା ସେମାନଙ୍କୁ ହତାଶ କରିଛି। ସରକାର ଧାନ କ୍ରୟ କରିବାରେ କଟନୀଛଟନୀ ପାଇଁ ରୋକ୍‌ଠୋକ୍ ମନା କରି ଦେଇଛନ୍ତି। ହେଲେ କିଛି ପ୍ରଶାସନିକ ଅଧିକାରୀ, ପ୍ୟାକ୍ସ ସମ୍ପାଦକ ଓ ମିଲର ମିଶି ଚାଷୀ କୂଳକୁ ଲୁଟିବାର ଯୋଜନା କରିଛନ୍ତି। ମଣ୍ଡି ଖୋଲିବା ପୂର୍ବରୁ ପ୍ୟାକ୍ସ ସଭାପତି, ସମ୍ପାଦକ, ମିଲର ଚାଷୀଙ୍କୁ ଡାକି ଏକ ବୈଠକ କରିଥିଲେ। ସେଥିରେ ଚାଷୀଙ୍କୁ ବିଭିନ୍ନ ବିଭ୍ରାନ୍ତି କର କଥା କହି କୁଇଣ୍ଟାଲ ପିଛା ୭ କେଜି ଧାନ କାଟିବାର ନିଷ୍ପତ୍ତି ଗ୍ରହଣ କରିଥିଲେ। ସେହି ଅନୁସାରେ, ନୂଆଗାଁ ବ୍ଲକର ପ୍ରତି ପ୍ୟାକ୍ସରେ କୁଇଣ୍ଟାଲ ପିଛା ୭ କେଜି ଧାନ କାଟି ମିଲର ଧାନ କ୍ରୟ କରୁଛନ୍ତି। ନୀଳାଦ୍ରିପୁର ପ୍ରାଥମିକ କୃଷି ସମବାୟ ସମିତି ମଣ୍ଡିରେ ଚାଷୀଙ୍କଠାରୁ ୭ କେଜି ଧାନ କାଟିବା ଘଟଣାକୁ ଭାଜପା ପକ୍ଷରୁ ବିରୋଧ କରାଯାଇଥିଲା। ଯାହାକୁ ନେଇ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ପରେ ମିଲର ଧାନ ନେବା ପାଇଁ ଅରାଜି ହେବାରୁ ଚାଷୀମାନଙ୍କ ମନରେ ନିରାଶ ଭାବ ଦେଖା ଦେଇଥିଲା। କାଳେ ମିଲର ଫେରିଗଲେ ଧାନ କେହି କିଣିବେ ନାହିଁ ସେଥିପାଇଁ ଚାଷୀ ଚିନ୍ତାରେ ପଡିଥିଲେ। ତେବେ ଜିଲାପାଳ ରବୀନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ ଘଟଣାସ୍ଥଳରେ ପହଞ୍ଚି ଘଟଣା ବିଷୟରେ ବୁଝିଥିଲେ। ଚାଷୀ ଧାନ ଦେବାକୁ କହିବାରୁ ତହସିଲଦାରଙ୍କ ଉପସ୍ଥିତିରେ ଧାନ ଓଜନ ଆରମ୍ଭ ହୋଇଥିଲା। ସେହିପରି ବାହାଡାଝୋଲା ପ୍ୟାକ୍ସର ଶୁକ୍ରବାର ଶୁଭାରମ୍ଭ ହୋଇଥିଲେ ମଧ୍ୟ ମିଲର ଆସିବାରେ ଅହେତୁକ ବିଳମ୍ବ ହେବାରୁ ଚାଷୀମାନେ ହଇରାଣ ହୋଇଥିଲେ। ମଣ୍ଡିର ଏପରି ବ୍ୟବସ୍ଥା ବାବଦରେ ଏଆରସିଏସ୍ ହାଡିବନ୍ଧୁ ମହାକୁଡଙ୍କୁ ପଚାରିବାରେ ଚାଷୀଙ୍କଠାରୁ ସୁରୁଖୁରୁରେ ଧାନ କିଣିବା ନିମନ୍ତେ ଆମେ ଚେଷ୍ଟା କରୁଛୁ ବୋଲି ସେ କହିଥିଲେ।

■ ପ୍ରଶାସନ, ପ୍ୟାକ୍ସ ସମ୍ପାଦକ, ମିଲରଙ୍କ ମଧ୍ୟରେ ସଲାସୁତରା
■ କଟନି ଛଟନିକୁ ଭାଜପାର ବିରୋଧ


ନୀଳାଦ୍ରିପୁର ପ୍ୟାକ୍ସରେ ତହସିଲଦାର ଚାଷୀଙ୍କ କଥା ବୁଝୁଛନ୍ତି।

## ସଂକ୍ଷେପରେ

### ମୋବାଇଲ ଦୋକାନରୁ ଚୋରି

ସିଂହପୁର,୬।୧(ଡି.ଏନ.ଏ.): ବିଞ୍ଝାରପୁର ଥାନା ଅନ୍ତର୍ଗତ ସିଂହପୁର ବଜାରର ଚିରାଗ ବେହେରାଙ୍କ ମୋବାଇଲ ଦୋକାନରୁ ଗୁରୁବାର ରାତିରେ ଚୋରି ହୋଇଛି। ଦୁର୍ବୃତ୍ତ ଦୋକାନ ଆଜବେଷ୍ଟସ ଭାଙ୍ଗି ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ନେଇଛନ୍ତି। ଶୁକ୍ରବାର ସକାଳେ ଚୋରି ହୋଇଥିବା ଖବର ପାଇ ଚିରାଗ ଜରି ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍ତି। ଫାଣ୍ଡି ଅଧିକାରୀ ଅମୂଲ୍ୟ ମିଶ୍ର ଘଟଣାସ୍ଥଳ ଅନୁଧାନ କରିଛନ୍ତି। ଏହି ମୋବାଇଲ ଦୋକାନରୁ ୨ ବର୍ଷତଳେ ସମାନ ପ୍ରକାରରେ ଚୋରି ହୋଇଥିଲା। ୨ ମାସତଳେ ସିଂହପୁର ବଜାରର ଅନ୍ୟଏକ ଦୋକାନରୁ ଚୋରି ହୋଇଥିଲା। ତେବେ ଏଠାରେ ବାରମ୍ବାର ଚୋରି ଯୋଗୁ ବ୍ୟବସାୟୀ ଭୟଭୀତ ହୋଇପଡ଼ିଛନ୍ତି। ସିଂହପୁର ବଜାର ଅଞ୍ଚଳରେ ଏକ ପ୍ରତିଷ୍ଠିତ ବ୍ୟବସାୟ କେନ୍ଦ୍ର। ଏଠାରେ ପୂର୍ବରୁ ରାତ୍ର ଜଗୁଆଳ ରହୁଥିବା ବେଳେ କିଛି ମାସ ହେଲା ତାହା ବନ୍ଦ ରହିଛି। ତେଣୁ ବଜାରରେ ସ୍ୱତନ୍ତ୍ର ରାତ୍ର ଜଗୁଆଳ ବ୍ୟବସ୍ଥା କରିବାକୁ ବିଞ୍ଝାରପୁର ଥାନା ଅଧିକାରୀ ଓ ଯାଜପୁର ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ବ୍ୟବସାୟୀ ଦାବି କରିଛନ୍ତି।

### ପେନ୍‌ସନ ଭୋଗୀ ସଂଘର ବାର୍ଷିକ ବୈଠକ

ସିଂହପୁର,୬।୧(ଡି.ଏନ.ଏ.): ଅଙ୍ଗାଲୋ ଷ୍ଟେଟ୍‌ବ୍ୟାଙ୍କ ଅଧୀନସ୍ଥ ପେନସନ ଭୋଗୀମାନଙ୍କ ଏକ ବୈଠକ ବାଲାଜୀ ପାଠାଗାର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ଗୋବିନ୍ଦ ଚନ୍ଦ୍ର ସାମଲଙ୍କ ସଭାପତିତ୍ୱରେ ଶତାଧିକ ପେନସନପ୍ରାପ୍ତ ସଭ୍ୟ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ପେନସନ ଭୋଗୀ ସଂଘର ୧୪ ସଭ୍ୟାସଭ୍ୟଙ୍କ ୨୦୨୨ରେ ପରଲୋକ ହୋଇଥିବାରୁ ସେମାନଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘ ସମ୍ପାଦକ ଚିନ୍ତାମଣି ସାମଲ ନବବର୍ଷର ଶୁଭେଚ୍ଛା ଜଣାଇ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ନାଗରିକଙ୍କୁ ବସ୍ ଓ ଟ୍ରେନ ଭଡ଼ାରେ ରିହାତି ପ୍ରଦାନ ଓ ଇପିଏଫ ପେନସନ ଭୋଗୀଙ୍କୁ ସର୍ବନିମ୍ନ ୯ ହଜାର ପେନସନ ପାଇଁ ସଭାରେ ଦାବି କରାଯାଇଥିଲା। ଏଥିପ୍ରତି ରାଜ୍ୟ ଓ କେନ୍ଦ୍ର ସରକାର ଦୃଷ୍ଟି ଦେବାକୁ ଅନୁରୋଧ କରାଯାଇଥିଲା। ଶେଷରେ ବରିଷ୍ଠ ସଭ୍ୟ ବଳରାମ ସାହୁ ଧନ୍ୟବାଦ ଦେଇଥିଲେ।

### ବିଦ୍ୟାଳୟରେ ଶିକ୍ଷା କମିଟି ଗଠିତ

ପାଣିକୋଇଲି,୬।୧(ଡି.ଏନ.ଏ.): କୋରାଇ ବ୍ଲକ୍ ଅନ୍ତର୍ଗତ ଗୋଲେଇପୁର ପଞ୍ଚାୟତର ସୋତି ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକଙ୍କୁ ନେଇ ଶିକ୍ଷା କମିଟି ଗଠିତ ହୋଇଥିବା ବେଳେ କମିଟିର ସଭାପତି ଚୟନ କରାଯାଇଛି। ନୃସିଂହ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗୋଲେଇପୁର ସରପଞ୍ଚଙ୍କ ପ୍ରତିନିଧି ପ୍ରଫୁଲ୍ଲ ମାଝି ଯୋଗ ଦେଇଥିଲେ। ବୈଠକେର ପରିଚାଳନା କମିଟିର ୧୨ ସଦସ୍ୟ ଯୋଗ ଦେଇଥିଲେ। ସମସ୍ତ ସଦସ୍ୟଙ୍କ ଅନୁମୋଦନ କ୍ରମେ ହରେକୃଷ୍ଣ ସାହୁଙ୍କୁ ପରିଚାଳନା କମିଟି ସଭାପତି ଓ ଉପସଭାପତି ଭାବେ ସସ୍ମିତା ଖଣ୍ଡାଇଙ୍କୁ ଚୟନ କରାଯାଇଥିଲା। ପ୍ରଧାନଶିକ୍ଷୟିତ୍ରୀ ଶୁଶୀଳା ରଥ, ଶିକ୍ଷକ ନିହାର ରଞ୍ଜନ ସାହୁଙ୍କ ସହ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

# ସନ୍ଦେହଘେରରେ ପୋଲିସ ଭୂମିକା

**ହାଜତ ମୃତ୍ୟୁ ମାମଲା**


ଈଶ୍ୱର ସେଠୀ

ଚଣ୍ଡିଖୋଲ,୬।୧(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ଧାନମଣ୍ଡଳ ଫାଣ୍ଡିରେ ବୁଧବାର ହାଜତ ମୃତ୍ୟୁକୁ ନେଇ ପୋଲିସ ଭୂମିକା ସନ୍ଦେହଘେରରେ ରହିଛି, ଯାହାକୁ ନେଇ ଚାରିଆଡ଼େ ଚର୍ଚ୍ଚା ଜୋର ଧରିଛି। ଏକ ପ୍ରେମ ଜନିତ ବ୍ୟାପାରରେ ବଡ଼ଚଣା ପୋଲିସ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ ସିନ୍ଧୂପୁର ଗ୍ରାମର ପଦନ ସେଠୀଙ୍କ ପୁଅ ଈଶ୍ୱରଙ୍କୁ ମଙ୍ଗଳବାର ରାତିରେ ଉଠାଇ ଆଣିଥିଲା। ତେବେ ତାଙ୍କୁ ବଡ଼ଚଣା ଥାନାରେ ନ ରଖି ନେଇ ଧାନ ମଣ୍ଡଳ ଫାଣ୍ଡି ହାଜତରେ ରଖାଯାଇଥିବାବେଳେ ବୁଧବାର ସନ୍ଧ୍ୟାରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ତାଙ୍କ ପରିବାର ତରଫରୁ ଗୁରୁବାର ବଡ଼ଚଣା ଥାନାରେ ଏତଲା ଦିଆଯିବା ପରେ ଯାଜପୁର ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ ଈଶ୍ୱରଙ୍କ ବାପା ପଦନଙ୍କଠାରୁ ଏତଲା ଗ୍ରହଣ କରି ସେହି ଥାନାରେ ନଂ.୭/୨୩ରେ ଏକ ମାମଲା ରୁଜୁ କରିଛନ୍ତି। ଏଥିରେ ବଡ଼ଚଣା ଥାନା ଅଧିକାରୀ ସୁଶୀଲ କୁମାର ନାୟକ, ଏସ୍‌ଆଇ ସୁବାସ ଚନ୍ଦ୍ର ମୁଦୁଲିଙ୍କ ସମେତ ଅନ୍ୟ ୧୦ରୁ ୧୨ ପୋଲିସ କର୍ମଚାରୀଙ୍କ ନାମରେ ଦଫା ୪୪୮, ୨୯୪, ୩୨୩, ୩୦୨, ୩୪ ଓ ୩ ଏସସି/ଏସଟି (୧) ଓ (୨)ରେ ମାମଲା ରୁଜୁ ହୋଇଛି। ଏହା ମଧ୍ୟରେ ଘଟଣାକୁ ୩ ଦିନ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ। ଏଠାରେ ପ୍ରଶ୍ନ ଉଠୁଛି ବଡଚଣା ଥାନା ପରିସରରେ ହାଜତ ଥିବା ବେଳେ ପୋଲିସ ବଡ଼ଚଣାରେ ନ ରଖି ଯୁବକଙ୍କୁ ଏକ ଫାଣ୍ଡିରେ କାହିଁକି ରଖିଲା। ପୋଲିସ କୋର୍ଟରେ ହାଜର କରାଇ ଉଭୟଙ୍କ ୧୬୧ରେ ଷ୍ଟେଟ ମେଣ୍ଟ ରେକର୍ଡ କରିଥିଲାବେଳେ କୋର୍ଟରୁ ପୁନର୍ବାର ଆଣିବାର କ'ଣ ଆବଶ୍ୟକତା ଥିଲା। ହାଜତରେ ତାର କେଉଁଠୁ ଆସିଲା କି ଯାହାକୁ ଭିଡି ସେ ଆତ୍ମହତ୍ୟା କଲେ। ଏଭଳି ବିଭିନ୍ନ ପ୍ରଶ୍ନ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଛି। ସେହିଦିନ କୁଆଡ଼େ ବଡ଼ଚଣା ଥାନା ତରଫରୁ ବଣ ଭୋଜି ଆୟୋଜନ କରାଯାଇଥିଲା, ଯାହାକୁ ନେଇ ଆଇନଜୀବୀ ଉଦୟ ନାଥ ସାହୁ ଓ ସାମାଜିକ କର୍ମୀ ଅନିଲ କୁମାର ଦାସ ପ୍ରମୁଖ ପ୍ରଶ୍ନ ଉଠାଇଛନ୍ତି। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବଡ଼ଚଣା ଥାନାରେ ୧୦୮ ଆମ୍ବୁଲାନ୍ସ ସେବା ଥିବାବେଳେ ଧର୍ମଶାଳାରୁ ଆମ୍ବୁଲାନ୍ସ ମଗାଇ ସେଥିରେ ନେବା ନେଇ ସନ୍ଦେହ ଦୁଇ ଗୁଣିତ କରିଛି। ଈଶ୍ୱରଙ୍କ ହାଜତରେ ମୃତ୍ୟୁହୋଇ ସାରିଥିବା ବେଳେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ଗାଡ଼ି ନ ଓହ୍ଲାଇ ପୁଣି ଅତ୍ୟଧିକ ଅସୁସ୍ଥ ଥିବା କଥା କହି ପୋଲିସ କଟକ ବଡ଼ ମେଡିକାଲ ନେଇଯିବା ଆଦି ଘଟଣା ସନ୍ଦେହ ବଢ଼ାଉଛି। ଏନେଇ ଜାତୀୟ ମାନବିକ ଅଧିକାର କମିଶନଙ୍କଠାରେ ମଧ୍ୟ ମାମଲା ରୁଜୁ ହୋଇଛି। ଏ ସମ୍ପର୍କରେ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଘଟଣାର ତଦନ୍ତ ଆରମ୍ଭ ହୋଇଛି। ସବିଶେଷ ତଥ୍ୟ ଆସିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ୨୦୧୭ ଜୁଲାଇ ୭ରେ ଧର୍ମଶାଳା ଥାନାରେ ଘଟିଥିବା ହାଜତ ମୃତ୍ୟୁ ପରି ଏ ଘଟଣା ମିଳେଇ ଯିବନି ତ ବୋଲି ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି।

# ୩ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଧର୍ମଶାଳା,୬।୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅଧୀନ ମିର୍ଜାପୁରସ୍ଥିତ ଶ୍ୟାମସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ପ୍ରଧାନଶିକ୍ଷକ ହରିହର ରଥ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନା ଯୋଗଦେଇ ଶିକ୍ଷକମାନଙ୍କ କେବେ ଅବସର ହୋଇ ନ ଥାଏ। ସେମାନେ ଜୀବନବ୍ୟାପୀ ସାଧନାରୁ ଅର୍ଜିତ ଜ୍ଞାନ ଛାତ୍ରୀଛାତ୍ରଙ୍କୁ ବାଣ୍ଟିଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦାୟୀ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର କୁଣ୍ଟୁ, ଶିକ୍ଷକ ବିଜୟ ମହାପାତ୍ର ଓ ଶିକ୍ଷୟିତ୍ରୀ ସତ୍ୟଭାବମା ପରିଡ଼ାଙ୍କୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ଡ. ପୁରୁଷୋତ୍ତମ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ଧର୍ମଶାଳା ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଚ୍ୟାଉ ପଟ୍ଟନାୟକ, ସାହାସପୁର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଜଗନ୍ନାଥ ଜେନା, ପଣ୍ଡିତ ବ୍ରଜକିଶୋର ଦାଶ, ମୋ ସ୍କୁଲ ଅଭିଯାନ କମିଟି ଅଧ୍ୟକ୍ଷ ପ୍ରସନ୍ନ କୁମାର ପାଣିଗ୍ରାହୀ ଯୋଗ ଦେଇଥିଲେ। ବରିଷ୍ଠ ଶିକ୍ଷକ ଅଜୟ କୁମାର ମହାପାତ୍ରଙ୍କ ସଞ୍ଚାଳନାରେ ଶିକ୍ଷୟିତ୍ରୀ ସୀତାରାଣୀ ମହାପାତ୍ର, ଦେବାଶିଷ ମିଶ୍ର, ବ୍ରାହ୍ମାନନ୍ଦ ନାୟକ, ଛାତ୍ରୀ ଅଙ୍କିତା ସ୍ୱାଇଁ ପ୍ରମୁଖ ବିଦାୟୀ ଶିକ୍ଷୟିତ୍ରୀଶିକ୍ଷକଙ୍କ ଛାତ୍ର ବତ୍ସଳତା, ଶିକ୍ଷାଦାନ ଓ ସମୟାନୁବର୍ତ୍ତିତା ଉପରେ ଆଲୋକପାତ କରିଥିଲେ। ବିକ୍ରମାଦିତ୍ୟ ଫାଉଣ୍ଡେସନ ପକ୍ଷରୁ କୃତୀ ଛାତ୍ରୀ ପ୍ରତିପ୍ରଜ୍ଞା ସ୍ୱାଇଁଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଅମ୍ବାରିନ କାଦରି ଅତିଥିଙ୍କୁ ସ୍ୱାଗତ କରିବା ସହ ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ଆନନ୍ଦ ମଲ୍ଲିକ ଧନ୍ୟବାଦ ଦେଇଥିଲେ।

# ଲକ୍ଷ୍ମୀନାରାୟଣଙ୍କ ଭସାଣି ଉତ୍ସବ


ଲକ୍ଷ୍ମୀନାରାୟଣଙ୍କୁ ଶୋଭାଯାତ୍ରାରେ ନିଆଯାଉଛି।

ଧର୍ମଶାଳା,୬।୧(ଡି.ଏନ.ଏ.)

ଧର୍ମଶାଳା ମହୋତ୍ସବ ପୂଜା କମିଟି ପକ୍ଷରୁ ଆୟୋଜିତ ଲକ୍ଷ୍ମୀ ନାରାୟଣ ପୂଜାର ଭସାଣି ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୃଣ୍ମୟୀ ମୂର୍ତ୍ତିଗୁଡ଼ିକୁ ବାଜା, ବାଣ ଓ ରୋଷଣିରେ ଜାରକା ଏବଂ ଧର୍ମଶାଳା ବଜାର ଦେଇ ବ୍ରାହ୍ମଣୀ ନଦୀକୁ ନିଆଯାଇ ସେଠାରେ ବିଷର୍ଜନ କରାଯାଇଥିଲା। ରୋଶଣି ଯିବା ସମୟରେ ଧର୍ମଶାଳା ଥାନାରେ ଠାକୁରଙ୍କୁ ଭୋଗ ଦିଆଯାଇଥିଲା। ଭସାଣି ଉତ୍ସବକୁ ଶାନ୍ତି ଶୃଙ୍ଖଳାରେ ସମାପନ ପାଇଁ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ପୋଲିସ ପକ୍ଷରୁ ମଧ୍ୟ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଡିସେମ୍ବର ୧୬ ଧନୁସଂକ୍ରାନ୍ତିଠାରୁ ଏହି ପୂଜା ଆରମ୍ଭ ହୋଇ ୩ଦିନ ପରେ ବିସର୍ଜନ କରାଯାଇଥିଲା। ମାତ୍ର ଧର୍ମଶାଳା ମହୋତ୍ସବ ପାଇଁ ଲକ୍ଷ୍ମୀ ନାରାୟଣଙ୍କ ମୃଣ୍ମୟୀ ମୂର୍ତ୍ତି ସହ ପାର୍ଶ୍ୱ ମୂର୍ତ୍ତିଗୁଡିକୁ ଭକ୍ତଙ୍କ ଦର୍ଶନ ପାଇଁ ମଣ୍ଡପରେ ରଖାଯାଇଥିଲା। ଧର୍ମଶାଳା ମହୋତ୍ସବ ଡିସେମ୍ବର ୨୫ରେ ଉଦ୍‌ଘାଟିତ ହୋଇ ଜାନୁୟାରୀ ୫ରେ ଉଦ୍‌ଯାପିତ ହୋଇଥିଲା।

# କୃଷି ଗଣନା ସମନ୍ୱୟ କମିଟି ବୈଠକ

ଯାଜପୁର ଅଫିସ,୬।୧

ଜିଲାରେ କାର୍ଯ୍ୟକାରୀ ହେବାକୁ ଯାଉଥିବା ଏକାଦଶ କୃଷି ଗଣନା ନିମନ୍ତେ ସମନ୍ୱୟ କମିଟି ବୈଠକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲା ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଶ୍ରୀଧର ସେଠୀ କୃଷି ଗଣନା ସମ୍ବନ୍ଧରେ ସରକାରଙ୍କ ନିର୍ଦ୍ଦେଶାବଳୀ ଉପରେ ଆଲୋକପାତ କରିଥିଲେ। ଜିଲାର ୧୮୬୬ ରାଜସ୍ୱ ଗ୍ରାମରେ ସର୍ଭେ କାର୍ଯ୍ୟ କରାଯିବ ଓ ଏଥିରେ ୧୩୦ ଜଣ ପ୍ରାଥମିକ ଗଣନାକାରୀ ଓ ୪୨ ଜଣ ପରିଦର୍ଶକ ନିୟୋଜିତ ହେବେ। ପରିସଂଖ୍ୟାନ, କୃଷି ଓ ରାଜସ୍ୱ ବିଭାଗର କର୍ମଚାରୀମାନେ ଏହି ଗଣନା କାର୍ଯ୍ୟ କରିବେ। ତଦାରଖ ପାଇଁ ଜିଲା ଓ ବ୍ଲକସ୍ତରୀୟ ଉଚ୍ଚ ପଦସ୍ଥ ଅଧିକାରୀମାନେ ନିୟୋଜିତ ହେବେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଜିଲା କୃଷି ଅଧିକାରୀ କମଲ କୁମାର ନାୟକ, ପ୍ରାଣୀ ଚିକିତ୍ସାଧିକାରୀ ପଦ୍ମନାଭ ଦାଶ, ସମବାୟ ସମିତିର ସହକାରୀ ପ୍ରବନ୍ଧକ ଶରତ କୁମାର ମଲ୍ଲିକ, ଉପ-ନିର୍ଦ୍ଦେଶକ(ଉଦ୍ୟାନ) ସୂର୍ଯ୍ୟମଣି ମହାରଣା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ, ସୂଚନା ବିଜ୍ଞାନ ଅଧିକାରୀ (ଏନ୍‌ଆଇସି) ସୁଧାଂଶୁ ମୋହନ ଶତପଥୀ ଅଂଶଗ୍ରହଣ କରିଥିଲେ ।

# ୫୦୦ କ୍ୱିଣ୍ଟାଲ ଧାନ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ

**ସିଂହାପୁର ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଉଦ୍‌ଘାଟିତ**


ଧାନମଣ୍ଡି ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ରସୁଲପୁର,୬।୧(ଡି.ଏନ.ଏ.)

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ସମବାୟ ସମିତି ପକ୍ଷରୁ ପଞ୍ଚାୟତରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଚଳିତ ଖରିଫ ଋତୁରେ ସମିତି ପକ୍ଷରୁ ୫୦୦ କୁଇଣ୍ଟାଲ ଧାନ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖାଯାଇଛି। ସମିତି ସଭାପତି ଯୋଗେନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ, ସମ୍ମାନିତ ଅତିଥି ସିଂହାପୁର ସରପଞ୍ଚ ହୃଦାନନ୍ଦ ସାହୁ, ବାରବାଟୀ ସରପଞ୍ଚ ଆୟୁଷ୍ମତୀ ଦାସ, ସମିତିସଭ୍ୟା ସୌଦାମିନୀ ନାୟକ, ରସୁଲପୁର ବ୍ଲକ ଯୁବ ବିଜେଡି ସଭାପତି ମନୋଜ କୁମାର ରାଉତ ଓ ସମିତିର ସଦସ୍ୟମାନେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ଧାନ କିଣାରେ ସ୍ୱଚ୍ଛତା ବଜାଇ ରଖିବା ସହ ଚାଷୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବାକୁ ଅତିଥି ମତ ରଖିଥିଲେ। ସମିତି ସମ୍ପାଦକ ରସାନନ୍ଦ ନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ଧାନ କ୍ରୟ ନେଇ ସରକାରୀ ନିୟମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସମିତିର କର୍ମଚାରୀ ଅଭୟ ନାୟକ, ଗୋଲଖ ବିହାରୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ସମନ୍ୱୟ ରହିଲେ ବିକଶିତ ବରୀ ଗଠନ ସମ୍ଭବ

**ବରୀ ପଞ୍ଚାୟତ ସମିତିର ସାଧାରଣ ବୈଠକ**

- ଗଣମାଧ୍ୟମ ପ୍ରତିନିଧିଙ୍କୁ ମୋବାଇଲ୍ ଫୋନ୍ ସୁଇଚ୍ ଅଫ୍ କରିବାକୁ କହିବାରୁ ବିବାଦ



ବୈଠକରେ ଉପସ୍ଥିତ ଏମ୍‌ପି, ବିଧାୟିକା ଓ ବ୍ଲକ୍ ପ୍ରଶାସନିକ ଅଧିକାରୀ।

ବରୀ,୬।୧(ଡି.ଏନ.ଏ.)

ବରୀ ପଞ୍ଚାୟତ ସମିତିର ସାଧାରଣ ବୈଠକ ସମିତି ସଭା ଗୃହ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମିତି ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି ଅଧ୍ୟକ୍ଷତା କରିଥିଲେ। ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଯୋଗଦେଇ ବରୀର ବିକାଶ କ୍ଷେତ୍ରରେ ସବୁବେଳେ ମୁଁ ଯତ୍ନବାନ ଅଛି। ଲୋକପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ରହିଲେ ସରକାରୀ ଅର୍ଥର ବିନିଯୋଗରେ କୌଣସି ଅସୁବିଧା ହେବ ନାହିଁ ବୋଲି ମତ ରଖିଥିଲେ। ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଦଳମତ ନିର୍ବିଶେଷରେ ସମସ୍ତ ଜନପ୍ରତିନିଧି, ପ୍ରଶାସନିକ ଅଧିକାରୀ ଏବଂ ଜନସାଧାରଣ ସହଯୋଗର ହାତ ବଢ଼ାଇଲେ ବିକଶିତ ବରୀ ଗଠନ ହେବା ସମ୍ଭବ ହୋଇପାରିବ। ବରୀ ଅଞ୍ଚଳରେ ୭ସେତୁ ନିର୍ମାଣାଧୀନ ଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ଅଞ୍ଚଳରେ ପୁନଶ୍ଚ ୫ ବିଜୁ ସେତୁ ନିର୍ମାଣ ହେବାକୁ ବ୍ୟୟ ଅଟକଳ କରାଯାଇଥିବା ସୂଚନା ଦେଇଥିଲେ। ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଚିନ୍ମୟ ଦାସ, ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଅତିରିକ୍ତ ତହସିଲଦାର ମନୋଜ ମାଝି ପ୍ରମୁଖ ମଞ୍ଚାସୀନ ଥିଲେ।

କାର୍ଯ୍ୟକ୍ରମରେ ସମିତି ଅଧ୍ୟକ୍ଷ ଗେଡ଼ି ଗଣମାଧ୍ୟମ ପ୍ରତିନିଧିଙ୍କୁ ସେମାନଙ୍କ ମୋବାଇଲ ସୁଇଚ୍ ଅଫ୍ ରଖିବାକୁ କହିବାରୁ ବିବାଦ ହୋଇଥିଲା। ସମସ୍ତ ଗଣମାଧ୍ୟମ ପ୍ରତିନିଧି ଏହାର ବିରୋଧ କରିଥିଲେ। ଅଧ୍ୟକ୍ଷଙ୍କ ମନ୍ତବ୍ୟ ଉପରେ ହସ୍ତକ୍ଷେପ କରି ଏମ୍‌ପି ସେଠୀ ଏଭଳି ମନ୍ତବ୍ୟ ଉପରେ ନକରାତ୍ମକ ଚିନ୍ତାଧାରାକୁ ଗଣମାଧ୍ୟମ ପ୍ରତିନିଧିମାନେ ମନକୁ ନ ନେଇ ବିକଶିତ ବରୀ ଗଠନ କ୍ଷେତ୍ରରେ ସକରାତ୍ମକ ଖବର ପ୍ରକାଶ କରିବାକୁ ନିବେଦନ କରିଥିଲେ। ଦୀର୍ଘ ଦିନ ଧରି ବରୀ ବ୍ଲକ୍‌ର ପ୍ରଶାସନିକ ଅଧିକାରୀ ଓ ଲୋକପ୍ରତିନିଧିଙ୍କ ସମନ୍ୱୟ ଅଭାବରୁ ଉନ୍ନୟନ ମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ ବରୀ ସରପଞ୍ଚ ସଂଘ ତରଫରୁ ଅଧ୍ୟକ୍ଷଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ସରକାରୀ ଯୋଜନାର ଅର୍ଥ ସଦ୍‌ଉପଯୋଗ ହୋଇପାରୁ ନ ଥିବା ଘଟଣାକୁ ନେଇ ସଂଘ ତରଫରୁ କ୍ଷୋଭପ୍ରକାଶ ପାଇଥିବା ସୂଚନା ମିଳିଛି। ବୈଠକରେ ଜିଲା ପରିଷଦସଭ୍ୟ ଅଶୋକ ସାମଲ, ଦିଲୀପ ମହାନ୍ତି, ସୁମିତ୍ରା ଯାଦବ, ସନ୍ତୋଷ ସାମଲ, ପ୍ରାଣୀଧନ ଚିକିତ୍ସା ଅଧିକାରୀ ଭକ୍ତଚରଣ ସେଠୀ, ସହକାରୀ ଯନ୍ତ୍ରୀ ସଞ୍ଜୀବ ଦାସ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ସହକାରୀ ଯନ୍ତ୍ରୀ ବିଭୂତି ଭୂଷଣ ପଣ୍ଡା, ସରପଞ୍ଚ ରଶ୍ମିତା ପରିଡ଼ା, ସସ୍ମିତା କୁଣ୍ଟୁ, ମଧୁସ୍ମିତା ସାମଲ, ମାନସ ଜେନା, କୈଳାସ ମଲିକ, ହରପ୍ରିୟା ସାହୁ, ପ୍ରଭାତି ପଲ୍ଲାଇ, ସୁଶାନ୍ତ ଦାସ, ଜଗଦୀଶ ଜେନା, ପ୍ରଜ୍ଞାପରମିତା ପରିଡ଼ା, ଚପଳା ମଲ୍ଲ, ସରଳା ମଲିକ, କୁନା ମଲିକ, ମାନସୀ ଦାସ, ସମିତିସଭ୍ୟ ସଞ୍ଜୀବ ଜେନା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଜ୍ୟୋତିର୍ମୟୀ ବେହେରା, ସୁଧାଂଶୁବାଳା ସାମଲ ଓ ରମେଶ ସାହୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟାସଭ୍ୟ ଏବଂ ବ୍ଲକର ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

# ନୂତନ ଏସ୍‌ପି ବିନୀତ ଅଗ୍ରୱାଲଙ୍କ କାର୍ଯ୍ୟରେ ଯୋଗଦାନ


ଏସ୍‌ପିଙ୍କୁ ସ୍ୱାଗତ କରାଯାଉଛି।

ଯାଜପୁର ଅଫିସ,୬।୧

ଯାଜପୁର ନୂତନ ଏସ୍‌ପି ଭାବେ ବିନୀତ ଅଗ୍ରୱାଲ ଶୁକ୍ରବାର ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦେଇଛନ୍ତି। ୨୦୧୬ ବ୍ୟାଚ୍ ଆଇପିଏସ ଅଫିସର ଅଗ୍ରୱାଲ ପୂର୍ବରୁ କନ୍ଧମାଳ ଜିଲାରେ ମାଓବାଦୀ ଦମନରେ ସକ୍ରିୟ ଭୂମିକା ନେଇଥିଲେ। ଆଗାମୀ ଦିନରେ ଯାଜପୁର ଜିଲାର ଆଇନ ଶୃଙ୍ଖଳା ଉପରେ କଡ଼ା ନଜର ରଖିବେ ବୋଲି ସେ କହିବା ସହ ପୋଲିସ ଉପରେ ସାଧାରଣ ଲୋକଙ୍କ ବିଶ୍ୱାସ ଯେମିତି ବୃଦ୍ଧିପାଇବ ସେ ନେଇ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ବିଭିନ୍ନ ସଂଗଠନ, ଖବରଦାତାମାନଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା।

# କଟକ ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲରେ

**ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ୍ କ୍ରିକେଟ୍**

ଯାଜପୁର ଟାଉନ,୬।୧(ଡି.ଏନ.ଏ.)

ରାଜ୍ୟସ୍ତରୀୟଅଶୋକଦାସମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ଶୁକ୍ରବାର ୯ମ ଦିବସର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ରାଇଜିଂ ଷ୍ଟୁଡେଣ୍ଟ କଟକ ଓ ରାଞ୍ଚି ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ବ୍ଲକ୍ ଅନ୍ତର୍ଗତ ଚଇନପୁର ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ କଟକ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ରାଇଜିଂ ଷ୍ଟୁଡେଣ୍ଟ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ରାଞ୍ଚି ରେଲୱେ ନିର୍ଦ୍ଧାରିତ ଓଭର ମଧ୍ୟରୁ ୨୩.୩ ଓଭର ଖେଳି ସମସ୍ତ ଉଇକେଟ୍ ହରାଇ ୨୦୨ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସଚିନ୍ ତିୱାରୀ ୪୫ ଓ ୱାଲଟର ଟପୋ ୩୫ ରନ୍ ସଂଗ୍ରହ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟର ବୋଲର ରମେଶ ବେହେରା ୫ ଓଭର ବୋଲିଂ କରି ୪୩ରନ୍ ଦେଇ ୪ ଉଇକେଟ୍ ଓ ସିଦ୍ଧାର୍ଥ ସିହ୍ନା ୪ଓଭର ବୋଲିଂ ୪୧ରନ୍ ଦେଇ କରି ୨ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ରାଇଜିଂ ଷ୍ଟୁଡେଣ୍ଟ୍ କଟକ ୧୪.୫ ଓଭର ଖେଳି ମାତ୍ର ୧ ଉଇକେଟ୍ ହରାଇ ୨୦୩ରନ୍ ସଂଗ୍ରହ କରି ରାଞ୍ଚି ରେଲୱେକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ଟୁକୁନା ସାହୁ ଅପରାଜିତ ୧୧୫ରନ୍ ଓ ଶୁଭମ୍ ଶର୍ମା ଅପରାଜିତ ୫୯ରନ୍ ସଂଗ୍ରହ କରିଥିଲେ। ମ୍ୟାଚ୍‌ରେ ରାଇଜିଂ ଷ୍ଟୁଡେଣ୍ଟର ଟୁକୁନା ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଜିଲା କ୍ରିକେଟ୍ ଆସୋସିଏଶନର ବରିଷ୍ଠ ଖେଳାଳି ଆଶିଷ ମହାନ୍ତି ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ସର୍ବଶ୍ରୀ ସ୍ଥାନୀୟ ସରପଞ୍ଚ ବୈଷ୍ଣବ ରାଉତ, ବିଶ୍ୱଜିତ୍ ଦାସ, ଯୁବନେତା ମନୋଜ ସାହୁ, ଦିବାକର କର, ସନ୍ତୋଷ ମିଶ୍ର, ଅଜିତ୍ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ। ଅମ୍ପାୟାର୍ ଭାବେ ଶାରଦା ପ୍ରସନ୍ନ ମହାପାତ୍ର, ଆଶୁତୋଷ ପାଣି ଖେଳ ପରିଚାଳନା କରିଥିଲେ। ଶନିବାର ଫାଇନାଲ ମ୍ୟାଚ ବୋକାରୋ ଇଲେଭେନ୍ ଝାଡ଼ଖଣ୍ଡ ସହିତ କଟକ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଅନୁଷ୍ଠିତ ହେବ।


ମ୍ୟାନ୍ ଅଫ୍ ମ୍ୟାଚ୍ ବିଜେତାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

# କ୍ୟାବିନରେ ଯଶୋଦାଙ୍କ ଜୀବନ

ପ୍ରୀତିପୁର,୬।୧(ଡି.ଏନ.ଏ.)

ଜନ୍ମଠାରୁ ମୃତ୍ୟୁ ଯାଏ ଲମ୍ବିଛି ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା। ଭୂମିହୀନଙ୍କୁ ଜାଗା, କଚାଘରେ ରହୁଥିବା ଲୋକଙ୍କୁ ଆବାସ, ବିଧବାଙ୍କୁ ଭତ୍ତା, ଆର୍ଥିକ ଅନଗ୍ରସର ଲୋକଙ୍କୁ ଏକ ଟଙ୍କାରେ ଚାଉଳ ମିଳୁଛି। କିନ୍ତୁ କେତେକ କ୍ଷେତ୍ରରେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ଏଭଳି ଜନ କଲ୍ୟାଣକାରୀ ଯୋଜନା ବାଟବଣା ହେବା ଓ ଯୋଗ୍ୟ ହିତାଧିକାରୀମାନେ ଯୋଜନାରୁ ବଞ୍ଚିତ ହେଉଥିବା ଦେଖାଯାଇଛି। ଏହାର ଉଦାହରଣ ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବାଙ୍ଗରା ଗ୍ରାମର ଯଶୋଦା ରାଉତଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ୨ ବର୍ଷ ତଳେ ଯଶୋଦାଙ୍କ ସ୍ୱାମୀ ମନ୍ମଥଙ୍କ ପରଲୋକ ଘଟିଛି। ସ୍ୱାମୀ ମୃତ୍ୟୁ ପରେ ଯଶୋଦା ୪ ପୁଅଝିଅଙ୍କୁ ନେଇ ଏବେ ଗୋଟିଏ କ୍ୟାବିନରେ ଆଶ୍ରୟ ନେଇଛନ୍ତି। ଉକ୍ତ କ୍ୟାବିନ ହିଁ ପାଲଟିଛି ତାଙ୍କ ପାଇଁ ଖରାବର୍ଷାର ଆଶ୍ରୟ। ରୋଷଇଠାରୁ ଆରମ୍ଭ କରି ଖାଇବା ଓ ଶୋଇବା ସବୁ ସେଇ କ୍ୟାବିନରେ। ସ୍ୱାମୀ ବଞ୍ଚିଥିବା ବେଳେ ଘର ଭଡ଼ା ନେଇ ରହୁଥିଲେ। ଯଶୋଦାଙ୍କ ନାମରେ ନିଜସ୍ୱ ଜାଗା ନ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ସେ ବଞ୍ଚିତ। ସରକାରଙ୍କ ଖାଦ୍ୟ ସୁରକ୍ଷା ଆଇନ ଅନୁଯାୟୀ ସେ ଚାଉଳ ପାଉଥିଲେ। କିନ୍ତୁ ଦୁଇ ବର୍ଷ ହେବ ସେ ଏଥିରୁ ମଧ୍ୟ ବଞ୍ଚିତ। ସ୍ୱାମୀଙ୍କୁ ହରାଇଥିଲେ ମଧ୍ୟ ତାଙ୍କୁ ମିଳୁନି ବିଧବା ଭତ୍ତା। ଯଶୋଦାଙ୍କ କହିବା ଅନୁଯାୟୀ, ଜଣେ ସହୃଦୟ ବ୍ୟକ୍ତି ତାଙ୍କୁ କ୍ୟାବିନ ଦୋକାନ ଖଣ୍ଡେ କରିଦେଇଥିବାରୁ ସେଥିରେ ପିଲାଛୁଆଙ୍କୁ ନେଇ ରହୁଛନ୍ତି। ସେ ଛୋଟ ତେଜରାତି ଦୋକାନ କରିଥିଲେ ବି ସେତେ ଭଲ ଚାଲୁ ନ ଥିବାରୁ ଚଳିବା କଷ୍ଟକର ହୋଇପଡ଼ିଲାଣି ବୋଲି ସେ କୋହଭରା କଣ୍ଠରେ କୁହନ୍ତି। ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଯଶୋଦା ଗତ ୨ ବର୍ଷ ହେବ ଜନ ପ୍ରତିନିଧିଙ୍କଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କୁ ନିବେଦନ କରି ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁ ନାହିଁ। ତେଣୁ ଯଶୋଦାଙ୍କୁ ଜାଗା ଖଣ୍ଡେ ଦେଇ ସରକାରୀ ଯୋଜନାରେ ଘର, ବିଧବା ଭତ୍ତା, ରାଶନ କାର୍ଡ ଆଦି ଯୋଗାଇ ଦେବାକୁ ଗ୍ରାମବାସୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ତେବେ ଯଶୋଦାଙ୍କର ଏଭଳି ସମସ୍ୟା ସମ୍ପର୍କରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବାଙ୍ଗରା ସରପଞ୍ଚ ଜ୍ଞାନରଞ୍ଜନ ଜେନା କହିଛନ୍ତି। ହେଲେ ଯଶୋଦାଙ୍କୁ କେବେ ସରକାରୀ ଯୋଜନାରେ ସାମିଲ କରାଯାଉଛି ତାହା ଦେଖିବା ବାକି ରହିଲା।


କ୍ୟାବିନ୍‌ରେ ଯଶୋଦା ଏବଂ ତାଙ୍କ ପିଲାମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୭ ଜାନୁୟାରୀ, ୨୦୨୩



**ଜାତୀୟ ସେବା ଶିବିର ଉଦ୍‌ଘାଟିତ**

ବାଲିଆ, (ସ୍ୱ.ପ୍ର): ବିରିଡି ବ୍ଲକ ଅଳକା ମହାବିଦ୍ୟାଳୟରେ ସାତ ଦିନିଆ ଶୀତକାଳୀନ ଜାତୀୟ ସେବା ଯୋଜନା ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ରୁଦ୍ରନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ। ଶିବିରକୁ ମୁଖ୍ୟ ଅତିଥି ଭାବେ ଅଡଙ୍ଗ ନାଇଲୋ ଯଶୋବନ୍ତ ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତି ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବୈଜ୍ଞାନିକ କିଶୋର ଚନ୍ଦ୍ର ସାହୁ ଓ ପ୍ରାଧ୍ୟାପକ ଡ. ରୁଦ୍ରନାରାୟଣ ମିଶ୍ର ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ସେବା କରିବାକୁ ପରାମର୍ଶ ଦେଇଥିଲେ। ସଭାକୁ ଜାତୀୟ ସେବା ଯୋଜନାର ସଂଯୋଜକ ପ୍ରାଧ୍ୟାପକ ଡ. ଅକ୍ଷୟ କୁମାର ଭଦ୍ର ପରିଚାଳନା କରିଥିବାବେଳେ ମହିଳା ୟୁନିଟର ସଂଯୋଜିକା ଅଧ୍ୟାପିକା ସଲିଳା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଧୂଆଁ ବଳୟରେ ଜଗତ୍‌ସିଂହପୁର ସହର

**ଜଗତ୍‌ସିଂହପୁର ଅଫିସ, ୬।୧**

କେନ୍ଦ୍ର ଓ ରାଜ୍ୟ ସରକାର ସହରାଞ୍ଚଳ ପରିଷ୍କାର ପରିଚ୍ଛନ୍ନ ରଖିବା ଉପରେ ଗୁରୁତ୍ୱାରୋପ କରୁଥିବା ନେଇ ଡେଙ୍ଗୁରା ପିଟୁଛନ୍ତି। ଏନେଇ ପ୍ରଚୁର ଅର୍ଥ ବ୍ୟୟ ହେଉଛି। ସ୍ୱଚ୍ଛ ସର୍ବେକ୍ଷଣ ସହ ସ୍ୱଚ୍ଛତା ପାଇଁ ପ୍ରତି ବର୍ଷ ସବୁଠୁ ଭଲ ସଫାସୁତୁରା ଥିବା ସହରକୁ ସାର୍ଟିଫିକେଟ୍ ଦିଆଯାଉଛି। କିନ୍ତୁ ଜଗତ୍‌ସିଂହପୁର ସହର କଥା ଦେଖିଲେ ଜଣାଯାଏ ସରକାରଙ୍କ ସ୍ୱଚ୍ଛତା ଅଭିଯାନ କେବଳ କାଗଜକଲମରେ ସୀମିତ ରହିଛି। ବର୍ଷାଦିନ କଥା ଛାଡନ୍ତୁ ଶୀତ ଓ ଖରାଦିନେ ସହରରେ ପାଣି ଜମି ରହିବା ସାଙ୍ଗକୁ ଗଦା ଗଦା ଅଳିଆ ପରିବେଶ ପ୍ରଦୂଷିତ କରୁଛି। ଅଳିଆ ଗଦା ଯୋଗୁ ମଶା ଉପଦ୍ରବ ଚିନ୍ତାର କାରଣ ହୋଇଛି। ମଶା ଧୂଆଁ ସାତ ସପନ ପାଲଟିଛି। ଜନ ଅସନ୍ତୋଷକୁ ଦେଖି ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସହରର କଲେଜ ଛକ ନିକଟ ଅଳିଆଗଦାରେ ନିଆଁ ଲଗାଇ ଦିଆଯାଉଛି। ଏହାଦ୍ୱାରା ଅଳିଆ ତ କିଛି ଅଂଶରେ ପୋଡ଼ିଯାଉଛି କିନ୍ତୁ ଧୂଆଁ ବଳୟରେ ସହରବାସୀ ଆଉଟୁପାଉଟୁ ହେଉଛନ୍ତି। ଏହାର ସ୍ଥାୟୀ ପ୍ରତିକାର ନ ହେଲେ ଆଗାମୀ ଦିନରେ ଜନ ଆନ୍ଦୋଳନ ଜୋରଦାର କରାଯିବ ବୋଲି କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି।


ରାସ୍ତାରେ ଅଳିଆ ଗଦା ହୋଇ ରହିଛି।


୧୦ ନଂ. କେନାଲ ବନ୍ଧ ନିକଟ ଅଳିଆଗଦାରେ ନିଆଁ ଲାଗିଛି।

- ପୋଡ଼ାଯାଉଛି ଗଦା ଗଦା ଅଳିଆ
- ସଫେଇ କାର୍ଯ୍ୟକ୍ରମ ପ୍ରହସନ ପାଲଟିଛି

ସହରର କଲେଜ ଛକ ନିକଟ ୧୦ନମ୍ବର କେନାଲ ଆରପଟେ ପ୍ରତ୍ୟହ ସହରର ବିଭିନ୍ନ ୱାର୍ଡରୁ ଟ୍ରାକ୍ଟର ଯୋଗେ ଅଳିଆ ଆସି ଗଦା ହେଉଛି। ଏହି ଅଳିଆରେ ବହୁ ସମୟରେ ନିଆଁ ଲଗାଇ ଦିଆଯାଉଛି। ଫଳରେ ନିକଟସ୍ଥ କଲେଜ ଛକ, ଲାଲା ସାହି, ବଡ଼ବଜାର, କଣ୍ଟାପଡ଼ା, ଗୋପାଳସାଗର ଆଦି ଅଞ୍ଚଳର ସହସ୍ରାଧିକ ଲୋକ କ୍ଷତିଗ୍ରସ୍ତ ହେଉଛନ୍ତି। ବିଶେଷକରି ନିକଟସ୍ଥ ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ଅଣନିଃଶ୍ୱାସ ହୋଇ ପଡୁଛନ୍ତି। ଏନେଇ ଅତୀତରେ ଛାତ୍ରୀଛାତ୍ର ଓ ସ୍ଥାନୀୟ ଲୋକେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହୋଇଥିଲେ। ଆନ୍ଦୋଳନ ସମୟରେ ପୌର ପ୍ରଶାସନ ପକ୍ଷରୁ ଖୁବଶୀଘ୍ର ସ୍ଥାୟୀ ଡମ୍ପିଂୟାର୍ଡ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇ ପରିସ୍ଥିତିକୁ ନିୟନ୍ତ୍ରଣ କରାଯାଇଥିଲା। କିନ୍ତୁ କିଛି ଦିନ ପରେ ଯଥା ପୂର୍ବଂ ତଥା ପରମ୍। ନିକଟରେ ୩ ଦିନ ଧରି କ୍ରମାଗତ ଭାବେ ଅଳିଆ ଗଦାରେ ନିଆଁ ଲାଗିବା ଯୋଗୁ ଧୂଆଁ ବଳୟରେ ସାରା ସହରବାସୀ ଅସ୍ତବ୍ୟସ୍ତ ହୋଇପଡିଛନ୍ତି। କେବଳ ଏହି ଗୋଟିଏ ସ୍ଥାନ ନୁହେଁ, ସହରର ବିଭିନ୍ନ ସ୍ଥାନରୁ ପ୍ରତ୍ୟହ ଅଳିଆ ଉଠୁ ନ ଥିବାରୁ ଲୋକେ ବାଧ ହୋଇ ନିଆଁ ଲଗାଇ ଦେଉଛନ୍ତି। କିଛିଦିନ ପୂର୍ବରୁ ୫୫ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଗୋପାଳସାଗରର ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଳିଆ ଗଦାରେ ୩ ଥର ନିଆଁ ଲାଗିଲାଣି। ଏଥିଯୋଗୁ ପାର୍ଶ୍ୱରେ ଥିବା ଜଣେ ବ୍ୟକ୍ତିଙ୍କ ବାଡ ପୋଡି ଯାଇଥିଲା। ସୌଭାଗ୍ୟ ବାଡ ଉପର ଦେଇ ଯାଇଥିବା ବିଦ୍ୟୁତ୍ ତାର ଛିଡି ନ ଥିଲା । ନଚେତ୍ ଆକସ୍ମିକ ଦୁର୍ଘଟଣା ଘଟିବାର ଆଶଙ୍କା ରହିଥିଲା। ଦମକଳ ବାହିନୀ ଆସି ନିଆଁ ନ ନିଭାଇଥିଲେ ପ୍ରଭୂତ କ୍ଷୟକ୍ଷତି ହେବାର ଆଶଙ୍କା ଥିଲା ବୋଲି ସ୍ଥାନୀୟ କେତେଜଣ ବ୍ୟକ୍ତି କହିଛନ୍ତି । ଏହାପରେ ମଧ୍ୟ ଉକ୍ତ ସ୍ଥାନରେ ପ୍ରତ୍ୟହ ଅଳିଆ ଗଦା ହୋଇ ରହୁଛି । ବଡ କଥା ହେଲା ପୌର ପ୍ରଶାସନ ଏପରି କି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସନ୍ଧ୍ୟା ହେଲେ ମଶା କାରଣରୁ ଛିଡା ହେବା କଷ୍ଟକର ହୋଇପଡୁଛି । ହକି ବିଶ୍ୱକପ୍ ଯୋଗୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଫା ସାଙ୍ଗକୁ ପାଚେରି ରଙ୍ଗ କରାଯାଉଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସମ୍ଭବ ହୋଇ ନ ଥିଲା ।

ଏ ସମ୍ପର୍କରେ ପୌରାଧକ୍ଷା ଅର୍ଚ୍ଚନା ସିଂ କୁହନ୍ତି, ଜଗତ୍‌ସିଂହପୁର ପୌରାଞ୍ଚଳରେ ସରକାରୀ ଜମିର ଅଭାବ ଯୋଗୁ ଏଭଳି ସମସ୍ୟା ଉପୁଜିଛି। ତଥାପି ୨୧ ନଂ. ୱାର୍ଡରେ ଆଉ ଏକ ଡମ୍ପିଂୟାର୍ଡ କରାଯିବା ପାଇଁ ଚିନ୍ତା କରାଯାଉଛି।

## ସଂକ୍ଷେପରେ

### ମହିଳାଙ୍କୁ ଶାବଳରେ ଆକ୍ରମଣ: ଯୁବକ ଗିରଫ

ବାଲିଆ,୬।୧(ସ୍ୱ.ପ୍ର.): ବିରିଡି ଥାନା ଶଙ୍ଖପୁର ପଞ୍ଚାୟତର ଜଣେ ମହିଳାଙ୍କୁ ଶାବଳରେ ଆକ୍ରମଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ଉକ୍ତ ପଞ୍ଚାୟତର ଗୌତମ ପଟ୍ଟନାୟକ(ରିଙ୍କୁ)। ସେ ଏହି ପଞ୍ଚାୟତ ଅନ୍ତର୍ଗତ ଜଣେ ନାବାଳିକାଙ୍କୁ ଅଶ୍ଳୀଳ ଇଙ୍ଗିତ କରି ହଇରାଣ କରୁଥିଲେ। ଏନେଇ ସମ୍ପୃକ୍ତ ନାବାଳିକାଙ୍କ ବାପା ପୂର୍ବରୁ ଥାନାରେ ଅଭିଯୋଗ କରିଥିଲେ। ପରେ ଗାଁ ମୁରବୀଙ୍କ ଉପସ୍ଥିତିରେ ଘଟଣାର ସମାଧାନ ହୋଇଥିଲା। ୩ ତାରିଖ ରାତିରେ ପୁନର୍ବାର ଗୌତମ ସମ୍ପୃକ୍ତ ନାବାଳିକାଙ୍କ ଘର ସମ୍ମୁଖରେ ତାଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରିଥିଲେ। ନାବାଳିକାଙ୍କ ମା'ଓ ଭାଇ ଘର ବାହାରକୁ ଆସି ଏହାର ପ୍ରତିବାଦ କରିଥିଲେ। ଏହି ସମୟରେ ଗୌତମ ପାଖରେ ରଖିଥିବା ଏକ ଶାବଳରେ ସମ୍ପୃକ୍ତ ମହିଳାଙ୍କୁ ଆକ୍ରମଣ କରି ମୁଣ୍ଡ ଫଟାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ସମ୍ପୃକ୍ତ ମହିଳାଙ୍କୁ ପ୍ରଥମେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ଏନେଇ ବିରଡି ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ. ୨/୨୩) ରୁଜୁ ହୋଇଥିଲା।

### କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସରେ ଦାବିପତ୍ର

**ପାରାଦୀପ ମହୋତ୍ସବ ପାଇଁ ଚାନ୍ଦା ମାଗିବା ଘଟଣା**

ପାରାଦୀପ,୬।୧(ସ୍ୱ.ପ୍ର.): ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଜୟନ୍ତୀ ଉପଲକ୍ଷେ ଅଟଳ ମେମୋରିଆଲ ଟ୍ରଷ୍ଟ ପକ୍ଷରୁ ପାରାଦୀପ ମହୋତ୍ସବ ଆୟୋଜନ କରାଯାଇଥିଲା। ଏନେଇ ଉକ୍ତ ସଙ୍ଗଠନ ଗତମାସ ୨୫ରେ ଏକ କମ୍ପାନୀକୁ ଧମକ ଦେଇ ଚାନ୍ଦା ମାଗିଥିବା ନେଇ ଜଟାଧାରମୁହାଣ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଥିଲା। ଉକ୍ତ ସଙ୍ଗଠନର ଯେଉଁମାନେ ଏଭଳି ଚାନ୍ଦା ମାଗିଛନ୍ତି ସେମାନଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଶୁକ୍ରବାର ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ଏକ ଦାବିପତ୍ର ଦିଆଯାଇଛି। ଭାରତରତ୍ନ ବାଜପେୟୀଙ୍କ ନାମରେ ଏପରି ଚାନ୍ଦା ବଟି ମାଗିବା ଅଶୋଭନୀୟ କାର୍ଯ୍ୟ ବୋଲି ସେମାନେ ଦର୍ଶାଇଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଅଜିତ କୁମାର ଦାସ, ସମ୍ପାଦକ ଅରୁଣ ସ୍ୱାଇଁ, ଶୈଳେନ୍ଦ୍ରୀ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ପୋଷଣ କାର୍ଯ୍ୟକ୍ରମ

ବିରିଡି: ୬।୧ (ଡି.ଏନ.ଏ) :ବିରିଡି ବ୍ଲକ ସମ୍ମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗ ପକ୍ଷରୁ ଶୁକ୍ରବାର ବ୍ଲକସ୍ତରୀୟ ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛୋଟ ପିଲା, ଗର୍ଭବତୀ, ପ୍ରସୂତୀ ମହିଳା ଓ କିଶୋରୀଙ୍କ ଭିତରେ ଥିବା କୁପୋଷଣ ଜନିତ ସ୍ୱାସ୍ଥ୍ୟ ସମସ୍ୟାକୁ ଏଡ଼ାଇବା, ଗୋଷ୍ଠୀସ୍ତରୀୟ ପୁଷ୍ଟି ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି କରିବା ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମକୁ ବ୍ଲକ ଅଧକ୍ଷା ମମତା ପାତ୍ର ଉଦ୍‌ଘାଟନ କରିଥିଲେ। ଉପାଧକ୍ଷା ପିନାକୀ ପ୍ରିୟଦର୍ଶିନୀ, ବିଡିଓ ହେମନ୍ତ କୁମାର ମହାନ୍ତ, ଡା. ଲୋକନାଥ ସାହୁ, ସିଡିପିଓ ନଳିନୀ ବେହେରା, ବିଜୟ କୁମାର ରଣା ଯୋଗ ଦେଇଥିଲେ। ଏଥିରେ ବ୍ଲକର ୭ ସେକ୍ଟର ଅଙ୍ଗନୱାଡି କର୍ମୀମାନେ ଆଣିଥିବା ବିଭିନ୍ନ ପୋଷକ ତତ୍ତ୍ୱ ଥିବା ଖାଦ୍ୟ ପଦାର୍ଥ ପ୍ରଦର୍ଶିତ କରିଥିଲେ।

## ୪ ଦଫା ଦାବିରେ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା


ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ଗଣଧାରଣା ଦିଆଯାଇଛି।

**ଏରସମା,୬।୧ (ସ୍ୱ.ପ୍ର.)**

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ୪ ଦଫା ଦାବିରେ ବିଦ୍ୟୁତ୍ ଉପଭୋକ୍ତା ମିଳିତ ମଞ୍ଚ ପକ୍ଷରୁ ଗଣଧାରଣା ଦିଆଯାଇଥିଲା। ସେଗୁଡ଼ିକ ହେଲା ଯୁଦ୍ଧକାଳୀନ ଭିତ୍ତିରେ ସୌଭାଗ୍ୟ ଯୋଜନାର ହିତାଧିକାରୀଙ୍କୁ ବିଲ୍ ପ୍ରଦାନ, ବିଦ୍ୟୁତ୍ ସମସ୍ୟାର ଶୁଣାଣି ନିମନ୍ତେ ମାସିକ ଅଭିଯୋଗ ପ୍ରକୋଷ୍ଠ ପ୍ରତିଷ୍ଠା, ଖୁଣ୍ଟରୁ ଖସିଯାଇଥିବା ତାର ସଂଯୋଗ କରିବା, କାର୍ଯ୍ୟରେ ଅବହେଳା କରୁଥିବା କର୍ମଚାରୀଙ୍କ ପ୍ରତି ଦଣ୍ଡବିଧାନ କରିବା ଆଦି ଅନ୍ତର୍ଭୁକ୍ତ। ଏହି ଗଣଧାରଣାରେ ସର୍ବେଶ୍ୱର ଦାସ, ଦିପକ ପରିଡା, ସୁବ୍ରତ ଶାସମଲ, ହୃଦାନନ୍ଦ ଭୋଇ, ଅନିରୁଦ୍ଧ ସ୍ୱାଇଁ, ଲତା ଦେବନାଥ, ଅର୍ଚ୍ଚିତା ମାନ୍ନା ପ୍ରମୁଖ ସାମିଲ ହୋଇଥିଲେ। ଖବରପାଇ ବିଭାଗୀୟ ଏସ୍‌ଡିଓ ସ୍ମିତି ରଞ୍ଜନ ସାହୁ, ଏସ୍‌ଡିଓ(ବାଣିଜ୍ୟ) ଶାନ୍ତନୁ କୁମାର ଦାସ, କନିଷ୍ଠ ଯନ୍ତ୍ରୀ ଦିପକ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ। ଏଥିସହ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଦାବିଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା ।

## ଏକାଧିକ ସଙ୍ଗଠନର ଉଚ୍ଚସ୍ତରୀୟ ତଦନ୍ତ ଦାବି

**ପାରାଦୀପ,୬।୧(ସ୍ୱ.ପ୍ର.)**

ପାରାଦୀପ ତାରିଣୀଗଡା ବ୍ରିଜ ଆଣ୍ଡ ରୁଫ ସରକାରୀ ଅତିଥି ଭବନରେ ଜାନୁୟାରୀ ୧ରେ ଗୁଳିମାଡ ଘଟଣାରେ ସ୍ଥାନୀୟ ବ୍ୟବସାୟୀ ରାକେଶ ପଟ୍ଟନାୟକ (ରାକା)ଙ୍କୁ ଆଦର୍ଶଥାନା ପୋଲିସ ଗତ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଦୁଇଟି ସଙ୍ଗଠନ ଏଏସ୍‌ପି ନିମାଇଁ ସେଠୀଙ୍କୁ ଦାବିପତ୍ର ଦେଇଛନ୍ତି। ଉକ୍ତ ସଙ୍ଗଠନ ହେଲା କାର୍ଯ୍ୟରତ ଖବରଦାତା ସଙ୍ଗଠନ ଓ ଷଣ୍ଢକୁଦ ନାଗରିକ ବିକାଶ ପରିଷଦ। କେତେଜଣ ମୁଷ୍ଟିମେୟ ଲୋକଙ୍କ ପ୍ରରୋଚନାରେ ଏଭଳି ମିଥ୍ୟା ମାମଲା କରାଯାଇଛି ବୋଲି ଉଭୟ ସଙ୍ଗଠନ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି। ଷଣ୍ଢକୁଦର ପରିଷଦର ମୁଖ୍ୟ ରାକା ହୋଇଥିବାରୁ ଏନେଇ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ସୂଚନାଯୋଗ୍ୟ, ଏହି ଗୁଳିମାଡ ଘଟଣାରେ ରାକାଙ୍କ ସମେତ ଆଉ ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।


ଏଏସ୍‌ପି ନିମାଇଁ ସେଠୀଙ୍କୁ ଦାବିପତ୍ର ଦିଆଯାଉଛି।

## ପିକ୍‌ନିକ୍‌ରୁ ଫେରୁଥିବାବେଳେ ୭ରୁ ଊର୍ଦ୍ଧ୍ୱ ଛାତ୍ରୀ ଗୁରୁତର

**ପଟ୍ଟାମୁଣ୍ଡାଇ, ୬।୧(ସ୍ୱ.ପ୍ର.)**

କେନ୍ଦ୍ରାପଡ଼ା ଜିଲା ରାଜନଗର ପେଣ୍ଠ ବଲାଭୂମିରେ ପିକ୍‌ନିକ୍ ସାରି ଘରକୁ ଶୁକ୍ରବାର ସନ୍ଧ୍ୟାରେ ଫେରୁଥିବା ବେଳେ ୭ରୁ ଊର୍ଦ୍ଧ୍ୱ ଛାତ୍ରୀ ଗୁରୁତର ଅସୁସ୍ଥ ହୋଇପଡିଛନ୍ତି। ସଖାଲୁ କଟକ ତୁଳସୀପୁରସ୍ଥିତ ବାପୁଜୀ ଶିକ୍ଷା ନିକେତନର ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପିକ୍‌ନିକ୍ କରିବା ପାଇଁ ରାଜନଗର ପେଣ୍ଠ ବେଳାଭୂମିକୁ ଆସିଥିଲେ। ପିକ୍‌ନିକ୍ ସାରି ଘରକୁ ଫେରୁଥିବା ବେଳେ ପଟ୍ଟାମୁଣ୍ଡାଇ ନୂଆଗାଁ ନିକଟରେ ୭ ଜଣ ଛାତ୍ରୀ ଗୁରୁତର ହୋଇପଡିବା ସହ ବାନ୍ତି କରି ସଂଜ୍ଞାହୀନ ହୋଇ ପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ପଟ୍ଟାମୁଣ୍ଡାଇ ଉପଖଣ୍ଡ ସ୍ତରୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଖବର ଲେଖା ହେବା ସୁଦ୍ଧା ଛାତ୍ରୀମାନଙ୍କ ଅବସ୍ଥା ଗୁରୁତର ରହିଛି। ଡାକ୍ତରଖାନାରେ ଡା. ଚନ୍ଦ୍ରଶେଖର ଦାସଙ୍କ ସମେତ ୩ ଜଣିଆ ଡାକ୍ତରୀ ଟିମ ଚିକିତ୍ସା ଜାରି ରଖିଛନ୍ତି। ଅନ୍ୟପକ୍ଷେ ଫେରିବା ସମୟରେ ଛାତ୍ରୀମାନେ ସମୁଦ୍ର ପାଣିରେ ଗାଧୋଇବା ସହ ଲହଡ଼ି ମାଡ଼ ଖାଇବା ସହ ଓଦା ଡ୍ରେସ ବଦଳାଇ ନ ଥିଲେ। ଯାହାଦ୍ୱାରା ଏପରି ପରିସ୍ଥିତି ଘଟିଥିବା କହିଛନ୍ତି ବସ ଡ୍ରାଇଭରଙ୍କ ସମେତ ବିଦ୍ୟାଳୟ ଶିକ୍ଷକମାନେ। ସେପଟେ ଲହଡି ମାଡ଼ରେ ଅତ୍ୟଧିକ ପ୍ରଭାବିତ ହୋଇ ଥଣ୍ଡାରେ ପିଲାମାନଙ୍କ ଦେହ ଖରାପ ହୋଇଥିବା କୁହାଯାଉଛି। ଅସୁସ୍ଥ ଛାତ୍ରୀମାନେ ହେଲେ କଟକ ତୁଳସୀପୁର ସ୍ଥିତ ବାପୁଜୀ ଶିକ୍ଷା ନିକେତନର ୧୦ମ ଶ୍ରେଣୀର ଛାତ୍ରୀ ଶୁଭଶ୍ରୀ ସାମଲ, ଜମରୁନ ବେଗମ, ସୁଭଦ୍ରା ମହାନ୍ତି, ହିରା ଦାସ, ପ୍ରତିଭା ସେଠୀ, କବିତା ସାହୁ, ଛବି ପଣ୍ଡା। ତେବେ ଚିକିତ୍ସା କରୁଥିବା ଡାକ୍ତର ଦାସ ଅସୁସ୍ଥ ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା କହିଛନ୍ତି।

## ଆଳି ଷ୍ଟାଡିୟମ ଗ୍ୟାଲେରି ଶୁଭ ଦେଲେ ମନ୍ତ୍ରୀ


ଷ୍ଟାଡିୟମ ଗ୍ୟାଲେରି ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ମନ୍ତ୍ରୀ ପ୍ରତାପ କେଶରୀ ଦେବ ଓ ଅନ୍ୟମାନେ ।

**ଆଳି,୬।୧(ଡ଼ି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକରେ ଥିବା ଆଳି ହାଇସ୍କୁଲ ଷ୍ଟାଡିୟମ ପରିସରରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଗ୍ୟାଲେରୀର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଶିଳ୍ପ, ଶକ୍ତି ଓ ଲଘୁ ଉଦ୍ୟୋଗ ମନ୍ତ୍ରୀ ପ୍ରତାପ କେଶରୀ ଦେବ। ଏହି ଭିତ୍ତିପ୍ରସ୍ତର ସ୍ଥାପନ ସମୟରେ ଦେବଙ୍କ ସହ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲା ପରିଷଦ ସଭ୍ୟ ଭୀଷ୍ମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଷ୍ଟାଡିୟମ ପରିସରରେ ଆଳି ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଏକ ବୈଠକ ସଭାପତି ତଥା ପୂର୍ବତନ ବିଧାୟକ ଶର୍ମାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିଲା। ଦୀର୍ଘଦିନ ହେବ ଆଥଲେଟିକ ଆସୋସିଏଶନ ସଭାପତି ପଦବୀରେ ଥିବା ଶର୍ମା ଶାରୀରିକ ଅସୁସ୍ଥତା ଯୋଗୁଁ ସଭାପତି ପଦରୁ ଇସ୍ତଫା ଦେଇ ମନ୍ତ୍ରୀ ଦେବଙ୍କୁ ସଭାପତି କରିବାକୁ ପ୍ରସ୍ତାବ ରଖିଥିଲେ। ଏହା ପ୍ରସ୍ତାବ ସର୍ବସମ୍ମତିକ୍ରମେ ଗୃହୀତ ହେବା ପରେ ମନ୍ତ୍ରୀ ଦେବ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଉପସ୍ଥିତ ସଦସ୍ୟମାନେ ମନ୍ତ୍ରୀ ଦେବଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଦେବ କହିଥିଲେ ଯେ, ସମଗ୍ର ଭାରତ ବର୍ଷରେ ଆଳି ମହିଳା ଫୁଟବଲର ଆନ୍ତର୍ଜାତିକ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ୫ ବର୍ଷ ହେବ ରାଜ୍ୟ ସରକାର କ୍ରୀଡା କ୍ଷେତ୍ରରେ ଯେଉଁ ଯୁଗାନ୍ତକାରୀ ପଦକ୍ଷେପ ନେଉଛନ୍ତି ତାହା ନିଶ୍ଚିତ ଭାବେ ଓଡ଼ିଶାର କ୍ରୀଡା ଜଗତକୁ ଆଗାମୀଦିନରେ ସୁଦୃଢ କରିବ। ଆଳି ଅଞ୍ଚଳର କ୍ରୀଡାର ଭିତ୍ତିଭୂମି କିପରି ସୁଦୃଢ ହେବ ସେ ନେଇ ସେ ନିଶ୍ଚିତ ଭାବେ ଚେଷ୍ଟା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଆଳି ହାଇସ୍କୁଲ ଷ୍ଟାଡିୟମର ନବୀକରଣ ସହ କ୍ରୀଡା ପ୍ରତି ଆକୃଷ୍ଟ ହେଉଥିବା କ୍ରୀଡାବିତ୍‌ଙ୍କ ନିମନ୍ତେ ଆଗାମୀଦିନରେ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯିବ। ଏହି ବୈଠକରେ ବ୍ଲକ ଆସୋସିଏଶନର ସମ୍ପାଦକ ବିଜୟାନନ୍ଦ ସେନାପତି, ଉପସଭାପତି ଚିରଞ୍ଜୀବୀ ଦାସ, କୃଷ୍ଣଚନ୍ଦ୍ର ପରିଡ଼ା, ଗଣେଶ୍ୱର ସାମଲ, ଅରୁଣ ଖଣ୍ଡୁଆଳ, ଭଗବାନ ନାୟକ, ସୁବ୍ରତ ଦାଶ, ଶରତ ଦାସ, ସଦାନନ୍ଦ ସିଂ, ହବେଶ ପଲାଇ, ମନୋଜ ମହାନ୍ତି ଓ ସୁଶାନ୍ତ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାର ପ୍ରଥମ ଧାନମଣ୍ଡି ଖୋଲିଲା

**ରଘୁନାଥପୁର,୬।୧(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ତାରପୁର ବାଇପାସ୍ଥିତ ଆରଏମସି ପରିସରରେ ଜଗତସିଂହପୁର ନିୟନ୍ତ୍ରିତ ବଜାର କମିଟି ଓ ଜିଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷର ପ୍ରଥମ ଧାନ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ପାରୁଲ ପଟୱାରି ଏହାର ଶୁଭାରମ୍ଭ କରିଥିଲେ। ଶିବଶକ୍ତି ମହିଳା ଏସ୍‌ଏଚ୍‌ଜି( ସ୍ୱୟଂ ସହାୟକ ଗୋଷ୍ଠୀ)ଙ୍କ ଦ୍ୱାରା ଧାନ ସଂଗ୍ରହ କେନ୍ଦ୍ର ପରିଚାଳିତ ହେବାକୁ ଥିବାବେଳେ ପ୍ରଥମ ଥର ପାଇଁ ଜିଲାର ବାଲିକୁଦା, ନାଉଗାଁ, ଏରସମା, ଜଗତସିଂହପୁର ଓ ରଘୁନାଥପୁର ବ୍ଲକର ୬ଟି ଏସ୍‌ଏଚଜିକୁ ଧାନ ସଂଗ୍ରହ ପାଇଁ ଦାୟିତ୍ୱ ଦିଆଯାଇଛି। ଏହାଛଡା ଜିଲାର ୧୦୪ କୃଷି ସମବାୟ ସମିତି ଜରିଆରେ ଧାନ ସଂଗ୍ରହ କରାଯିବା ପାଇଁ ବ୍ୟବସ୍ଥା ହୋଇଛି। ଏହାଦ୍ୱାରା ମହିଳାମାନେ ସଶକ୍ତ ହେବା ସହ ନିଜେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଜିଲାପାଳ ପଟୱାରି ପ୍ରକାଶ କରିଥିଲେ। ଆୟୋଜିତ ଉତ୍ସବରେ ଉପଜିଲାପାଳ ଧର୍ମେନ୍ଦ୍ର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ଯୋଗଦେଇଥିଲେ। ଚାଷୀମାନେ ମଣ୍ଡିକୁ ଆଣୁଥିବା ସାଧାରଣ ଧାନ କୁଇଣ୍ଟାଲ ପିଛା ସହାୟକ ମୂଲ୍ୟ ୨୦୪୦ ଟଙ୍କା ଓ ଗ୍ରେଡ-ଏ ଧାନ କୁଇଣ୍ଟାଲ ପିଛା ୨୦୬୦ ଟଙ୍କା ପାଇବେ। ପ୍ରତ୍ୟେକ ବସ୍ତା ୫୦ କିଲୋରୁ ଉର୍ଦ୍ଧ୍ୱ ହୋଇ ନ ଥିବା ଆବଶ୍ୟକ ବୋଲି ଅଧିକାରୀ ମିଶ୍ର ସୂଚାଇ ଦେଇଥିଲେ। ୯ ହଜାର କୁଇଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ଥିବାବେଳେ ସପ୍ତାହରେ ବୁଧବାର ଓ ଶୁକ୍ରବାର ଧାନ କ୍ରୟ କରାଯିବ ବୋଲି ସେ କହିଥିଲେ। ଚାଷୀଙ୍କ ଉନ୍ନତି ସହ ମହିଳାଙ୍କ ଆର୍ଥିକ ଅଭିବୃଦ୍ଧି ହେବା ସରକାରଙ୍କ ଲକ୍ଷ ବୋଲି ତିର୍ତ୍ତୋଲ ବ୍ଲକ ଆମ୍ବ କମିଟି ଅଧକ୍ଷ ଦେବେନ୍ଦ୍ର ମଲ୍ଲିକ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଲମ୍ବୋଦର ଖୁଣ୍ଟିଆ, ଆଡ଼ିସିନାଲ ସିଏସଓ ରୋହିତ କୁମାର ଦାସ, ଏଆରସିଏସ ଶିବଚରଣ ମହାନ୍ତି,ଏସିଏସଓ ମଧୁସ୍ମିତା ମହାପାତ୍ର, ଡିଆଇପିଆରଓ କାମିନିରଞ୍ଜନ ପଟ୍ଟନାୟକ, ଆରଏମସି ସେକ୍ରେଟାରୀ ସୂର୍ଯ୍ୟକାନ୍ତ ଦାସ, ଡିପିସି ମିଶନଶକ୍ତି ଅଭିକ ନାରାୟଣ,ଏମଆଇ ବାବୁଲାଲ ବାରିକ, ଅନ୍ତର୍ଯାମୀ ରାଉତ, ପ୍ରକାଶ ମଲ୍ଲିକ, ୧ ନଂ. ଜୋନ ଜିଲାପରିଷଦ ସଭ୍ୟା ରିନାରାଣୀ ମଲ୍ଲିକ, ତାରପୁର ସରପଞ୍ଚ ସୁଷମା ମଲ୍ଲିକ,ଚିକିଣିଆ ସରପଞ୍ଚ ବିଷ୍ଣୁ ଚରଣ ସେଠି, ତଅଁରା ସରପଞ୍ଚ ବଟକୃଷ୍ଣ ନାୟକ, ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିବଶକ୍ତି ଏସଏଚଜି ସଭାନେତ୍ରୀ କାମିନୀ ସ୍ୱାଇଁ ଅତିଥି ପରିଚୟ ଓ ସମ୍ପାଦିକା ଅନ୍ନପୂର୍ଣ୍ଣା ସ୍ୱାଇଁ ଧନ୍ୟବାଦ ଦେଇଥିଲେ।


ତାରପୁରଠାରେ ଜିଲାପାଳ ପାରୁଲ ପଟୱାରି ଧାନମଣ୍ଡି ଉଦ୍‌ଘାଟନ କରୁଛନ୍ତି।

## ବିନା ସୂଚନା ଫଳକରେ ଚାଲିଛି ବୁରୁଜ ନିର୍ମାଣ

**ନାଉଗାଁ,୬।୧(ସ୍ୱ.ପ୍ର)**

ବନ୍ୟା ସମୟରେ ଦେବୀ ନଦୀ କୂଳ ଖାଇବା ଯୋଗୁ ପ୍ରତି ବର୍ଷ ନାଉଗାଁ ବ୍ଲକ ଅନ୍ତର୍ଗତ ପାରିଶିଖର ଗ୍ରାମର ଅନେକ ଚାଷ ଜମି ନଦୀ ଗର୍ଭରେ ଲୀନ ହୋଇଯାଉଛି। ଚାଷ ଜମିକୁ ସୁରକ୍ଷା ଦେବା ପାଇଁ ସ୍ଥାନୀୟ ବାସିନ୍ଦା ପ୍ରଶସାନିକ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ନଦୀରେ ବୁରୁଜ ନିର୍ମାଣ ସହ ପଥର ପ୍ୟାକିଂ କାର୍ଯ୍ୟ ଚାଲୁ ରହିଛି। ଓଡିଶା ସରକାରଙ୍କ ଜଳ ସେଚନ ବିଭାଗ ଦ୍ୱାରା ଉକ୍ତ କାର୍ଯ୍ୟ କରାଯାଉଥିବାବେଳେ ଜଳ ସେଚନ ବିଭାଗ ନିମାପଡା ଡିଭିଜନର କାକଟପୁର ଉପଖଣ୍ଡ ଏହାର ତଦାରଖ ଦାୟିତ୍ୱରେ ରହିଛନ୍ତି। ଉକ୍ତ ନିର୍ମାଣ କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ମାତ୍ର ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ସରକାରଙ୍କ ନିୟମାନୁସାରେ କୌଣସି ନିର୍ମାଣ କାର୍ଯ୍ୟ ପୂର୍ବରୁ ଜନ ସାଧାରଣଙ୍କ ଅବଗତି ନିମନ୍ତେ ସୂଚନା ଫଳକ ଲଗାଯିବା କଥା। କିନ୍ତୁ ଏଠାରେ ନିୟମକୁ ଉଲ୍ଲଂଘନ କରାଯାଇଥିବା ନେଇ ସାଧାରଣ ଅଭିଯୋଗ ହୋଇଛି। ଜଳସେଚନ ବିଭାଗ ଉପଖଣ୍ଡର ଯନ୍ତ୍ରୀ ତପନ ନାୟକଙ୍କ ସୂଚନାନୁସାରେ ଏହି କାର୍ଯ୍ୟ ଡିସେମ୍ବର ୨୦୨୨ରୁ ଆରମ୍ଭ କରାଯାଇଛି। ମାର୍ଚ୍ଚ ୨୦୨୪ରେ ଶେଷ ହେବ। ଏନେଇ ନଦୀ କୂଳଠାରୁ ଭିତରକୁ ୨୦ ମିଟର ପର୍ଯ୍ୟନ୍ତ ୬ଟି ବୁରୁଜ ନିର୍ମାଣ କରଯିବା ସହ ୭୪୦ ମିଟର ପଥର ପ୍ୟାକିଂ କରାଯିବ। ଏହି କାର୍ଯ୍ୟ ପାଇଁ ବିଭାଗ ପକ୍ଷରୁ ୯ କୋଟି ୮୫ ଲକ୍ଷ ୮ହଜାର ୨୭୦ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏବେ ଠିକାଦାରଙ୍କ ଦ୍ୱାରା ନଦୀ ପାର୍ଶ୍ୱରେ ବୁରୁଜ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। କିନ୍ତୁ ନିର୍ମାଣ କରାଯାଉଥିବା ବୁରୁଜରେ ନିମ୍ନମାନର ପଥର ବ୍ୟବହାର କରାଯାଉଥିବା ବେଳେ ଛୋଟ ପଥର ବ୍ୟବହାର କରାଯାଉଛି। ଏନେଇ ସ୍ଥାନୀୟ ଲୋକେ ଅସନ୍ତୋଷବ୍ୟକ୍ତ କରିଛନ୍ତି। ପଥର ପ୍ୟାକିଂ କାର୍ଯ୍ୟ କିମ୍ବା ବୁରୁଜ କାର୍ଯ୍ୟ ଠିକ୍ ନ ହେଲେ ନଦୀରେ ବନ୍ୟା ଆସିଲେ ଉକ୍ତ ପଥର ଖସି ପାଣିକୁ ଚାଲିଯିବାର ସମ୍ଭାବନା ରହିଛି ବୋଲି ସେମାନେ କହିଛନ୍ତି। ଏନେଇ କାର୍ଯ୍ୟର ସ୍ଥାୟିତ୍ୱ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କାର୍ଯ୍ୟକୁ ଠିକ୍ ଭାବେ କରିବା ପାଇଁ ଚିତ୍ତରଞ୍ଜନ କାଣ୍ଡି, ପ୍ରସନ୍ନ ସ୍ୱାଇଁ,ପ୍ରଶାନ୍ତ ବାରିକ,ସିଲୁ ପରିଡା

ପ୍ରମୁଖ ଦାବି କରିଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦା ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ନିକଟରେ ମଧ୍ୟ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଗତ ୩ ଜାନୁୟାରୀ ୨୦୨୩ ଜଳସେଚନ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି ପହଞ୍ଚି ବୁରୁଜ କାର୍ଯ୍ୟ ବୁଲି ଦେଖିବା ସହ ଠିକ୍ ଭାବେ କାର୍ଯ କରିବାକୁ ଠିକାଦାର ଓ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଫଳକ ବିଷୟରେ ଜଳସେଚନ ବିଭାଗର କାକାଟପୁର ଉପଖଣ୍ଡ ଯନ୍ତ୍ରୀ ତପନ ନାୟକ କୁହନ୍ତି, ଏବେ କାର୍ଯ୍ୟ ଚାଲୁ ରହିଛି। ଠିକାଦାରଙ୍କୁ କହି ସୂଚନା ଫଳକ ଲଗାଯିବାର ବ୍ୟବସ୍ଥା କରାଯିବ।

- ନିମ୍ନମାନର କାମ ସମ୍ପର୍କରେ ପୂର୍ବର ବିଧାୟକଙ୍କ ନିକଟରେ ଅଭିଯୋଗ ହୋଇଥିଲା
- ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳ ହୋଇଛି


ପାରିଶିଖର ଗ୍ରାମ ନିକଟ ଦେବୀ ନଦୀରେ ବୁରୁଜ ନିର୍ମାଣ ଚାଲିଛି।

**ସଂକ୍ଷେପରେ**

## ପଞ୍ଚଦଶ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ

**ଖଣ୍ଡପଡା,୬।୧(ସ୍ୱ.ପ୍ର.):** ସିଧାମୂଳା ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଆରମ୍ଭ ହୋଇଥିବା ୯ ଦିନ ବ୍ୟାପୀ ରାମଚରିତ ମାନସ ନବାହ୍ନ ପାରାୟଣ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଆଧାତ୍ମିକ କାର୍ଯ୍ୟକ୍ରମରେ ପବିତ୍ର ମୋହନ କର ବ୍ୟାସ, ଆଚାର୍ଯ୍ୟ ଅରୁଣ କୁମାର ମିଶ୍ର, କର୍ତ୍ତା ଭାବେ ବିଷ୍ଣୁ ପ୍ରସାଦ ମିଶ୍ର ଯୋଗଦେଇ ଅଧିବାସ ଓ ଘଟ ସ୍ଥାପନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ଅନୁଷ୍ଠିତ ପାରାୟଣ କାର୍ଯ୍ୟକ୍ରମରେ ବକ୍ତା ବସନ୍ତ ବିଶୋଇ, କୈଳାସ ପଣ୍ଡା, କୃପାସିନ୍ଧୁ ଦାସମହାରାଜ,ଗୀତାଞ୍ଜଳି ଜେନା ପ୍ରମୁଖ ଯୋଗଦେଇ ରାମକଥା ଉପରେ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅପରାହ୍ନ ୫ଟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିବାବେଳେ ଶ୍ରଦ୍ଧାଳୁମାନଙ୍କ ସମାଗମ ହୋଇଥିଲା।

## ସାଧୁ ଅଭୟ ଦାସଙ୍କ ଶ୍ରାଦ୍ଧ ଦିବସ

**ନୟାଗଡ଼ ଅଫିସ,୬।୧:** ନୟାଗଡ଼ ବ୍ଲକ ଶିମିଳିସାହି ମହିମା ଅଲେଖ ଆଶ୍ରମରେ ଗୁରୁ ଅଭୟ ଦାସଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିଷ୍ୟ ଯୋଗେନ୍ଦ୍ର ଦାସଙ୍କ ଆବାହକତ୍ୱରେ ଏହି ଦିବସରେ ମହିମା ଧର୍ମାବଲମ୍ବୀମାନେ ଯୋଗଦେଇ ଗୁରୁ ଅଭୟଙ୍କ ସ୍ତୁତିଚାରଣ କରିଥିଲେ। ସ୍ଥାନୀୟ ଲୋକ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

**ନୟାଗଡ ଅଫିସ/ରଣପୁର,୬।୧(ସ୍ୱ.ପ୍ର.):** ଚାନ୍ଦପୁର ଥାନା ପୋଲିସ କୋଲକତା-ମାଡ୍ରାସ ୧୬ ନଂ. ଜାତୀୟ ରାଜପଥର ଚାନ୍ଦପୁର ବାଇପାସ ନିକଟ ଶନିମନ୍ଦିରଠାରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ମୃତବ୍ୟକ୍ତିଙ୍କର ବୟସ ୫୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ମୃତବ୍ୟକ୍ତି ଏକ କାଜୁ ଗଛରେ ଦଉଡିରେ ଝୁଲୁଥିଲେ। ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପୋଖରୀରୁ ଚାଷୀଙ୍କ ମୃତଦେହ ଜବତ

**ଦିଗପହଣ୍ଡି,୬।୧(ଡି.ଏନ୍.ଏ.):** ଦିଗପହଣ୍ଡି ବ୍ଲକ ଚୌଧୁରୀ ଟିକରପଡ଼ା ଗ୍ରାମର ଚାଷୀ ବୃନ୍ଦାବନ ସାହୁ (୫୦)ଙ୍କ ମୃତଦେହ ଗାଁ ପୋଖରୀରୁ ଜବତ କରାଯାଇଛି। ଶୁକ୍ରବାର କେ.ନୂଆଗାଁ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଚୌଧୁରୀ ଟିକରପଡ଼ା ଗ୍ରାମ ଗଣିଆସାହିର ଚାଷୀ ବୃନ୍ଦାବନ ଗୁରୁବାର ସନ୍ଧ୍ୟାରେ ଧାନ ଅମଳ ସାରି ପୋଖରୀକୁ ଗାଧୋଇବା ପାଇଁ ଯାଇଥିଲେ। ଅସାବଧାନତା କାରଣରୁ ସେ ପୋଖରୀ ଭିତରେ ପଡ଼ି ଯାଇଥିଲେ।



ନୟାଗଡ଼- ଖଣ୍ଡପଡ଼ା ରାସ୍ତାକୁ ବାଲୁଗାଁଠାରେ ଚାଷୀମାନେ ଅବରୋଧ କରିଛନ୍ତି।




କାଳିକାପ୍ରସାଦ ସମିତି ପକ୍ଷରୁ ଜିଲାପାଳଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶତ କରାଯାଉଛି।

# ମିଲରଙ୍କ ମନମାନିକୁ ଚାଷୀଙ୍କ ପ୍ରତିବାଦ

- କଟନି ଛଟନିକୁ ବନ୍ଦ କରିବାକୁ ଦାବି ତେଜିଲା
- ବାଲୁଗାଁରେ ରାସ୍ତାରୋକୋ
- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ନୟାଗଡ଼ ଅଫିସ,୬।୧**

ଧାନକିଣାରେ କଟନୀ ଛଟନୀକୁ ନେଇ ମିଲରଙ୍କ ମନମାନି ବିରୋଧରେ ନୟାଗଡ଼ ଜିଲାସାରା ପ୍ରତିବାଦର ନିଆଁ ଜଳୁଛି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟରେ କାଳିକାପ୍ରସାଦ, ଆନନ୍ଦାପଲ୍ଲୀ ଓ ଅଶ୍ୱସ୍ତୁପଡ଼ା ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ଥିବା ଚାଷୀମାନେ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ବିକ୍ଷୋଭ କରିଥିଲେ। ସେହିପରି ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବାଲୁଗାଁର ଚାଷୀମାନେ ନୟାଗଡ଼ ଖଣ୍ଡପଡ଼ା ରାସ୍ତାକୁ ବାଲୁଗାଁଠାରେ ରାସ୍ତାରୋକୋ କରିଥିଲେ।

ନୟାଗଡ ବ୍ଲକର ବାଲୁଗାଁରେ ଶୁକ୍ରବାର ମଣ୍ଡିରେ ଧାନ କିଣି ଯିବାର ଥିଲା। ଚାଷୀ ଗୁରୁବାରଠାରୁ ମଣ୍ଡିରେ ଧାନ ଆଗୁଆ ରଖି ଜଗିଥିଲେ। ମିଲର ଧାନ କିଣିବାକୁ ଆସି ଚାଷୀଙ୍କ ସହ ଆଲୋଚନା କରି କୁଇଣ୍ଟାଲ ପିଛା ୧୦ କେଜି ଧାନ କାଟିବାକୁ ପ୍ରସ୍ତାବ ରଖିଥିଲେ, ନ ହେଲେ ଧାନ ଉଠାଇ ପାରିବ ନାହିଁ ବୋଲି କହିଥିଲେ। ମିଲରଙ୍କ କଥାରେ ଚାଷୀ ଉତ୍ତେଜିତ ହୋଇ କଟନୀ ଛଟନୀକୁ ବିରୋଧ କରି ନୟାଗଡ଼ ଖଣ୍ଡପଡ଼ା ରାସ୍ତାକୁ ବାଲୁଗାଁଠାରେ ଅପରାହ୍ନ ୩ଟାରେ ରାସ୍ତାରୋକୋ କରିଥିଲେ। କୃଷକ ନେତା ସନ୍ତୋଷ ପ୍ରଧାନ, ରଣଜିତ୍ ଦଳବେହେରା, ଅକ୍ଷୟ କୁମାର ନାୟକ ଓ ସଞ୍ଜୟ କୁମାର ନାୟକଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା। ରାସ୍ତାର ଉଭୟପାର୍ଶ୍ୱରେ ଯାନବାହାନ ଅଟକି ରହିଥିଲା। ଖବରପାଇ ନୟାଗଡ଼ ତହସିଲଦାର ଭିକାରୀ ଚରଣ ସାହୁ ଓ ଜିଲା ଯୋଗାଣ ଅଧିକାରୀ ତିଳୋତମା ପ୍ରଧାନ ଆନ୍ଦୋଳନସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ମଣ୍ଡିକୁ ଯାଇ ୨ ଅଧିକାରୀ ଚାଷୀଙ୍କ ସମସ୍ୟା ବୁଝିବା ସହ ବୁଲି ଦେଖିଥିଲେ। ଅନ୍ୟପକ୍ଷେ ଧାନକିଣାର ଅବ୍ୟବସ୍ଥା ନେଇ ଆରଏମ୍‌ସ୍ କର୍ମଚାରୀଙ୍କୁ ତାଗିଦ୍ କରିଥିଲେ। ଶନିବାର ସେଣ୍ଟ୍ରାଲ ଟିମ୍ ଅନୁଧ୍ୟାନକାରୀ ଦଳ ପହଞ୍ଚି ଧାନର ମାନ ପରିକ୍ଷଣ ପରେ ଧାନ କିଣାଯିବ ବୋଲି ପ୍ରତିଶ୍ରୁତି ପରେ ସନ୍ଧ୍ୟା ସାଢ଼େ ୬ଟାରେ ରାସ୍ତାରୋକୋ ହଟିଥିଲା। ସେହିପରି କାଳିକାପ୍ରସାଦରେ ୨ଜଣ ମିଲର ୮ହଜାର କୁଇଣ୍ଟାଲ ଧାନ କିଣିବାକୁ ନିଯୁକ୍ତି ହୋଇଛନ୍ତି। ତେବେ ୨ ମିଲର ଅଖା ମିଳୁନି ବୋଲି ବାହାନା ଦେଖାଇ ଧାନ କିଣୁନାହାନ୍ତି। ଏ ନେଇ କାଳିକାପ୍ରସାଦ ସମବାୟ ସମିତିର ସଭାପତି ବିଜୟ କୁମାର ସ୍ୱାଇଁ, ପୂର୍ବତନ ସରପଞ୍ଚ କାଳୁ ଚରଣ ରାଉତ ପ୍ରମୁଖ ଜିଲାପାଳଙ୍କୁ ଭେଟି ଧାନକିଣା ଅବ୍ୟବସ୍ଥା ସମ୍ପର୍କରେ ଫେରାଦ୍ ହୋଇଛନ୍ତି। ସେହିପରି ଆନନ୍ଦାପଲ୍ଲୀ ଓ ଅଶ୍ୱସ୍ତୁପଡା ଅଞ୍ଚଳର ଚାଷୀମାନେ ଅନୁରୂପ ଭାବେ ଜିଲାପାଳଙ୍କୁ ଭେଟି ମିଲର କପିରି ୧୦ କେଜି ଲେଖାଏ କଟନୀ ଛଟନୀ କରିବାକୁ କହୁଛନ୍ତି ଉପସ୍ଥାପନ କରିଥିଲେ। ଚଳିତବର୍ଷ ଭଲ ଅମଳ ହୋଇଥିବାବେଳେ ଧାନ କାଟିବା ଠିକ୍ ନୁହେଁ। ୧୦କେଜି ଲେଖାଏ ଧାନ କଟିଲେ ସେମାନେ ଲାଭ କ'ଣ ପାଇବେ ବୋଲି କ୍ଷୋଭ ପ୍ରକାଶ କରିଛନ୍ତି। ପୁଣି ମଣ୍ଡିରୁ ଫେରି ବ୍ୟବସାୟୀଙ୍କୁ ବିକିଲେ ଆହୁରି କ୍ଷତିର ସମ୍ମୁଖୀନ ହେବେ ବୋଲି ଦର୍ଶାଇଥିଲେ। ଜିଲାପାଳ ଚାଷୀଙ୍କ ଅଭିଯୋଗ ଶୁଣି କଟନୀ ଛଟନୀକୁ ବିରୋଧ କରି ପ୍ୟାକ୍ସ ଧାନ କିଣିବାକୁ କହିଛନ୍ତି ବୋଲି ଚାଷୀ ନେତା ପ୍ରକାଶ କରିଛନ୍ତି।

# ଶ୍ରମିକ ମଞ୍ଚର ଗଣଧାରଣା



ମଞ୍ଚ ପକ୍ଷରୁ ଗଣଧାରଣା ଦିଆଯାଇଛି।

**ନୟାଗଡ଼ ଅଫିସ,୬।୧**

ଓଡ଼ିଶା ସ୍କିମ ଶ୍ରମିକ ମିଳିତ ମଞ୍ଚ ନୟାଗଡ଼ ଶାଖା, ସିଆଇଟିୟୁ, ରାଜ୍ୟସ୍ତରୀୟ ସମନ୍ୱୟ କମିଟି ପକ୍ଷରୁ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟସ୍ଥ ଦୁର୍ଗାମଣ୍ଡପଠାରେ ଗଣଧାରଣା ଶୁକ୍ରବାର ଦିଆଯାଇଛି। ୫ ଦଫା ଦାବି ପୂରଣ ପାଇଁ ଗଣଧାରଣା ଦିଆଯାଇଛି। କେନ୍ଦ୍ର ସରକାରଙ୍କ ଜାତୀୟ ସ୍ୱାସ୍ଥ୍ୟ ମିଶନ, ସମନ୍ୱିତ ଶିଶୁ ବିକାଶ ଯୋଜନା, ମଧ୍ୟାହ୍ନ ଭୋଜନ, ଜନହିତକାର ଯୋଜନାଗୁଡିକୁ ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସହାୟିକା, ମଧ୍ୟାହ୍ନଭୋଜନରେ ପାଚିକା ଓ ସହାୟିକା ପ୍ରମୁଖ ସଫଳ କରି ଆସୁଛନ୍ତି। ସେମାନଙ୍କର ପାରିଶ୍ରମିକ ବୃଦ୍ଧି କରାଯାଉନାହିଁ। ଯାହାକି ସେମାନଙ୍କର ଜୀବନଜିବକାରେ ପ୍ରଭାବ ପକାଉଛି। ଏଣୁ ସମ୍ପୃକ୍ତ ଲୋକାଭିମୁଖୀ ଯୋଜନାଗୁଡିକୁ ବଜେଟରେ ଅଧିକ ଅର୍ଥ ବରାଦ କରି ସ୍ଥାୟୀ କରାଯାଉ। ସେହିପରି ଶ୍ରମ କିମଶନଙ୍କ ଶ୍ରମ ସମ୍ମିଳନୀର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରି ଆଶାକର୍ମୀଙ୍କ ସମେତ ପ୍ରତ୍ୟେକ ସ୍କିମ ଶ୍ରମିକଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା ଦିଆଯାଉ। ମାସିକ ସର୍ବନିମ୍ନ ଦରମା ୨୬ ହଜାର, ୧୦ ହଜାର ଟଙ୍କା ପେନସନ, ଇଏସ୍ଆଇ ଓ ଇପିଏଫ୍ ଯୋଜନାରେ ଅନ୍ତର୍ଭୁକ୍ତ କରିବା ସମାଜିକ ସୁରକ୍ଷା ଯୋଗାଇ ଦିଆଯାଉ। ସରକାର ଯୋଜନାକୁ ବେସରକାରୀ ଅନୁଷ୍ଠାନକୁ ଟେକି ନ ଦେଇ ଘରୋଇକରଣକୁ ବନ୍ଦ କରାଯାଉ। ଶ୍ରମିକ ବିରୋଧୀ ୪ଟି ଶ୍ରମ କୋର୍ଡକୁ ବାତିଲ କରି ଶ୍ରମ ଆଇନକୁ କାର୍ଯ୍ୟକାରୀ କରିବାକୁ ଦାବି ରଖିଛନ୍ତି। ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର ଓ ଏସ୍.ଏ. କରିମଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା।

## ଯୁକ୍ତ୨ ପରୀକ୍ଷା: ପୁଣି ଫର୍ମ ପୂରଣ ସୁଯୋଗ

**ଭୁବନେଶ୍ୱର,୬।୧(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଆସନ୍ତା ମାର୍ଚ୍ଚ ପହିଲାରୁ ଆରମ୍ଭ ହେଉଥିବାବେଳେ ଏଥିପାଇଁ ଫର୍ମପୂରଣ ପ୍ରକ୍ରିୟା ଶେଷ ହୋଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଅନେକ ଛାତ୍ରୀଛାତ୍ର ଫର୍ମପୂରଣ କରିପାରି ନ ଥିଲେ। ତେଣୁ ଛାତ୍ରୀଛାତ୍ରଙ୍କ ଅନୁରୋଧକୁ ଦୃଷ୍ଟିରେ ରଖି ପୁଣିଥରେ ଫର୍ମପୂରଣ ପାଇଁ ପରିଷଦ ସୁଯୋଗ ଦେଇଛି। ହେଲେ ଏହି ଅନ୍‌ଲାଇନ ଫର୍ମପୂରଣ ପାଇଁ ୪୫୦ ଟଙ୍କା ଫାଇନ୍ ବା ଜରିମାନା ଦେବାକୁ ପଡ଼ିବ। ଆସନ୍ତା ୧୬ରୁ ୧୯ ତାରିଖ ମଧ୍ୟରେ ୪୫୦ ଟଙ୍କା ଫାଇନ ଦେଇ ଛାତ୍ରୀଛାତ୍ର ଫର୍ମପୂରଣ କରିପାରିବେ। ୨୦ ତାରିଖ ଅପରାହ୍ନ ୪ଟା ସୁଦ୍ଧା ଫର୍ମପୂରଣ ଡକ୍ୟୁମେଣ୍ଟ ଦାଖଲ କରିବାକୁ ପଡ଼ିବ। ତେଣୁ ଫର୍ମପୂରଣ କରିପାରି ନ ଥିବା କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ଏବଂ କରେସପଣ୍ଡେନ୍ସ ପାଠ୍ୟକ୍ରମର ଯୋଗ୍ୟ ଛାତ୍ରୀଛାତ୍ର ୪୫୦ ଟଙ୍କା ଫାଇନ୍ ଦେଇ ଧାର୍ଯ୍ୟ ତାରିଖରେ ଫର୍ମପୂରଣ କରିବାକୁ ପରିଷଦ ପକ୍ଷରୁ କୁହାଯାଇଛି। ଏନେଇ ସିଏଚ୍ଏସଇ ପରୀକ୍ଷା ନିୟନ୍ତ୍ରକ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସୂଚନାଯୋଗ୍ୟ, ଗତ ଡିସେମ୍ବର ୯ରେ ଫର୍ମପୂରଣ ଅବଧିକୁ ବୃଦ୍ଧି କରାଯାଇଥିଲା। ଡିସେମ୍ବର ୧୨ରୁ ୧୭ତାରିଖ ମଧ୍ୟରେ ଫର୍ମପୂରଣ ସରିଥିଲା।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର

**ଗଣିଆ,୬।୧(ଡି.ଏନ୍.ଏ.)**

ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ ବେଠିଆସାହିସ୍ଥିତ ବାତ୍ୟା ଆଶ୍ରୟସ୍ଥଳରେ ରାଜ୍ୟ ସରକାରଙ୍କ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ପ୍ରାକୃତିକ ଦୁର୍ବିପାକ ପରିଚାଳନା ସମ୍ପର୍କିତ ତାଲିମ ଶିବିର ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ୧୧ ଦିନିଆ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଡିଓ ସିରିଆଲ ଶୁଭ୍ର ପଟେଲ, ଜିଲା ଜରୁରୀକାଳିନ ଅଧିକାରୀ ଦିଲୀପ କୁମାର ଜେନା, ଡିପିଓ ଅଶୋକ କୁମାର ରଥ, ଛାମୁଣ୍ଡିଆ ସରପଞ୍ଚ ଦୀପ୍ତିରେଖା ସେନାପତି, ସମିତିସଭ୍ୟା ସସ୍ମିତା ଦଳେଇ, ଜିପିଇଓ ଗୋବିନ୍ଦ ମହାପାତ୍ର, ପ୍ରଶିକ୍ଷକ ରଣପୁର ଲୋଧାଚୁଆର ହୃଷୀକେଶ ନାୟକ, ଜିୟୁସି ସମ୍ପାଦକ ଆନନ୍ଦ ଚନ୍ଦ୍ର ବେହେରା, ପିଇଓ ମଳୟ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ବନ୍ୟା, ଭୂମିକମ୍ପ ପରି ବିପର୍ଯ୍ୟୟ ଏବଂ ସାପ କାମୁଡ଼ା, ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ କିଭଳି ତୁରନ୍ତ ପ୍ରାଥମିକ ସହାୟତା ପ୍ରଦାନ କରାଯାଇ ପାରିବ ସେ ନେଇ ଯୁବତୀଯୁବକମାନଙ୍କୁ ପ୍ରଶିକ୍ଷଣ ଦିଆଯିବ। ତେବେ ସରକାରଙ୍କ ପକ୍ଷରୁ ନିର୍ମିତ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା ଓ ବିଭିନ୍ନ ଉପକରଣକୁ କିଭଳି ବ୍ୟବହାର କରାଯିବ ଓ ସୁରକ୍ଷିତ ରଖାଯାଇ ପାରିବ ସେ ସମ୍ପର୍କରେ ପରିଚାଳନା କମିଟିଗୁଡ଼ିକୁ ତାଲିମ ପ୍ରଦାନ କରାଯିବ। ଶନିବାରଠାରୁ ୯ ତାରିଖ ଯାଏ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳ ପରିଚାଳନା ଓ ପରବର୍ତ୍ତୀ ୫ ଦିନ ୧୪ ତାରିଖ ଯାଏ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାରକାରୀ ଓ ଅନୁସନ୍ଧାନକାରୀ ତାଲିମ ପ୍ରଦାନ କରାଯିବ। ଶେଷ ୧୫, ୧୬ ତାରିଖ ୨ଦିନ ଧରି ଲୋକଙ୍କୁ କିଭଳି ପ୍ରାଥମିକ ସହାୟତା ଯୋଗାଇ ଦିଆଯାଇପାରିବ ସେନେଇ ୫୦ ଜଣ ଯୁବତୀଯୁବକଙ୍କୁ ପ୍ରଶିକ୍ଷଣ ଦିଆଯିବ। ତେବେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପରିଚାଳନା କର୍ତ୍ତୃପକ୍ଷ (ଓଏସ୍‌ଡିଏମ୍ଏ) ପକ୍ଷରୁ ହେବାକୁଥିବା ତାଲିମ ଶିବିରରେ ପ୍ରଶିକ୍ଷକ ସୁଦୀପ୍ତ ବରାଳ ଓ ସସ୍ମିତା ପ୍ରଧାନ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ ପ୍ରଦାନ କରିବେ। ଅନ୍ୟପରି ଛାମୁଣ୍ଡିଆ ରାଜସ୍ୱ ନିରୀକ୍ଷକ ସୁଶାନ୍ତ ବାରିକ, କନିଷ୍ଠ ଯନ୍ତ୍ରୀ, ସ୍ୱାସ୍ଥ୍ୟ ବିଭାଗ, ଅଙ୍ଗନୱାଡ଼ି, ଆଶାକର୍ମୀ ପ୍ରମୁଖ ଯୋଗଦେଇଥିଲେ।



ତାଲିମ ଶିବିରରେ ଉପସ୍ଥିତ ଅତିଥିମାନେ।

# ରାମଚନ୍ଦ୍ରପୁରକୁ ହରାଇ ଇଟାମାଟି ଚାମ୍ପିୟନ

**ଦିବାରାତ୍ର ଭଲି ଟୁର୍ନାମେଣ୍ଟ**

**ଖଣ୍ଡପଡା,୬।୧(ସ୍ୱ.ପ୍ର.)**

ନେହେରୁ ଯୁବ କେନ୍ଦ୍ର ସଂଘ ନୟାଗଡ଼ ଆନୁକୂଲ୍ୟରେ ଭିଲେଜ କ୍ଲଷ୍ଟରସ୍ତରୀୟ ସ୍ପୋର୍ଟ୍ସ ମିଟ ୨୦୨୨-୨୩ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ପଡିଆରେ ଗୁରୁବାର ଆୟୋଜିତ ଦିବାରାତ୍ର ଗ୍ରାମାଞ୍ଚଳ ଭଲି ଟୁର୍ନାମେଣ୍ଟରେ ଇଟାମାଟି ଭଲି କ୍ଲବ ରାମଚନ୍ଦ୍ରପୁର ଭଲି କ୍ଲବକୁ ୨-୦ ସେଟରେ ହରାଇ ଚାମ୍ପିୟନ ହୋଇଥିବା ଜଣାଯାଇଛି। ନୟାଗଡ଼ ଜିଲା ଯୁବ ଅଧିକାରୀ ଅନୁରାଗ କୁମାର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୁଭ ଉଦ୍‌ଘାଟନ କରିଥିଲେ। ପଠାଣୀ ସାମନ୍ତ ପୂଜ୍ୟପୂଜା ଅନୁଷ୍ଠାନ ଖଣ୍ଡପଡ଼ା ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନ ୪ଟାରୁ ରାତି ସାଢେ ୧୦ଟା ପର୍ଯ୍ୟନ୍ତ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ଶିଶୁ କବି କାଶୀନାଥ ଦାସ ଯୋଗଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ ଖଣ୍ଡପଡ଼ା ଓ ଭାପୁର ବ୍ଲକର ବିଭିନ୍ନ ଅଞ୍ଚଳର ୮ ଟି ଦଳ ଯୋଗ ଦେଇଥିଲେ। ଖେଳକୁ ଜନ୍ମେଜୟ ଦାସ, ଶଙ୍କର ବେହେରା ଓ କୈଳାସ ଚନ୍ଦ୍ର ପ୍ରଧାନ ପରିଚାଳନା କରିଥିବା ବେଳେ ଚାମ୍ପିୟନ ଓ ରନର୍ସଅପ ଦଳଙ୍କୁ ମୁଖ୍ୟ ଅତିଥି ଟ୍ରଫି ପ୍ରଦାନ କରିଥିଲେ।




ଭଲିବଲ ଟୁର୍ନାମେଣ୍ଟରେ ଉପସ୍ଥିତ ଖେଳାଳି ଓ ଅତିଥିମାନେ।

# ନଡ଼ିଆଚାଷ ନାଁରେ ଅର୍ଥ ଲୁଟ୍ ଅଭିଯୋଗ

**ନୂଆଗାଁ, ୬।୧(ଡି.ଏନ୍.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ କର୍ମଚାରୀମାନେ ନଡ଼ିଆ ଚାଷ କରାଇବା ନାଁରେ ଲକ୍ଷାଧିକ ଟଙ୍କା ଲୁଟୁଥିବା ଅଭିଯୋଗ ହୋଇଛି। ଚାଷୀଙ୍କ ସ୍ୱାର୍ଥ ପାଇଁ ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍) ମାଧ୍ୟମରେ ଅନେକ ସୁବିଧା ସୁଯୋଗ ଯୋଗାଇ ଦେଉଛନ୍ତି। କିନ୍ତୁ କେତେଜଣ ଅସାଧୁ କର୍ମଚାରୀଙ୍କ ଯୋଗୁ ସେସବୁ ବାଟବଣା ହେଉଛି। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ବିଭାଗ ମାଧ୍ୟମରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଚାଷୀମାନେ ମାଗଣାରେ ପୋଖରୀ ଖୋଳିବା ସହ ଶ୍ରମିକମାନଙ୍କୁ ସରକାର କାମ ଯୋଗାଇ ଦେଉଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ସେହିଭଳି ନଡ଼ିଆ ଚାଷ କରିବାକୁ ଏମ୍‌ଜିଏନ୍‌ଆରଇଜିଏସ୍ ମାଧ୍ୟମରେ ସରକାର ଅର୍ଥ ଦେଉଛନ୍ତି। ସେହି ଅର୍ଥକୁ ମଧ୍ୟ ବିଭାଗୀୟ ଅଧିକାରୀ, କର୍ମଚାରୀ ମିଳିମିଶି ଲୁଟୁଛନ୍ତି। ନୂଆଗାଁ ବ୍ଲକ ପାରାଡିପି ପଞ୍ଚାୟତ ମସ୍କାବାରି ଗାଁର ବାମଦେବ ନାୟକ ନଡ଼ିଆ ଚାଷ କରିବାକୁ ଆବେଦନ କରିଥିଲେ। ତାହା ୩୦।୬।୨୨ରେ ମଞ୍ଜୁର କରାଯାଇଥିଲା। ସରକାରଙ୍କ ନିୟମ ଅନୁସାରେ, ବିଭାଗୀୟ କର୍ମଚାରୀ କ୍ଷେତ୍ର ପରିଦର୍ଶନ କରିବା ସହ କାର୍ଯ୍ୟ ଆରମ୍ଭ ପୂର୍ବରୁ ସୂଚନା ଫଳକ ଲଗାଇବାର ନିୟମ ଥିଲେ ହେଁ ତାହା କରାଯାଇନାହିଁ। ଫଳରେ ନଡ଼ିଆ ଚାଷ ପାଇଁ ଅନୁପଯୋଗୀ ମାଟି, ପଡ଼ିଆ ଏବଂ ଜଙ୍ଗଲିଆ ଜାଗାରେ ଗଛ ଲଗାଯାଇଛି। ବିଭାଗୀୟ କର୍ମଚାରୀ ଦୁଃଶାସନ ନାୟକଙ୍କ କହିବା ଅନୁସାରେ, ବାମଦେବ ୨୦୦ ଗଛ ଲଗାଇଛନ୍ତି। ତାହା ଆମେ



ଦାୟିତ୍ୱ ଅଭାବରୁ ନଡ଼ିଆ ଗଛ ସବୁ ଶୁଖିଯାଇଛି।

**ଦୁର୍ନୀତିର ଗନ୍ତାଘର ମୃତ୍ତିକା ସଂରକ୍ଷଣ, ଜଳ ବିଭାଜିକା ବିଭାଗ**

ନିଜେ ତଦାରଖ କରୁଛୁ ବୋଲି କହୁଥିବା ବେଳେ ଉକ୍ତ ସ୍ଥାନରେ ମାତ୍ର ୨୦ରୁ ୩୦ ନଡ଼ିଆ ଗଛ ରହିଛି। କେତେଗୋଟି ନଡ଼ିଆ ଗଛ ଗୋରୁ ଖାଇଦେବା ଫଳରେ ଶୁଖିପଡିଛି। ଆଉ କିଛି ପାଣି ଅଭାବରୁ ମରିଗଲାଣି। ବାମଦେବଙ୍କ ନଡ଼ିଆ ଚାଷ ପାଇଁ ସରକାର ୧,୯୭,୨୫୦ ଟଙ୍କା ମଞ୍ଜୁର କରିଥିବା ବେଳେ ୨୦୨୨ ମେ' ମାସରେ ପଡ଼ିଆ ଜମିରେ ଅଳ୍ପ କିଛି ଗଛ ଲଗାଇଦେଇ ନଭେମ୍ବର ୨୭ରୁ ଡିସେମ୍ବର ୧୦ ଯାଏ ଶ୍ରମିକଙ୍କ ନାମରେ ୪୨,୬୨୪ ଟଙ୍କା ନେଇଛନ୍ତି। କ୍ଷେତ୍ର ପରିଦର୍ଶନ ନ କରି କେତେଗୋଟି ନଡ଼ିଆ ଗଛ ଲଗାଇ ଏମ୍‌ଜିଏନ୍‌ଆରଇଜିଏସ୍ ଟଙ୍କା ଲୁଟ୍ କରିବା ସମ୍ପର୍କରେ ନୟାଗଡ଼ ଜିଲା ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସୁଧାକର ଶତପଥୀଙ୍କୁ ପଚାରିବାରେ ଅଭିଯୋଗ ପାଇ ସେହି କାର୍ଯ୍ୟ ତଦାରଖ କରୁଥିବା କର୍ମଚାରୀ ଦୁଃଶାସନ ନାୟକଙ୍କୁ ତାଗିଦ୍ କରିଛି। ସେହି କାମର ବିଲ୍ ବନ୍ଦ କରିବା ପାଇଁ କୁହାଯାଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଶ୍ରୀଲଙ୍କା ଫେରିଲେ ଗୋଟାବାୟା



**କଲମ୍ବୋ,୬।୧(ପି.ଟି.):** ଶ୍ରୀଲଙ୍କାର ପୂର୍ବତନ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍‌ସେ ଦୁବାଇରୁ ସ୍ୱଦେଶ ଫେରିଛନ୍ତି। ତାଙ୍କ ସରକାରର ପରିଚାଳନାଗତ ତ୍ରୁଟି କାରଣରୁ ଦେଶରେ ଗମ୍ଭୀର ଆର୍ଥିକ ସଙ୍କଟ ଦେଖାଦେଇଥିଲା। ସରକାରଙ୍କ ବିରୋଧରେ ଦୀର୍ଘଦିନ ଆନ୍ଦୋଳନ ଜାରି ରହିବା ପରେ ଗତବର୍ଷ ରାଜପାକ୍ସେ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇ ଦେଶ ଛାଡ଼ି ପଳାଇଥିଲେ। ଗୁରୁବାର ଗୋଟାବାୟା ଓ ତାଙ୍କ ସ୍ତ୍ରୀ ଇଓମା ଦୁବାଇରୁ ଏମିରେଟ୍ସର ଏକ ବିମାନରେ ଆସି ବନ୍ଦରନାଏକେ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିଥିଲେ।

### ଜନଗଣନା ଆହୁରି ବିଳମ୍ବିତ ହେବ

**ନୂଆଦିଲ୍ଲୀ,୬।୧(ପି.ଟି.):** ପ୍ରତି ଦଶବର୍ଷରେ ହେଉଥିବା ଜନଗଣନା ବିଳମ୍ବିତ ହୋଇଥିବାବେଳେ ଏହା ପୁଣିଥରେ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ସ୍ଥଗିତ ରହିବ ବୋଲି ଜଣାପଡ଼ିଛି। ଜନଗଣନାର ଘର ତାଲିକା ପର୍ଯ୍ୟାୟ ଏବଂ ଜାତୀୟ ଜନସଂଖ୍ୟା ପଞ୍ଜୀକରଣ (ଏନ୍‌ପିଆର୍) ସଂଶୋଧନ ସାରା ଦେଶରେ ୨୦୨୦ ଏପ୍ରିଲ ୧ରୁ ସେପ୍ଟେମ୍ବର ୩୦ ମଧ୍ୟରେ ହେବାର ଥିଲା। କୋଭିଡ୍ ମହାମାରୀ ଯୋଗୁ ଏହା ସ୍ଥଗିତ ରହିଥିଲା। ଏବେ ଜନଗଣନା ହେବାକୁ ଥିବାବେଳେ ଏଥିପାଇଁ ପ୍ରଶାସନିକ ଫ୍ରିଜିଂ ସୀମା ଜୁନ୍ ୩୦ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିବା ରେଜିଷ୍ଟ୍ରାର ଜେନେରାଲ ଏବଂ ଜନଗଣନା ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ରାଜ୍ୟଗୁଡ଼ିକୁ ଜଣାଇଦିଆଯାଇଛି। ନିୟମ ଅନୁଯାୟୀ ଜିଲା, ସବ୍‌ଡିଭିଜନ, ତହସିଲ, ତାଲୁକ ଓ ଥାନାଗୁଡ଼ିକର ସୀମା ଫ୍ରିଜିଂର ୩ ମାସ ପରେ ଜନଗଣନା ଆରମ୍ଭ କରାଯାଇପାରିବ।

### ବିମାନରେ ପରିସ୍ରା କରିଥିବା ଯାତ୍ରୀ କମ୍ପାନୀରୁ ବହିଷ୍କୃତ

**ନୂଆଦିଲ୍ଲୀ,୬।୧:** ଗତ ନଭେମ୍ବରରେ ଏୟାର ଇଣ୍ଡିଆ ବିମାନରେ ଜଣେ ବୟସ୍କା ମହିଳା ସହଯାତ୍ରୀଙ୍କ ଉପରେ ପରିସ୍ରା କରିଥିବା ମୁମ୍ବାଇର ଶଙ୍କର ମିଶ୍ରାଙ୍କୁ ତାଙ୍କ କମ୍ପାନୀ ୱେଲ୍ସ ଫାର୍ଗୋ ଚାକିରିରୁ ବହିଷ୍କାର କରିଛି। ଶଙ୍କରଙ୍କ ବିରୋଧରେ ଆସିଥିବା ଅଭିଯୋଗ ଲଜ୍ଜାଜନକ ବୋଲି କମ୍ପାନୀ କହିଛି। ଆମେରିକୀୟ ମଲ୍ଟିନ୍ୟାଶନାଲ ଫାଇନାନ୍ସ ସର୍ଭିସ କମ୍ପାନୀ ୱେଲ୍ସ ଫାର୍ଗୋର ଇଣ୍ଡିଆ ଚାପ୍ଟର ଉପାଧ୍ୟକ୍ଷ ଭାବେ ଶଙ୍କର କାର୍ଯ୍ୟ କରୁଥିଲେ। ଫେରାର ଥିବା ଶଙ୍କରଙ୍କୁ ଧରିବା ପାଇଁ ପୋଲିସ ଖୋଜୁଥିବାବେଳେ ତାଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ ଜାରି ହୋଇଛି। ଗତ ନଭେମ୍ବର ୨୬ରେ ଶଙ୍କର ନ୍ୟୁୟର୍କ-ଦିଲ୍ଲୀ ଏୟାରଇଣ୍ଡିଆ ବିମାନରେ ଆସୁଥିବାବେଳେ ମହିଳା ଯାତ୍ରୀଙ୍କ ଉପରେ ପରିସ୍ରା କରିଥିଲେ।

# ପୁଣି ଲାଭା ଓକାଳିଲା କିଲାଉଆ

ୱାଶିଂଟନ,୬।୧

ଆମେରିକାର ହାୱାଇସ୍ଥିତ କିଲାଉଆ ଆଗ୍ନେୟଗିରିରୁ ପୁଣି ଲାଭା ଉଦ୍‌ଗିରଣ ହୋଇଛି। ମାସକ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ଉଦ୍‌ଗିରଣ। ଏହି ଆଗ୍ନେୟଗିରିର ଶିଖରରେ ଥିବା ହାଲେମାଉମାଉ ମୁଖରୁ ଲାଭା ନିର୍ଗତ ବେଳର ଦୃଶ୍ୟକୁ ୱେବ୍‌କ୍ୟାମ୍ କଏଦ୍ କରିଥିବା ହାୱାଇର ଭୋଲ୍‌କାନୋ ଅବ୍‌ଜର୍ଭେଟୋରି ପକ୍ଷରୁ କୁହାଯାଇଛି। ଲାଭା ନିମ୍ନଗାମୀ ହୋଇ ବହିବାରେ ଲାଗିଥିବାରୁ ଆମେରିକାର ଜିଓଲୋଜିକାଲ ସର୍ଭେ ପକ୍ଷରୁ ଆଲର୍ଟ ଜାରି କରାଯାଇଛି।

ନଭେମ୍ବର ୨୭ରୁ ଦୁଇ ସପ୍ତାହ ଧରି ହାୱାଇରେ ଦୁଇଟି ଆଗ୍ନେୟଗିରିରୁ ଲାଭା ଉଦ୍‌ଗିରଣ ହୋଇ ସମାନ ସମୟରେ ବନ୍ଦ ହୋଇଥିଲା। କିଲାଉଆ ହେଉଛି ବିଶ୍ୱର ଅନ୍ୟତମ ସକ୍ରିୟ ଆଗ୍ନେୟଗିରି। ମଉନାଲୋଆକୁ ପୃଥିବୀର ବୃହତ୍ତମ ଆଗ୍ନେୟଗିରି କୁହାଯାଏ। ଏହା ୩୮ ବର୍ଷରେ ପ୍ରଥମ ଥର ପାଇଁ ଲାଭା ଓକାଳିଥିଲା। ଟ୍ୱିନ୍ ଇରପ୍ସନ ବେଳେ ଏହାକୁ ଦେଖିବା ପାଇଁ ଅନେକ ପର୍ଯ୍ୟଟକ ହାୱାଇ ଭୋଲ୍‌କାନୋସ୍ ନ୍ୟାଶନାଲ ପାର୍କରେ ଭିଡ଼ ଜମାଇଥିଲେ। ୨୦୧୮ରେ ହୋଇଥିବା ଉଦ୍‌ଗିରଣରେ ହାୱାଇ ଦ୍ୱୀପରେ ଥିବା ୭୦୦ ଘର ଧ୍ୱଂସ ହୋଇଯାଇଥିଲା। ଦୁଇ ଆଗ୍ନେୟଗିରି ମଧ୍ୟରେ ଥିବା ସମ୍ପର୍କ ଅନୁଧ୍ୟାନ ପାଇଁ ବୈଜ୍ଞାନିକମାନେ ଡେଟା ଦେଖୁଛନ୍ତି।



# ଜୋଷୀମଠରେ ବଡ଼ ଫାଟ

## ଲୋକେ ଆତଙ୍କିତ, ପ୍ରକଳ୍ପ କାର୍ଯ୍ୟ ବନ୍ଦ



ରାସ୍ତା ଧସିଯାଇଛି



ଘର କାନ୍ଥରେ ଫାଟ

ନୂଆଦିଲ୍ଲୀ/ଡେରାଡୁନ୍,୬।୧

ଉତ୍ତରାଖଣ୍ଡର ଚାମୋଲି ଜିଲା ଅନ୍ତର୍ଗତ ଜୋଷୀମଠ ଅଞ୍ଚଳ ଦବୁଥିବାରୁ ଶହ ଶହ ଘରେ ଏବଂ ରାସ୍ତାରେ ବିପଜ୍ଜନକ ଫାଟ ସୃଷ୍ଟି ହୋଇଛି। ଭୂସ୍ଖଳନ ଯୋଗୁ ଏକ ବିଲ୍ଡିଂ ଢଳିପଡ଼ିଛି। ଫଳରେ ସାରା ସହରରେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ସେଠାରେ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି ହେବାକୁ ଯାଉଥିବାବେଳେ ପ୍ରଶାସନିକ ଉଦାସୀନତାକୁ ନେଇ ଶୁକ୍ରବାର ସହରରେ ବନ୍ଦ ପାଳନ କରାଯାଇଥିଲା। ପ୍ରଶାସନ ଅନେକ ବାସିନ୍ଦାଙ୍କୁ ସ୍ଥାନାନ୍ତର କରିଛନ୍ତି। ବଦ୍ରିନାଥ ଏବଂ ହେମକୁଣ୍ଡ ସାହିବ ରାସ୍ତା ମଧ୍ୟରେ ରହିଥିବା ମୁଖ୍ୟ ସହର ଜୋଷୀମଠର ସମସ୍ତ ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ ରଖାଯାଇଛି। ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ଶୁକ୍ରବାର ଏକ ଉଚ୍ଚସ୍ତରୀୟ ବୈଠକ ଡାକି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଶନିବାର ଧାମି ଜୋଷୀମଠ ପରିଦର୍ଶନ କରିବେ। ଭାଜପାର ଏକ ଟିମ୍ ମଧ୍ୟ ସେଠାକୁ ପଠାଯାଇଛି। ବିଶେଷଜ୍ଞ ଟିମ୍ ସ୍ଥିତି ଅନୁଧ୍ୟାନ କରିବାକୁ ଯାଉଛନ୍ତି।

- ଅନୁଧ୍ୟାନ କରିବ ବିଶେଷଜ୍ଞ ଟିମ୍
- ଉଚ୍ଚସ୍ତରୀୟ ବୈଠକରେ ସ୍ଥିତି ଅନୁଧ୍ୟାନ କଲେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ

ଜୋଷୀମଠରେ ମାଟି ଦବୁଥିବାରୁ ୫୬୦ରୁ ଊର୍ଦ୍ଧ୍ୱ ଘରେ ବଡ଼ ଧରଣର ଫାଟ ସୃଷ୍ଟି ହୋଇଛି। ୫୦ ପ୍ରତିଶତ ପରିବାର ରହୁଥିବା ଘରେ ବସବାସ କରିବା ବିପଜ୍ଜନକ ହୋଇପଡ଼ିଛି। ଏହାର ପ୍ରତିବାଦରେ ଜୋଷୀମଠରେ ବିକ୍ଷୋଭ ଜାରି ରହିଛି। ପ୍ରଶାସନିକ ଉଦାସୀନତା ପ୍ରତିବାଦରେ ଲୋକେ ସ୍ଲୋଗାନ ଦେବା ସହ ଚକାଜାମ୍ କରିଥିଲେ। ସେଠାର ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ଶୁକ୍ରବାର ବନ୍ଦ ରହିଥିବା ଜୋଷୀମଠ ବଚାଓ ସଂଘର୍ଷ ସମିତି ଆବାହକ କହିଛନ୍ତି। ରାଜ୍ୟ ସରକାର ଲୋକଙ୍କ ଅସୁବିଧା ପ୍ରତି ଆଖି ବୁଜିଦେଇଥିବାରୁ କଂଗ୍ରେସ ଏହାର ସମାଲୋଚନା କରିଛି। ଘରେ ଫାଟ ସୃଷ୍ଟି ହୋଇଥିବାରୁ ଲୋକେ ଶୀତ ରାତିରେ ବାହାରେ ପଡ଼ିରହିବାକୁ ବାଧ୍ୟ ହୋଇଛନ୍ତି। ଭୂସ୍ଖଳନରୁ ଜୋଷୀମଠକୁ ବଞ୍ଚାଇବା ଲାଗି ସରକାର ଉପଯୁକ୍ତ ପଦକ୍ଷେପ ନିଅନ୍ତୁ ବୋଲି କଂଗ୍ରେସ ଦାବି କରିଛି। ଅତିରିକ୍ତ ଜିଲାପାଳ ଅଭିଷେକ ତ୍ରିପାଠୀ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସରକାର ଉପଯୁକ୍ତ ନିଷ୍ପତ୍ତି ନ ନେବା ପର୍ଯ୍ୟନ୍ତ ଧାରଣା ଜାରି ରଖିବେ ବୋଲି ସେମାନେ କହିଛନ୍ତି। ବିପଜ୍ଜନକ ଘରେ ଥିବା ଲୋକଙ୍କୁ ତୁରନ୍ତ ଥଇଥାନ କରିବା, ବଦ୍ରିନାଥ ପାଇଁ ହେଲାଙ୍ଗ ଏବଂ ମରାୱାଡ଼ି ମଧ୍ୟରେ ନିର୍ମାଣ ହେଉଥିବା ଏନ୍‌ଟିପିସି ଟନେଲ ଏବଂ ବାଇପାସ୍ ରୋଡ୍ କାର୍ଯ୍ୟ ବନ୍ଦ ରଖିବା ଏବଂ ଉକ୍ତ ବିପର୍ଯ୍ୟୟ ପାଇଁ ଏନ୍‌ଟିପିସିର ତପୋବନ-ବିଷ୍ଣୁଗଡ଼ ଜଳବିଦ୍ୟୁତ୍ ପ୍ରକଳ୍ପକୁ ଦାୟୀ କରିବା ପାଇଁ ଦାବି ହୋଇଛି।

# ଅଟକିଲା ଦିଲ୍ଲୀ ମେୟର ନିର୍ବାଚନ

## ଏଏପି-ଭାଜପା କାଉନସିଲର ସଂଘର୍ଷ

ନୂଆଦିଲ୍ଲୀ,୬।୧

ନବନିର୍ବାଚିତ ଦିଲ୍ଲୀ ମ୍ୟୁନିସିପାଲ କର୍ପୋରେଶନ (ଏମ୍‌ସିଡି)ର ପ୍ରଥମ ଅଧିବେଶନ ଶୁକ୍ରବାର ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏବଂ ଭାଜପା କାଉନସିଲରଙ୍କ ମଧ୍ୟରେ ସଂଘର୍ଷ ଯୋଗୁ ମେୟର ନିର୍ବାଚନ ହୋଇପାରି ନାହିଁ। ଏମ୍‌ସିଡି ଅଧିବେଶନକୁ ମୁଲତବୀ ରଖାଯିବା ସହ ମେୟର ନିର୍ବାଚନକୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ଏମ୍‌ସିଡି ସିଭିକ୍ ସେଣ୍ଟରରେ ବୈଠକ ଚାଲିଥିବାବେଳେ ଏଏପି ଏବଂ ଭାଜପା କର୍ମୀମାନେ ପରସ୍ପରକୁ ଠେଲାପେଲା କରିବା ସହ ଟେବୁଲ ଚେୟାର ଫିଙ୍ଗିଥିଲେ ଏବଂ ଡେସ୍କ ଉପରେ ଚଢ଼ିଥିଲେ।

ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନା ଭାଜପା କର୍ପୋରେଟର ସତ୍ୟ ଶର୍ମାଙ୍କୁ ଅସ୍ଥାୟୀ ବାଚସ୍ପତି ନିଯୁକ୍ତ କରିବା, ମନୋନୀତ ସଦସ୍ୟଙ୍କ ଶପଥ ଗ୍ରହଣକୁ ନେଇ ହଟ୍ଟଗୋଳ ହୋଇଥିଲା। ଶର୍ମା ଜଣେ ମନୋନୀତ ସଦସ୍ୟଙ୍କୁ ଶପଥ ନେବାକୁ ଡାକିବାରୁ ଏଏପି ବିଧାୟକ ଏବଂ କାଉନସିଲରମାନେ ଗୃହର ମଧ୍ୟଭାଗକୁ ଯାଇ ଏହା ବିରୋଧରେ ସ୍ଲୋଗାନ ଦେଇଥିଲେ। ଦିଲ୍ଲୀ ସରକାରଙ୍କ ସହ ପରାମର୍ଶ ନ କରି ଉପରାଜ୍ୟପାଳ ୧୦ ଜଣଙ୍କୁ ଏମ୍‌ସିଡି ସଦସ୍ୟ ଭାବେ ମନୋନୀତ କରିବାକୁ ପୂର୍ବରୁ ଏଏପି ବିରୋଧ କରିଥିଲା। ଏଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ଏଏପି ଏବଂ ଉପରାଜ୍ୟପାଳଙ୍କ ମଧ୍ୟରେ ମୁହାଁମୁହିଁ ସ୍ଥିତି ଜାରି ରହିଥିବାବେଳେ ଶୁକ୍ରବାର ଏହା ସଂଘର୍ଷର ରୂପ ନେଇଛି। ଡିସେମ୍ବରରେ ଅନୁଷ୍ଠିତ ଏମ୍‌ସିଡି ନିର୍ବାଚନରେ ଉପରାଜ୍ୟପାଳ ସାକ୍ସେନା ଭାଜପାକୁ ସହାୟତା ଲାଗି ଉଦ୍ୟମ କରିଥିଲେ ବୋଲି



ଏଏପି ଅଭିଯୋଗ କରିଛି। ଭାଜପାର ସମର୍ଥନ ବଢ଼ାଇବା ଲାଗି ଉପରାଜ୍ୟପାଳ ୧୦ ଜଣଙ୍କୁ ଏମ୍‌ସିଡିକୁ ମନୋନୀତ କରିଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଏଏପି ନେତା ଅରବିନ୍ଦ କେଜ୍‌ରିୱାଲ ଅଭିଯୋଗ କରିଥିଲେ। ମେୟର ନିର୍ବାଚନ ନିମନ୍ତେ ଏମ୍‌ସିଡିର ଅସ୍ଥାୟୀ ବାଚସ୍ପତି ଲାଗି ଏଏପି ବରିଷ୍ଠ କାଉନସିଲର ମୁକେଶ ଗୋୟଲଙ୍କ ନାଁ ସୁପାରିସ କରିଥିଲେ ମଧ୍ୟ ଉପରାଜ୍ୟପାଳ ଭାଜପା କାଉନସିଲର ସତ୍ୟ ଶର୍ମାଙ୍କୁ ଉକ୍ତ ପଦବୀରେ ନିଯୁକ୍ତି ଦେବାରୁ ବିବାଦ ସୃଷ୍ଟି ହୋଇଥିଲା।

# ମନ୍ଦିରରେ ମହିଳାଙ୍କୁ ମାଡ଼ମାରି ଘୋଷାଡ଼ିଲେ

ବେଙ୍ଗାଲୁରୁ,୬।୧(ଆଇଏଏନ୍‌ଏସ୍)

ବେଙ୍ଗାଲୁରୁର ଏକ ମନ୍ଦିରରେ ଜଣେ ମହିଳାଙ୍କୁ ଲାଠିରେ ପିଟିବା ସହ ଗୋଇଠା ମାରିବା ଏବଂ ଘୋଷାଡ଼ିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ହେମବତୀ ନାମ୍ନୀ ଉକ୍ତ ମହିଳା ଅମୃଥାହାଲି ଥାନାରେ ଏନେଇ ଏତଲା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ ଗତ ମାସ ୨୧ ତାରିଖରେ ସେ ସ୍ଥାନୀୟ ଲକ୍ଷ୍ମୀନରସିଂହ ସ୍ୱାମୀ ମନ୍ଦିରକୁ ଯାଇଥିବାବେଳେ ମନ୍ଦିରର ଧର୍ମଦର୍ଶୀ ମୁନିକ୍ରିଷ୍ଣା ତାଙ୍କୁ ଆକ୍ରମଣ କରିଥିଲେ। ମହିଳାଙ୍କୁ ଅଭିଯୁକ୍ତ ବାରମ୍ବାର ମାଡ଼ ମାରିବା ସହ ଚୁଟି ଧରି ଘୋଷାଡୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ମୁନିକ୍ରିଷ୍ଣାଙ୍କ ବିରୋଧରେ ଆଇପିସିର ଧାରା ୩୫୪ରେ ମାମଲା ରୁଜୁ ହୋଇଛି।

# ଟ୍ରକ୍ ଘୋଷାଡ଼ି ନେବାରୁ ଜଳିଗଲେ ସ୍କୁଟର ଚାଳକ

କୋଲକାତା,୬।୧

ପଶ୍ଚିମବଙ୍ଗର ସିଲିଗୁଡ଼ିରେ ଗୁରୁବାର ରାତିରେ ଏକ ଟ୍ରକ୍ ସ୍କୁଟରକୁ ଧକ୍କା ଦେବା ପରେ ୫୦୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଫଳରେ ସ୍କୁଟର ସମେତ ଏହାର ଚାଳକ ଜଳିଯାଇଛନ୍ତି। ନର୍ଥ ବେଙ୍ଗଲ ୟୁନିଭର୍ସିଟିର ୨ ନମ୍ବର ଗେଟ୍ ନିକଟ ଶିବମନ୍ଦିର ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଛି। ମୃତକ ସିଲିଗୁଡ଼ିର ଅନନ୍ତ ଦାସ ବାଗଡୋରାରୁ ଘରକୁ ଫେରୁଥିବାବେଳେ ଏକ ଟ୍ରକ୍ ତାଙ୍କ ସ୍କୁଟରକୁ ଧକ୍କାଦେଇ ଘୋଷାଡ଼ି ନେଇଥିଲା। ଫଳରେ ଘର୍ଷଣ ଯୋଗୁ ସ୍କୁଟରରେ ନିଆଁ ଲାଗି ଅନନ୍ତ ସମ୍ପୂର୍ଣ୍ଣ ଜଳିଯାଇଥିଲେ।

# ୟୁନିଟେକ୍ ବିରୋଧରେ ସିବିଆଇ ମାମଲା

ନୂଆଦିଲ୍ଲୀ,୬।୧(ପି.ଟି.)

୩୯୫ କୋଟି ଟଙ୍କା ଆଇଡିବିଆଇ ବ୍ୟାଙ୍କ ଦୁର୍ନୀତି ମାମଲାରେ ସମ୍ପୃକ୍ତି ନେଇ ୟୁନିଟେକ୍ ଲିମିଟେଡ୍ ଏବଂ ଏହାର ପୂର୍ବତନ ନିର୍ଦ୍ଦେଶକମାନଙ୍କ ନାଁରେ ସିବିଆଇ ଶୁକ୍ରବାର ନୂଆ ମାମଲା ରୁଜୁ କରିଛି। ଦୁର୍ନୀତି ଅଭିଯୋଗର ୬ ମାସ ପରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ କମ୍ପାନୀ ସମେତ ଏହାର ପୂର୍ବତନ ପ୍ରମୋଟର ଓ ନିର୍ଦ୍ଦେଶକ ରମେଶ ଚନ୍ଦ୍ରା, ଅଜୟ ଚନ୍ଦ୍ରା, ସଞ୍ଜୟ ଚନ୍ଦ୍ରାଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ଠକେଇ ନେଇ ଆଇପିସିର ବିଭିନ୍ନ ଦଫା ଏବଂ ଦୁର୍ନୀତି ନିବାରଣ ଆଇନରେ ମାମଲା ରୁଜୁ କରିଥିବା ଜଣେ ଅଧିକାରୀ କହିଛନ୍ତି। ପୂର୍ବରୁ କାନାରା ବ୍ୟାଙ୍କ ଦୁର୍ନୀତି ଅଭିଯୋଗରେ ୟୁନିଟେକ୍ ପ୍ରତିଷ୍ଠାତା ସିବିଆଇ ତଦନ୍ତର ସମ୍ମୁଖୀନ ହୋଇଥିଲେ। ୟୁନିଟେକ୍ କମ୍ପାନୀ ଭେଣ୍ଡର ବିଲ୍ ଡିସ୍‌କାଉଣ୍ଟିଂ (ଭିବିଡି)ରେ ୨୦୧୨ରେ ଆଇଡିବିଆଇ ବ୍ୟାଙ୍କର ୪୦୦ କୋଟି ଟଙ୍କା ଋଣ ନେଇଥିଲା। ରିଅଲ ଇଷ୍ଟେଟ୍ ସେକ୍ଟରରେ ମାନ୍ଦାବସ୍ଥା ଯୋଗୁ ଭିବିଡି ପୈଠ କରିବାରେ ବିଳମ୍ବ ହୋଇଥିଲା। କମ୍ପାନୀ ଋଣ ଶୁଝିବାକୁ ରାଜି ହୋଇ ପୁଣି ୩୯୫ କୋଟି ଟଙ୍କା ଋଣ ନେଇଥିଲା। ୨୦୨୨ ଜୁନ୍ ୩୦ ସୁଦ୍ଧା ୟୁନିଟେକ୍ ଉପରେ ଆଇଡିବିଆଇ ବ୍ୟାଙ୍କ୍‌ର ୯୭୪.୭୮ କୋଟି ଟଙ୍କା ବକେୟା ରହିଥିଲା।

# ୨୦ କୋଟି ଆକାଉଣ୍ଟ ଡେଟା ଲିକ୍

ନୂଆଦିଲ୍ଲୀ,୬।୧

ମାଇକ୍ରୋବ୍ଲଗିଂ ସାଇଟ୍ ଟୁଇଟରରେ ଆକାଉଣ୍ଟ ଖୋଲିଥିବା ୨୦ କୋଟି ୟୁଜର୍ସଙ୍କ ଡେଟା ଲିକ୍ ହୋଇଯାଇଛି। ହ୍ୟାକରମାନେ ଟୁଇଟର ବ୍ୟବହାରକାରୀଙ୍କ ଆକାଉଣ୍ଟରୁ ସେମାନଙ୍କ ନାମ, ଇ-ମେଲ୍ ଆଡ୍ରେସ୍, ଆକାଉଣ୍ଟ ତିଆରି ତାରିଖ ଓ ଫଲୋଅର୍ସଙ୍କ ସମ୍ପର୍କରେ ତଥ୍ୟ ହାସଲ କରିବାରେ ସକ୍ଷମ ହୋଇଛନ୍ତି। ଏହି ବିଷୟ ପ୍ରଘଟ ହେବା ପରେ ୟୁଜର୍ସଙ୍କ ପ୍ରିଭେସିକୁ ନେଇ ପ୍ରଶ୍ନ ଉଠିଛି। ସାଇବର ଇଣ୍ଟେଲିଜେନ୍ସ କମ୍ପାନୀ କ୍ଲାଉଡ୍‌ସେକ୍ ଅନୁସାରେ ଟୁଇଟରରୁ ଲିକ୍ ହୋଇଥିବା ତଥ୍ୟର ଦୁରୁପଯୋଗ କରାଯାଇପାରେ। ଲଗ୍‌ଇନ୍ ଏପିଆଇ ଜରିଆରେ ୟୁଜର୍ସଙ୍କ ଫୋନ୍ ନମ୍ବର ଓ ଇ-ମେଲ୍ ଆଇଡିକୁ ମଧ୍ୟ ହ୍ୟାକର୍ସ ବ୍ୟବହାର କରିପାରନ୍ତି। ପ୍ରଘଟ ହୋଇଥିବା ଡେଟାବେସ୍ ସମ୍ପର୍କରେ ପ୍ରଥମେ ଗତ ଡିସେମ୍ବର ୨୩ରେ ବିଜ୍ଞାପନ ଦିଆଯାଇଥିଲା। ସାଇବର କ୍ରାଇମ୍ ଫୋରମ୍ ବ୍ରିଚ୍‌ଡ ଫୋରମ୍ସରେ 'ରାୟୁସି' ୟୁଜରନେମ୍‌ର ଜଣେ ବ୍ୟକ୍ତି ଏହାକୁ ବିକ୍ରି ପାଇଁ ପୋଷ୍ଟ କରିଥିଲେ। ସିମ୍ ସ୍ୱାପିଂ, କ୍ରିପ୍ଟୋ ସ୍କାମ୍, ବିଇସି ସ୍କାମ୍, ଫିସିଂ କ୍ୟାମ୍ପେନ, ଭେରିଫାଏଡ୍ ୟୁଜରନେମ୍ ବିକ୍ରି ଆଦିରେ ଏହି ଡେଟା କାମରେ ଆସିବ ବୋଲି ସେ ଉଲ୍ଲେଖ କରିଥିଲେ। ଜାନୁୟାରୀ ୧ରେ ଉକ୍ତ ଫୋରମ୍‌ରେ 'ହୋଲିଗନ୍' ୟୁଜରନେମ୍ ବ୍ୟବହାର କରି ଆଉ ଜଣେ ବ୍ୟକ୍ତି ସମାନ ଡେଟାକୁ ଅପ୍‌ଡେଟ୍ ପରେ ବିକ୍ରି ପାଇଁ ଘୋଷଣା କରିଛନ୍ତି। ଏହି ଡେଟାକୁ ୨୦୨୧ ସେପ୍ଟେମ୍ବରରୁ ୨୦୨୨ ଜାନୁୟାରୀ ମଧ୍ୟରେ ରମ୍ପାଯାଇଥିବା ହୋଲିଗନ୍ କହିଛନ୍ତି। ପୂର୍ବ ପୋଷ୍ଟରେ ୪୦୦ ନିୟୁତ ରେକର୍ଡକୁ ସଂଗ୍ରହ କରାଯାଇଥିବା ନେଇ ସୂଚନା ଦିଆଯାଇଥିବାବେଳେ ନୂଆ ପୋଷ୍ଟ ଏହାକୁ ଖଣ୍ଡନ କରିଛି। ୪୦୦ ନିୟୁତରୁ ୧୯୦ ନିୟୁତ ନକଲି ବୋଲି ଏଥିରେ କୁହାଯାଇଛି। ଉଭୟ ଫୋରମ୍‌ର ପୋଷ୍ଟକୁ ଡିଲିଟ୍ କରାଯାଇଛି। ତେଣୁ 'ରାୟୁସି' କିମ୍ବା 'ହୋଲିଗନ୍'ଙ୍କ ଅଥବା ଉଭୟେ ଜଣେ କ୍ରେତାଙ୍କୁ ଖୋଜି ପାଇଥିବା ମନେକରାଯାଉଛି।

# ଲାଞ୍ଚୁଆ ବାବୁଙ୍କ ନାଁ କୁହନି, ଫଟୋ ଦେଖାଅନି

## ବିବାଦରେ ରାଜସ୍ଥାନ ଏସିବି ଅର୍ଡର

ନୂଆଦିଲ୍ଲୀ,୬।୧

ଲାଞ୍ଚ ମାମଲାରେ କୌଣସି ଅଭିଯୁକ୍ତ କୋର୍ଟରେ ଦୋଷୀ ପ୍ରମାଣିତ ନ ହେବା ଯାଏ ତାଙ୍କ ନାମ କିମ୍ବା ଫଟୋ ପ୍ରଘଟ ନ କରିବାକୁ ରାଜସ୍ଥାନର ଆଣ୍ଟାଇ-କରପ୍ସନ ବ୍ୟୁରୋ (ଏସିବି) ପକ୍ଷରୁ ଏହାର ଅଧିକାରୀମାନଙ୍କୁ ଦିଆଯାଇଥିବା ଏକ ନିର୍ଦ୍ଦେଶକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏପରି ନିର୍ଦ୍ଦେଶନାମା ପଛରେ ଗେହଲଟ୍ ସରକାରଙ୍କ କି ଉଦ୍ଦେଶ୍ୟ ଅଛି ବୋଲି ବିରୋଧୀ ଭାଜପା ପ୍ରଶ୍ନ କରିଛି। କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଏ ମଧ୍ୟ ଏସିବି ନିର୍ଦ୍ଦେଶନାମାକୁ ସମାଲୋଚନା କରିଛନ୍ତି। ଦୁର୍ନୀତିଗ୍ରସ୍ତଙ୍କ ଚେହେରା ସମାଜ ଓ ଆଇନର ନଜରକୁ ଆସିବା ଜରୁରୀ ବୋଲି ନିତ୍ୟାନନ୍ଦ କହିଛନ୍ତି।

ରାଜସ୍ଥାନର ଦୁର୍ନୀତି ନିରୋଧୀ ସଂସ୍ଥା ଏସିବି ମହାନିର୍ଦ୍ଦେଶକ ବି.ଏଲ୍. ସୋନି ଗତ ୩୧ରେ ଅବସର ନେବା ପରେ ବୁଧବାର ଗେହଲଟ୍ ସରକାର ବରିଷ୍ଠ ପୋଲିସ ଅଧିକାରୀ ହେମନ୍ତ ପ୍ରିୟଦର୍ଶୀଙ୍କୁ ତାଙ୍କ ପଦରେ ଅବସ୍ଥାପିତ କରିଛନ୍ତି। ଏସିବିର କାର୍ଯ୍ୟକାରୀ ଡିଜି ଭାବେ ଦାୟିତ୍ୱ ଗ୍ରହଣ ପରେ ହେମନ୍ତ ନିଜ ଅଧିକାରୀମାନଙ୍କ ଉଦ୍ଦେଶ୍ୟରେ ରାତିରେ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ସମସ୍ତ ଥାନାର ଭାରପ୍ରାପ୍ତ ଅଧିକାରୀ ଏବଂ ଏସିବି ୟୁନିଟ୍ ଇନ୍-ଚାର୍ଜମାନଙ୍କ ନିକଟକୁ ପଠାଯାଇଥିବା ପତ୍ରରେ ଉଲ୍ଲେଖ କରାଯାଇଛି ଯେ କୌଣସି ଅଧିକାରୀ ବା କର୍ମଚାରୀଙ୍କ ବିରୋଧରେ ଲାଞ୍ଚ ଗ୍ରହଣ ଅଭିଯୋଗ ଥିଲେ ତାହା କୋର୍ଟରେ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ତାଙ୍କ ନାମ କିମ୍ବା ଫଟୋକୁ ସାର୍ବଜନୀନ କରାଯିବ ନାହିଁ। ଗଣମାଧ୍ୟମ ସହ କେବଳ ଅଭିଯୁକ୍ତଙ୍କ ର୍‍ୟାଙ୍କ/ଡେଜିଗ୍‌ନେଶନ ଏବଂ ବିଭାଗର ନାମ ଶେୟାର କରାଯିବ। ପ୍ରଫେସନାଲ ଏଜେନ୍ସିଗୁଡ଼ିକ ଏହି ପଦ୍ଧତି ଆପଣାଇଥାଆନ୍ତି। ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ୍ସ ଅନୁସାରେ ଏହି ଅର୍ଡର ଦିଆଯାଇଛି। ଏପରି କି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ମଧ୍ୟ ଅନେକ ବର୍ଷ ଧରି ଏହାକୁ ମାନିଆସୁଛି। ଅଭିଯୁକ୍ତ ଦୋଷୀ କି ନୁହନ୍ତି ତାହା ଅଦାଲତ ବିଚାର କରିଥାଆନ୍ତି ବୋଲି ହେମନ୍ତ କହିଛନ୍ତି। ବିରୋଧୀ ଦଳ ନେତା ଗୁଲାବଚନ୍ଦ କଟାରିଆ ଏହାକୁ 'ତୋଗଲକି' ଅର୍ଡର ଭାବେ ଅଭିହିତ କରି ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କୁ ଅନୁରୋଧ କରିଛନ୍ତି। ବିରୋଧୀ ଦଳ ଉପନେତା ରାଜେନ୍ଦ୍ର ରାଠୋର କହିଛନ୍ତି, ଦୁର୍ନୀତିଗ୍ରସ୍ତଙ୍କୁ ସୁରକ୍ଷା ଦେବା ପାଇଁ ଗେହଲଟ୍ ସରକାର ଏପରି ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ ଦେଇଥିବା ଦୁର୍ନୀତି ବିରୋଧୀ ଲଢ଼େଇ 'ଜିରୋ କରପ୍ସନ'ର ପ୍ରତିଶ୍ରୁତି ମଳିନ ହୋଇଯାଇଛି ବୋଲି ସେ ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷେ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିବା ଅଧିକାର ଭାଜପାର ନାହିଁ ବୋଲି କଂଗ୍ରେସ ମୁଖପାତ୍ର ସ୍ୱର୍ଣ୍ଣିମ ଶର୍ମା ଜବାବ ଦେଇଛନ୍ତି।



**ହୃଦ୍‌ଘାତରେ ରୁଷୀୟ ଯନ୍ତ୍ରୀଙ୍କ ମୃତ୍ୟୁ**

ପାରାଦୀପ,(ସ୍ୱ.ପ୍ର.): ଗତ ୩ ତାରିଖରେ ପାରାଦୀପ ବନ୍ଦର ଆଙ୍କରେଜରେ ଥିବା ଏମ୍‌ଭି ଅଲଦନାହ ଜାହାଜର ମୁଖ୍ୟ ଯନ୍ତ୍ରୀ ତଥା ରୁଷୀୟ ନାଗରିକ ମିଲିୟାକୁଭ ସର୍ଗଙ୍କ ମୃତ୍ୟୁ ଘଟଣାର ବ୍ୟବଚ୍ଛେଦ ରିପୋର୍ଟ ଶୁକ୍ରବାର ମେରାଇନ ପୋଲିସକୁ ମିଳିଛି। ଉକ୍ତ ରିପୋର୍ଟରେ ତାଙ୍କର ମୃତ୍ୟୁ ହୃଦ୍‌ଘାତ୍‌ରେ ହୋଇଥିବା ଥାନା ଅଧିକାରୀ ଲିଜାରାଣୀ ବିଶ୍ୱାଳ କହିଛନ୍ତି। ଉକ୍ତ ମୃତଦେହ ଏବେବି ପାରାଦୀପ ବନ୍ଦର ଶବାଗାର ଗୃହରେ ସଂରକ୍ଷିତ ରହିଛି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ରାମକୃଷ୍ଣ



@ ସତ୍ୟନାରାୟଣ



@ ସରୋଜ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଉପାନ୍ତରେ ଓଡ଼ିଆ ଭାଷା ସ୍ଥିତି ସଙ୍କଟ

- ୯୦ ଭାଗ ଲୋକ ବଙ୍ଗଳାରେ କଥାବାର୍ତ୍ତା ହେଉଛନ୍ତି
- କେନ୍ଦ୍ରାପଡ଼ା ଜିଲାରେ ଅନୁପ୍ରବେଶ ବଢୁଛି
- ଭୋଟ ବ୍ୟାଙ୍କ ପାଇଁ ପ୍ରତିବାଦ ନାହିଁ

କେନ୍ଦ୍ରାପଡ଼ା ଅଫିସ, ୬।୧

ବିଧାନସଭା ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ଓଡ଼ିଶାର ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷାର ସ୍ଥିତିକୁ ନେଇ ଗତ ୪ ତାରିଖରେ ଗୃହ କମିଟିର ସମୀକ୍ଷା ବୈଠକ ହୋଇଯାଇଛି। ଏଥିରେ ଉପାନ୍ତ ଅଞ୍ଚଳରେ ଏହାର ବ୍ୟବହାର କମି ଯାଉଥିବାରୁ ଉଦ୍‌ବେଗ ପ୍ରକାଶ କରାଯାଇଛି। କେନ୍ଦ୍ରାପଡା ଜିଲାର ଉପାନ୍ତରେ ଏହି ଭାଷାର ସ୍ଥିତି ଏଥିରୁ ବାଦ ପଡିନାହିଁ। ରାଜନଗର ଓ ମହାକାଳପଡ଼ା ବ୍ଲକର ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଓଡ଼ିଆ ଭାଷା ବିଲୁପ୍ତ ହେବାକୁ ବସିଛି। ପ୍ରାୟ ୯୦ ଭାଗ ଲୋକ ଓଡ଼ିଆ ବଦଳରେ ବଙ୍ଗଳାରେ କଥାବାର୍ତ୍ତା କରୁଛନ୍ତି। ଏପରି କି ବିଦ୍ୟାଳୟ ମଧ୍ୟରେ ଶିକ୍ଷାର୍ଥୀମାନେ ବଙ୍ଗଳାରେ ଭାବ ବିନିମୟ ହେଉଥିବା ଦେଖାଯାଉଛି।

ଏ ସମ୍ପର୍କରେ ରାଜନଗରର ପ୍ରତ୍ୟୁଷ ନାୟକ କୁହନ୍ତି, ଜିଲାର ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷାର ଏହି ସଙ୍କଟଜନକ ସ୍ଥିତି ପାଇଁ ଅନୁପ୍ରବେଶ ଦାୟୀ। ୧୯୫୦ ମସିହାରେ ବାଂଲାଦେଶ ଗୃହଯୁଦ୍ଧ ସମୟରେ ୧୨୩୭ ଜଣଙ୍କୁ କେନ୍ଦ୍ରାପଡ଼ା ଜିଲାରେ ଥଇଥାନ କରାଯାଇଥିଲା। ତେବେ ୨୦୧୧ ମସିହା ଜନଗଣନାରେ ଜିଲାର ବଙ୍ଗଭାଷୀଙ୍କ ସଂଖ୍ୟା ୭୮ ହଜାରରୁ ଊର୍ଦ୍ଧ୍ୱ ଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି ବଙ୍ଗଭାଷୀଙ୍କ ମଧ୍ୟରୁ ଅଦ୍ୟାବଧି ୪୪ ହଜାରରୁ ଊର୍ଦ୍ଧ୍ୱ ଭୋଟ ପରିଚୟ ପତ୍ର ହାସଲ କରିଛନ୍ତି। ୨୦୦୫ ମସିହାରେ କେନ୍ଦ୍ର ସରକାରଙ୍କ ତାଗିଦା ପରେ ଅନୁପ୍ରବେଶକୁ ନେଇ ଏକ ସର୍ଭେ ହୋଇଥିଲା। ଜିଲା ପ୍ରଶାସନ ପକ୍ଷରୁ ହୋଇଥିବା ଏହି ତଦନ୍ତ ସମୟରେ ମହାକାଳପଡ଼ା ତହସିଲ ଅଞ୍ଚଳର ୧୫୫୧ ଜଣ, ପଟ୍ଟାମୁଣ୍ଡାଇର ୯୦ ଜଣ ଓ ରାଜନଗରର ୩୦ ଜଣ ଅନୁପ୍ରବେଶକାରୀ ବୋଲି ଚିହ୍ନଟ ହୋଇଥିଲେ। ଏଥିମଧ୍ୟରୁ ମହାକାଳପଡ଼ା ତହସିଲ ଅଞ୍ଚଳର ଚିହ୍ନଟ ଅନୁପ୍ରବେଶକାରୀଙ୍କୁ ଦେଶାନ୍ତର ନୋଟିସ ଜାରି ହୋଇଥିଲେ ମଧ୍ୟ ବିଭିନ୍ନ କାରଣରୁ ଏହା କାର୍ଯ୍ୟକାରୀ ହୋଇନାହିଁ। ବହୁ ସମୟରେ ଅନୁପ୍ରବେଶ ସମ୍ପର୍କରେ ସୂଚନା ମିଳୁଥିଲେ ମଧ୍ୟ ଜିଲା ପ୍ରଶାସନ ଏ ନେଇ ତତ୍ପରତା ପ୍ରକାଶ କରୁନାହାନ୍ତି। ସେହିପରି ଭୋଟ ବ୍ୟାଙ୍କ ଭାଙ୍ଗିଯିବା ନେଇ ରାଜନେତାମାନେ ଚୁପ ରହୁଥିବା ନାୟକ ପ୍ରକାଶ କରିଛନ୍ତି। ରାଜନଗରର ତପନ କୁମାର କର କହିଛନ୍ତି, ୨୦୦୮ ଡିସେମ୍ବର ୯ରେ କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁପ୍ରବେଶ ହେତୁ ଜିଲା ତଥା ଦେଶର ସୁରକ୍ଷା କିପରି ହେବ ବୋଲି ପ୍ରଶ୍ନ ହୋଇଥିଲା। ଏହାସତ୍ତ୍ୱେ ସ୍ଥାନୀୟ ଅଞ୍ଚଳରେ ଏହାର କୌଣସି ଫରକ ପଡିନାହିଁ। ଏହି ଦୁଇ ବ୍ଲକ ଅଞ୍ଚଳର ରାମନଗର, ସୁନିତି, ବାବର, ଡାଙ୍ଗମାଳ, ତାଳଚୁଆ, ଭେଙ୍ଗୁ, ରଙ୍ଗଣୀ, ଗୁପ୍ତି, ଭିତରକନିକା, ଗହୀରମଥା, ବେଣାକନ୍ଦା, ଜମ୍ବୁ, ଖରିନାସୀ, ବଡିଘର, ପିତାପାଟ, ଅହିରାଜପୁର, ବରଜି ବାହାକୁଦ, ଅମରାବତୀ, ମଞ୍ଜୁଳାପଲ୍ଲୀ, ଦୈତ୍ୟପ୍ରସାଦ, ରାନିପାଟଣା, ବୀରଭଞ୍ଜପୁର, ଭଞ୍ଜପ୍ରସାଦ, ଟିକାୟତନଗର, କୃଷ୍ଣନଗର, ରାଜେନ୍ଦ୍ରନଗର, କନକନଗର ଆଦି ଗ୍ରାମଗୁଡିକ ବଙ୍ଗଭାଷୀଙ୍କ ବସ୍ତି ହୋଇଛି। ବଙ୍ଗଭାଷୀଙ୍କ ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବାରୁ ଓଡ଼ିଆ ଭାଷାର ବ୍ୟବହାର କମୁଥିବା ସେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବୁଦ୍ଧିଜୀବୀ ମହେଶ୍ୱର ଜେନା କହିଛନ୍ତି, ସାମ୍ପ୍ରତିକ ସମୟରେ ଓଡ଼ିଶାର ସଂସ୍କୃତି, ପରମ୍ପରା ବିଲୋପ ସହ ଓଡ଼ିଆ ଭାଷା ବିକୃତ ହେବାରେ ଲାଗିଛି। ଉପରୋକ୍ତ ଅଞ୍ଚଳରେ ବସବାସ କରୁଥିବା ଲୋକ ଓଡ଼ିଆ ଭାଷାରେ ଲେଖାପଢ଼ା ସହ କଥାବାର୍ତ୍ତା ପ୍ରତି ବିମୁଖ ହୋଇଛନ୍ତି। ବିଦ୍ୟାଳୟରେ ଛାତ୍ରୀଛାତ୍ର ବଙ୍ଗଳାରେ କଥାବାର୍ତ୍ତା ହେବା ସହ ବିଭିନ୍ନ ଦୋକାନରେ ବଙ୍ଗଳା ଭାଷାର ଧର୍ମପୁସ୍ତକ, ପଞ୍ଜିକା, କ୍ୟାଲେଣ୍ଡର ଆଦି ବିକ୍ରି ହେଉଛି। ସ୍ଥାନୀୟ ନେତା ଭୋଟରଙ୍କୁ ଆକୃଷ୍ଟ ପାଇଁ ବଙ୍ଗଳାରେ ଭାଷଣ ଦେଉଛନ୍ତି। ଏପରିସ୍ଥିତିରେ ଓଡ଼ିଆ ଭାଷା ଆସିବ କେଉଁଠୁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ସମ୍ପର୍କରେ ଗୃହ କମିଟି ସଦସ୍ୟ ତଥା ପୂର୍ବତନ ଜିଲାପାଳ ଦାଶରଥି ଶତପଥୀଙ୍କୁ ପଚାରିବାରେ ଓଡ଼ିଶାର ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷାଭାଷୀଙ୍କ ସ୍ଥିତି ଦିନକୁଦିନ କମୁଛି। ଏହାର ଅନୁଧ୍ୟାନ ଓ ନିରାକରଣ ପାଇଁ ଗୃହ କମିଟି ସଦସ୍ୟମାନେ ଉପାନ୍ତ ଜିଲାଗୁଡିକ ଗସ୍ତ କରିବେ ବୋଲି ସ୍ଥିର କରାଯାଇଛି ବୋଲି ସେ କହିଛନ୍ତି।

# ୪୨ ହଜାରରୁ ଊର୍ଦ୍ଧ୍ୱ ଦେଶୀ ବିଦେଶୀ ପକ୍ଷୀଙ୍କ ସମାଗମ



## ପିପିଏଲ୍‌ରେ ପକ୍ଷୀ ଗଣନା

ପାରାଦୀପ,୬।୧(ସ୍ୱ.ପ୍ର.)

ପାରାଦୀପ ପିପିଏଲ୍ ପରିସରରେ ଥିବା ଜଳାଶୟରେ ଚଳିତବର୍ଷ ୪୨ ହଜାରରୁ ଊର୍ଦ୍ଧ୍ୱ ଦେଶୀ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଛି। ଶୁକ୍ରବାର ରାଜନଗର ବନଖଣ୍ଡ ପକ୍ଷରୁ ହୋଇଥିବା ଗଣନାରେ ଏହା ଦର୍ଶାଯାଇଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ପୂର୍ବବର୍ଷ ତୁଳନାରେ ଏହା ସର୍ବାଧିକ ବୋଲି କୁହାଯାଇଛି। ଏଥର ୪୬ ପ୍ରଜାତିର ପକ୍ଷୀ ଆସିଛନ୍ତି। ସେଥିମଧ୍ୟରେ ନୂଆ ପ୍ରଜାତି ହେଲା କମନ ରିଙ୍ଗେଡ ପ୍ଲୋଭର। ଅନୁକୂଳ ପରିବେଶ ଓ ଶାନ୍ତ ବାତାବରଣ ଯୋଗୁ ପକ୍ଷୀମାନେ ଏଠାରେ ରହୁଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ କମ୍ପାନୀ ପକ୍ଷରୁ କଟକଣା ଜାରି କରାଯାଇଛି। କୁଜଙ୍ଗ ବନାଞ୍ଚଳ ଅଧିକାରୀ ରଞ୍ଜନ କୁମାର ମିଶ୍ରଙ୍କ ନେତୃତ୍ୱରେ ପକ୍ଷୀ ଗଣନାକାରୀମାନେ ଏଥିରେ ସାମିଲ ହୋଇଥିଲେ।

# ଯୁକ୍ତ୨ ପରୀକ୍ଷା: ପୁଣି ଫର୍ମ ପୂରଣ ସୁଯୋଗ

ଭୁବନେଶ୍ୱର,୬।୧(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ମାର୍ଚ୍ଚ ପହିଲାରୁ ଆରମ୍ଭ ହେଉଥିବାବେଳେ ଏଥିପାଇଁ ଫର୍ମପୂରଣ ପ୍ରକ୍ରିୟା ଶେଷ ହୋଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଅନେକ ଛାତ୍ରୀଛାତ୍ର ଫର୍ମପୂରଣ କରିପାରି ନ ଥିଲେ। ତେଣୁ ଛାତ୍ରୀଛାତ୍ରଙ୍କ ଅନୁରୋଧକୁ ଦୃଷ୍ଟିରେ ରଖି ପୁଣିଥରେ ଫର୍ମପୂରଣ ପାଇଁ ପରିଷଦ ସୁଯୋଗ ଦେଇଛି। ହେଲେ ଏହି ଅନ୍‌ଲାଇନ ଫର୍ମପୂରଣ ପାଇଁ ୪୫୦ ଟଙ୍କା ଫାଇନ୍ ବା ଜରିମାନା ଦେବାକୁ ପଡ଼ିବ। ଆସନ୍ତା ୧୬ରୁ ୧୯ ତାରିଖ ମଧ୍ୟରେ ୪୫୦ ଟଙ୍କା ଫାଇନ ଦେଇ ଛାତ୍ରୀଛାତ୍ର ଫର୍ମପୂରଣ କରିପାରିବେ। ୨୦ ତାରିଖ ଅପରାହ୍ନ ୪ଟା ସୁଦ୍ଧା ଫର୍ମପୂରଣ ଡକ୍ୟୁମେଣ୍ଟ ଦାଖଲ କରିବାକୁ ପଡ଼ିବ। ତେଣୁ ଫର୍ମପୂରଣ କରିପାରି ନ ଥିବା କଳା, ବିଜ୍ଞାନ, ବାଣିଜ୍ୟ, ଧନ୍ଦାମୂଳକ ଶିକ୍ଷା ଏବଂ କରେସପଣ୍ଡେନ୍ସ ପାଠ୍ୟକ୍ରମର ଯୋଗ୍ୟ ଛାତ୍ରୀଛାତ୍ର ଫର୍ମପୂରଣ କରିପାରିବେ।

# ପୋଖରୀରୁ ୪ ଫୁଟ ଲମ୍ବର କୁମ୍ଭୀର ଉଦ୍ଧାର

**ରାଜନଗର, ୬।୧(ଡି.ଏନ.ଏ.):** ରାଜନଗର ବ୍ଲକ ଖମାରସାହି ଗାଁର କୁନା ଦାସ ତାଙ୍କ ବାଡ଼ିରେ ଥିବା ପୋଖରୀ ହୁଡାରେ ଏକ କୁମ୍ଭୀର ଶୋଇଥିବା ଦେଖିଥିଲେ। ସେ ଏ ନେଇ ଗାଁର ରବି ସିଂହଙ୍କୁ ଜଣାଇଥିଲେ। ସେ ସେଠାରେ ପହଞ୍ଚି କୁମ୍ଭୀର ଦେଖି କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କୁ ଜଣାଇଥିଲେ। ରେଞ୍ଜ ଅଫିସର କୁମ୍ଭୀରକୁ ଧରିବା ପାଇଁ ୧୦ ଜଣ ବନ କର୍ମଚାରୀଙ୍କୁ ପଠାଇଥିଲେ। ବନ କର୍ମଚାରୀମାନେ ପହଞ୍ଚି ପୋଖରୀ ମଧ୍ୟରେ ୩ ଥର ଜାଲ ଟାଣିବା ପରେ କୁମ୍ଭୀର ଜାଲରେ ପଡିଥିଲା। ଉଦ୍ଧାର କୁମ୍ଭୀରଟି ଅଣ୍ଡିରା ହୋଇଥିବା ବେଳେ ଲମ୍ବ ୪ ଫୁଟ। ସବୁଠୁ ବଡ଼ କଥା ହେଲା ଗାଁ ଭିତରେ ଥିବା ରଘୁନାଥ ଓ କୁନା ଦାସଙ୍କ ଘରଠାରୁ ୨ କିଲୋମିଟର ଦୂରରେ ବୈତରଣୀ ଥିବା ବେଳେ ପୋଖରୀର ୪୦ ଫୁଟ ଦୂରରେ ଥାନପତି ନାଳ ରହିଛି। ଏହି କୁମ୍ଭୀରଟି କିପରି ପୋଖରୀକୁ ଆସିଲା ତାହା ଜଣାପଡିନାହିଁ। ଉଦ୍ଧାର କୁମ୍ଭୀରକୁ ଭିତରକନିକା ନଦୀରେ ଛାଡି ଦିଆଯାଇଛି।

# ୩ ଧାନଗଦା ଜଳିଗଲା

**ରାଜନଗର, ୬।୧(ଡି.ଏନ.ଏ.):** ରାଜନଗର ବ୍ଲକ ସାନବଡ ଗୋପାଳପୁର ପଞ୍ଚାୟତ ଗୋପାଳପୁର ଗାଁର ପଞ୍ଚାନନ ରାଉତଙ୍କ ୩ଟି ଧାନଗଦା ପୋଡିଯାଇଛି। ଶୁକ୍ରବାର ଅପରାହ୍ନ ୧ଟାରେ ତାଙ୍କ ବାଡିପଟେ ଥିବା ଧାନଗଦାରୁ ଧୂଆଁ ଦେଖିବାକୁ ମିଳିଥିଲା। ଲୋକେ ସେଠାରେ ପହଞ୍ଚିଲା ବେଳକୁ ଧାନଗଦା ଜଳୁଥିଲା। ଚାହୁଁ ଚାହୁଁ ୩ଟି ଧାନଗଦାରେ ନିଆଁ ଲାଗି ଯାଇଥିଲା। ଗ୍ରାମବାସୀ ଉଦ୍ୟମ କରିଥିଲେ ମଧ୍ୟ ସମସ୍ତ ଧାନକୁ ନିଆଁ କବଳରୁ ଉଦ୍ଧାର କରି ପାରି ନ ଥିଲେ। ଅଧାରୁ ଅଧିକ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଯେତିକି ରହିଛି ତାହା ଫୋପଡା ଫିଙ୍ଗା ଓ ଦଳା ଚକଟାରେ ନଷ୍ଟ ହୋଇଯାଇଛି। ନିଆଁ କିପରି ଲାଗିଲା ନା କିଏ ଲଗାଇଲା ତାହା ଏଯାଏ ସ୍ପଷ୍ଟ ହୋଇପାରିନାହିଁ।


**झारखण्ड सरकार**
**ग्रामीण कार्य विभाग,मुख्य अभियंता का कार्यालय**
**102, द्वितीय तल्ला, अभियंत्रण भवन, कचहरी रोड, राँची**

ई–निविदा आमंत्रण सूचना

ई–निविदा संख्या:- 223/2022-23/RWD/DHANBAD दिनांक :- 06.01.2023

मुख्य अभियंता, ग्रामीण कार्य विभाग, झारखण्ड, राँची द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशन संख्या/पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि |
|---|---|---|---|---|---|
| | | | अंक में | अक्षर में | |
| 1. | RWD/ DHANBAD/ 24/2022-23 | नीचे बेलडांगा पेट्रोल पम्प से काशीटांड़ पूर्णी मोड़ होते हुए पलूडीह सिद्धू कान्हु चौक तक पथ का चौड़ीकरण एवं सुदृढ़ीकरण कार्य (लं– 4.250 कि0मी0) | 2,61,72,200.00 | दो करोड़ इकसठ लाख बहत्तर हजार दो सौ रू0 मात्र | 15 माह |
| 2. | RWD/ DHANBAD/ 25/2022-23 | जसपुर मोड़ से मदनपुर सिरपुरिया होते हुए नीलकंठी मोड़ तक पथ का चौड़ीकरण एवं सुदृढ़ीकरण कार्य (लं– 3.450 कि0मी0) | 2,14,83,900.00 | दो करोड़ चौदह लाख तेरासी हजार नौ सौ रू0 मात्र | 12 माह |

2. वेबसाईट में निविदा प्रकाशन की तिथि:– 18.01.2023
3. ई–निविदा प्राप्ति की अंतिम तिथि एवं समय:– 30.01.2023 अपराह्न 5.00 बजे तक।
4. (क) मुख्य अभियंता कार्यालय, ग्रामीण कार्य विभाग, अभियंत्रण भवन, कचहरी, राँची अथवा (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, धनबाद में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– 31.01.2023 पूर्वाह्न 10.00 बजे से अपराह्न 3.30 बजे तक।
5. निविदा खोलने की तिथि एवं समय:– 01.02.2023 पूर्वाह्न 11.30 बजे।
6. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता, ग्रामीण कार्य विभाग, 102, द्वितीय तल्ला, अभियंत्रण भवन, कचहरी चौक, राँची, झारखण्ड, पिन– 834001
7. ई–निविदा प्रकोष्ठ का दूरभाष सं0– 0651–2207818
8. निविदा शुल्क झारखण्ड राज्य में अवस्थित भारतीय स्टेट बैंक/अन्य राष्ट्रीयकृत बैंक द्वारा निविदाकार के नाम/अकाउंट से ही निर्गत बैंक ड्राफ्ट के रूप में कार्यपालक अभियंता, ग्रामीण कार्य विभाग, कार्य प्रमण्डल, धनबाद के पक्ष में एवं धनबाद में भुगतेय होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

नोडल पदाधिकारी
ई–प्रोक्युर्मन्ट सेल

PR 286901 Rural Work Department(22-23).D



**GOVERNMENT OF ODISHA** No. O-1576
**OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK**
ee_rwbdk2@yahoo.co.in
**"e" Procurement Notice for Road Works**
**2nd Corrigendum to Identification Online Tender 08/RWD-II/2022-23 Dtd.20.12.2022**

Due to some unavoidable circumstances, the availability of online tender for bidding from 06.01.2023 at 4.00 PM to 17.01.2023 upto 4.00 PM is hereby cancelled & following changes has been made.

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking tender clarification | Date & Time of Opening of Tender in O/o S.E.R.W. Division-II, Bhadrak | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, R.W. Division-II, Bhadrak | 08 | 11.01.2023 at 4.00 P.M. | 20.01.2023 upto 4.00 P.M. | 19.01.2023 upto 3.00 P.M. | 21.01.2023 at 11.00 A.M. | Will be intimated later |

Other conditions are remain same.
OIPR-25090/11/0018/2223 Sd./- Superintending Engineer, R.W. Division-II, Bhadrak



**GOVERNMENT OF ODISHA** No. O-1577
**OFFICE OF THE SUPERINTENDING ENGINEER, RURAL WORKS DIVISION-II, BHADRAK**
ee_rwbdk2@yahoo.co.in
**"e" Procurement Notice for Road Works**
**1st Corrigendum to Identification Online Tender 09/RWD-II/2022-23 Dtd.30.12.2022**

Due to some unavoidable circumstances, the availability of online tender for bidding from 07.01.2023 at 4.00 PM to 13.01.2023 upto 4.00 PM is hereby cancelled & following changes has been made.

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking tender clarification | Date & Time of opening of Bid (Single Cover) |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, R.W. Division-II, Bhadrak | 09 | 10.01.2023 at 4.00 P.M. | 17.01.2023 upto 4.00 P.M. | 16.01.2023 upto 3.00 P.M. | 18.01.2023 at 11.00 A.M. |

Other conditions are remain same.
OIPR-25090/11/0017/2223 Sd./- Superintending Engineer, R.W. Division-II, Bhadrak



**GOVT. OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, GAJAPATI**
**AT/PO: PARALAKHEMUNDI,DIST: GAJAPATI**
PHONE NO: 06815-222365, e-mail- eemi_gajapati@yahoo.co.in
e-Procurement Notice No.05 Date. 02.01.2023
BID IDENTIFICATION NO. MIDGJP-06/2022-23

**No.A-979:**The Superintending Engineer, Minor Irrigation Division, Paralakhemundi on behalf of Governor of Odisha invites Percentage Rate bid in Single Cover System in ONLINE MODE for the construction of following works as detailed in the Detailed Tender Call Notice (D.T.C.N) from the eligible class of contractors.

1. Name of the work: Construction of new Check Dams under MATY Scheme -2022-23.
2. No of works: 4 Nos. (Four)
3. Estimated cost: Varies approximately from Rs. 20.00 Lakhs to Rs. 46.00 Lakhs.
4. Period of completion: 06 (Six) to 9 (Nine) Calendar months.
5. Date and time of availability of bid documents in the portal: from 10.00 Hours of 13.01.2023 to 17.00 Hours of 24.01.2023.
6. Last date/ time for receipt of bids in the portal: 17.00 Hours of 24.01.2023.
7. Date of opening of Bid: 11.00 Hours on 25.01.2023.
8. Name and address of the Officer inviting Bid: Executive Engineer, Minor Irrigation Division, Gajapati, At/Po- Paralakhemundi, Dist-Gajapati. PIN-761200.

Further details can be seen from the e-procurement portal https://tendersodisha.gov.in

Sd./- Superintending Engineer
MI Division, Gajapati, Paralakhemundi
OIPR-32013/11/0007/2223



**DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA**
NAYAPALLI, BHUBANESWAR-751012
Ph:2392032, 2394336, 2395338,2393912, 2396072 (Hostel)
Fax: 2391954, E-mail - sihfwodisha@gmail.com

**Short Tender Call Notice**

Tender Ref. No.78 Date:05.01.23

**No.E-805:**Sealed tenders (i.e. in two bids) are invited from reputed Firms/ Agencies/ Event Managers having experience in organizing national / state level Tableau display and having valid GST Registration Certificate/ PAN number for organizing Tableau display in forthcoming State Level Republic Day Parade to be held on 26th January 2023 at Mahatma Gandhi Marg, Bhubaneswar .The total cost of the project is limited to Rs.1, 50,000 (Rupees One Lakh Fifty thousand) only. The Tender document along with details term and conditions of the tender is available in the official website at www.odisha.gov.in & www.sihfwodisha.nic.in. The intending bidders are required to download the Tender documents directly from the given official website and in this connection the bidder have to pay tender fee (Non-refundable) of Rs.500/- (Rupees Five Hundred) in shape of Bank Draft/ Demand Draft in favour of "Director, State Institute of Health & Family Welfare, Odisha" from any Nationalized/ Scheduled Bank payable at Bhubaneswar. The last date of submission of Tender is Date: 13.01.2023 up to 5.00 PM by Regd. Post / Speed post / Courier service only and the bids will be opened on 16.01.2023 at 3.30 PM in the office of the undersigned in presence of the bidders or their authorized representatives. In the event of the date being declared as a holiday for Government of Odisha, the due date of submission of bids and opening of bids will be the next working day at same time. Any alternation / modification if any will be notified in the Directorate official website (www.sihfwodisha.nic.in). The Bidders can download the Tender documents directly from the website subject to condition that the money towards tender cost will be applicable as per procedure mentioned above. Any tender received after the due date & time will be rejected and returned to the sender un-opened. The authority reserves the right to reject any/ all the tenders or to cancel the tender process at any time without assigning any reasons thereof.

Sd./- Director
State Institute of Health & Family Welfare, Odisha
OIPR-10003/11/0128/2223



See Career Appointment on every Wednesday & Saturday



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.PCMM/EP/2022-23/78, ତା.03.01.2023ରିଖ

**କ୍ରମ ସଂ.01,** ଟେଣ୍ଡର ନଂ.03221827B, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ପଲିମର (Polymer) ବଫର ସ୍ପ୍ରିଙ୍ଗ, ପରିମାଣ : 1200 ସେଟ୍ ।
**କ୍ରମ ସଂ.02,** ଟେଣ୍ଡର ନଂ.05225401, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: PVC ଇନ୍‌ସୁଲେଟେଡ୍ (Insulated) ପାୱାର କେବୁଲ 02 କୋର୍, ପରିମାଣ : T.S. ଅନୁସାରେ ।
**କ୍ରମ ସଂ.03,** ଟେଣ୍ଡର ନଂ.06225340, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : 6400mm ଓଭର ରାଇଡ଼ିଙ୍ଗ୍ (Over riding)କର୍ଭଡ୍ ସ୍ୱିଚ୍ ର ଉତ୍ପାଦନ ଏବଂ ଯୋଗାଣ, ପରିମାଣ: T.S. ଅନୁସାରେ ।
**କ୍ରମ ସଂ.04,** ଟେଣ୍ଡର ନଂ.02221444, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ମୋଟର ଡବଲ ରିଭର୍ସର (Reverser), ପରିମାଣ : T.S. ଅନୁସାରେ ।
**କ୍ରମ ସଂ.05,** ଟେଣ୍ଡର ନଂ.08223390C, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ଡିଜଲଭ୍‌ଡ଼(Dissolved) ଏସିଟିଲିନ୍ ଗ୍ୟାସ୍, ପରିମାଣ : T.S. ଅନୁସାରେ ।
**କ୍ରମ ସଂ.06,** ଟେଣ୍ଡର ନଂ.02221683, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ: ପ୍ରିଣ୍ଟେଡ ସର୍କିଟ ବୋର୍ଡ୍, ପରିମାଣ: 56 ଗୋଟି ।

ଟେଣ୍ଡର ଖୋଲାଯିବା ତାରିଖ: ତା.01.02.2023ରିଖ (କ୍ରମ ସଂ.01, 05 ଏବଂ 06 ପାଇଁ), ତା.17.01.2023ରିଖ (କ୍ରମ ସଂ.02 ପାଇଁ), ତା.23.01.2023ରିଖ (କ୍ରମ ସଂ.03 ପାଇଁ) ଏବଂ ତା.30.01.2023ରିଖ (କ୍ରମ ସଂ.04 ପାଇଁ) ।

ସମ୍ପୂର୍ଣ୍ଣ ବିଜ୍ଞପ୍ତି, ଇଏମ୍‌ଡି, କ୍ରୟ ପ୍ରତିବନ୍ଧକ ଏବଂ ସମ୍ପୂର୍ଣ୍ଣ ଟେଣ୍ଡର ସର୍ତ୍ତାବଳୀ ସମ୍ବନ୍ଧରେ ଦୟାକରି ୱେବ୍‌ସାଇଟ୍ www.ireps.gov.in ଏବଂ www.eastcoastrail.indianrailways.gov.in ଅବଲୋକନ କରନ୍ତୁ ।

ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ/ ଭୁବନେଶ୍ୱର
PR-884/N/22-23



**ଦ.ପୂ. ରେଳପଥ - ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୦୧-୨୦୨୩, ତାରିଖ: ୦୫।୦୧।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍ନାଲ ଏବଂ ଟେଲିକମ୍ ଇଞ୍ଜିନିୟର/ସିଓ/ଚକ୍ରଧରପୁରଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ଲାଗି ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୦୧-୨୦୨୩-୧, ୨, ୩ ଓ ୪ ବାବଦରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଯାହା ତା୩୦।୦୧।୨୦୨୩ରିଖ ୧୫.୦୦ ଘଣ୍ଟିକାରେ ଖୋଲିବା ପାଇଁ ଧାର୍ଯ୍ୟ ଅଟେ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । ଯଥାକ୍ରମେ କ୍ର.ସଂ. ଓ କାର୍ଯ୍ୟର ନାମ; ଟେଣ୍ଡର ମୂଲ୍ୟ; ଅମାନତ ରାଶି: (୧) ଚକ୍ରଧରପୁର ଡିଭିଜନରେ ୩୭ଟି ଷ୍ଟେଶନଠାରେ ପିଏ ସିଷ୍ଟମଗୁଡ଼ିକୁ ବଦଳାଇବା; ₹୫୬,୧୯,୮୪୫.୩୫; ₹୧,୧୨,୪୦୦/– । (୨) ବଡ଼ଜାମଦା–ଗୁଆ ଏବଂ ରାଉରକେଲା–କୁଆଁରମୁଣ୍ଡା ସେକ୍ସନଗୁଡ଼ିକରେ ଓଏଫ୍‌ସି ଆଧାରିତ ଇମର୍ଜେନ୍ସି କମ୍ୟୁନିକେଶନ ସିଷ୍ଟମର ବ୍ୟବସ୍ଥା କରିବା; ₹୮,୩୧,୬୮୭.୮୫; ₹୧୬,୬୦୦/– । (୩) ଚକ୍ରଧରପୁର–ଲୋଟାପାହାଡ଼ ସେକ୍ସନ ମଧ୍ୟରେ ସୀମିତ ଉଚ୍ଚତାର ସବ୍‌ୱେ ନିର୍ମାଣ ସଂକ୍ରାନ୍ତରେ ଏସ୍ ଆଣ୍ଡ ଟି କାର୍ଯ୍ୟ; ₹୧୭,୧୩,୬୬୪.୪୪; ₹୩୪,୩୦୦/– । (୪) ଗଡ଼ପୋଷ–ବାମରା ଏବଂ ସୋନାଖାନ–ଗଡ଼ପୋଷ ଷ୍ଟେଶନ ମଧ୍ୟରେ ବିଦ୍ୟମାନ ସେତୁ ନଂ.୫୭ ଏବଂ ୫୯ର ସମ୍ପ୍ରସାରଣ ପାଇଁ ଏସ୍ ଆଣ୍ଡ ଟି କାର୍ଯ୍ୟ; ₹୬,୪୧,୨୫୪.୦୯; ₹୧୨,୮୦୦/– । ସମାପ୍ତି ଅବଧି: ପ୍ରତ୍ୟେକ ପାଇଁ ୦୬ (ଛଅ) ମାସ । ଟେଣ୍ଡର ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍–III ଡିଜିଟାଲ୍ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ୍ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ । (PR-984)



**Government of Odisha** No.B-1094
**"e" Procurement Notice**
**OFFICE OF THE SUPERINTENDING ENGINEER KORAPUT (R&B) DIVISION, KORAPUT**
**Bid Identification No.S.E.(R&B) KPT-16/2022-23**

| | | |
|---|---|---|
| 1. | Name of the Work | : Road Works |
| 2. | Total No. of Works | : 02 Nos. |
| 3. | Estimated Cost | : Rs.12.72 Lakh to 21.57 Lakh |
| 4. | Period of Completion | : 01 (One) Month |
| 5. | Date & Time of availability of bid document in the Portal | : From 09.01.2023 at 11.00 hours to 24.01.2023 upto 17.00 hours |
| 6. | Last date/time for receipt of bids in the portal | : 24.01.2023 upto 17.00 hours |
| 7. | Date of Opening of Tender | : 25.01.2023 at 12.00 hours |
| 8. | Name and address of the Officer Inviting Bid | : Superintending Engineer Koraput (R&B) Division |

Further details can be seen from the e-procurement portal https://tendersorissa.gov.in.
Sd./- Superintending Engineer, Koraput (R&B) Division
OIPR-34096/11/0012/2223



**GOVERNMENT OF ODISHA** No.A-981
**e-Procurement Notice**
**OFFICE OF THE SUPERINTENDING ENGINEER CENTRAL MINOR IRRIGATION CIRCLE,BHUBANESWAR**
**Phone/Fax: (0674) 2540559, cmic.bbsr@gmail.com**
No.2906, Dt.28.12.2022
**e-Procurement Notice**
**BID ID NO. SECMIC-04/2022-23**

| | |
|---|---|
| 1. Name of the Work | : As per Annexure to this bid notice. |
| 2. No. of Works | : 2 (Two) Nos. |
| 3. Estimated Cost | : Varies from Rs.120.00 to 158.00 Lakh |
| 4. Class of Contractor | : A & B |
| 5. Period of Completion | : 11 (Eleven) Calendar Months |
| 6. Date and Time of availability of Bid documents and Receipt of Bid Cost on online payment mode in portal | : From 09.01.2023 (10.00 AM) to 24.01.2023 (05.00 PM) in website (www.tendersodisha.gov.in.) |
| 7. Last Date/Time for receipt of Bids in the Portal | : 24.01.2023 (Upto 05.00 PM) through online only |
| 8. Date of Opening of Technical Bid | : 11.00 AM Onwards on 25.01.2023 in the O/o. SE, Central M.I. Circle, Bhubaneswar |
| 9. Name and Address of OIT | : Superintending Engineer, Central M.I. Circle, Bhubaneswar, Plot No. A-8/2, Po: Bhoinagar, Bhubaneswar, PIN: 751022, Dist: Khurda, Ph:0674-2540559 |

Further details can be seen from the e-Procurement market place http://tendersodisha.gov.in.
OIPR-32047/11/0006/2223 Sd./- Superintending Engineer Central M.I. Circle, Bhubaneswar

**ଖସିଲା ଶେୟାର ବଜାର କାରବାର**

**ନୂଆଦିଲ୍ଲୀ:** କ୍ରମାଗତ ୩ୟ ଦିନ ଲାଗି ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ (ଷ୍ଟକ୍ ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ଶୁକ୍ରବାର ବଜାର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୪୫୩ (୪୫୨.୯୦) ପଏଣ୍ଟ ଖସି ୫୯,୯୦୦ (୫୯,୯୦୦.୩୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୩୩ (୧୩୨.୭୦) ପଏଣ୍ଟ ହ୍ରାସ ଘଟି ୧୭,୮୫୯(୧୭,୮୫୯.୪୫) ଅଙ୍କରେ ବଜାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ଜିଡିପି ଅଭିବୃଦ୍ଧି ୭%ରେ ରହିବ

ନୂଆଦିଲ୍ଲୀ,୬।୧




ଜାତୀୟ ଓ ଅନ୍ତର୍ଜାତୀୟ ସମସ୍ୟା ମଧ୍ୟରେ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି)ର ପୂର୍ବାନୁମାନ କରାଯାଇଛି। ଏପରିକି ଚଳିତ ଆର୍ଥିକ ବର୍ଷ ପାଇଁ ଭାରତର ଜିଡିପି ଅଭିବୃଦ୍ଧି ହାର ୭% ମଧ୍ୟରେ ରହିବ ବୋଲି କେନ୍ଦ୍ର ସରକାର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଦେଶର ଜିଡିପି ଅଭିବୃଦ୍ଧି ହାର ୭% ରହିବା ନେଇ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍ଏସ୍ଓ)ପକ୍ଷରୁ ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ୨୦୨୧-୨୨ ଆର୍ଥକ ବର୍ଷରେ ଦେଶର ଅଭିବୃଦ୍ଧି ହାର ୮.୭% ରହିଥିଲା। ସେହିଭଳି ଏନ୍ଏସ୍ଓ ମଧ୍ୟ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଜାତୀୟ ଆୟର ପ୍ରଥମ ଅଗ୍ରିମ ଆକଳନ (ଏଫ୍ଏଇ) ସମ୍ପର୍କରେ ଶୁକ୍ରବାର ଘୋଷଣା କରାଯାଇଛି। ଅପରପକ୍ଷରେ ଗତ ମାସରେ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଜାରି ପୂର୍ବାନୁମାନରେ ଅଭିବୃଦ୍ଧି ହାରକୁ ମଧ୍ୟ ୬.୮%କୁ ହ୍ରାସ କରାଯାଇଥିଲା। ଫଳରେ ଦେଶର ଜିଡିପି ଅଭିବୃଦ୍ଧିର ହାର ହ୍ରାସ ହୋଇପାରେ ବୋଲି ଆଶଙ୍କା କରାଯାଉଛି। ଏପରିକି ୨୦୨୩ ଫେବୃୟାରୀ ପହିଲାରେ ୨୦୨୩-୨୪ ଆର୍ଥିକ ବର୍ଷର ବଜେଟ ପୂର୍ବରୁ ଏହି ପରିସଂଖ୍ୟାନ ଦେଶ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ । ସୂଚନାଯୋଗ୍ୟ, ୨୦୨୨ ମାର୍ଚ୍ଚ ୩୧ରେ ଶେଷ ହୋଇଥିବା ୨୦୨୧-୨୨ ଆର୍ଥିକ ବର୍ଷରେ ଭାରତର ଜିଡିପି ୮.୭% ହାରରେ ଥିଲା। ଏହି ଦୃଷ୍ଟିରୁ ଆର୍ଥିକ ବର୍ଷ ୨୦୨୨-୨୩ ରେ ଜିଡିପି ଅଭିବୃଦ୍ଧି ବଢ଼ିବା ବଦଳରେ କମିବା ଆଶଙ୍କ ନେଇ ବିଭିନ୍ନ ସଂସ୍ଥା ଭିନ୍ନ ଅନୁମାନ କରିଥିବା ଜଣାପଡ଼ିଛି। ଗତ ମାସରେ ରିଜର୍ଭ ବ୍ୟାଙ୍କ ଭୂ-ରାଜନୀତି ଏବଂ ବୈଶ୍ୱିକ ଆର୍ଥିକ ପରିସ୍ଥିତି ପାଇଁ ଚଳିତ ଆର୍ଥିକ ବର୍ଷ ପାଇଁ ଦେଶର ଜିଡିପି ବୃଦ୍ଧି ଅନୁମାନକୁ ୭% କମାଇ ୬.୮%ରେ ଆକଳନ କରିଥିଲା। ସେହିଭଳି କେନ୍ଦ୍ରୀୟ ବ୍ୟାଙ୍କ ୨୦୨୨-୨୩ ବର୍ଷ ପାଇଁ ବାସ୍ତବିକ ଜିଡିପି ଅଭିବୃଦ୍ଧି ୬.୯%ରେ ରଖିବା ଥିବାବେଳେ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସରେ ୪.୪% ଏବଂ ୪ର୍ଥ ତ୍ରୈମାସରେ ୪.୨% ଅଭିବୃଦ୍ଧି ରହିବା ନେଇ ପୂର୍ବ ଅନୁମାନ କରିଥିଲା। ସେହିପରି ୨୦୨୨ ଏପ୍ରିଲରେ ଆର୍‌ବିଆଇ ଦେଶର ଜିଡିପି ଅଭିବୃଦ୍ଧିର ଅନୁମାନ ୭.୮%ରୁ ହ୍ରାସ କରି ୭.୨% କରିଥିଲା। ପରେ ସେପ୍ଟେମ୍ବରରେ ଏହାକୁ ହ୍ରାସ କରି ୭% କରିଥିଲା। ଏହା ପୂର୍ବରୁ ଆଇଏମ୍ଏଫ୍ ୨୦୨୨ ଜୁଲାଇରେ ଦେଶର ଜିଡିପି ଅନୁମାନ ୭.୪% ରୁ ହ୍ରାସ କରି ୬.୮% କରିଥିଲା। ତେବେ ବିଶ୍ୱବ୍ୟାଙ୍କ ନିଜର ଜିଡିପି ପୂର୍ବ ଅନୁମାନ ୬.୫% କୁ ବଢ଼ାଇ ୬.୯% କରିଥିଲା। ସେହିପରି ଏଡିବି ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ଭାରତର ବିକାଶ ପୂର୍ବାନୁମାନକୁ ୭% ରେ ଅପରିବର୍ତ୍ତିତ ରଖିଛି।

## ରେଡ୍‌ମି ନୋଟ୍ ୧୨ସିରିଜ୍ ଉନ୍ମୋଚିତ

ନୂଆଦିଲ୍ଲୀ,୬।୧

ସାଓମି ଇଣ୍ଡିଆର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ରେଡ୍‌ମିର ନୋଟ୍ ୧୨ ସିରିଜ୍‌ର ନୂତନ ଉତ୍ପାଦକୁ ନିକଟରେ ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ରେଡ୍‌ମି ନୋଟ୍ ୧୨ ପ୍ରୋ+ ୫ଜି ଓ ରେଡ୍‌ମି ନୋଟ୍ ୧୨ ପ୍ରୋ ୫ଜି ନିଜ ସେଗ୍‌ମେଣ୍ଟରେ ଦେଖାଯାଉଥିବା ସର୍ବୋତ୍ତମ ସେନ୍ସର ସହିତ ଆସିଛି। ରେଡ୍‌ମି ନୋଟ୍ ୧୨ପ୍ରୋ+ ୫ଜି ହେଉଛି ଭାରତର ପ୍ରଥମ ଫୋନ୍ ଯାହା ୨୦୦ ମେଗାପିକ୍ସେଲ ପ୍ରୋ-ଗ୍ରେଡ୍ ଏଚ୍‌ପିଏକ୍ସ ସେନ୍ସର ସହ ଆସୁଛି। ଏ ସମ୍ପର୍କରେ ସାଓମି ଇଣ୍ଡିଆର ଚିଫ୍ ମାର୍କେଟିଂ ଅଫିସର ଅନୁଜ ଶର୍ମା କହିଛନ୍ତି, ରେଡ୍‌ମି ନୋଟ୍ ୧୨ ସିରିଜ୍‌ର ପରମ୍ପରାକୁ ଆଗକୁ ବଢ଼ାଇଛି। ଏକ ସ୍ମାର୍ଟଫୋନ୍ କ୍ୟାମେରାରେ ଦେଖାଯାଇଥିବା ସବୁଠାରୁ ଉନ୍ନତ ରିଜୋଲ୍ୟୁଶନ, ଟପ୍ ନଚ୍ ଡିସ୍‌ପ୍ଲେ କ୍ୱାଲିଟି, ଅତ୍ୟାଧୁନିକ କନେକ୍ଟିଭିଟି ଓ ଫାଷ୍ଟ ଚାର୍ଜିଂ ସ୍ପିଡ୍ ଭଳି ଫିଚର ଆଣିଛି । ରେଡ୍‌ମି ନୋଟ୍ ୧୨ ପ୍ରୋ ୫ଜିରେ ଏକ ୬୭ୱାଟ୍ ଚାର୍ଜର ରହିଛି ଯାହା କେବଳ ୧୫ ମିନିଟ୍‌ରେ ଏକ ପୂରା ଦିନର ଚାର୍ଜ ପ୍ରଦାନ କରୁଛି ଏବଂ ରେଡ୍‌ମି ନୋଟ୍ ୧୨ ପ୍ରୋ+ ୫ଜି ଏକ ୧୨୦ୱାଟ୍ ହାଇପରଚାର୍ଜ ଆଡାପ୍ଟର ସହ ଆସୁଛି ।

## ଆଇଟିସି ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ଅଭିଯାନ




ନୂଆଦିଲ୍ଲୀ,୬।୧

ଆଇଟିସି ଲିମିଟେଡ୍ ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ଅଭିଯାନ ଆରମ୍ଭ କରାଯାଇଛି। ଏପରିକି ଏହାର ପ୍ରମୁଖ ବ୍ରାଣ୍ଡ ଇନ୍‌ଷ୍ଟାଣ୍ଟ ନୁଡଲ୍ସ ଏବଂ ପାସ୍ତା ବ୍ରାଣ୍ଡ ସନ୍‌ଫିଷ୍ଟ ୟିପି ପକ୍ଷରୁ 'ୟିପି ବେଟର ୱାର୍ଲଡ-ଟ୍ରାସ୍ ଟୁ ଟ୍ରେଜର' କାର୍ଯ୍ୟକ୍ରମ ଜରିଆରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ସ୍କୁଲ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଉଛି। ବିଶେଷକରି ସନ୍‌ଫିଷ୍ଟ ୟିପି ଏକ ଏନ୍‌ଜିଓ ପାର୍ଟନର ୱେ ଫର୍ ଲାଇଫ୍ ସହ ମିଳିତ ଭାବରେ ଏହି ଅଭିଯାନର ନେତୃତ୍ୱ ନେଉଛନ୍ତି। ୟିପି ଦ୍ୱାରା ପରିଚାଳିତ ଉକ୍ତ ପଦକ୍ଷେପ ୧୦୦ରୁ ଅଧିକ ସହରରେ ସ୍କୁଲଗୁଡ଼ିକରେ ତୃଣମୂଳସ୍ତରରେ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ୩୫ ଲକ୍ଷ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ, ପରିବେଶ ଉପରେ ଏହାର ପ୍ରଭାବ, ଏହାକୁ କମ୍ କରିବା ପାଇଁ ରଣନୀତି, ଏହାର ପୁନଃ ବ୍ୟବହାର ଏବଂ ପୁନଃ ଚକ୍ରଣ ବିଷୟରେ ଆଚରଣଗତ ପରିବର୍ତ୍ତନ ଆଣିବା ପାଇଁ ଡିଜାଇନ କରାଯାଇଛି। ଏ ସମ୍ପର୍କରେ ଆଇଟିସି ଫୁଡ୍ସ ଡିଭିଜନର ସ୍ନାକ୍ସ, ନୁଡଲ୍ସ ଏବଂ ପାସ୍ତାର ଚିଫ୍ ଅପରେଟିଂ ଅଫିସର କବିତା ଚତୁର୍ବେଦୀ କହିଛନ୍ତି, ପରିବେଶ ପରିଚାଳନା ଏବଂ ମୁଖ୍ୟସ୍ରୋତର ଜୀବିକା ନିର୍ବାହ ପାଇଁ ବହୁବିଧ ସହାୟତା ଯୋଗାଇବାରେ ଆଇଟିସି ବିଶ୍ୱ ସ୍ତରରେ ଉଦାହରଣ ସୃଷ୍ଟିକରିଛି।

## କ୍ଲାଟ୍ ଫଳାଫଳରେ ଅନାକାଡେମିର ବାଜିମାତ

ଭୁବନେଶ୍ୱର, ୬।୧

କମନ ଲ ଆଡ୍‌ମିଶନ ଟେଷ୍ଟ (କ୍ଲାଟ୍)ର ଫଳାଫଳ ନିକଟରେ ପ୍ରକାଶିତ ହୋଇଛି। ଏଥିରେ ଅନାକାଡେମିର ଛାତ୍ରୀଛାତ୍ରମାନେ ବାଜିମାତ କରିଛନ୍ତି। ଏପରିକି ଏହାର ୭୦ରୁ ଅଧିକ ଶିକ୍ଷାର୍ଥୀ କ୍ଲାଟ୍ ପରୀକ୍ଷାଫଳରେ ଯୋଗ୍ୟତା ଅର୍ଜନ କରିଛନ୍ତି। ବିଶେଷକରି ଓଡ଼ିଶାର ଭୁବନେଶ୍ୱରରୁ ଓମ୍‌କାର ପଟ୍ଟନାୟକ କ୍ଲାଟ୍ ପରୀକ୍ଷା ୨୦୨୨ରେ ସର୍ବଭାରତୀୟ ସ୍ତରରେ ୧୮ (ଏଆଇଆର୍୧୮) ତମ ସ୍ଥାନ ହାସଲ କରିଛନ୍ତି। ସେହଭଳି ୨୦୨୨ କ୍ଲାଟ୍ ପରୀକ୍ଷାରେ ୭୦ରୁ ଅଧିକ ଅନାକେଡି ଶିକ୍ଷାର୍ଥୀ ଶୀର୍ଷ ମାନ୍ୟତା ପାଇଛନ୍ତି ଏବଂ ଏନ୍ଏଲ୍‌ୟୁରେ ମଧ୍ୟ ଆଡମିଶନ ପାଇଁ ସ୍ଥାନ ସୁରକ୍ଷିତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଶ୍ରେଷ୍ଠ ୧୦୦ ସ୍ଥାନ ମଧ୍ୟରେ ଅନାକାଡେମିର ୩ଜଣ ଶିକ୍ଷାର୍ଥୀ ର୍‍ୟାଙ୍କ୍ ହାସଲ କରିଥିବା ବେଳେ ୯ଜଣ ଶିକ୍ଷାର୍ଥୀ ୨୦୦ର୍‍ୟାଙ୍କ୍ ମଧ୍ୟରେ ଏବଂ ୨୧ଜଣ ଶିକ୍ଷାର୍ଥୀ ୫୦୦ର୍‍ୟାଙ୍କ୍ ମଧ୍ୟରେ ସ୍ଥାନ ପାଇଛନ୍ତି। ଅପରପକ୍ଷରେ ଶ୍ରେଷ୍ଠ ଶ୍ରେଣୀରେ ଉଚ୍ଚ ଗୁଣାତ୍ମକ ବିଷୟବସ୍ତୁ ୧:୧ ଲାଇଭ୍ ଅଧିବେଶନ ଏବଂ କ୍ରିତି ଭଟ୍ଟନାଗର, କେଶଭ ମାଲପାନି, ଦିବ୍ୟାକୁମାର ଗର୍ଗଙ୍କ ଭଳି ଜଣାଶୁଣା ଶିକ୍ଷକମାନଙ୍କଠାରୁ ବ୍ୟକ୍ତିଗତ ପରାମର୍ଶ, ଅନାକେଡମି ଶିକ୍ଷାର୍ଥୀମାନଙ୍କ ଶିକ୍ଷାଗତ ଯାତ୍ରାରେ ଉତ୍କର୍ଷ ହେବା ପାଇଁ ବେଶ୍ ସହାୟତା ପ୍ରଦାନ କରିଛି। ସୂଚନାଯୋଗ୍ୟ, ଓକିଲ ହେବାର ସ୍ୱପ୍ନକୁ ଅନୁସରଣ କରି ଓମ୍‌କାର ଅନାକାଡେମିରେ ନାମ ଲେଖାଇ ତାଙ୍କର ଇଚ୍ଛା ପୂରଣ ପାଇଁ ଏକ ବୃହତ୍ ମୂଳଦୁଆ ପକାଇଥିଲେ।

## ୟୁକୋ ବ୍ୟାଙ୍କର ୮୦ ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୬।୧

ୟୁକୋ ବ୍ୟାଙ୍କର ୮୦ତମ ପ୍ରତିଷ୍ଠା ଦିବସ ଶୁକ୍ରବାର ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏପରିକି ବ୍ୟାଙ୍କର ମହାପ୍ରବନ୍ଧକ ତଥା ଆଞ୍ଚଳିକ ମୁଖ୍ୟ ଗୌତମ ପାତ୍ର, ଉପ-ମହାପ୍ରବନ୍ଧକ ଆର୍.ସି.ସାହୁ, ଉପ-ମହାପ୍ରବନ୍ଧକ ସୁବାସ ଚନ୍ଦ୍ର ମହାପାତ୍ର, ଏଫ୍ଆଇ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ର, ଫିଲ୍ଡ ଇନ୍ସପେକ୍ଟୋରେଟ୍ ଏବଂ ସହରାଞ୍ଚଳ ଶାଖାଗୁଡ଼ିକର କର୍ମଚାରୀମାନଙ୍କ ସମେତ ଅବସରପ୍ରାପ୍ତ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଅପରପକ୍ଷରେ ପ୍ରତିଷ୍ଠା ଦିବସ ଅବସରରେ ଚାରାରୋପଣ, ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ଆଦି ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଇଥିଲା। ପରିଶେଷରେ ବ୍ୟାଙ୍କ ପକ୍ଷରୁ ସନ୍ଧ୍ୟାରେ ଏକ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନର କରାଯାଇଥିଲା। ବ୍ୟାଙ୍କର ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ମଧ୍ୟ ଏଥିରେ ଭାଗ ନେଇଥିଲେ।

## 'ନିବେଶକଙ୍କୁ ଆକୃଷ୍ଟ କରୁଛି ମ୍ୟୁଚୁଆଲ ଫଣ୍ଡ'

ନୂଆଦିଲ୍ଲୀ,୬।୧

ବର୍ତ୍ତମାନ ସମୟରେ ମ୍ୟୁଚୁଆଲ ଫଣ୍ଡ ଅବସର ଯୋଜନାଠାରୁ ଆରମ୍ଭକରି ପିଲାମାନଙ୍କ ଜରୁରିକାଳୀନ ଆବଶ୍ୟକତା ପର୍ଯ୍ୟନ୍ତ ସେବା ଓ ସୁବିଧା ଯୋଗାଉଛି। ବିଶେଷ କରି ଏହି ଉଦ୍ୟୋଗ ବିଭିନ୍ନ ସମାଧାନ ଉନ୍ମୁଖ ଉତ୍ପାଦ ପ୍ରଦାନ କରିଥାଏ। ଏହା ନିବେଶକଙ୍କୁ ବେଶ୍ ଆକୃଷ୍ଟ କରୁଛି। ଏପରିକି ବିଭିନ୍ନ ଜୀବନ ଲକ୍ଷ୍ୟ ପାଇଁ ଯୋଜନା କରିବାରେ ଏହା ବେଶ୍ ସହାୟକ ହୋଇଥାଏ। ସେହିଭଳି ସମାଧାନ ଉନ୍ମୁଖ ଉତ୍ପାଦ ମ୍ୟୁଚୁଆଲ ଫଣ୍ଡର ଏକ ସାମ୍ପ୍ରତିକ ଆରମ୍ଭ କରାଯାଇଥିବା ବର୍ଗ । ଏହି ପାଣ୍ଠି ଜୀବନରେ ଜଟିଳ ଲକ୍ଷ୍ୟର ଏକ ସହଜ ପଥ ସୃଷ୍ଟି କରିବାରେ ସକ୍ଷମ ହୋଇଥାଏ। ଆମ ଚତୁଃପାର୍ଶ୍ୱରେ ବିଶ୍ୱ ବିକଶିତ ହେଉଥିବାରୁ ନିବେଶକଙ୍କୁ ମଧ୍ୟ ନୂତନ ସୁଯୋଗର ଲାଭ ଉଠାଇବାରେ ସକ୍ଷମ ହେବା ପାଇଁ ବିନିଯୋଗ ଆଭିମୁଖ୍ୟକୁ ମଧ୍ୟ ବିକାଶ କରିବାର ଆବଶ୍ୟକତା ରହିଛି। ଏ ସମ୍ପର୍କରେ ଆକ୍ସିସ ଏମ୍‌ସିର ମୁଖ୍ୟ ବ୍ୟବସାୟ ଅଫିସର ରାଘବ ଆୟଙ୍ଗର କହିଛନ୍ତି, ଗୁଣବତ୍ତା, ଅଭିବୃଦ୍ଧି, ମୂଲ୍ୟ କିମ୍ବା ପାଣ୍ଠିର ଅନ୍ତର୍ନିହିତ ବିନିଯୋଗ ଦର୍ଶନକୁ ପ୍ରଭାବଶାଳୀ ଭାବରେ ପ୍ରତିନିଧିତ୍ୱ କରୁଥିବା ଅନ୍ୟ କୌଣସି ଆଭିମୁଖ୍ୟକୁ ପାଣ୍ଠି ପରିଚାଳକ ବାଛିପାରିବେ। ବିଶେଷକରି ନିବେଶ ଶୈଳୀରେ ବିବିଧତା ଆଣି ନିବେଶକମାନେ ଏକାଧିକ ବ୍ୟବସାୟ ଚକ୍ରର ଲାଭ ଉଠାଇପାରିବେ। ସେହିପରି ନିବେଶକମାନେ ସିଷ୍ଟମାଟିକ ଇନ୍‌ଭେଷ୍ଟମେଣ୍ଟ ପ୍ଲାନ୍ (ଏସ୍ଆଇପି) ବିକଳ୍ପ ମଧ୍ୟ ଚୟନ କରିପାରିବେ। ଅପରପକ୍ଷରେ ପ୍ୟାସିଭ ଫଣ୍ଡ ଏକ ପ୍ରକାର ମିଚ୍ୟୁଆଲ ଫଣ୍ଡ, ଯାହା ବେଞ୍ଚମାର୍କ ଇଣ୍ଡେକ୍ସକୁ ଅନୁସରଣ କରିଥାଏ।

**ଫୁରସତ୍**

## ଅସ୍ତ୍ରୋପଚାର ବେଳେ ପେଟରେ ରହିଗଲା ବ୍ଲେଡ୍



**ଲଣ୍ଡନ:** ଦୁନିଆରେ ଏପରି କିଛି ଘଟଣା ଘଟିଥାଏ, ଯାହାକୁ କେହି କେବେ କଳ୍ପନା ମଧ୍ୟ କରିପାରନ୍ତି ନାହିଁ। ଡାକ୍ତରଙ୍କ ଚିକିତ୍ସା ବଳରେ ଲୋକେ ମୃତ୍ୟୁକୁ ପରାସ୍ତ କରି ଫେରିଥାନ୍ତି। ସେଥିପାଇଁ ଡାକ୍ତରମାନଙ୍କୁ ଦ୍ୱିତୀୟ ଭଗବାନ କୁହାଯାଏ। ଆଉ ବେଳେବେଳେ ଡାକ୍ତରଙ୍କ ଅବହେଳା ଯୋଗୁ ରୋଗୀଙ୍କ ଜୀବନ ବି ଚାଲିଯାଇଥାଏ। ଏବେ ସେମିତି ଏକ ଅବହେଳାପୂର୍ଣ୍ଣ ଘଟଣା ସାମ୍ନାକୁ ଆସିଛି। ବ୍ରିଟେନରେ ଜଣେ ମହିଳାଙ୍କର ପେଟ ଜନିତ ସମସ୍ୟା ହେତୁ ଅସ୍ତ୍ରୋପଚାର କରାଯାଇଥିଲା। କିନ୍ତୁ ପରେ ତାଙ୍କର ସମସ୍ୟା ବଢ଼ିବାରେ ଲାଗିଲା । ଏହାକୁ ନେଇ ସେ ଚିନ୍ତିତ ହୋଇପଡ଼ିଲେ। ତାଙ୍କର ପେଟ ଦରଜ ହେଲା। ସେ ପୁଣି ଚେକ୍‌ଅପ କରାଇବାରୁ ରିପୋର୍ଟ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ। ୪୯ ବର୍ଷୀୟା ମହିଳାଙ୍କ ଓଭାରିରେ ସମସ୍ୟା ଦେଖା ଦେବାରୁ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। କିନ୍ତୁ ଅସ୍ତ୍ରୋପଚାରର କିଛି ଦିନ ପରେ ତାଙ୍କ ପେଟରେ ପୁଣି ପ୍ରବଳ ଯନ୍ତ୍ରଣା ଆରମ୍ଭ ହେଲା। ସେ ଏହାର କାରଣ ବୁଝିପାରିଲେ ନାହିଁ। ପୁଣିଥରେ ଡାକ୍ତରମାନେ ସମସ୍ୟାର କାରଣ ଜାଣିବା ପାଇଁ ଚେକ୍‌ଅପ କରାଇଥିଲେ। ରିପୋର୍ଟ ଆସିବା ପରେ ମହିଳାଙ୍କ ପାଦତଳୁ ମାଟି ଖସିଯାଇଥିଲା। ତାଙ୍କ ପେଟରେ ଏକ ବ୍ଲେଡ ରହିଥିବା ସେ ଜାଣିବାକୁ ପାଇଥିଲେ। ଡାକ୍ତରଙ୍କ ଅବହେଳା ପାଇଁ ତାଙ୍କୁ ପୁନର୍ବାର ଅସ୍ତ୍ରୋପଚାର କରିବାକୁ ପଡ଼ିଲା। ସେହି ବ୍ଲେଡ ଖଣ୍ଡଟି ମହିଳାଙ୍କୁ କ୍ରମାଗତ ଭାବରେ ଅସୁବିଧାରେ ପକାଉଥିଲା। ଯନ୍ତ୍ରଣା କମିବା ପରିବର୍ତ୍ତେ ତାଙ୍କୁ ନିର୍ଦ୍ଧାରିତ ସମୟ ଅପେକ୍ଷା ଡାକ୍ତରଖାନାରେ ଅଧିକ ଦୁଇ ସପ୍ତାହ ଅଧିକ ରହିବାକୁ ପଡ଼ିଲା। ପୁନର୍ବାର ଅସ୍ତ୍ରୋପଚାର ପରେ ସେ ଯନ୍ତ୍ରଣାରୁ ମୁକ୍ତି ପାଇଲେ। ଏହା ପୂର୍ବରୁ ମହିଳା ଜଣକ ବଞ୍ଚିବାର ଆଶା ଛାଡ଼ି ଦେଇଥିବା କହିଥିଲେ। ବ୍ଲେଡ୍ ରହିବା କାରଣରୁ ବହୁ ରକ୍ତ ବାହାରି ଯାଇଥିଲା ଏବଂ ଅସହ୍ୟ ଯନ୍ତ୍ରଣା ହେଉଥିଲା। ଏକ ରିପୋର୍ଟ ଅନୁଯାୟୀ, କେବଳ ବ୍ରିଟେନରେ ୨୦୨୧ରୁ ୨୦୨୨ ମଧ୍ୟରେ ଡାକ୍ତରଙ୍କ ଅବହେଳା ହେତୁ ପ୍ରାୟ ୨୯୧ଟି ଏଭଳି ଘଟଣା ଘଟିଛି। ଏଭଳି ପରିସ୍ଥିତିରେ ଡାକ୍ତରମାନଙ୍କୁ ଅନ୍ଧ ଭାବରେ ବିଶ୍ୱାସ କରିବା କିପରି ସମ୍ଭବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଟ୍ୟାକ୍ସ ଚୋରିରୁ ଛାଡ଼ପତ୍ର



ଥାଲାପାଥି ବିଜୟ

**ହାଇଦ୍ରାବାଦ:** ରିଲିଜ ଅପେକ୍ଷାରେ ରହିଛି ସୁପରଷ୍ଟାର ଅଭିନେତା ଥାଲାପାଥି ବିଜୟଙ୍କ ଫିଲ୍ମ 'ଭାରିସୁ'। ଏହି ଫିଲ୍ମକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବା ବେଳେ ଅଭିନେତାଙ୍କ ବ୍ୟକ୍ତିଗତ ଜୀବନ ଗଣମାଧ୍ୟମର ଶିରୋନାମା ପାଲଟିଛି। ସେଇଟି ହେଲା ଅଭିନେତା ତାଙ୍କର ସ୍ତ୍ରୀ ସଙ୍ଗୀତାଙ୍କୁ ଛାଡ଼ପତ୍ର ଦେବାକୁ ଯାଉଥିବା କୁହାଯାଉଛି। ଆନୁଷ୍ଠାନିକ ଭାବେ ବିଜୟଙ୍କ ପକ୍ଷରୁ କୌଣସି ବୟାନ ଜାରି କରାଯାଇ ନ ଥିଲେ ହେଁ ଏହାକୁ ନେଇ ବିବାଦ ଦେଖାଦେଇଛି। ତେବେ ବିବାଦ ସହ ବିଜୟଙ୍କ ପୁରୁଣା ସମ୍ପର୍କ ରହିଛି। ପୂର୍ବରୁ ମଧ୍ୟ ସେ ଟ୍ୟାକ୍ସ ଚୋରିଠାରୁ ଆରମ୍ଭ କରି ରାଜନୀତି ପର୍ଯ୍ୟନ୍ତ ବିବାଦରେ ଫସିଛନ୍ତି। ବିଜୟ ଏବଂ ସଙ୍ଗୀତା ନିଜର ବ୍ୟକ୍ତିଗତ ଜୀବନକୁ ଗୋପନ ରଖି ଆସିଛନ୍ତି। ହେଲେ କିଛି ରିପୋର୍ଟ ଅନୁଯାୟୀ ଏହି ଯୋଡ଼ି ଏବେ ଛାଡ଼ପତ୍ର ନେବାକୁ ଯାଉଛନ୍ତି। ଉଇକିପିଡିଆରେ ମଧ୍ୟ ସେମାନେ ଆପୋସ ବୁଝାମଣାରେ ଏହି ନିଷ୍ପତ୍ତି ନେଇଥିବା ଲେଖାଯାଇଥିବା କୁହାଯାଉଛି। ପୂର୍ବରୁ ବିଜୟ ଟ୍ରାଫିକ ନିୟମ ଉଲ୍ଲଂଘନ କରିବାକୁ ନେଇ ଜରିମାନା ଗଣିଥିଲେ। କାର୍‌ରେ କଳାକାଚ ଲଗାଇବାକୁ ନେଇ ସେ ଦଣ୍ଡ ଗଣିଥିଲେ। ଏହାଛଡ଼ା ଗତବର୍ଷ ବିଜୟ ଟ୍ୟାକ୍ସ ପୈଠ ନ କରିବାରୁ ୧ ଲକ୍ଷ ଟଙ୍କା ଜରିମାନା ଗଣିଥିଲେ। ୨୦୨୦ ଫେବୃୟାରୀ ୫ରେ ବିଜୟଙ୍କ ଶୁଟିଂସେଟ୍‌ରେ ଚଢ଼ାଉ କରାଯାଇଥିଲା। ଏକ କଥିତ ଟ୍ୟାକ୍ସ ଚୋରି ମାମଲାରେ ଯାଞ୍ଚ ଲାଗି ଅଭିନେତାଙ୍କୁ ଆଇଟି ଅଧିକାରୀଙ୍କ ସହ ଯିବାକୁ କୁହାଯାଇଥିଲା। ଏବେ ବି ତାଙ୍କ ଘର ଏବଂ ଅନ୍ୟ ସମ୍ପତ୍ତି ବିଷୟରେ ଯାଞ୍ଚ କରାଯାଉଛି। ବିଜୟଙ୍କ ଫିଲ୍ମ 'ବିଗିଲ' ସବୁଠାରୁ ବିବାଦୀୟ ଫିଲ୍ମ ମଧ୍ୟରୁ ଅନ୍ୟତମ। କାହାଣୀ ଚୋରି କରି ଏହି ଫିଲ୍ମ ନିର୍ମାଣ ହୋଇଥିବା ଅଭିଯୋଗ ଲଗାଯାଇଛି। ଏପରିକି ଫିଲ୍ମର ଶୁଟିଂ ଉପରେ ରୋକ ଲଗାଇବାକୁ ଦାବି ହୋଇଛି।

## ସିଦ୍ଧିବିନାୟକ ମନ୍ଦିରରେ ବିକି-କ୍ୟାଟ୍ରିନା



**ମୁମ୍ବାଇ:** ଅଭିନେତା ବିକି କୌଶଲ ଏବଂ କ୍ୟାଟ୍ରିନା କୈଫ ସିଦ୍ଧିବିନାୟକ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଏହି ଦମ୍ପତି ଶୁକ୍ରବାର ସକାଳେ ଭଗବାନ ଗଣେଶଙ୍କୁ ଦର୍ଶନ କରି ଆଶୀର୍ବାଦ ନେଇଛନ୍ତି। ବିକି-କ୍ୟାଟ୍ରିନାଙ୍କ ସହ ବିକିଙ୍କ ମା' ବୀଣା କୌଶଲ ମଧ୍ୟ ଉପସ୍ଥିତ ଥିଲେ। ସେମାନଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଫଟୋରେ କାଟ୍ରିନା ଗ୍ରୀନ ସାଲୱାର୍ ଶୁଟ୍ ଏବଂ ବିକି ଧଳା ଶର୍ଟରେ ନଜର ଆସିଛନ୍ତି। ଏହି ଫଟୋକୁ ଦେଖି ପ୍ରଶଂସକ ପସନ୍ଦ କରିଥିବା ବେଳେ ପ୍ରତିକ୍ରିୟା ମଧ୍ୟ ଦେଇଛନ୍ତି। ଜଣେ ୟୁଜର୍ସ ଲେଖିଛନ୍ତି, 'ସୁନ୍ଦର ପରିବାର, ଭଗବାନ ସେମାନଙ୍କୁ ଆଶୀର୍ବାଦ କରନ୍ତୁ। କିଛି ଦିନ ପୂର୍ବରୁ ରାଜସ୍ଥାନରେ ଛୁଟି କଟାଇବା ବିକି-କ୍ୟାଟ୍ରିନା ମୁମ୍ବାଇ ଫେରିଛନ୍ତି।

## ବିମାନରେ ସହଯାତ୍ରୀଙ୍କୁ ହୃଦ୍‌ଘାତରୁ ବଞ୍ଚାଇଲେ ଭାରତୀୟ ଡାକ୍ତର



**ନୂଆଦିଲ୍ଲୀ:** ବର୍ମିଂହାମ୍ ୟୁନିଭର୍ସିଟି ହସ୍ପିଟାଲରେ କନ୍‌ସଲ୍ଟାଣ୍ଟ ହେପାଟୋଲୋଜିଷ୍ଟ ଥିବା ଭାରତୀୟ ବଂଶୋଦ୍ଭବ ଡାକ୍ତର ବିଶ୍ୱରାଜ ଭେମଲା ବିମାନରେ ଜଣେ ସହଯାତ୍ରୀଙ୍କୁ ୨ ଥର ହୃଦ୍‌ଘାତରୁ ବଞ୍ଚାଇ ଚର୍ଚ୍ଚାକୁ ଆସିଛନ୍ତି। ଗତ ନଭେମ୍ବରରେ ଡ. ଭେମଲା ତାଙ୍କ ମାଆଙ୍କୁ ନେବାକୁ ଏୟାର ଇଣ୍ଡିଆ ବିମାନରେ ବେଙ୍ଗାଲୁରୁ ଆସୁଥିବାବେଳେ ଜଣେ ୪୩ ବର୍ଷୀୟ ଯାତ୍ରୀଙ୍କର ହୃଦ୍‌ଘାତ ହୋଇଥିଲା। ଭେମଲା ସଙ୍ଗେ ସଙ୍ଗେ ତାଙ୍କର ଚିକିତ୍ସା କରିଥିଲେ। ବିମାନରେ ହୃଦ୍‌ଘାତ ଚିକିତ୍ସା ପାଇଁ କୌଣସି ଉପକରଣ ନ ଥିଲା। ସହଯାତ୍ରୀଙ୍କ ଜୀବନ ବଞ୍ଚାଇବା ପାଇଁ ଦୀର୍ଘ ୫ ଘଣ୍ଟା ଧରି ଡାକ୍ତର ଉଦ୍ୟମ ଚଳାଇଥିଲେ। ସୁସ୍ଥ ହେବାର କିଛି ସମୟ ପରେ ତାଙ୍କୁ ପୁଣିଥରେ ହୃଦ୍‌ଘାତ ହୋଇଥିଲା। ବିମାନକୁ ପାକିସ୍ତାନର ଏକ ଏୟାରଷ୍ଟ୍ରିପ୍‌ରେ ଓହ୍ଲାଇବା ଲାଗି ଅନୁମତି ମିଳି ନ ଥିଲା। ଶେଷରେ ମୁମ୍ବାଇ ବିମାନବନ୍ଦରରେ ଅବତରଣ କରିବା ପରେ ରୋଗୀଙ୍କୁ ନିରାପଦରେ ଛଡ଼ାଯାଇଥିଲା।

# ଶାନ୍ତନୁଙ୍କ ଦ୍ୱିଶତକ, ପ୍ରୟାସଙ୍କ ଶତକ

ଭୁବନେଶ୍ୱର, ୬।୧
(କ୍ରୀଡ଼ା ପ୍ରତିନିଧି)

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଓଡ଼ିଶା-ନାଗାଲାଣ୍ଡ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଡ୍ର ରହିଛି। ଶୁକ୍ରବାର ଶେଷ ହୋଇଥିବା ମ୍ୟାଚରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ ଓଡ଼ିଶା ୩ ପଏଣ୍ଟ ପାଇଛି। ଏଠାରେ ନାଗାଲାଣ୍ଡ ପ୍ରଥମ ଇନିଂସରେ ୪୩୩ ରନ କରିଥିବାବେଳେ ଓଡ଼ିଶା

**ରଣଜୀ ଟ୍ରଫି**

**ନାଗାଲାଣ୍ଡ ବିପକ୍ଷ ମ୍ୟାଚ ଡ୍ର, ଓଡ଼ିଶାକୁ ୩ ପଏଣ୍ଟ**

୫୩୫/୮ରେ ଏହାର ଇନିଂସ ଘୋଷଣା କରିଥିଲା। ଶାନ୍ତନୁ ମିଶ୍ର ଦ୍ୱିଶତକ ହାସଲ କରି ଅପରାଜିତ ରହିଥିବାବେଳେ ପ୍ରୟାସ ସିଂ ଶତକ ହାସଲ କରିବା ମ୍ୟାଚର ମୁଖ୍ୟ ଆକର୍ଷଣ ଥିଲା। ଖେଳ ଶେଷ ହେବା ବେଳକୁ ନାଗାଲାଣ୍ଡ ଦ୍ୱିତୀୟ ଇନିଂସରେ ୧ ଉଇକେଟ ହରାଇ ୧୨୦ ରନ କରିଥିଲା।

## ସମ୍ମାନ ରଖିଲେ ଶାନ୍ତନୁ

କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିଥିବା ଶାନ୍ତନୁ ଦ୍ୱିଶତକ ହାସଲ କରି ଓଡ଼ିଶାକୁ ପ୍ରଥମ ଇନିଂସ ଅଗ୍ରଣୀ ଦେବାରେ ମୁଖ୍ୟ ଭୂମିକା ତୁଲାଇଥିଲେ। ତାଙ୍କୁ ଉପଯୁକ୍ତ ସହାୟତା କରିଥିଲେ ପ୍ରୟାସ। ଉଭୟ ୭ମ ଉଇକେଟରେ ୨୪୭ ବଲ୍‌ରୁ ୧୫୮ ରନର ଭାଗୀଦାରି ଗଢ଼ିଥିଲେ। ୪୦୫ ବଲ୍‌ର ସମ୍ମୁଖୀନ ହୋଇଥିବା ଶାନ୍ତନୁ ୨୧ ଚୌକା ସହାୟତାରେ ୨୦୦ ରନ ପୂରଣ କରିବା ପରେ ଓଡ଼ିଶା ଇନିଂସ ଘୋଷଣା କରିଥିଲା। ପ୍ରୟାସ ୧୪୧ ବଲ୍‌ରୁ ୧୫ ଚୌକା ଓ ୧ ଛକା ସହାୟତାରେ ୧୦୪ ରନ କରିଥିଲେ। ପ୍ରୟାସଙ୍କ କ୍ୟାରିୟରର ମଧ୍ୟ ଏହାଥିଲା ପ୍ରଥମ ରଣଜୀ ଶତକ। ଦ୍ୱିତୀୟ ମ୍ୟାଚରେ ସେ ଶତକ ହାସଲ କରି ନିଜ ବ୍ୟାଟିଂ ଦକ୍ଷତାର ପ୍ରମାଣ ଦେଇଛନ୍ତି। ନାଗାଲାଣ୍ଡ ବୋଲରଙ୍କ ମଧ୍ୟରେ ଆକାଶ ସିଂ ୪ଟି ଓ ରଙ୍ଗସେନ ଜୋନାଥନ ୩ଟି ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ନାଗାଲାଣ୍ଡ ପ୍ରଥମ ଇନିଂସ: ୪୩୩। ଓଡ଼ିଶା ପ୍ରଥମ ଇନିଂସ: ୫୩୫/୮/ଘୋଷଣା (ଶାନ୍ତନୁ ମିଶ୍ର-୨୦୦*, ପ୍ରୟାସ ସିଂ-୧୦୪, ଅନୁରାଗ ଷଡ଼ଙ୍ଗୀ-୮୪, ଶୁଭ୍ରାଂଶୁ ସେନାପତି-୬୭, ଆକାଶ ସିଂ-୪/୭୩, ରଙ୍ଗସେନ ଜୋନାଥନ-୩/୧୩୩, ଇମଲିୱାତି ଲେମଟୁର-୧/୧୧୮)। ନାଗାଲାଣ୍ଡ ଦ୍ୱିତୀୟ ଇନିଂସ: ୧୨୦/୧ (ୟୁଗନ୍ଧର ସିଂ-୫୩*, ଜୋଶୁଆ ଓଜୁକୁମ-୫୬, ଜୟନ୍ତ ବେହେରା-୧/୩୪)।



ଦ୍ୱିଶତକ ହାସଲପରେ ଶାନ୍ତନୁ ମିଶ୍ର।



ଶତକ ହାସଲକାରୀ ପ୍ରୟାସ ସିଂ।

# ଓଡ଼ିଶା ଏଫ୍‌ସି ଦଳକୁ ପ୍ରି-କ୍ୱାର୍ଟର ଯୋଗ୍ୟତା

ଭୁବନେଶ୍ୱର, ୬।୧
(ସ୍ପୋର୍ଟ୍ସ ବ୍ୟୁରୋ)

ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ୍) ପକ୍ଷରୁ ପାଟନାଠାରେ ଚାଲିଥିବା ହିରୋ ୧୭ବର୍ଷରୁ କମ୍ ୟୁଥ୍ କପ୍‌ରେ ଓଡ଼ିଶା ଏଫ୍‌ସି ରାଉଣ୍ଡ ଅଫ୍ ୧୬ ଅବା ପ୍ରି-କ୍ୱାର୍ଟର ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛି। ଗ୍ରୁପ-ସି'ରେ ସ୍ଥାନ ପାଇଥିବା ଏହି ଦଳ ନିଜର ସମୁଦାୟ ଚାରିଟି ମ୍ୟାଚ ଖେଳି ସେଥିରୁ ତିନୋଟିରେ ବିଜୟ ହାସଲ କରିବା ସହ ରାଉଣ୍ଡ ଅଫ ୧୬ ପର୍ଯ୍ୟାୟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି।

ଶୁକ୍ରବାର ଅନୁଷ୍ଠିତ ଗ୍ରୁପ୍‌ର ଚତୁର୍ଥ ତଥା ଶେଷ ମ୍ୟାଚରେ ୧୭ ବର୍ଷରୁ କମ୍ ଓଡ଼ିଶା ଏଫ୍‌ସି ଦଳ ୨-୧ ଗୋଲ୍‌ରେ ଆଲଫା ସ୍ପୋର୍ଟ୍ସ ଏକାଡେମୀକୁ ପରାସ୍ତ କରିଛି। ପ୍ରଥମାର୍ଦ୍ଧ ଖେଳର ୧୦ମ ମିନିଟରେ ଟିଣ୍ଟୁ ନାଗ ପ୍ରଥମ ଗୋଲ କରି ଟିମ୍‌କୁ ଆଗୁଆ କରାଇଥିଲେ। ମାତ୍ର କିଛି କ୍ଷଣ ପରେ ଆଲଫା ସ୍ପୋର୍ଟ୍ସ ଏକାଡେମୀ ଗୋଲ କରି ମ୍ୟାଚକୁ ବରାବର ସ୍ଥିତିକୁ ନେଇ ଆସିଥିଲା। ଦ୍ୱିତୀୟାର୍ଦ୍ଧର ୫୦ତମ ମିନିଟରେ

**୧୭ ବର୍ଷରୁ କମ୍ ୟୁଥ୍ କପ୍ ଫୁଟ୍‌ବଲ**

ଭେଙ୍କଟେଶ୍ୱର ଓରାମ ଏକ ସୁନ୍ଦର ଗୋଲ ଦେଇ ଦଳକୁ ଜିତେଇଥିଲେ। ଏହା ଦ୍ୱାରା ପ୍ରଥମ ଥର ପାଇଁ ୧୭ ବର୍ଷରୁ କମ୍ ଓଡ଼ିଶା ଏଫ୍‌ସି ଦଳ ଏକ ଜାତୀୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟରେ ଭାଗ ନେଇ ରାଉଣ୍ଡ ଅଫ୍ ୧୬ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିପାରିଛି। କ୍ଲବର ସଭାପତି ରାଜ ଅଟୱାଲ ଏହି ସଫଳତା ପାଇଁ ଖେଳାଳିଙ୍କ ସମେତ ମୁଖ୍ୟ କୋଚ ଅଜୟ କୁମାର ବେହେରା ଓ ଯଶପାଲ ଉର୍ମାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



୧୭ ବର୍ଷରୁ କମ୍ ଓଡ଼ିଶା ଏଫ୍‌ସି ଦଳ।



ଇଟାଲୀ, ଫ୍ରାନ୍ସ ଓ ହଙ୍ଗେରୀରେ ଟୁର୍ନାମେଣ୍ଟ ଖେଳି ଅନ୍ତର୍ଜାତୀୟ ମାଷ୍ଟର୍ସ ଟାଇଟଲ ହାସଲ କରିଥିବା ସମ୍ବିତ ପଣ୍ଡାଙ୍କୁ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବାପରେ ସମ୍ବର୍ଦ୍ଧିତ କରାଯାଉଛି।

# ପାକିସ୍ତାନ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟେଷ୍ଟ ଡ୍ର

**କରାଚୀ, ୬।୧ (ଏପି):** ଫର୍ମରେ ଥିବା ସର୍ଫରାଜ ଅହମଦଙ୍କ ଚିତାକର୍ଷକ ଶତକ ସହାୟତାରେ ଏଠାରେ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟ ମ୍ୟାଚ୍‌କୁ ଡ୍ର' ରଖିବାରେ ସମର୍ଥ ହୋଇଛି ପାକିସ୍ତାନ। ଫଳରେ ଦୁଇ ଦଳ ମଧ୍ୟରେ ଚାଲିଥିବା ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ୦-୦ରେ ଅମୀମାଂସିତ ଭାବେ ଶେଷ ହୋଇଛି। ସର୍ଫରାଜ ୧୧୮ ରନ କରିଥିଲେ। ପାକିସ୍ତାନ ଗୁରୁବାର ଏହାର ଦ୍ୱିତୀୟ ଇନିଂସରେ ବିନା କୌଣସି ରନରେ ୨ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ସର୍ଫରାଜଙ୍କ ଶତକ ଯୋଗୁ ଦଳ ଶୁକ୍ରବାର ଅନ୍ତିମ ଦିବସରେ ୯ ଉଇକେଟ ବିନିମୟରେ ୩୦୯ରନ କରି ବିଜୟଠାରୁ ଆଉ ୧୫ ରନ ପଛରେ ରହିଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୪୪୯। ପାକିସ୍ତାନ ପ୍ରଥମ ଇନିଂସ: ୪୦୮। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୨୭୭/୫, ଘୋଷଣା। ପାକିସ୍ତାନ ଦ୍ୱିତୀୟ ଇନିଂସ: ସର୍ଫରାଜ ଅହମଦ-୧୧୮, ଶାନ ମସୁଦ-୩୫; ମାଇକେଲ ବ୍ରେସ୍‌ୱେଲ୍-୪/୭୫, ଟିମ୍ ସୌଦି-୨/୪୨, ଇଶ୍ ସୋଧି-୨/୫୯)।

# ହକି ବିଶ୍ୱକପ୍ ପାଇଁ ବଶିଷ୍ଠଙ୍କ କ୍ୟାଲେଣ୍ଡର

ଭୁବନେଶ୍ୱର, ୬।୧
(ସ୍ପୋର୍ଟ୍ସ ବ୍ୟୁରୋ)

ଓଡ଼ିଶାଠାରୁ ବେଶ୍ ଦୂର କେରଳ ରାଜ୍ୟର ସେ ବାସିନ୍ଦା। କାଲିକଟ୍ ସହର ମାଲ୍‌ବାର ଖ୍ରୀଷ୍ଟିଆନ କଲେଜର ଇତିହାସ ବିଭାଗର ଆସୋସିଏଟ୍ ପ୍ରଫେସର। ତାଙ୍କ ନାମ ହେଉଛି ବଶିଷ୍ଠ। ଓଡ଼ିଶାର ଦୁଇଟି ସହରରେ ହକି ବିଶ୍ୱକପ୍ ଆୟୋଜିତ ହେବାକୁ ଯାଉଥିଲା ବେଳେ ସେ ବଡ଼ ଉତ୍ସାହିତ ହୋଇପଡ଼ିଛନ୍ତି। ୨୬ ବର୍ଷ ହେଲା ଅଧ୍ୟାପକ ଭାବେ କାର୍ଯ୍ୟ କରି ଆସୁଥିବା ବଶିଷ୍ଠ ଜଣେ ଖେଳ ପାଗଳ ମଣିଷ। ସେ ଫୁଟବଲ,ଟେନିସ ଓ କ୍ରିକେଟ ଉପରେ କବିତା ଲେଖିବା ସାଙ୍ଗକୁ ସଚିନ ତେନ୍ଦୁଲକରଙ୍କ ଉପରେ ଏକ ସଂଗ୍ରହାଳୟ ତାଙ୍କ କଲେଜରେ ସ୍ଥାପନ କରିଛନ୍ତି। ସଚିନଙ୍କ ଉପରେ ବିଭିନ୍ନ ଭାଷାରେ ଲେଖାଯାଇଥିବା ଲେଖା ସେ ସାଇତି ରଖିଛନ୍ତି। ଓଡ଼ିଆ ଲେଖା ମଧ୍ୟ ସେଥିରେ ଅଛି। ଏଥର ହକି ବିଶ୍ୱକପ୍ ସକାଶେ ବଶିଷ୍ଠ ଏକ ସ୍ୱତନ୍ତ୍ର କ୍ୟାଲେଣ୍ଡର ତିଆରି କରି ତାକୁ ରିଲିଜ କରିଛନ୍ତି। ବାରମାସର ପୃଷ୍ଠାରେ ହକି ବିଶ୍ୱକପ୍ ବାବଦରେ ତଥ୍ୟ ସାଙ୍ଗକୁ ସ୍ମରଣୀୟ ଫଟୋ ମଧ୍ୟ ସ୍ଥାନିତ ହୋଇଛି। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହକି ବିଶ୍ୱକପ୍ ଟ୍ରଫି ସହ ଫଟୋ ସାଙ୍ଗକୁ ୧୯୭୫ ବିଶ୍ୱକପ୍ ବିଜୟୀ ଭାରତୀୟ ଦଳର ଫଟୋ ମଧ୍ୟ ସେ ଏହି ସ୍ୱତନ୍ତ୍ର କ୍ୟାଲେଣ୍ଡରରେ ସ୍ଥାନିତ କରିଛନ୍ତି। ସେ ୨୦୧୮ ବିଶ୍ୱକପ୍ ଫାଇନାଲ ଦେଖିବାକୁ ଭୁବନେଶ୍ୱର ଆସିଥିଲେ। ଏଥର ମଧ୍ୟ ସେ ଫାଇନାଲ ଦିନ କଳିଙ୍ଗ ଷ୍ଟାଡ଼ିୟମରେ ବସି ମ୍ୟାଚ୍ ଦେଖିବା ଲାଗି ଟିକେଟ କିଣି ସାରିଛନ୍ତି ବୋଲି ପ୍ରକାଶ କରିଛନ୍ତି।

# ସର୍ବଭାରତୀୟ ଓପନ ଗେଟ୍‌ବଲ ୮ରୁ

ଭୁବନେଶ୍ୱର, ୬।୧
(କ୍ରୀଡ଼ା ପ୍ରତିନିଧି)

ଭାରତୀୟ ଗେଟ୍ ବଲ୍ ୟୁନିୟନ (ଆଇଜିୟୁ) ଆନୁକୂଲ୍ୟରେ ଚଳିତମାସ ୮ ଓ ୯ରେ ଭାରତୀୟ ଓପନ ଗେଟ୍‌ବଲ୍ ଟୁର୍ନାମେଣ୍ଟ ସ୍ଥାନୀୟ କିଟ୍ ରଗ୍‌ବୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ବିଭିନ୍ନ ରାଜ୍ୟ ଓ ସଂଘର ମୋଟ ୧୮ଟି ଦଳ ଏଥିରେ ଅଂଶ ଗ୍ରହଣ କରିବେ। କୋଭିଡ୍ ନିୟମ ଦୃଷ୍ଟିରୁ ଚାଇନା, ତାଇୱାନ, ଥାଇଲାଣ୍ଡ ଓ ଜାପାନ ଆଦି ଦଳଗୁଡ଼ିକ ଶେଷ ମୁହୂର୍ତ୍ତରେ ଓହରି ଯାଇଥିବାରୁ ଚଳିତ ବର୍ଷ ପ୍ରତିଯୋଗିତା ମୁଖ୍ୟତଃ ଭାରତର ଦଳଗୁଡ଼ିକୁ ନେଇ ଖେଳାଯିବ। ଗୁଜରାଟ, ମଧ୍ୟପ୍ରଦେଶ, ତ୍ରିପୁରା, ପଶ୍ଚିମବଙ୍ଗ, ଜମ୍ମୁ-କଶ୍ମୀର, ହରିୟାଣା, ପଞ୍ଜାବ, ହିମାଚଳ ପ୍ରଦେଶ ଓ ବିହାର ଆଦି ରାଜ୍ୟମାନଙ୍କରୁ ସମୁଦାୟ ୧୩ଟି ଦଳ ଆସି ୭ ତାରିଖ ସୁଦ୍ଧା ଭୁବନେଶ୍ୱରରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ଓଡ଼ିଶାର ୫ଟି ଦଳ ସମେତ ମୋଟ ୧୮ଟି ଦଳକୁ ୬ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇ ଗ୍ରୁପ୍ ପର୍ଯ୍ୟାୟ ଅନୁଷ୍ଠିତ ହେବ। ଲିଗ୍ ପର୍ଯ୍ୟାୟ ଶେଷରେ ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ଓ ଦୁଇଟି ଶ୍ରେଷ୍ଠ ଦ୍ୱିତୀୟ ଦଳକୁ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ ସୁଯୋଗ ମିଳିବ। ଏହାପରେ ନକ୍‌ଆଉଟ ପର୍ଯ୍ୟାୟ ଆରମ୍ଭ ହେବ। ଚାମ୍ପିୟନ, ରନରଅପ୍ ଏବଂ ପରାଜିତ ଦୁଇ ଦଳକୁ ତୃତୀୟ ସ୍ଥାନୀୟ ଭାବେ ପୁରସ୍କୃତ କରାଯିବ ବୋଲି ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ପ୍ରତିଯୋଗିତାର ସୁପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ପ୍ରକାଶ କୁମାର ବେତାଳା, ସମ୍ପାଦକ ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ମିଶ୍ର, ଉପସଭାପତି ରଞ୍ଜନ କୁମାର ମିଶ୍ର ଓ ସହକାରୀ ସମ୍ପାଦକ ଗିରିଜା ପ୍ରସନ୍ନ ନାୟକ ରହିଛନ୍ତି। ଗେଟ୍‌ବଲ ଏକ ଚିତ୍ତାକର୍ଷକ କ୍ରୀଡା ହୋଇଥିବାରୁ ବହୁ ସଂଖ୍ୟାରେ କ୍ରୀଡ଼ାପ୍ରେମୀ ଏହାକୁ ଉପଭୋଗ କରିବାକୁ ଭାରତୀୟ ଗେଟ୍ ବଲ୍ ୟୁନିୟନର ସଭାପତି ଦ୍ୱୈପାୟନ ପଟ୍ଟନାୟକ ଅନୁରୋଧ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଶୁକ୍ରବାର ଆୟୋଜକମାନେ ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି।

**BERHAMPUR MUNICIPAL CORPORATION**

No. 189 Date: 04.01.2023

**EXPRESSION OF INTEREST**

No. C-2232: Sealed EoI are invited from any individual/firms/Food Manufacturing Units for **"Auction of Food Stalls at Silk City Fest 2023"**. The detailed terms & conditions are available at our official website **www.berhampur.gov.in**. The last date of receipt of tenders in this office by 08.01.2023 5.00 P.M. and will be opened on 09.01.2023 at 11.00 A.M. in the Office of undersigned. The authority reserves the right to accept or reject any EoI without assigning any reason thereof.

**Sd./- Commissioner**
**Berhampur Municipal Corporation**
OIPR-13035/11/0068/2223

**Bhubaneswar Municipal Corporation**
*Progress through Partnership for better Bhubaneswar*

**File No. XXII(L)_43_2022**
**Notice No. 406** **Date: 04.01.2023**

**Corrigendum - 1: Reply to Pre-bid queries, extension of Submission of RFP for "Selection of Agency for Design, Development, Implementation of GIS based web portal & mobile application for Advertisement Hoarding Information Management System & Associated Survey"**

No. C-2234: In reference to the Notice inviting RFP for "Selection of Agency for Design, Development, Implementation of GIS based web portal & mobile application for Advertisement Hoarding Information Management System & Associated Survey", RFP No. 58635, Dtd.16.12.2022, the scheduled date of submission of RFP is 10.01.2023, has now been extended to 20.01.2023 (upto 5.00 P.M.) and subsequently, the opening of technical proposal shall be made on 20.01.2023 at 5.30 P.M. The reply to pre-bid queries, amendment of few clauses of original RFP is available in BMC website i.e. **bmc.gov.in**. Biddes are requested to go through the reply to pre-bid queries and amended clauses of original RFP before preparing the proposals.

**Sd./- Deputy Commissioner, Revenue**
**Bhubaneswar Municipal Corporation**
OIPR-13002/11/0208/2223

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**RENGALI LEFT BANK CANAL DIVISION**
**AT/PO-Kamakhyanagar, Dist-Dhenkanal, Odisha, Pin-759018**
**Ph:06769-270771,Email ID:eerlbcdivision@gmail.com**

**1st Corrigendum to e-Procurement Notice No. RLBCD-$P_1$-05/2022-23**

**No.A-974:** Against "Bid Security" vide item No.7 of the above e-Procurement Notice published in the newspapers may be read as follows:

| Name of Work Sl.No. | Bid Identification No. | As per e-Procurement Notice | Modified as follows |
|---|---|---|---|
| 1 | RLBCD-01/2022-23 | No. Bid Security/Earnest Money Deposit (EMD) has to be deposited and all participating bidder shall submit "Bid Security Declaration" | Rs.9,800.00 |
| 2 | RLBCD-02/2022-23 | | Rs.5,400.00 |
| 3 | RLBCD-03/2022-23 | | Rs.5,400.00 |

All other terms and conditions remain unchanged.

**Sd./- Superintending Engineer**
**Rengali Left Bank Canal Division**
**Kamakhyanagar**
OIPR-32298/11/0007/2223

**OFFICE OF THE NOTIFIED AREA COUNCIL, KONARK**
KONARK N.A.C.
**email: nackonark@gmail.com, Phone No.: 06758-236826**

**No. 34** **Dt.05.01.2023**

No. C-2229: Sealed quotations are invited from reputed registered Firm/Contractor/Tent House/Decorators/Agency for "Erection of Temporary Wel Come Gate at Different place, Installation of Stall, Green Room, Illumination of NAC Office Building with Lichu Light on the Occasion of Maghamela - 2023" on Dt.27.01.2023 to 28.01.2023". The quotation paper can be purchase from Konark Office during office hour from Dt.06.01.2023 to Dt.13.01.2023 on payment of Rs.500.00 (Rupees Five hundred) only towards paper cost (Non-refundable). The quotationers will also have to deposit Rs.1500.00 (Rupees One thousand five hundred) only as EMD in shape of Cash or NSC/KVP/B.D./Bankers Cheque/Deposit receipt in Schedule Bank duly pledged in favour of the Executive Officer, Konark N.A.C. in separate envelope, attested copies of up-to-date ITCC/PAN, Copy of GST Regd. No./Regd. No of firm, experience etc. The sealed quotation from the interested person in the prescribed performa provided at Annexure - A along with document mentioned above shall reach to the Office of the undersigned on or before Dt.16.01.2023 by 3.00 P.M. and the same will be opened at 3.30 P.M. on the same day in presence of the quotatioenr or their authorized representatives. Quotations reached beyond stipulated date and time shall not be considered. The detailed quotation call notice may also be seen in the N.A.C. website: **www.nackonark.in**.

The authority reserves the right to accept or reject any or all quotations without assigning any reason thereof.

**Sd./- Executive Officer, Konark N.A.C.**
OIPR-13174/11/0010/2223

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

**INVITATIONS FOR BIDS (IFB)**

File No. B-I-Tourism-04/2022 Lr. No. 499 Dt. 5th Jan. 2023

No. B-1086 **Invitation for Bids**

**Bid Identification No. OSD C.E. (B) - 40/2022-23**

| | | | |
|---|---|---|---|
| 1. | The OSD Chief Engineer (Buildings) Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the works "Integrated Development of Bhitarakanika National Park in the District of Kendrapada" amounting to Rs.35,19,00,000/- (Approximate) as detailed below. | | |
| 2. | Nature of Work | : | Building Work |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- (Each) |
| 5. | Class of Contractor | : | Special/Super Class |
| 6. | Availability of Bid documents in the website | : | From Dt.31.01.2023 to 17.00 hours of Dt.14.02.2023. |
| 7. | Date of opening of Bids | : | Dt.15.02.2023 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

**Sd./- OSD Chief Engineer (Buildings)**
**Odisha, Bhubaneswar**
OIPR-34117/11/0097/2223

**OFFICE OF THE EXECUTIVE ENGINEER**
**KALAHANDI MINOR IRRIGATION DIVISION, BHAWANIPATNA**

**No.A-970:** **GOVERNMENT OF ODISHA**
**E-PROCUREMENT NOTICE**
**BID IDENTIFICATION NO. KLDMID/12/2022-23**
**E-mail:eemikldbpt@gmail.com, Ph.No.06670-230755**

| | |
|---|---|
| Name of the Work | : Civil Construction Works |
| No. of Works | : 13 (Thirteen) Nos. |
| Estimated Cost | : Rs.25.53 lakh to 82.16 lakh |
| Tender Paper Cost | : Rs.6000.00 to Rs.10,000.00 |
| Period of Completion | : 03 to 6 (Three to Six) Calendar Months |
| Class of Contractor | : "B & C" |
| Availability of bid documents | : From 07.01.2023 at 11.00 A.M. to 19.01.2023 upto 5.00 P.M. in website www.tendersorissa.gov.in. |
| Period of receipt of bid through online | : From 07.01.2023 at 11.00 A.M. to 19.01.2023 upto 5.00 P.M. through online. |
| Mode of Payment | : Online |
| Date of Opening of bid documents | : 20.01.2023 at 11.00 A.M. |
| Date of Lottery (if required) | : On dt.30.01.2023 at 11.30 AM onwards |
| Digital Signature Certificate of Bidder | : The bidder must possess compatible digital signature certificate (DSC) of Class-II or Class-III. |

The detail tender call notice can also be seen in the DOWR website http://dowrorissa.gov.in.

| | |
|---|---|
| Name & Address of the OIT | : Executive Engineer, Kalahandi M.I. Division, Bhawanipatna, Near Planning & Monitoring Unit, Bhawanipatna At/Po- Bhawanipatna, District-Kalahandi Pin- 766001,Email:eemikldbpt@gmail.com |

Furhter details can be seen from the E-Procurement market place: http://tendersorissa.gov.in.

**Sd./- Executive Engineer**
**Kalahandi M.I. Division**
**Bhawanipatna**
OIPR-32035/11/0010/2223

**OFFICE OF THE SUPERINTENDING ENGINEER**
**CHHELIGADA HEADWORKS DIVISION**
**AT/PO- MAHENDRAGADA**
**VIA-CHANDRAGIRI, DIST-GAJAPATI, PIN-761017**
**No.A-971: e-mail:eechwd@gmail.com**

**e-Procurement Notice No.SE-CHWD-05/2022-23**

Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-Procurement portal http://tenderodisha.gov.in.

| | | | |
|---|---|---|---|
| 1. | Type of Work | : | Road, Guard Wall, drain and Building Works |
| 2. | No. of Works | : | 06 |
| 3. | Class of Contrctor | : | 'D' to 'B' Class Contractor |
| 4. | Bid Identification No. | : | e-CHWD-24/2022-23 to e-CHWD-29/2022-23 |
| 5. | Estimated Cost | : | Rs.5.59 lakhs to Rs.29.46 Lakhs |
| 6. | Period of Completion | : | 4 (Four) Calendar Months |
| 7. | Date & Time of availability of bid documents in the portal | : | 10.01.2023 to 23.01.2023 upto 5.00 P.M. |
| 8. | Last date/time for receipt of bids in the portal | : | 23.01.2023 upto 5.00 P.M. |
| 9. | Date of Opening of Bid | : | 24.01.2023 at 11.30 A.M. in the e-procurement cell, Office of the Chief Engineer & Basin Manager, RBVN Basin, Berhampur, Dist: Ganjam |
| 10. | Name of the Office Inviting Bid | : | Superintending Engineer, Chheligada, Head Works Division, Mahendragada, Dist- Gajapati |

N.B.:
1) Any addendum/ corrigendum/ cancellation of tender can be seen in the said website.
2) Further details can be seen from Government website: http://tenderodisha.gov.in.

**Sd./- Superintending Engineer**
**Chheligada Head Works Division**
**Mahendragada (Gajapati)**
OIPR-32109/11/0010/2223

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସିପୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭାରତ ଯୋଡ଼ୋ ଯାତ୍ରାରେ କେନ୍ଦ୍ରକୁ ଟାର୍ଗେଟ

- ଦରବୃଦ୍ଧି, ବେରୋଜଗାରୀ ଲାଗି ବର୍ଷିଲେ ଖାର୍ଗେ
- ଅଗ୍ନିପଥ ଯୋଜନା ନେଇ ଭାଜପାକୁ ରାହୁଲଙ୍କ ସମାଲୋଚନା

ପାନିପଥ,୬।୧(ପି.ଟି.)

କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା ଅବସରରେ ଦଳ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶୁକ୍ରବାର ହରିୟାଣାର ପାନିପଥଠାରେ ଏକ ରାଲିକୁ ସମ୍ବୋଧନ କରି ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗରେ ସମାଲୋଚନା କରିଛନ୍ତି। ଏହି ସରକାର ଅମଳରେ ଦରଦାମ୍ ଆକାଶଛୁଆଁ ହୋଇଥିବାବେଳେ ବେରୋଜଗାରି ସବୁ ରେକର୍ଡ ଭାଙ୍ଗିଛି। ନିର୍ବାଚନ ବେଳେ ଭାଜପା ବଡ଼ ବଡ଼ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିବା ପରେ ସେଗୁଡ଼ିକୁ ଭୁଲି ଯାଇଥିବା ଖାର୍ଗେ କହିଛନ୍ତି। ଏହି ରାଲିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, କୁମାରୀ ଶୈଲଜା, ଭୂପିନ୍ଦର ସିଂ ହୁଡ୍ଡା, କେ.ସି. ବେଣୁଗୋପାଳ, ଶକ୍ତିସିଂ ଗୋହିଲ, କିରନ ଚୌଧରୀ, ଡି.କେ. ଶିବକୁମାର ପ୍ରମୁଖ ସାମିଲ ଥିଲେ। ରାହୁଲଙ୍କ ନେତୃତ୍ୱରେ ଭାରତ ଯୋଡ଼ୋ ଯାତ୍ରା ୩,୦୦୦ କିଲୋମିଟରରୁ ଊର୍ଦ୍ଧ୍ୱ ପଥ ଅତିକ୍ରମ କରି ଗୁରୁବାର ହରିୟାଣାରେ ପ୍ରବେଶ କରିଛି।

ମୁଦ୍ରାସ୍ଫୀତି ବୃଦ୍ଧି କାରଣରୁ ଜରୁରୀ ସାମଗ୍ରୀ କିଣିବା ସାଧାରଣ ଲୋକଙ୍କ ହାତପାଆନ୍ତାରେ ନାହିଁ। ବେରୋଜଗାରି ଗତ ୪୫ ବର୍ଷ ମଧ୍ୟରେ ଏତେ ଉଚ୍ଚରେ ପହଞ୍ଚି ନ ଥିଲା। ଉଚ୍ଚଶିକ୍ଷିତମାନେ ନିଯୁକ୍ତି ନ ପାଇଁ ବେକାର ବୁଲୁଛନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କର ଏଥିପ୍ରତି ଚିନ୍ତା ନାହିଁ ବୋଲି ଖାର୍ଗେ କହିଥିଲେ। ସେମାନଙ୍କର ଦେଶର ଆର୍ଥିକ ସ୍ଥିତି କିମ୍ବା ମୁଦ୍ରାସ୍ଫୀତି ଚିନ୍ତା ନାହିଁ, କେବଳ ନିର୍ବାଚନ ଜିତିବା ପାଇଁ ସେମାନେ ମୁଣ୍ଡ ଖେଳାଉଛନ୍ତି ବୋଲି କଂଗ୍ରେସ ଅଧ୍ୟକ୍ଷ କହିଥିଲେ। ଭାଜପା ନେତୃତ୍ୱାଧୀନ ସରକାର ବିରୋଧୀଙ୍କ ମୁହଁ ବନ୍ଦ କରିବା ପାଇଁ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ଅପବ୍ୟବହାର କରୁଥିବା ସେ ଅଭିଯୋଗ କରିଥିଲେ।

ଉକ୍ତ ରାଲିରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଗ୍ନିପଥ ଯୋଜନା ଏବଂ ଜିଏସ୍‌ଟି ପ୍ରସଙ୍ଗକୁ ନେଇ କେନ୍ଦ୍ର ଉପରେ ବର୍ଷିଥିଲେ। ସେ କହିଥିଲେ ଭାଜପା ନେତୃତ୍ୱାଧୀନ ସରକାର ଦେଶକୁ ଦୁଇଭାଗରେ ବିଭକ୍ତ କରିଛନ୍ତି। ଗୋଟିଏ ଭାରତ କୃଷକ, ଶ୍ରମିକ ଏବଂ କ୍ଷୁଦ୍ର ବ୍ୟବସାୟୀ ତଥା ବେରୋଜଗାରିମାନଙ୍କର ହୋଇଥିବାବେଳେ ଅନ୍ୟଟି ଦେଶର ସମ୍ପତ୍ତିକୁ ଜାବୁଡ଼ି ଧରିଥିବା ୨୦୦-୩୦୦ ଧନୀଙ୍କର ବୋଲି ରାହୁଲ କହିଛନ୍ତି। ହରିୟାଣାର ଭାଜପା ସରକାରରେ ରାଜ୍ୟରେ ବେରୋଜଗାରି ଆକାଶଛୁଆଁ ହୋଇଛି। ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ଏକ ନୀତି ନୁହେଁ, ଦେଶର କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟକୁ ଧ୍ୱଂସ କରିଦେବା ଲାଗି ଏକ ଅସ୍ତ୍ର ବୋଲି ରାହୁଲ କହିଥିଲେ।



ଭାରତ ଯୋଡ଼ୋ ଯାତ୍ରା ଅବସରରେ ଶୁକ୍ରବାର ହରିୟାଣାର ପାନିପଥଠାରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ରାହୁଲ ଗାନ୍ଧୀ ଓ ଦଳୀୟ ନେତୃବୃନ୍ଦ।

# ବିର୍ସାମୁଣ୍ଡା ହକି ଷ୍ଟାଡିୟମ ସର୍ବବୃହତ ନୁହଁ: ଶଙ୍କର ଓରାମ

ରାଉରକେଲା ଅଫିସ,୬।୧

ଷ୍ଟିଲସିଟି ରାଉରକେଲାରେ ଆଉ ୬ ଦିନ ପରେ ପୁରୁଷ ବିଶ୍ୱକପ୍ ହକି ମ୍ୟାଚ୍ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ରାଉରକେଲା ଗସ୍ତରେ ଆସି ବିଶ୍ୱର ସର୍ବବୃହତ ବିର୍ସାମୁଣ୍ଡା ଷ୍ଟାଡିୟମକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନର ୨୪ ଘଣ୍ଟା ନ ବିତୁଣୁ ଏହି ଷ୍ଟାଡିୟମ ବିଶ୍ୱସ୍ତରୀୟ ନୁହେଁ ବୋଲି ଭାଜପା ବିଧାୟକ ଶଙ୍କର ଓରାମ ଅଭିଯୋଗ କରିଛନ୍ତି। ଓରାମ କହିଛନ୍ତି, ବିଶ୍ୱର ସର୍ବବୃହତ୍ ହକି ଷ୍ଟାଡିୟମ ପାକିସ୍ତାନର ଲାହୋରରେ ଥିବାବେଳେ ଦ୍ୱିତୀୟ ବୃହତ୍ ଷ୍ଟାଡିୟମ ଆମ ଦେଶ ପଞ୍ଜାବର ଚଣ୍ଡିଗଡରେ ରହିଛି। ରାଉରକେଲା ଷ୍ଟାଡିୟମରେ ୨୦ ହଜାର ଦର୍ଶକଙ୍କ ପାଇଁ ବ୍ୟବସ୍ଥା ଥିବା ବେଳେ ଚଣ୍ଡିଗଡ ଷ୍ଟାଡିୟମରେ ୩୦ ହଜାର ଦର୍ଶକ ଏକ ସାଙ୍ଗରେ ବସି ଦେଖିବାର କ୍ଷମତା ରହିଛି। ତେବେ ରାଜ୍ୟ ସରକାର କେମିତି ଏହାକୁ ବିଶ୍ୱର ସର୍ବବୃହତ୍ ଷ୍ଟାଡିୟମ ବୋଲି ଦାବି କରୁଥିବା ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଡିଏମଏଫ ପଣ୍ଡରୁ ସମସ୍ତ ଅର୍ଥ ଖର୍ଚ୍ଚ କରାଯାଇ ରାଉରକେଲା ଷ୍ଟାଡିୟମ ନିର୍ମାଣ ହୋଇଥିବାବେଳେ ଆଜିଯାଏଁ ଏଠାରେ କୌଣସି ସୂଚନା ଫଳକ ଲାଗିଲା ନାହିଁ। ମାଗଣାରେ ରାଜ୍ୟ ସରକାର ବିର୍ସାମୁଣ୍ଡା ଷ୍ଟାଡିୟମ ନିର୍ମାଣର ପ୍ରକୃତ ସତ୍ୟାସତ୍ୟ ତଥ୍ୟକୁ ଲୁଚାଇ ଖାଲି ନିଜର ପ୍ରଚାର କରୁଥିବା ଓରାମ କହିଛନ୍ତି। ଏ ନେଇ ରାଜ୍ୟ କ୍ରୀଡ଼ା ଓ ଯୁବ ବ୍ୟପାର ମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି, ରାଉରକେଲାରେ ନିର୍ମିତ ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମ ଏଫ୍‌ଆଇଏଚ୍ ନିର୍ଦ୍ଦେଶ ଓ ନିୟମାବଳୀ ଅନୁଯାୟୀ ନିର୍ମାଣ କରାଯାଇଛି। ଏହି ଷ୍ଟାଡିୟମରେ ହକି ଖେଳ ପାଇଁ ବିଶ୍ୱସ୍ତରୀୟ ଯେଉଁସବୁ ଗାଇଡଲାଇନ ରହିଛି ତାହାର ପ୍ରମାଣପତ୍ର ଏଫ୍‌ଆଇଏଚ୍ ପ୍ରଦାନ କରିସାରିଛି।








# ମାଗଣା ଚାଉଳ ନେଇ ବିଜେଡି-ଭାଜପା ମୁହାଁମୁହିଁ

- ପିଏମ୍‌ଜିକେଏୱାଇ ବନ୍ଦ କରିଦେଲା କେନ୍ଦ୍ର: ବିଜେଡି
- ହନୁ ମଲା ବେଳେ ସତ କହେ: ଭାଜପା

ଭୁବନେଶ୍ୱର,୬।୧(ବ୍ୟୁରୋ)

ମାଗଣା ଚାଉଳକୁ ନେଇ ବିଜେଡି, ଭାଜପା ଭିତରେ ମୁହାଁମୁହିଁ ପରିସ୍ଥିତି ଜାରି ରହିଛି। କରୋନା ସମୟରୁ ଆରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେଏୱାଇ)ବନ୍ଦ ହୋଇଯାଇଛି। ଫଳରେ ଓଡ଼ିଶାର ୩ କୋଟି ୨୫ ଲକ୍ଷ ଲୋକ ୧୦ କେଜି ଲେଖାଏ ଚାଉଳ ପାଉଥିବା ବେଳେ ଏବେ ସେଥିରୁ ବଞ୍ଚିତ ହେବେ ବୋଲି ବିଜେଡି କହିଛି। ଏଥିସହ ରାଜ୍ୟ ସରକାରଙ୍କ ବିନା ସହଭାଗିତାରେ କେନ୍ଦ୍ର ସରକାର ମାଗଣା ଚାଉଳ ଦେବାକୁ ଘୋଷଣା କରିବା ପରେ ବିଜେଡି ପକ୍ଷରୁ ଏହାକୁ ଟାର୍ଗେଟ କରାଯାଇଛି। ଅପରପକ୍ଷେ କେନ୍ଦ୍ର ସରକାରଙ୍କ ନୂଆ ଘୋଷଣା ଅନୁଯାୟୀ ହିତାଧିକାରୀ ବର୍ଷକ ପର୍ଯ୍ୟନ୍ତ ମାସିକ ମୁଣ୍ଡ ପିଛା ୫ କେଜି ଲେଖାଏଁ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ପାଇବେ।

ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର ଖବରଦାତା ସମ୍ମିଳନୀ କରି କହିଛି, ରାଜ୍ୟରେ ଗରିବ କଲ୍ୟାଣ ଅନ୍ନ ଯୋଜନା ଲାଗୁହେବା ପରଠୁ ଓଡ଼ିଶାର ୩ କୋଟି ୨୫ ଲକ୍ଷ ଲୋକଙ୍କୁ ୧୦ କେଜି ଲେଖାଏଁ ଚାଉଳ ମିଳୁଥିଲା। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୫ କେଜି ଓ କୋଭିଡ୍ ସମୟରେ ୨୮ ମାସ ପାଇଁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ୫ କେଜି ମିଶି ସମୁଦାୟ ୧୦ କେଜି ଚାଉଳ ପ୍ରତ୍ୟେକ ହିତାଧିକାରୀ ପାଉଥିଲେ। ହେଲେ ଏହି ଗରିବ କଲ୍ୟାଣ ଅନ୍ନ ଯୋଜନା ବନ୍ଦ ହେବା ପରେ ୫ କେଜି ଲେଖାଏଁ ଚାଉଳ ପାଇବାରୁ ଓଡ଼ିଶାର ଲୋକେ ବଞ୍ଚିତ ହେବେ। ଫଳରେ ଅନେକ ଗରିବ ପରିବାର ହନ୍ତସନ୍ତ ହେବେ ବୋଲି ସେ କହିଛନ୍ତି। ତେଣୁ ଚଳିତ ମାସରୁ ପୁଣିଥରେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନା ଆରମ୍ଭ କରିବାକୁ ସେ ଦାବି କରିଛନ୍ତି। କେନ୍ଦ୍ର ଦ୍ୱାରା ପିଏମ୍‌ଜିକେଏୱାଇ ବନ୍ଦ ହେବା ଯୋଗୁ ପରିବାରଗୁଡ଼ିକ ଚାଉଳ ପାଇବାରୁ ବଞ୍ଚିତ ହେବା ଅତ୍ୟନ୍ତ ଯନ୍ତ୍ରଣାଦାୟକ ଏବଂ ଦୁର୍ଭାଗ୍ୟଜନକ। କେନ୍ଦ୍ର ଆମ ଦାବିରେ ରାଜି ନ ହେବା ପର୍ଯ୍ୟନ୍ତ ବିଜେଡି ଏମ୍‌ପି ଏବଂ ଅନ୍ୟାନ୍ୟ ଫୋରମରେ ପିଏମ୍‌ଜିକେଏୱାଇର ପୁନଃ ଆରମ୍ଭ ଲାଗି ଜୋର୍‌ଦାର ଦାବି କରିବ ବୋଲି ସସ୍ମିତ କହିଛନ୍ତି।


ସସ୍ମିତ ପାତ୍ର


ଗୋଲକ ମହାପାତ୍ର

ଅନ୍ୟପଟେ ଭାଜପା ସାଧାରଣ ସମ୍ପାଦକ ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମୁଣ୍ଡ ପିଛା ୫ କେଜି ଲେଖାଏ ଚାଉଳ ମାଗଣାରେ ବଣ୍ଟନ ବାବଦରେ କେନ୍ଦ୍ର ସରକାର ବର୍ଷକୁ ୮,୪୦୦ କୋଟି ଟଙ୍କା ଓଡ଼ିଶାରେ ଖର୍ଚ୍ଚ କରିବେ। ହନୁ ମଲା ବେଳେ ସତ କହିଛି। ସସ୍ମିତବାବୁ ଆଜି ସତ ସ୍ୱୀକାର କରିଛନ୍ତି। ପୂର୍ବରୁ ଚାଉଳକୁ ନେଇ ରାଜ୍ୟ ସରକାର ଯେଉଁସବୁ ମିଛ କହୁଥିଲେ ସେସବୁ ବର୍ତ୍ତମାନ ଧରାପଡ଼ି ଯାଇଛି। ଏଣିକି କେନ୍ଦ୍ର ସରକାର ରାଜ୍ୟର ୩ କୋଟି ୨୫ ଲକ୍ଷ ଲୋକଙ୍କୁ ମାଗଣା ଚାଉଳ ଦେବେ। ଏହି ଚାଉଳ କେଜି ପ୍ରତି ୩୭.୨୮ ପଇସା ହୋଇଥିବା ବେଳେ ପୂର୍ବରୁ ରାଜ୍ୟ ସରକାର କେଜି ପିଛା ୨ ଟଙ୍କା ଦେଇ ବାହାବା ନେଉଥିଲେ। ଏହି ଯୋଜନା ନିଜର ବୋଲି ଡିଣ୍ଡିମ ପିଟୁଥିଲେ। ହେଲେ ଏଣିକି ଚାଉଳ ଦେବା ନିମନ୍ତେ ସମସ୍ତ ଖର୍ଚ୍ଚ କେନ୍ଦ୍ର ସରକାର ଦେବେ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ କେନ୍ଦ୍ର ସରକାର ସମସ୍ତ ଖର୍ଚ୍ଚ ବହନ କରିବାକୁ ଘୋଷଣା କରିବା ପରେ ରାଜ୍ୟ ସରକାରଙ୍କ ପ୍ରାୟ ୧୨୦୦ କୋଟି ଟଙ୍କା ବଞ୍ଚିଯିବ ବୋଲି ଗୋଲକ କହିଛନ୍ତି।

# କଂଗ୍ରେସ ନେତାଙ୍କ ଘରବାହୁଡ଼ା



ପୂର୍ବତନ ମନ୍ତ୍ରୀ ପିରଜାଦା ମହମ୍ମଦ ସୟିଦଙ୍କୁ ସ୍ୱାଗତ କରାଯାଉଛି।

ନୂଆଦିଲ୍ଲୀ,୬।୧

ରାହୁଲ ଗାନ୍ଧୀଙ୍କ ନେତୃତ୍ୱାଧୀନ 'ଭାରତ ଯୋଡ଼ୋ ଯାତ୍ରା' ଆଉ କିଛି ଦିନ ପରେ ଜମ୍ମୁ-କଶ୍ମୀରରେ ପ୍ରବେଶ କରିବ। ମାତ୍ର ଏହା ପୂର୍ବରୁ ଅର୍ଥାତ୍ ଶୁକ୍ରବାର ଅନେକ ନେତାଙ୍କର କଂଗ୍ରେସକୁ ଘରବାହୁଡ଼ା ହୋଇଛି। ଏମାନଙ୍କ ମଧ୍ୟରେ ଜମ୍ମୁ-କଶ୍ମୀରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ତାରା ଚାନ୍ଦ, ପୂର୍ବତନ ମନ୍ତ୍ରୀ ପିରଜାଦା ମହମ୍ମଦ ସୟିଦ, ମୁଜାଫର ପାରି, ମନୋହର ଲାଲ, ବଲୱାନ ସିଂଙ୍କ ସମେତ ବହୁ ବରିଷ୍ଠ ନେତା ଅଛନ୍ତି। ତେବେ କଂଗ୍ରେସ ପାଇଁ ଏହା ବଡ ଦିନ ବୋଲି ଏଆଇସିସି ସାଧାରଣ ସମ୍ପାଦକ(ସଂଗଠନ) କେସି ଭେନୁଗୋପାଲ ଖବରଦାତା ସମ୍ମିଳନୀରେ କହିଛନ୍ତି। ସୂଚନାଯୋଗ୍ୟ, ଗୁଲାମ ନବୀ ଆଜାଦ କଂଗ୍ରେସ ଛାଡ଼ିବା ବେଳେ ତାରା ଚାନ୍ଦ, ମନୋହର ଲାଲ, ବଲୱାନ ସିଂଙ୍କ ସମେତ ଅନେକ ନେତା ଏହି ପୁରାତନ ଦଳର ହାତ ଛାଡିଥିଲେ। ପରବର୍ତ୍ତୀ ସମୟରେ ଗୁଲାମ ନବୀ ଡେମୋକ୍ରାଟିକ ଆଜାଦ ପାର୍ଟି ଗଠନ କରିଥିଲେ। ହେଲେ ଦଳ ବିରୋଧୀ କାର୍ଯ୍ୟ ଯୋଗୁ ଆଜାଦ କଂଗ୍ରେସରେ ଯୋଗ ଦେଇଥିବା ଏହି ନେତାଙ୍କୁ ଗତ କିଛି ଦିନ ତଳେ ଦଳରୁ ବହିଷ୍କୃତ କରାଯାଇଥିଲା।

**Classified Everyday**
**0674-2580101, 2549949**



**SALE**

2014 model VOLKS WAGAN VENTO car in tiptop new running condition for sale at Bhubaneswar. Contact: 8895211214. D-2404



**SALE**

3BHK Flat Sale At Satya Sai Lewis Road Bhubaneswar. Contact - 9114494004, 9040044440. D-2385

ଭୁବନେଶ୍ୱର ଖଣ୍ଡଗିରି AMRI Hospital ପାଖରେ ପ୍ଲଟ୍ କିଣି ଘର କରନ୍ତୁ ଓ Madanpur, Gita/Gandhi College ପାଖରେ Sqft. 650/-ରେ ମିଳୁଛି - 9348767829. D-74173

ଭୁବନେଶ୍ୱର ନଖରା ଘରବାରି SC plot Sqft - 150/-, General - 350/-. 9439660381. D-74178

Baliantaରେ ପ୍ଲଟ୍ ପାଇଁ ଗ୍ରାହକ ଏବଂ commission agent ଯୋଗାଯୋଗ କରନ୍ତୁ। Mob: 7653882633. D-2409

ଭୁବନେଶ୍ୱର Sum Hospital 4 k.m. RI training Centre ପାଖରେ mainroad 100mtr distance boundary plot ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। Owner- 9090963952. D-74176

ଭୁବନେଶ୍ୱର ରଙ୍ଗବଜାର ପାଖରୁ 3 K.M. ଦୂରରେ ଘରବାରି ପ୍ଲଟ୍ Bank finance ସହିତ ମିଳୁଛି। 8093465134. D-74181

ମୋର କୋଳଥିଆରେ Corner ପ୍ଲଟ୍ ଓ ଘାଟିକିଆରେ ପ୍ଲଟ୍ ଅଛି, କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। 9438166196. D-2417

5BHK new construction individual house sale at Gita Engg. College Madanpur, BBSR, cost @ 1 corer 10lakh. (Land area 2750sqft., built-up area 2800sqft.), 7978090773. D-2427

ପୁରୀ ବଳିଆପଣ୍ଡା U.P. School ପଛ ଗୋବିନ୍ଦ ନଗରରେ ସ୍ଥିତିବାନ୍ ଘରବାଡ଼ି ପ୍ଲଟ୍ ବିକ୍ରିହେବ। ସମୁଦ୍ର 1/2 କି.ମି., ମନ୍ଦିର 2 କି.ମି. Contact: 9040622080. D-74507

1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891. D-2265

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

4 Bhk luxurious flat for sale at unit -3 Kharavelanagar, behind Ram Mandir Construction work going on contact- 9438362399. 2421

କଟକ-ଭୁବନେଶ୍ୱର ରୋଡ୍‌ରୁ 2.5.K.M., ନଖରା ଓ ପାହାଲରୁ 2.5.K.M. ଘରବାରି 25' ରୋଡ୍, ବାଉଣ୍ଡରୀ, ଇଲେକ୍ଟ୍ରିସିଟି ସୁବିଧା ଥାଇ ପ୍ଲଟ୍ ମିଳୁଛି। 9348152874, 9337317665. D-74179

ଭୁବନେଶ୍ୱର ଜଟଣୀଗେଟ୍ NH-5 ପାଖରେ ଘରବାରି ପ୍ଲଟ୍ 30' ରାସ୍ତାଥାଇ sqft.-400/-, 630/-. 9437607388, 8637269760. D-74166

30ft. road, boundary, gharabari plot sale in Shreekhetra Vihar Phase-3 Pipili Chhaka NH side gated society with electricity, Park, Temple, Drange sqft. 980/-. 8117084862. D-74177

ଝିଅ ବିଭାଘର ପାଇଁ ଦୁଇପଟେ 30' ଫୁଟ ରୋଡ୍ ଥାଇ ରେତଂଗରେ ୧୦ ଗୁଣ୍ଠ ଜମି ବିକ୍ରିହେବ- (ଗୁଣ୍ଠ- 5,25,000/-). 9938016295. D-74180



**CONSTRUCTION**

Construct your home @850/-, 1340/- includes architecture structure with 3year FMC, provide BDA plan approval boring/ interiorwork. SNV Construction. 9439295469. D-74160

Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856. D-2264

**୨୩ତମ ଜନ୍ମଦିନ ଶୁଭେଚ୍ଛା**



(ସିପୁ)

**ସାହିଲ୍ ଶେଖର ଯେନା**
ବେରୁହାଁ, ରେତଙ୍ଗ, ଭୁବନେଶ୍ୱର
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ: ସିଦ୍ଧାର୍ଥ, ସମୀକ୍ଷା, ଓମ୍, କ୍ରୀଶ୍, ପାପା, ମାମା, ଜେଜେବାପା, ଜେଜେମାଆ, ଦାଦା, ଖୁଡ଼ୀ, ଶୁଭେଚ୍ଛୁମାନେ।
ଧ-୭୪୬୨୫

**ପରିବେଶ ବିଜ୍ଞାନରେ ପିଏଚ୍.ଡି.**



ମିସ୍ ପୂନମ୍ ମଙ୍ଗରାଜ, ଓଡିଶାର ଉତ୍କଳ ବିଶ୍ୱବିଦ୍ୟାଳୟରୁ ପରିବେଶ ବିଜ୍ଞାନରେ ପିଏଚ୍.ଡି. ଡିଗ୍ରୀ (୨୦୨୨) ପାଇବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ତାଙ୍କର ଥେସିସ "ଭାରତୀୟ ମେଗାସିଟି ଉପରେ ଗୁରୁତର ବାୟୁ ପ୍ରଦୂଷଣକାରୀଙ୍କ ପାଇଁ ଏକ ଟେକ୍ନୋଲୋଜିକାଲ ନିର୍ଗମନ ତାଲିକା ଏବଂ ଏହାର ପ୍ରୟୋଗ" ଉପରେ ନିର୍ଦ୍ଧାରିତ। ଡକ୍ଟର ପୂନମ୍, ତାଙ୍କର ଅନୁସନ୍ଧାନ ଡକ୍ଟର ସରୋଜ କୁମାର ସାହୁ (ୟୁ.ଜି.ସି.-ସହକାରୀ ପ୍ରଫେସର, ପରିବେଶ ବିଜ୍ଞାନ, ଉତ୍କଳ ବିଶ୍ୱବିଦ୍ୟାଳୟ, ଓଡିଶା)ଙ୍କ ନେତୃତ୍ୱରେ କରିଥିଲେ। ପ୍ରଫେସର ସୋମ କୁମାର ଶର୍ମା, ପି.ଆର.ଏଲ. ଅହମ୍ମଦାବାଦ ଏବଂ ପ୍ରଫେସର ଏଚ୍.କେ. ପାତ୍ର, ଉତ୍କଳ ବିଶ୍ୱବିଦ୍ୟାଳୟଙ୍କ ଦ୍ୱାରା ତାଙ୍କର ଏହି ଗବେଷଣାକୁ ଉଚ୍ଚ ପ୍ରଶଂସା କରାଯାଇଛି। ସେ ଗର୍ବିତ ପିତାମାତା ଶ୍ରୀମତୀ ମୀନାକ୍ଷୀ ମଙ୍ଗରାଜ (ଗୃହିଣୀ) ଏବଂ ଶ୍ରୀ ବିଦ୍ୟାଧର ମଙ୍ଗରାଜ (ସିନିୟର କାର୍ଯ୍ୟନିର୍ବାହୀ ସହକାରୀ, ଓଡିଶା ଖଣି ନିଗମ) ବଡ ଝିଅ ଓ ମିସ୍ ପ୍ରିୟଙ୍କା ମଙ୍ଗରାଜ (ଇଞ୍ଜିନିୟର)ଙ୍କ ବଡ ଭଉଣୀ। ଏହି ସଫଳତା ପାଇଁ ସେ ତାଙ୍କ ସୁପରଭାଇଜର ଡକ୍ଟର ସାହୁ, ପ୍ରଫେସର ବେଗ୍, ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ, ତାଙ୍କ ପରିବାର ଏବଂ ଈଶ୍ୱରଙ୍କୁ ହୃଦୟରୁ କୃତଜ୍ଞତା ଜଣାଇଛନ୍ତି।
ଧ-୭୪୧୮୨




Newly open Spa positively health benefit with expert. Contact: 7749976301. D-74505

Asribadaa Panchakarma herbal SPA Kesarimall, Bhubaneswar. Contact: 8926173473. D-74623

Relax, Refresh your body, Mind at Saikrupa Spa with best therapies. 8984068077. D-2374

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




**ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ସୁପ୍ରଭା ସ୍ୱାଇଁ**
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ)
ବାଙ୍କିସାହି, କଟକ
ଆବିର୍ଭାବ- ୨୮।୦୮।୧୯୪୦
ତିରୋଧାନ- ୦୨।୦୧।୨୦୧୮ (ମାଘ ପ୍ରତିପଦା)

ଆଜିକୁ ଠିକ୍ ପାଞ୍ଚ ବର୍ଷ ପୂର୍ବେ ତମେ ଆମକୁ ଶୋକ ସାଗରରେ ଭସାଇ ଦେଇ ସବୁଦିନ ପାଇଁ ଚାଲିଗଲ ଅଫେରା ପଥରେ। ତମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତମର ସ୍ନେହବୋଳା କଥା, ମମତା ଓ ଶ୍ରଦ୍ଧା ଆମ ହୃଦୟରେ ଚିରକାଳ ଅମଳିନ ସ୍ମୃତି ହୋଇ ରହିବ। ତୁମର କର୍ତ୍ତବ୍ୟପରାୟଣତା, ନୀତି, ଆଦର୍ଶ, ସଂସ୍କାର ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ। ତମର ଆଶୀର୍ବାଦ ସର୍ବଦା ଆମମାନଙ୍କ ପ୍ରତି ରହିଥାଉ। ତମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ପୁତ୍ର: ଆଦିତ୍ୟ, ଆଲୋକ, ବୋହୂ: ପ୍ରଜ୍ଞା, ସୁସ୍ମିତା, କନ୍ୟା: ଜ୍ୟୋତି, ଯୁଗଜ୍ୟୋତି, ଜାମାତା: ବେଦ୍, ଅସୀମ, ନାତୁଣୀ: ଆଦ୍ୟାଶା, ସାଇ ଅଂଶିକା, ଆୟୁଷୀ, ଆରୁଷି, ଅନନ୍ୟା ଓ ଆତ୍ମୀୟସ୍ୱଜନ।
ଧ-୨୪୨୮

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

# ଲୁହରେ ଲୁହରେ ଭିଜୁଥିବା ଭାଷା

**ଗଳ୍ପ**
**ବିପିନ ବିହାରୀ ମହାନ୍ତି**

ଏବେ ପ୍ରତିଟି ସଚେତନ ପରିବାର କ୍ଷୁଦ୍ର ଓ ସୁଖୀ ପରିବାରଟିଏ ଗଢ଼ିବାରେ ଚେଷ୍ଟିତ। ଏଣୁ ସେମାନେ ଦୁଇ ମଧ୍ୟରେ ସୀମାବଦ୍ଧ ପାଇଁ ହୁସିଆର। ଏ ନେଇ ପୁଅ ବା ଝିଅର ପ୍ରଶ୍ନ ନାହିଁ। ଯାହା ହେଲେ ଦୁଇ। କେହି ବି ସନ୍ତାନର ଅତ୍ୟଧିକ ସୁଖ ସମୃଦ୍ଧିର ସ୍ୱପ୍ନରେ 'ଏକ'ରେ ସନ୍ତୁଷ୍ଟ। କଥାରେ କହିଛି: ଏକ ଆଖି, ଆଖି ନୁହେଁ; ଏକ ସାକ୍ଷୀ, ସାକ୍ଷୀ ନୁହେଁ। ଏ ସତ୍ୟ ଜାଣି ବି ଅଧିକାଂଶ ସେ 'ଏକ' ଉପରେ ଦୃଷ୍ଟି ରଖନ୍ତି।

ଏମିତି ସନ୍ତୋଷ ନେଇଥିଲେ ଶ୍ରୀ ଓ ଶ୍ରୀମତୀ କୁମାର କେବଳ ଗୋଟିଏ ମାତ୍ର ସନ୍ତାନ 'ଶ୍ରୀଚନ୍ଦନ'ରେ। ବହୁତ ସେବା ଓ ଯତ୍ନ କରି ଗଢ଼ିଛନ୍ତି ତାଙ୍କୁ। ଟେକି ଧରିଲେ ଗୋଳି ହୋଇଯିବା ଅଥଚ ଗଳିପଡ଼ିବା ସତ୍ୟରେ, ବହୁ କଷ୍ଟ ଉଠାଇଛନ୍ତି ସେମାନେ। କାରଣ ସେ ଥିଲେ ସେମାନଙ୍କ ପାଇଁ ଏକମାତ୍ର ଆଶା, ବିଶ୍ୱାସ ଏବଂ ଭବିଷ୍ୟତର ଭରସା।

ତେବେ ଅତ୍ୟଧିକ ସ୍ନେହ ଓ ମମତା ବେଳେବେଳେ ଏଇ ଏକୋଇରବଳାମାନଙ୍କୁ ବିପଥକୁ ଟାଣିନିଏ। ସେମାନେ ଆମର ଆଶାର ବାହାରକୁ ଚାଲିଯାଆନ୍ତି ଏବଂ ସମସ୍ତଙ୍କ ପାଇଁ ଦୁଃଖ ଓ ଯନ୍ତ୍ରଣାର କାରଣ ହୁଅନ୍ତି। ତାହା ହିଁ ଥିଲେ ଶ୍ରୀଚନ୍ଦନ। ତାଙ୍କ ଶିକ୍ଷା ଏବଂ ଯାବତୀୟ ଉତ୍ତମ ଦୀକ୍ଷା ପାଇଁ ପର୍ଯ୍ୟାପ୍ତ ଖର୍ଚ୍ଚ କଲେ ଶ୍ରୀ ଓ ଶ୍ରୀମତୀ। କାରଣ ସେମାନେ ପ୍ରାଚୁର୍ଯ୍ୟରେ ଥିଲେ। ପୁନଶ୍ଚ ରାଜ୍ୟ ସଚିବାଳୟରେ ସେ ଜଣେ ଭଲ ଚାକିରିଆ ଥିଲେ। କ୍ୱାର୍ଟର୍ସ ଖଣ୍ଡିଏ ମିଳିଥାଏ। ଭୁବନେଶ୍ୱରର ଗୌତମ ନଗରରେ ଦି'ମହଲା ବିଶିଷ୍ଟ ମାର୍ବଲ ଚଟାଣର ଘର। ଭଡ଼ା ଲାଗିଛି। ପୁଅ ଯେତେ ଖର୍ଚ୍ଚ କରୁଛି କରୁ। ଅଭାବ ନାହିଁ। ଗୋଟିଏ ବୋଲି ତ ସବୁ କଥା! ହେଲେ ପିତାମାତାଙ୍କର ସବୁର ସ୍ୱପ୍ନକୁ ପଦାଘାତ କରି ଅବାଟକୁ ମାଡ଼ିଚାଲିଲେ ଶ୍ରୀଚନ୍ଦନ। 'ପାଠ'କୁ ପ୍ରୟୋଗ ପାଇଁ ଚିନ୍ତା ନାହିଁ। ସଙ୍ଗଦୋଷରେ ବରବାଦ ହେଉଛି ପଇସା। ଏମିତିରେ ନଈବାଲି ସରିଯିବ। ଅନ୍ତତଃ ଚନ୍ଦନ ଚାକିରି ଖଣ୍ଡିଏ କରୁ। କିନ୍ତୁ ସେ ଚେଷ୍ଟା ବି କରୁନାହିଁ। ନିଧୋକା। ସେତେବେଳେ ସରକାରଙ୍କ ତରଫରୁ ସନ୍ତାନ ସନ୍ତତିଙ୍କ ଚାକିରି ପାଇଁ ଗୋଟିଏ ସୁଯୋଗ ଦିଆଯାଇଥାଏ। ଯେଉଁ ଚାକିରିଆଙ୍କର ପାଞ୍ଚ ବର୍ଷ ଚାକିରି ଥିବ ଏବଂ ସେ ଏହାକୁ ସରକାରଙ୍କୁ ସମର୍ପଣ ବା ସରେଣ୍ଡର କରିଦେବେ, ତେବେ ତାଙ୍କ ପରିବାରରୁ କାହାକୁ ହେଲେ ଜଣକୁ ଚାକିରି ମିଳିବ। ସେଇ ନ୍ୟାୟରେ ଶ୍ରୀଚନ୍ଦନ ବାପାଙ୍କଠାରୁ ଚାକିରି ଛଡ଼େଇନେଲେ। କ୍ୱାର୍ଟର୍ସଟି ମଧ୍ୟ ସେମିତି ତାଙ୍କ ହାତରେ ରହିଗଲା।

ଯାହାହେଉ ଯେମିତି ହେଲେ ଗୋଟିଏ ପାପର ପ୍ରାୟଶ୍ଚିତ୍ତ ହୋଇଗଲା ବୋଲି ଶ୍ରୀ ଓ ଶ୍ରୀମତୀ କୁମାର ବୁଝିନେଲେ। ହେଲେ ସଙ୍ଗଦୋଷ? ସେପଟେ ତ ପଇସା ଉଡୁଛି। ଚାକିରି କରି ବି ପରିବର୍ତ୍ତନ ନାହିଁ। ଚାକିରି ଓ ଘର ପଇସା ଦୁଇଟିଯାକ ଏବେ ବରବାଦ୍ ହେବାରେ ଲାଗିଛି। ଏଣୁ ଚିନ୍ତାକଲେ ଯଦି ବିବାହ କରିଦିଆଯାଏ, ତେବେ ବୋଧେ କିଛିଟା ପରିବର୍ତ୍ତନ ଆଶା କରାଯାଇପାରେ।



ଚାକିରିଆ ପାତ୍ରୀଟିଏ ମଧ୍ୟ ମିଳିଗଲା। ଦୁଇଟା ଆୟ, ନିଜସ୍ୱ ପେନ୍‌ସନ୍ ଏବଂ ଘରଭଡ଼ା। କେତେ ଟଙ୍କା ମାସକୁ ଘରେ ନ ପଶିବ! ଆନନ୍ଦରେ କୁରୁଳି ମାରିଲେ ଶ୍ରୀ ଓ ଶ୍ରୀମତୀ କୁମାର। ତାଙ୍କ ହାତରେ ଘରର ଚାବିକାଠି, ଟ୍ରେଜେରି। ସେଇଠି ସବୁ ଗଚ୍ଛିତ ହେବ, ସେଇଠି ସମସ୍ତେ ଦେବେ, ନେବେ। ଓଜନ ବଢ଼ିବ ତାଙ୍କର। ଲୋକମାନେ ଖାତିର କରିବେ। କ'ଣ ନା ପଇସାବାଲା।

ବଡ଼ ବିଚିତ୍ର ଏ ସ୍ୱପ୍ନ। ସ୍ୱପ୍ନ ନ ଥିଲେ ଆଗେଇ ହୁଏନା; ବର୍ତ୍ତି ହୁଏନା। ଅଥଚ ସ୍ୱପ୍ନ ଏକ ମରୀଚିକା, ଅବାସ୍ତବ ଯାହାର ଅପ୍ରାପ୍ତିରେ ଅସମାପ୍ତ ଯନ୍ତ୍ରଣା ଏବଂ ଦୁଃଖ! ତଥାପି ଆମେ କି ସ୍ୱପ୍ନରହିତ!

ପୁଅ ତ ଆଗରୁ ପୁଅ ହୋଇ ନ ଥିଲେ। ପୁଅକୁ ସୁଧାରିବାରେ ବୋହୂ ପାଇଁ ଯେଉଁ ସ୍ୱପ୍ନ ଥିଲା, ତାହା ମାନସିକ ଯନ୍ତ୍ରଣାର ଆହୁରି ଅଧିକ କାରଣ ହେଲା। ତେଣିକି ସେବା ଓ ସହଯୋଗ କଥା ଚୁଲିକି ଯାଉ। ନିଜର ରକ୍ତ ଯେତେବେଳେ ନିଜର ହେଉନାହିଁ, ପରପିଲାଟା ହେବ କେମିତି? ହୋଇପାରେ, ତେବେ ପିଲାପରି ପିଲାଟିଏ ହୋଇଥିଲେ ତ! ତାଙ୍କର ପୁଅଠି ଡର। ପୁଅର ବୋହୂଠି ଭୟ। ତେଣୁ କୋଉ କଥାକୁ କିଏ କେମିତି କ'ଣ କରିବ? ହାଏରେ କପାଳ, ଏତେ ଶୀଘ୍ର ତୁ ପାଣିଫୋଟକା ହୋଇଗଲୁ!

ଶ୍ରୀ ଓ ଶ୍ରୀମତୀ କାହାକୁ କିଛି କହିବାର ନାହିଁ। ସେମାନଙ୍କ ଉପସ୍ଥିତିରେ ଦୁଇପଦ କଥାକୁ ମଧ୍ୟ ଭୟ। ଦଶରୁ ଚାରି ମଧ୍ୟରେ ସେମାନଙ୍କ ଅନୁପସ୍ଥିତିରେ ଯେତିକି କଥା, ସେତିକି। ପେନ୍‌ସନ୍ ମୁଠା ସେଠି ବି ଧରେଇଦିଅ। ଯାହା ଦରକାର ମାଗ। ତାଙ୍କର ବି କ'ଣ ଖର୍ଚ୍ଚ ଯେ! ନାଇଁ ଚା' ପାନ କି ବିଡ଼ି-ଗଞ୍ଜେଇ-ମଦ। ମୁଠାଏ ଭଲକି ଖାଇବାର ଯାହା ସଉକ। ଆଉ ତା' ବି ନାହିଁ। ଯଦି କିଛି ଦୁଆରକୁ ଆସେ ଏବଂ ଖାଇବାକୁ ଇଚ୍ଛାହୁଏ- ଖାଅନା, ପେଟ ଖରାପ ହେବ; ତୁମ ବୟସକୁ ଦେଖୁଛ ତ!

ଦଶଟା ବେଳ ହେଲେ ଚାବି। ରୋଷେଇ ଘରୁ ବାଡ଼ିକି ରଖାଯାଏ ଦାଣ୍ଡଘରେ। ସେଇଠି ଶ୍ରୀ ଓ ଶ୍ରୀମତୀ ବସନ୍ତି ଚାରିଟାଯାଏଁ। କୁଆଡ଼େ ଯିବାକୁ ମନା- ଘର ଛାଡ଼ିକି କୁଆଡ଼େ ଯିବନାହିଁ। ଚୋରିନାରୀ ଅଛି।

କୁଆଡ଼େ ଯାଆନ୍ତେ ଯେ! ସତରେ ଯଦି ଗୋଟାକୁ ଦି'ଟା ଥା'ନ୍ତା, ଏମାନେ ଯାହା ଅବସ୍ଥା କରୁଛନ୍ତି କୁଆଡ଼େ ଚାଲିଯାଆନ୍ତେ। ଝିଅଘରେ ପଶିବା ପାଇଁ ସେ ତ ପ୍ରଥମରୁ ମୂଳଚ୍ଛେଦ କରିଛନ୍ତି ଖାସ୍ ଏହି ପୁଅ ପାଇଁ।

କଥାକଥାକେ ତାଙ୍କଠି ଦୋଷ। ଏମିତି ଦିନେ କଥା କଟାକଟିରୁ ଶ୍ରୀ କୁମାରଙ୍କ ଉପରେ ଶ୍ରୀଚନ୍ଦନଙ୍କ ଉଠିଲା ହାତ। କେହି ରୋକିବାର ନାହିଁ। ସେଇଦିନ ଶ୍ରୀ ଓ ଶ୍ରୀମତୀ କ୍ୱାର୍ଟର୍ସ ଛାଡ଼ିଲେ ଗୌତମ ନଗର। ବଖରାଏ ଘର ନିଜେ ମାଡ଼ିବସିଲେ ଏବଂ ସୁବିଧା ପାଇଁ ପିଲାଟିଏ ରଖିଲେ। ବୁଝିବାକୁ ଗଲେ ଶାନ୍ତିରେ ରହିଲେ ତ!

ଶ୍ରୀଚନ୍ଦନ ପ୍ରତିମାସରେ ଥରେ ଯାଇ ଘରଭଡ଼ା ଆଦାୟ କରିଆଣନ୍ତି। ତାଙ୍କଠି କଥା ନାହିଁ। ସେମାନେ ବି ବଳେ ପଶି କୁହନ୍ତି ନାହିଁ। ଘରଭଡ଼ା ନେଉଛି ତ ନେଉ। ତାଙ୍କ ଅନ୍ତେ ସେ ତ ସବୁ ଖାଇବ। ତାଙ୍କ ପେନ୍‌ସନ୍ ତ ତାଙ୍କୁ ଢେର୍।

ଶୁଣିଲେ ବୋହୂର ସିଜରିଂ ହୋଇ କୁଆଡ଼େ ନାତିଟିଏ ହୋଇଛି। ଆଉ କୁଆଡ଼େ ଭବିଷ୍ୟତର ଆଶା ନାହିଁ। ତାଙ୍କୁ ଡକରା ନାହିଁ। ସେବେଠୁ ସମ୍ପର୍କ କଟିଛି। ଏଣୁ କେମିତି ଏମାନେ ନାତିକୁ ଦେଖିବାକୁ ଦୌଡ଼ିଯିବେ। ନାତି ପାଇଁ ରହିଥିବା ଭାଷାଗୁଡ଼ାକ ସବୁ ତାଙ୍କ ଲୁହରେ ଭିଜିଲା। କ'ଣ ନା'-ଭବିଷ୍ୟତ ବିଚାର କରିବ।

ହଠାତ୍ ଦିନେ ଆଉଗୋଟେ ଭଡ଼ାଟିଆ ଧରି ଶ୍ରୀଚନ୍ଦନ ପହଞ୍ଚିଲେ ତାଙ୍କ ପାଖରେ। ସିଏ ମାଡ଼ିବସିଥିବା କୋଠରିଟିରୁ ସମସ୍ତ ଆସବାବପତ୍ର ଗେଟ୍ ପାଖରେ ଥିବା ଛୋଟିଆ ଘରଟିକୁ ଉଠାଇ ନେଲେ ଏବଂ ସେହି ଘରେ ରହିବାକୁ ତାଗିଦା କରି ଚାଲିଆସିଲେ। ଅବଶ୍ୟ ଶୁଣାଇଥିଲେ ଯେ ସେମାନେ ଦି'ମାସ ପାଇଁ ଡେରାଡୁନ୍ ସ୍ୱାସ୍ଥ୍ୟ ନିବାସକୁ ଯାଉଛନ୍ତି। କ୍ୱାର୍ଟର୍ସ ଜଗୁଆଳି ଅଛି । ତଥାପି ସମୟ କାଢ଼ି ପ୍ରତିଦିନ ଘଡ଼ିଏ ବୁଲି ଆସିବାକୁ ହେବ।

ସେ ଦୁହେଁ କିଛି କହିଲେ ନାହିଁ।

ଶୈଳନିବାସରୁ ଫେରି ଶ୍ରୀ ଓ ଶ୍ରୀମତୀ ଶ୍ରୀଚନ୍ଦନ ସିଧା ଭଡ଼ା ଆଦାୟ ପାଇଁ ଷ୍ଟେସନରୁ ସିଆଡ଼େ ସିଆଡ଼େ ଗୌତମନଗର ଗଲେ। ଆଶ୍ଚର୍ଯ୍ୟ, ଦେଖିଲେ ଯେ ପୂର୍ବଭଡ଼ାଟିଆ କେହି ନାହାନ୍ତି। ସେମାନଙ୍କ ଜାଗାରେ ଆଉ ଗୋଟେ ପରିବାର ସମସ୍ତ କୋଠାଘରଟିକୁ ମାଡ଼ିବସିଛନ୍ତି। ସେ ନିଜର ପରିଚୟ ଦେଲେ। ସେ ଭଦ୍ରବ୍ୟକ୍ତି ତାଙ୍କୁ ଶୁଣାଇଦେଲେ- ମୁଁ ଏ ଘରଖଣ୍ଡିକ ସତରଲକ୍ଷ ଟଙ୍କା ଦେଇ ତୁମ ବାପାଙ୍କଠୁ କିଣିଛି। ତୁମ ବାପା ବୋଉ ଗେଟ୍ ପାଖରେ ଥିବା ଘରଟିରେ କ'ଣ କ'ଣ ଜିନିଷ ସବୁ ଛାଡ଼ିକି ଯାଇଛନ୍ତି। ତାକୁ ତୁମେ ଶୀଘ୍ର ଉଠାଇନିଅ। ମୋ' ଦରୱାନ ସେଠି ରହିବ...। ଭଲ ହେଲା, ଆପଣ ଆସିଗଲେ। ଏଇ ଚାବି ନିଅନ୍ତୁ।

ଗେଟ୍ ଘରେ ତାଙ୍କ ପାଇଁ ଚିଠିଟି ଅପେକ୍ଷା କରିଥିଲା। ସେଥିରେ ଲେଖାଥିଲା- ବାବୁ ଶ୍ରୀଚନ୍ଦନ, ଦୁଃଖର ଭାଷାଗୁଡ଼ାକ ଲୁହରେ ଲୁହରେ କେତେ ଭିଜାଇବି? ଏ ଦୁଃଖଦ ସମ୍ପର୍କ ଭିତରେ ତୁମ ପାଖରେ ଆମେ ତିଷ୍ଠିବା ଏବେ ନିହାତି ଅସମ୍ଭବ। ଏଣୁ ବାଧ୍ୟ ହୋଇ ଆମର ସୁଖଶାନ୍ତି ପାଇଁ ଆମେ ଏ ଘର ବିକ୍ରିକରି ଏଠୁ ଅନ୍ୟତ୍ର ଚାଲିଯାଉଛୁ, ଯୋଉଠି ଆମେ ଏକ ଭିନ୍ନ ସ୍ୱପ୍ନରେ ବଞ୍ଚିବୁ, ଶାନ୍ତିରେ ରହିବୁ। ଏଣିକି ତୁମେ ତୁମର ସୁନ୍ଦର ଘରଟିଏର ନକ୍ସା କର।

॥ ଇତି ॥

ଶ୍ରୀ ଓ ଶ୍ରୀମତୀ କୁମାର

ଏମିତି କିଛି ଗୋଟିଏ ଘଟିବ ବୋଲି ଶ୍ରୀଚନ୍ଦନ କେବେ ବି ଆଶା କରିନଥିଲେ। ଏବେ ତାଙ୍କୁ ବହୁତ ଭାରି ଭାରି ଲାଗୁଛି।

ମୋ: ୯୯୩୮୩୪୪୧୩୮

## କବିତା

### ଜାନୁୟାରୀ ୧

**କୃଷ୍ଣ କୁମାର ମହାନ୍ତି**

ଶେଷରେ ତମେ ଆସିଲ!

ଆଲୁଅ ଓହ୍ଲେଇ
ବିଛଣାରେ ଶୋଇଥିବା ଶେଷରାତି
ଘରୁ ବାହାରିଗଲା ବେଳେ
ଖୋପରେ ରଖି ଦେଇଗଲା
ବାସି ବାସ୍ନା କିଛି।

ଝର୍କା ଫାଙ୍କ ଦେଇ ପଶିଆସିଲା
ଚିହ୍ନାଚିହ୍ନା ଚେନାଏ
ନୀରବତା।

କାନ୍ଥ ଉହାଡ଼ରୁ ବାହାରି ଆସିଲେ
ଛାଇ ହୋଇ ଛପି ରହିଥିବା
କୋଳାହଳ ଯେତେ।

କିଏ ଜଣେ ଆସ୍ତେଆସ୍ତେ
ଉଲଗ୍ନ ହେଲା ତା'ପରେ।
କାହାର ଆମନ୍ତ୍ରଣରେ ମହକିଗଲା
କଣ୍ଟା ଫୁଲ ହୋଇ ଫୁଟିଥିବା
ନୂଆନୂଆ ସ୍ପର୍ଶସବୁ।

ପ୍ରତି ଥର ଅଣଛୁଆଁ ହୋଇ
ପଡ଼ି ରହୁଥିବା
ଆଙ୍ଗୁଠି ସନ୍ଧିର ଅନ୍ଧାରରୁ
ଜନ୍ମ ନେଲ ତୁମେ
ଲମ୍ବା ପ୍ରତୀକ୍ଷାର ହଳେ
ଆଖି ହେଲି ମୁଁ।

ଏଥର ଏ ଆଲୁଅ, ଏ ବାସ୍ନା
ପରିପୂର୍ଣ୍ଣ ଏ ସ୍ପର୍ଶମାନେ
ଆମକୁ ପିନ୍ଧେଇ ଦେବେ ପୋଷାକ
ଦେହାନ୍ତରର।

ଆସ, ଏ ନୂଆ ସକାଳରେ
ପାପପୁଣ୍ୟର ତର୍ପଣ ସାରିବା।

ମୋ: ୭୦୦୮୮୪୫୯୨୦

### ମଧ୍ୟବିତ୍ତ

**ଡା. ସନ୍ନ୍ୟାସୀ ନାୟକ**

ସାମାଜିକ ବ୍ୟବସ୍ଥାର
ନିଷ୍ଠୁର ଚିତ୍ର,
ଯନ୍ତ୍ରଣାରେ ଜଳି ଜଳି
କଷୁଥାଏ ଜୀବନ ଗଣିତ...

ପ୍ରତିଦିନ ପେଟରୁ କାଟି
ସଞ୍ଚି ସଞ୍ଚି ଦେଖୁଥାଏ,
ଆସନ୍ତାକାଲିର
ସୁନେଲି ଭବିଷ୍ୟତ...

ପାଦେ ପାଦେ ପଢୁଥାଏ
ନିଜ ଭାଗ୍ୟ ଭାଗବତ,
ଅନ୍ଧାରରେ ଗାଉଥାଏ
ଅଭାବର ଗୀତ...

ଭଡ଼ାଘରେ
ଅଭାବୀ ସଂସାର,
ପିଲାଙ୍କ ପାଠପଢ଼ାରେ
ମାସକର ସଉଦା ବିଚାର,
ଅଭାବର ତାଣ୍ଡବରେ
ନିଅଣ୍ଟିଆ ରୋଜଗାର...

ତଥାପି
ଛୋଟିଆ ପଣତରେ
ସ୍ୱପ୍ନ ଦେଖେ ମନ,
ଗଢ଼ିଦେବ ବାଆରେ ଝୁଲୁଥିବା
ଖୁସିର ପକ୍ଷୀଘର...

ସମାଜର ମଝିସ୍ରୋତରେ
କରୁଥାଏ ଜୀବନ ସଙ୍ଘର୍ଷ,
କର ଦେଇ ଦେଇ
ବଞ୍ଚିଥିବା ମଣିଷଟେ
ସେ ହିଁ ମଧ୍ୟବିତ୍ତ...

ମୋ: ୯୪୩୭୩୫୨୫୬୦

**ଗୀତି କବିତା**

### ପାଗଳା ଏ ମନ

**ନିରଞ୍ଜନ ସାହୁ**

କେବେକେବେ ମନ ଚାହୁଁଥାଏ ତୋତେ
ଟିକିଏ ଦେଖିବା ପାଇଁ
ଅବୁଝା ମନକୁ ବୁଝାଇ ଦେବାକୁ
ଯାଇଥାଏ ମୁହିଁ ଧାଇଁ।

ତୁମ ଘର ବାଟେ ଚାଲିଯିବା ବେଳେ
କଣେଇ କଣେଇ ଚାହେଁ
ସେଦିନର ସ୍ମୃତି ଉଙ୍କିମାରେ ସିନା
ଏବେ ଆମେ ଏଠି ନାହେଁ
ମୋତେ ଦେଖି ହସେ ତୁମ ସାନ ଭାଇ
କହେ, 'ଅପା ଘରେ ନାହିଁ'।

ଗାଆଁ ଯାତରାରେ ଗହଳି ଭିତରେ
ମୋ ଆଖି ଖୋଜଇ ତୋତେ
ତୋତେ ନ ପାଇକି ନିରାଶା ମନରେ
ମୁହଁ ମୁଁ ତଳକୁ ପୋତେ
ନିରାଶାରେ ଫେରି ବିଛଣାରେ ଗଡ଼େ
ପଙ୍ଖା ଘୂରେ ସାଇଁ ସାଇଁ।

ମୋ: ୯୯୩୮୭୪୧୫୮୩

## ପୁସ୍ତକ ପରିଚୟ

### ବାଲେଶ୍ୱର ଭୂଖଣ୍ଡର ଐତିହ୍ୟ, ସଂସ୍କୃତି ଓ ଇତିହାସ




**ଲେଖକ:** ପ୍ର. ଶାନ୍ତନୁ କୁମାର ମହାନ୍ତି
**ପ୍ରକାଶକ:** ସତ୍ୟବ୍ରତ ପ୍ରକାଶନୀ, କଟକ-୧୫
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ. ୨୫୦/-

ବାଲେଶ୍ୱର ଜିଲାର ଇତିହାସ, ଭୂଗୋଳ, ଧର୍ମ, ସଂସ୍କୃତି ଓ ସାହିତ୍ୟକୁ ନେଇ ଆଲୋଚ୍ୟ ଗବେଷଣାମୂଳକ ପୁସ୍ତକଟି ରଚିତ। ଲେଖକ 'ଆଦ୍ୟ କଥନ'ରେ କହିଛନ୍ତି: ''ମୋ ବହିରେ ବାଲେଶ୍ୱର ଅସ୍ମିତାକୁ ଯଥାସମ୍ଭବ ପ୍ରତିପାଦିତ କରିଛି। ବାଲେଶ୍ୱର ମାଟିରେ ନିଜକୁ ସାଧମତେ ଆବିଷ୍କାର କରିଛି। ବାଲେଶ୍ୱରବାସୀ ସେମାନଙ୍କର ଇତିହାସ, ସଂସ୍କୃତି ପ୍ରତି ଅଧିକ ସଚେତନ ହୁଅନ୍ତୁ- ନିଜ ଅଞ୍ଚଳର ପ୍ରକୃତ ପରିଚୟ ପ୍ରତି ଅଧିକରୁ ଅଧିକ ଯତ୍ନବାନ ହୁଅନ୍ତୁ- ଏହି ଆଶା ପୋଷଣ କରେ।'' (ପୃ:୧୦)। ଗ୍ରନ୍ଥରେ ମୋଟ ୧୬ଟି ପରିଚ୍ଛେଦ ରହିଛି, ଯହିଁରେ ସାମିଲ ବାଲେଶ୍ୱର ନାମକରଣ, ଭୌଗୋଳିକ ଓ ପ୍ରଶାସନିକ ସ୍ଥିତି, ଐତିହାସିକ ପୃଷ୍ଠଭୂମି, ନୌବାଣିଜ୍ୟ, ସାମରିକ ବିଭବ, ମନ୍ଦିର ସ୍ଥାପତ୍ୟ, ପର୍ଯ୍ୟଟନସ୍ଥଳୀ, ସ୍ୱାଧୀନତା ସଂଗ୍ରାମ ଓ ବାଲେଶ୍ୱର ଗୀତିକା ଆଦି। ଡ. ହରେକୃଷ୍ଣ ମହତାବ 'ବାଲେଶ୍ୱର' ଶବ୍ଦଟି ପାର୍ଶୀ ଶବ୍ଦ 'Bala-E-Shore' (ସମୁଦ୍ରକୂଳିଆ ନଗର)ରୁ ନିଷ୍ପନ୍ନ ବୋଲି ମତ ଦେଇଥିବା ବେଳେ ଶାନ୍ତନୁ 'ବାଣେଶ୍ୱର' ଶବ୍ଦରୁ ବାଲେଶ୍ୱରର ଉତ୍ପତ୍ତି ବୋଲି ମତ ରଖନ୍ତି; ଯାହା ବିତର୍କର ଅପେକ୍ଷା ରଖେ। 'ବାଲେଶ୍ୱର' କହିଲେ ଲେଖକ ମୁଖ୍ୟତଃ ବର୍ତ୍ତମାନର 'ବାଲେଶ୍ୱର'କୁ ହିଁ ଦୃଷ୍ଟିରେ ରଖିଛନ୍ତି, କିନ୍ତୁ ବହିଟି ଅବିଭକ୍ତ ବାଲେଶ୍ୱର (ବାଲେଶ୍ୱର ଓ ଭଦ୍ରକର ମିଶ୍ର ଭୌଗୋଳିକ ରୂପ)କୁ ନେଇ ଲେଖାଯାଇଥିଲେ ବୃହତ୍ତର ଏକ ପ୍ରେକ୍ଷାପଟରେ ଇତିହାସର ତର୍ଜମା ସମ୍ଭବ ହୋଇଥାଆନ୍ତା। ତଥାପି ବହିଟିର ଉପାଦାନ ଓ ଉପସ୍ଥାପନା ପରବର୍ତ୍ତୀ ଗବେଷଣା ପାଇଁ ସହାୟକ ହେବ।

### ଅମୃତ ଆଲେଖ୍ୟ




**କବି:** ଡ. ଗୋବିନ୍ଦ ଚନ୍ଦ୍ର ଦାଶ
**ପ୍ରକାଶକ:** ସାହିତ୍ୟ ଶ୍ୱେତପଦ୍ମା, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୨୧, **ମୂଲ୍ୟ:** ଟ.୧୫୦/-

ମୋଟ ୪୪ଟି କବିତାର ସମାହାର ଆଲୋଚ୍ୟ କବିତା ପୁସ୍ତକ 'ଅମୃତ ଆଲେଖ୍ୟ'। 'ନିଜକଥା'ରେ କବି କହିଛନ୍ତି: ''ସାମାଜିକ ସଂସ୍କାର ଓ ସଂସ୍କୃତି ସବୁକୁ ପ୍ରାଧାନ୍ୟ ଦେଇ ସାମ୍ପ୍ରତିକ ସମୟରେ ଘଟୁଥିବା ସମସ୍ୟାସବୁର ସମାଧାନ କରିବାକୁ ପ୍ରୟାସ କରି ଲେଖାଯାଇଥିବା କେତୋଟି କବିତା ସ୍ଥାନ ପାଇଛି ମୋର ଏହି ସଦ୍ୟ ପ୍ରକାଶିତ କବିତା ସଂକଳନ 'ଅମୃତ ଆଲେଖ୍ୟ'ରେ।'' ବହିଟିରେ ସ୍ଥାନିତ ପ୍ରାୟ କବିତା ବାଞ୍ଛିତ ଏକ ଜୀବନବୋଧରେ ଆସ୍ଥା ରଖେ। ସଂସାର-ଚକ୍ର ମଧ୍ୟରେ ଅବସ୍ଥିତ ଥାଇ ଘରୁଆ ମଣିଷଟିଏ ଯେଉଁସବୁ ପ୍ରତିକୂଳତାର ସମ୍ମୁଖୀନ ହୁଏ, ତହିଁରୁ ତାକୁ ଉଦ୍ଧାର କରିବାର ପ୍ରଚ୍ଛନ୍ନ ସଂକଳ୍ପଟିଏ ଯେମିତି ଅଧିକାଂଶ କବିତାରେ ଗୁମ୍ଫିତ ହୋଇ ରହିଥାଏ- ମନେହୁଏ କବିତାଗୁଡ଼ିକୁ ମନଦେଇ ପଢ଼ିବା ପରେ। ହସ, ଶାନ୍ତି, ସୁଖ, ଭୟ, ଧର୍ମ, ଭ୍ରମ, ବିଦ୍ୟା, ଈର୍ଷା, ଆଶା, କ୍ଷମା, ମନ, ବୁଦ୍ଧି, ଚିତ୍ତ, ଅହଂକାର, ବିପଦ, ବିନାଶ, ବିଶ୍ୱାସ, ଅଭ୍ୟାସ, ଅନୁଚିନ୍ତା, ଦୁର୍ଘଟଣା, ଅଳସୁଆ, ସେବାଧର୍ମ, ଦିବ୍ୟତା, କୃତଜ୍ଞତା, ଲାଭ, ଦୁଃଖ ଓ ସତ୍କାର ଆଦି ଶୀର୍ଷକଗୁଡ଼ିକରୁ ଜାଣିହୁଏ ଯେ କବି ନାନାଦି ମୋହ ଦ୍ୱାରା କବଳିତ ମାନବାତ୍ମାର ସୁରକ୍ଷା କବଚ କରି ଗଢ଼ିବାକୁ ଚାହିଁଛନ୍ତି ତାଙ୍କର କବିତାଗୁଡ଼ିକୁ। ବିଭିନ୍ନ ପ୍ରସଙ୍ଗ ଉପରେ ସେ ତାଙ୍କର ଦୃଷ୍ଟିକୋଣକୁ ପାଠକଙ୍କ ପାଇଁ କାବ୍ୟିକ ରୀତିରେ ଉପସ୍ଥାପନ କରିଛନ୍ତି। କିନ୍ତୁ କବିତା ଉଦ୍ଦେଶ୍ୟ-ଗର୍ଭିତ ହେଲେ କଳାକୁ ଯେଉଁ କ୍ଷତି ସହିବାକୁ ପଡ଼େ, ସେ କ୍ଷତିକୁ କବି ଭ୍ରୂକ୍ଷେପ ନ କରି ନିଜର ସୃଜନ-ବ୍ୟାପାରକୁ ଯେପରି ଗତିଶୀଳ କରାଇଛନ୍ତି, ତାହା ପ୍ରଶଂସାର୍ହ।

## ଶୀତ

**ପ୍ରଭଞ୍ଜନ ଦାଶ**

**ମିନିଗଳ୍ପ**

ନୂଆ କରି ଶୀତ ପଡୁପଡୁ ସକାଳୁ ଅସରାଏ ବର୍ଷା କାଟି ଦେଇ ସାରିଥାଏ। ଏପଟେ କୋହଲା ଶୀତୁଆ ପାଗକୁ ସେପଟେ ସନ୍ତସନ୍ତିଆ ପରିବେଶ। ଏମିତି ପାଗରେ କେହି କ'ଣ ଘରୁ ବାହାରେ! ତେଣୁ ରାସ୍ତାଘାଟ ପ୍ରାୟତଃ ଶୂନ୍‌ଶାନ୍। ଜରୁରୀ କାମରେ ଯିବା ପାଇଁ ବାହାରିଛନ୍ତି ଶେଖରବାବୁ। କେତେବେଳୁ ଅଟୋରିକ୍ସାଟେ ପାଇଁ ସେ ଅପେକ୍ଷା କରିଛନ୍ତି। ପରନ୍ତୁ କାହାର ବି ଦେଖାନାହିଁ। କିଛି ସମୟ ପରେ ହଠାତ୍ ସାଇକେଲ ରିକ୍ସାଟିଏ ଶୂନ୍‌ଶାନ୍ ରାସ୍ତା ପାର ହୋଇ ଗଡ଼ିଆସିଲା ତାଙ୍କ ଆଡ଼କୁ। ରିକ୍ସାଟିକୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ସେ। ଆଜିବି କ'ଣ ଏ ସହରରେ ରିକ୍ସା ଆଉ ଚାଲୁଛି! ରିକ୍ସାରେ ଚଢ଼ି ଶେଖରବାବୁ ମେଡିକାଲ ଅଭିମୁଖେ ଯିବା ପାଇଁ ନିର୍ଦ୍ଦେଶ ଦେଲେ। ରିକ୍ସାବାଲା ଧୀରେଧୀରେ ଆଗକୁ ବଢ଼ିଲା। ରିକ୍ସା ଭିତରେ ପବନ ବାଜି ଦେହଟା ଅଧିକ ଶୀତେଇ ଉଠୁଥିଲା। ଦେହର ଉଷ୍ମତା ପାଇଁ ସ୍ୱେଟର ଉପରେ ପଶମ ଶାଲ୍‌ଟିକୁ ଢାଙ୍କି ଦେଇ ବେଶ୍ ଆରାମରେ ବସିଗଲେ ଶେଖରବାବୁ। ଗପସପ ଭିତରେ ରିକ୍ସାବାଲାକୁ ଦେଖି ଆଶ୍ଚର୍ଯ୍ୟ ହେଲେ ଶେଖରବାବୁ। ଖୋଲା ଫୁଙ୍ଗୁଳା ଦେହକୁ ନେଇ ବେଶ୍ ଆରାମରେ ଆଗେଇ ଚାଲିଛି ସେ। ମନକୁ ଅଟକେଇ ନପାରି ଶେଷରେ ଶେଖରବାବୁ ପଚାରିଦେଲେ, ''ଏ ପାଗରେ ତମକୁ କ'ଣ ଶୀତ ଲାଗୁନି?'' ହସିଦେଇ ସେ ଉତ୍ତରଦେଲା, 'ବାବୁ ଧନୀକୁ ଶୀତ ହେଲେ ସେ ଚାଦର ଲୋଡ଼େ ଆଉ ଆମ ଭଳି ଗରିବର ଶୀତକୁ ପେଟର ଭୋକ ମୂଳୁ ମାରିଦିଏ।' କିଛି ସମୟ ପରେ ରିକ୍ସା ଆସି ପହଞ୍ଚିଲା ମେଡିକାଲ ଆଗରେ। ପକେଟରୁ କାଢ଼ି ପଇସା ଦେବାବେଳେ ଶେଖରବାବୁ ଦେଖି ପାରୁଥିଲେ ରିକ୍ସାବାଲାର ମୁହଁକୁ। ଯେଉଁଠୁ ନିଗିଡ଼ି ପଡୁଥିଲା ଗମ୍‌ଗମ୍ ଝାଳ।



ମୋ: ୭୩୨୬୯୫୯୯୯୫



**କାଳକାଳକୁ**

''ସଚ୍ଚା ଲୋକେ ନିଜ କଳାକର୍ମକୁ କେବେ ବି ଲୁଚାନ୍ତି ନାହିଁ।''
- ଏମିଲି ବ୍ରୋଣ୍ଟେ

ଏମିଲି ବ୍ରୋଣ୍ଟେଙ୍କ ଜନ୍ମ ୩୦ ଜୁଲାଇ ୧୮୧୮ରେ ଓ ପରଲୋକ ୧୯ ଡିସେମ୍ବର ୧୮୪୮ରେ, ଇଂଲଣ୍ଡରେ। ନିଜର ସୀମିତ ଜୀବଦ୍ଦଶାରେ ସେ ବହୁ କବିତା ଓ ଅନ୍ୟ ସୃଜନଶୀଳ ରଚନାର ଗରିମାମୟୀ ସ୍ରଷ୍ଟା। ତାଙ୍କର ଏକମାତ୍ର ଉପନ୍ୟାସ 'Wuthering Heights' (୧୮୪୭) ଇଂଲିଶ୍ ସାହିତ୍ୟରେ କ୍ଲାସିକ୍‌ର ମର୍ଯ୍ୟାଦା ଲାଭ କରିଛି। ମାତ୍ର ୩୦ ବର୍ଷ ବୟସରେ ସେ ଯକ୍ଷ୍ମାରୋଗରେ ପୀଡ଼ିତ ହୋଇଥିଲେ ଓ ଡାକ୍ତରୀ ଔଷଧ ଗ୍ରହଣ ନ କରି ଅଗତ୍ୟା ମୃତ୍ୟୁର ଶିକାର ହୋଇଥିଲେ।

## ଲେଖକର ଦୁଃଖ

**ରବିନାରାୟଣ ଦାଶ**

**ଲଘୁଗଳ୍ପ**

ମୋତେ ହସ ମାଡ଼େ ଯେତେବେଳେ ମୁଁ ସୁକାନ୍ତ ଭାଇନାଙ୍କ ଚିଠି ପାଏ। ପ୍ରତି ମାସରେ ସୁକାନ୍ତ ଭାଇନାଙ୍କ ହାତଲେଖା ପୋଷ୍ଟକାର୍ଡଟିଏ ମୋ' ପାଖରେ ପହଞ୍ଚେ। ସେଥିରେ ଭାଇନା ଲେଖିଥା'ନ୍ତି ତାଙ୍କର ଏ ମାସରେ କେଉଁ କେଉଁ ପତ୍ରପତ୍ରିକାରେ ଲେଖା ପ୍ରକାଶ ପାଇଛି। ଆର ମାସ ପାଇଁ କ'ଣ କ'ଣ ଲେଖୁଛନ୍ତି। ପୁଣି ଅନୁରୋଧ କରିଥା'ନ୍ତି, ଲେଖା ଭଲଲାଗୁଛି ବୋଲି ଯେମିତି ହେଲେ ଚିଠି ପଠାଇବାକୁ। ତାଙ୍କ ସହ ମୋର ଭଲ ସମ୍ପର୍କ ଥିବାରୁ ମୋ' ପାଖରେ ଦାବି ରଖନ୍ତି ଅତିକମ୍‌ରେ ମାସକୁ ଦୁଇ ଖଣ୍ଡ ଚିଠି ଲେଖିବାକୁ। ସୁକାନ୍ତ ଭାଇନାଙ୍କ ଯେଉଁ ପତ୍ରପତ୍ରିକାରେ ଲେଖା ପ୍ରକାଶପାଏ, ସେଥିରୁ ଅଧିକାଂଶ ଅନାମଧେୟ ପାକ୍ଷିକ ଖବରକାଗଜ କିମ୍ବା ତ୍ରୈମାସିକ ଶିଶୁକିଶୋର ପତ୍ରିକା। ଭାଇନା ନିଜେ ମଧ୍ୟ ଗୋଟେ ତ୍ରୈମାସିକ ଶିଶୁକିଶୋର ପତ୍ରିକା ପ୍ରକାଶ କରନ୍ତି। ସେ ନିଜେ ତା'ର ସଂପାଦକ, ପ୍ରକାଶକ ଓ ମୁଦ୍ରାକର। ପୁଣି ସେଥିରେ ତାଙ୍କର ଏକାଧିକ ଗପ, କବିତା ବି ଥିବ।

ସାହିତ୍ୟକୁ ନେଇ ଆନନ୍ଦ ପାଉଥିବା, ନିଜ ଲେଖାକୁ ନେଇ ବେଶ୍ ଉତ୍ସାହିତ ସୁକାନ୍ତ ଭାଇନା ତାଙ୍କ ଗାଁ ସ୍କୁଲ୍ ପାଖରେ ଖାତାବହି ଦୋକାନଟେ କରିଥା'ନ୍ତି। କବିତା, ଗପ, ପ୍ରବନ୍ଧଠାରୁ ଆରମ୍ଭ କରି ଶିଶୁ ସାହିତ୍ୟ ପର୍ଯ୍ୟନ୍ତ ସବୁ ବିଭାଗରେ ତାଙ୍କ କଲମ ଚାଲେ। ଏମିତିକି ମହିଳାମାନଙ୍କ ପାଇଁ ଟିପ୍‌ସ, ପିଲାମାନଙ୍କ ପାଇଁ ଜି.କେ. ବହି ବି ଲେଖନ୍ତି। ହାତରୁ ଟଙ୍କା ଖର୍ଚ୍ଚ କରି ଚଟି ବହି ୬/୭ଟା ଛାପି ସାରିଲେଣି। କହିବାକୁ ପଡ଼ିବ ନାହିଁ, ଏକଥା ଆପଣମାନେ ଜାଣିସାରିବେଣି ଯେ ସୁକାନ୍ତ ଭାଇନାଙ୍କ ଲେଖାର ମାନ ଅତି ସାଧାରଣ। ହେଲେ ସାହିତ୍ୟ ପ୍ରତି ତାଙ୍କର ଭଲପାଇବା ଅତି ଉଚ୍ଚସ୍ତରର। ସେଇଥିପାଇଁ ଦୋକାନରୁ ଯେଉଁ ଆୟ ହୁଏ ସେଥିରୁ ଅନେକ ଟଙ୍କା ସାହିତ୍ୟ ଓ ଲେଖାପଢ଼ା ବାବଦରେ ଖର୍ଚ୍ଚ କରିଦିଅନ୍ତି, ଯାହାକୁ ନେଇ ତାଙ୍କ ପତ୍ନୀ ଭୀଷଣ ବିରକ୍ତ ହୁଅନ୍ତି। ସାହିତ୍ୟରେ ନିଜ ଲୋକପ୍ରିୟତା ପ୍ରମାଣ କରିବାକୁ ପାଠକଙ୍କ ଚିଠିର ସାହାରା ନେବାକୁ ପଡ଼େ ତାଙ୍କୁ। କହିବୋଲି ଚିଠି ଲେଖାଇନିଅନ୍ତି ଭାଇନା। ପ୍ରତିଦିନ ଭାଇନାଙ୍କ ନାଁରେ ଡାକଘରୁ ଆସେ ୫/୬ଟି ଚିଠି, ମାସକୁ ଶହେରୁ ଅଧିକ। ତା'ର ପ୍ରତ୍ୟୁତ୍ତର ବି ଦିଆଯାଏ। ଭାଇନାଙ୍କ ରାତିଟା କେବଳ ଚିଠିଲେଖା, ଗପ କବିତା ଲେଖାରେ ସରେ।

ସୁକାନ୍ତ ଭାଇନାଙ୍କ ଗୋଟେ ବି ଗପ କବିତା ମୁଁ ମନଦେଇ ପଢ଼ି ନ ଥିବି, ଯଦିଓ ମୁଁ ପ୍ରବଳ ପଢ଼ାପଢ଼ି କରେ। ସାହିତ୍ୟ ପ୍ରତି ମୋ' ଅନୁରାଗ ଥିବା ଜାଣି ଓ ଆମେ ଗୋଟିଏ ଜିଲାର ହୋଇଥିବାରୁ ମୋ' ପ୍ରତି ଭାଇନାଙ୍କର ଟିକେ ଅଧିକ ଶ୍ରଦ୍ଧା ଥିଲା, ଯାହା ଫଳ ସ୍ୱରୂପ ମୋତେ ପ୍ରତିମାସରେ ୨/୩ଖଣ୍ଡ ଚିଠି ଲେଖିବାକୁ ପଡୁଥିଲା।

ଦୀର୍ଘ ୩୦ବର୍ଷ ପରେ ଭାଇନାଙ୍କ ଅସହାୟତା ଏବେ ମୁଁ ବୁଝିପାରୁଛି। ସୁକାନ୍ତ ଭାଇନାଙ୍କ ପରି ମୋତେ ଏବେ ଦରକାର ପଡୁଛି ଫେସ୍‌ବୁକ୍‌ରେ ଲାଇକ୍ ଆଉ କମେଣ୍ଟ। ମୋର ୬ଟା ଗଳ୍ପ ସଂକଳନ, ୫ଟା ଉପନ୍ୟାସ, ୨ଟା କବିତା ସଂକଳନ, ଗୋଟେ ପ୍ରବନ୍ଧ ସଂକଳନ ପ୍ରକାଶ ପାଇସାରିଛି। ମାର୍କେଟ୍‌ରେ ଆଦୌ ଚାଲୁନଥିବା ୪/୫ଟା ଦୈନିକ ଖବରକାଗଜର ରବିବାରିଆ ସାହିତ୍ୟ ପୃଷ୍ଠାରେ ମୋର ଗପ କବିତା ବାହାରେ। ତାକୁ ମୁଁ ଚଟାପଟ୍ ଫେସ୍‌ବୁକ୍‌ରେ ପୋଷ୍ଟ କରିଦିଏ। ସୁକାନ୍ତ ଭାଇନାଙ୍କ ପରିବାର ପରି ଆମ ଘରେ ବି ମୋ' ପତ୍ନୀ, ପୁଅଝିଅ ମୋତେ ଗୋଟେ ପ୍ରଭାବଶାଳୀ ଲେଖକ ଭାବେ ଗଣତି କରନ୍ତି ନାହିଁ, ସ୍ୱାଭାବିକ ଭାବେ ମୋ' ଲେଖା ପ୍ରତି ସେମାନଙ୍କର ଖାତିର ନଥାଏ। ଏବକୁ ଇଣ୍ଟରନେଟ୍‌ର ଯୁଗ। ମୋବାଇଲ୍‌ରେ ସାହିତ୍ୟ। ମୋ' ଘର ଲୋକଙ୍କ ନଜର ମୋ' ଫେସ୍‌ବୁକ୍ ପୋଷ୍ଟ ଉପରେ। କେତେ ଲାଇକ୍, କେତେ କମେଣ୍ଟ ଆସିଲା ସେମାନେ ଗଣନ୍ତି। ସେହି ଡରରେ ମୁଁ ସକାଳୁ ଫୋନ୍ ଘୂରାଏ ସାଙ୍ଗମାନଙ୍କୁ, ସମଧର୍ମା ଲେଖକମାନଙ୍କ ପାଖକୁ; ଅନୁରୋଧ କରେ ମୋ' ପୋଷ୍ଟରେ କମେଣ୍ଟ ଓ ଲାଇକ୍ ଦେବାକୁ। ମୁଁ ଜାଣିଛି ସେମାନେ ହସୁଥିବେ, ଯେମିତି ମୁଁ ହସୁଥିଲି ସୁକାନ୍ତ ଭାଇନାଙ୍କ ଚିଠି ପାଇ।

ମୋ: ୯୪୩୭୦୯୧୬୩୭



# 'ଟ୍ରଫି ବଜାୟ ରଖିବାକୁ ଭୋକିଲା ଅଛୁ'

ଭୁବନେଶ୍ୱର, ୬।୧
(କ୍ରୀଡ଼ା ପ୍ରତିନିଧି)

୨୦୧୮ରେ ଭୁବନେଶ୍ୱରରେ ଅନୁଷ୍ଠିତ ବିଶ୍ୱକପ୍‌ର ଗତ ସଂସ୍କରଣରେ ଚାମ୍ପିୟନ ହୋଇଥିବା ବେଲଜିୟମ ଦଳ ଶୁକ୍ରବାର ଏଠାରେ ପହଞ୍ଚିଛି। ବିଶ୍ୱ ହକିର ତାରକା ଖେଳାଳିଙ୍କୁ ସ୍ୱାଗତ କରିବା ପାଇଁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ବହୁ ସଂଖ୍ୟାରେ ହକିପ୍ରେମୀ ଉପସ୍ଥିତ ଥିଲେ। ବେଲଜିୟମ ପୁଲ୍ 'ବି'ରେ ଜର୍ମାନୀ, ଜାପାନ ଓ କୋରିଆ ସହିତ ସ୍ଥାନ ପାଇଛି। କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୧୪ ତାରିଖରେ କୋରିଆ ବିପକ୍ଷରେ ମ୍ୟାଚ ଖେଳି ବେଲଜିୟମ ଅଭିଯାନ ଆରମ୍ଭ କରିବ।

## ଭାରତ ଅନ୍ୟତମ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ

ଫେଲିକ୍ସ ଡେନାୟେରଙ୍କ ନେତୃତ୍ୱାଧୀନ ରେଡ୍ ଲାୟନ୍ସ (ବେଲଜିୟମ) ଦଳ ପୂର୍ବ ସଂସ୍କରଣର ପ୍ରଦର୍ଶନକୁ ଦୋହରାଇ ଟାଇଟଲ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଯଦି ଏହା ସମ୍ଭବ ହୁଏ ତେବେ ଟୁର୍ନାମେଣ୍ଟ ଇତିହାସରେ ୪ର୍ଥ ଦଳ ଭାବେ କ୍ରମାଗତ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିବ। ପୂର୍ବରୁ ପୁରୁଷ ହକି ବିଶ୍ୱକପ୍‌ରେ ପାକିସ୍ତାନ ୧୯୭୮ ଓ ୧୯୮୨, ଜର୍ମାନୀ ୨୦୦୨ ଓ ୨୦୦୬ ଏବଂ ଅଷ୍ଟ୍ରେଲିଆ ୨୦୧୦ ଓ ୨୦୧୪ରେ ଚାମ୍ପିୟନ ହୋଇ ଏହି କ୍ଲବର ସଦସ୍ୟ ଅଛନ୍ତି। ''ଆମେ ଭଲଭାବେ ପ୍ରସ୍ତୁତ ହୋଇ ଏଠାକୁ ଆସିଛୁ। ଆମର ଟ୍ରେନିଂ କ୍ୟାମ୍ପ ସ୍ପେନ୍‌ରେ ହୋଇଥିଲା। ସେଠାରେ ଆମେ ଆମର ସମସ୍ତ ଗେମ୍ ଜିତିଥିଲୁ। ତେଣୁ ଆଗାମୀ ଟୁର୍ନାମେଣ୍ଟରେ ଭଲ କରିବା ପାଇଁ ଖେଳାଳିମାନେ ଆତ୍ମବିଶ୍ୱାସରେ ଅଛନ୍ତି। ବିଶ୍ୱକପ୍‌ରେ ପ୍ରତିଦ୍ୱନ୍ଦ୍ୱିତା ସର୍ବଦା କଷ୍ଟସାଧ୍ୟ ହୋଇଥାଏ। ତେଣୁ ଆମେ ଆରମ୍ଭକୁ ଆଗ୍ରହ ସହକାରେ ଅପେକ୍ଷାକରି ରହିଛୁ'' ବୋଲି ଡେନାୟେର ପ୍ରକାଶ କରିଛନ୍ତି। ଆଗାମୀ ଟୁର୍ନାମେଣ୍ଟ ପାଇଁ ଆମ ସହିତ ଅନେକ ଫେଭରାଇଟ ରହିଛନ୍ତି। ମୋ ମତରେ ଅଷ୍ଟ୍ରେଲିଆ, ନେଦରଲାଣ୍ଡସ୍, ଜର୍ମାନୀ ଓ ଘରୋଇ କରିବେଶରେ ଭାରତ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହେବ। ନିକଟ ଅତୀତରେ ଇଂଲଣ୍ଡ ଓ ଆର୍ଜେଣ୍ଟିନା ଦଳ ମଧ୍ୟ ଭଲ ଖେଳି ଆସିଛନ୍ତି। ତେଣୁ ଆଗାମୀ ପ୍ରତିଯୋଗିତା କୌଣସି ଦଳ ପାଇଁ ସହଜ ହେବନାହିଁ ବୋଲି ସେ କହିଛନ୍ତି।

୨୦୧୮ ବିଶ୍ୱକପ୍‌ରେ ବେଲଜିୟମର ଅନେକ ସ୍ମରଣୀୟ ଅନୁଭୂତି ରହିଛି। ନେଦରଲାଣ୍ଡସ୍ ବିପକ୍ଷ ଫାଇନାଲ ଏବେ ମଧ୍ୟ ଖେଳାଳିଙ୍କ ମନରେ ତାଜା ହୋଇ ରହିଛି। ଶୁଟ୍ ଆଉଟ ମାଧ୍ୟମରେ ମ୍ୟାଚର ଫଳାଫଳ ନିର୍ଣ୍ଣୟ ହୋଇଥିଲା ଏବଂ ଏହା ଅତ୍ୟନ୍ତ ନାଟକୀୟ ଥିଲା। ଶୁଟ୍ ଆଉଟ ପର୍ଯ୍ୟାୟରେ ଆର୍ଥର ଡି ସ୍ଲୋଭେରଙ୍କ ୱିନିଂ ଶଟ୍ ରିଭ୍ୟୁରେ ନାକଚ ହୋଇଯିବାରୁ ବେଲଜିୟମ ଖେଳାଳିଙ୍କୁ ବିଜୟ ଉତ୍ସବକୁ ଅଧାରୁ ରୋକିବାକୁ ପଡ଼ିଥିଲା। ମାତ୍ର ବେଲଜିଆନ ଗୋଲକିପର ଭିନସେଣ୍ଟ ଭାନସାକ୍ ନେଦରଲାଣ୍ଡସ୍‌ର ଜୋନାସ ଡି ଜିଉସଙ୍କ ଶଟ୍‌କୁ ସେଭ୍ କରିବାରେ ସକ୍ଷମ ହେବାରୁ ବେଲଜିୟମ କ୍ୟାମ୍ପରେ ଆଉଥରେ ବିଜୟ ଉତ୍ସବ ଆରମ୍ଭ ହୋଇଥିଲା। କାରଣ ଏହାଥିଲା ବେଲଜିୟମ ଦଳର ପ୍ରଥମ ବିଶ୍ୱକପ ବିଜୟ। ଏଭଳି ନାଟକୀୟ ଘଟଣାକ୍ରମ ଯେ ଆଗାମୀ ବିଶ୍ୱକପ୍‌ରେ ନ ଆସିବ ତାହା କହିହେବନି ବୋଲି ଡେନାୟେର ପ୍ରକାଶ କରିଛନ୍ତି। ''ବିଶ୍ୱକପ ଟୁର୍ନାମେଣ୍ଟ ଏକ ବଡ଼ ଚ୍ୟାଲେଞ୍ଜ। ମାତ୍ର ଆମ ଦଳରେ ଅଭିଜ୍ଞ ଖେଳାଳି ଭରପୂର ଥିବାରୁ ଟ୍ରଫି ବଜାୟ ରଖିବାପାଇଁ ଭୋକିଲା ଅଛୁ। ଆମେ ଏକ ଉଚ୍ଚାଭିଳାଷୀ ଗ୍ରୁପ୍। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଏଭଳି ଚ୍ୟାଲେଞ୍ଜର ଆବଶ୍ୟକତା ରହିଛି'' ବୋଲି ସେ କହିଛନ୍ତି।

**ଭୁବନେଶ୍ୱରରେ ପହଞ୍ଚିଲା ଚାମ୍ପିୟନ 'ରେଡ୍ ଲାୟନ୍ସ'**



ମୁଖ୍ୟ କୋଚ୍ ମାଇକେଲ ଭାନ୍ ଡେନ୍ ହୁଭେଲ ଙ୍କ ସହ ଫେଲିକ୍ସ ଡେନାୟେର।

## ଭାରତୀୟ ଦର୍ଶକ ବିଶ୍ୱରେ ଶ୍ରେଷ୍ଠ

ଆଗାମୀ ଟୁର୍ନାମେଣ୍ଟରେ ଓଡ଼ିଶା ହକି ପ୍ରଶଂସକଙ୍କ ମନରେ କିଭଳି ଉତ୍କଣ୍ଠା ରହିଛି ତାହା ଦେଖିବାକୁ ବେଲଜିୟମ ମୁଖ୍ୟ କୋଚ୍ ମାଇକେଲ ଭାନ୍ ଡେନ୍ ହୁଭେଲ ବ୍ୟଗ୍ରତା ପ୍ରକାଶ କରିଛନ୍ତି। ଭାରତୀୟ ଦର୍ଶକଙ୍କ ସମ୍ମୁଖରେ କାହିଁକି ସବୁଦଳ ଖେଳିବାକୁ ଭଲ ପାଉଛନ୍ତି ତାହା ମଧ୍ୟ ସେ ବର୍ଣ୍ଣନା କରିଛନ୍ତି। ''ଆମେ ପୁଣିଥରେ ଭୁବନେଶ୍ୱର ଆସି ବହୁତ ଖୁସି। ଆମେ ଭାରତୀୟ ଦର୍ଶକଙ୍କ ସମ୍ମୁଖରେ ଖେଳିବାକୁ ଭଲ ପାଉ, କାରଣ ସେମାନେ ବିଶ୍ୱରେ ଶ୍ରେଷ୍ଠ। ଆମେ ଏଠାକୁ ବିଶ୍ୱ ଟାଇଟଲ ଡିଫେଣ୍ଡ କରିବାକୁ ଆସିଛୁ। ସେଥିପାଇଁ ଭଲଭାବେ ପ୍ରସ୍ତୁତି କରିଛୁ। ଟୁର୍ନାମେଣ୍ଟ ଆରମ୍ଭ ଉପରେ ଆମର ନଜର ରହିଛି'' ବୋଲି ହୁଭେଲ କହିଛନ୍ତି। ଏଠାକାର ଦର୍ଶକ ସମାଗମ ଚମତ୍କାର। ଏଭଳି ଦର୍ଶକଙ୍କ ସମ୍ମୁଖରେ ଖେଳିବା ପାଇଁ ସମସ୍ତେ ନିଶ୍ଚିତ ଭଲ ପାଇବେ। କୋଳାହଳରେ ଷ୍ଟାଡିୟମ ପ୍ରକମ୍ପିତ ହେଲେ ମଧ୍ୟ ଆମକୁ ଖେଳିବାରେ କିଛି ଅସୁବିଧା ନାହିଁ ବୋଲି ସେ ପ୍ରକାଶ କରିଛନ୍ତି। ସବୁଠାରୁ କୌତୂହଳପ୍ରଦ କଥା ହେଲା ବେଲଜିୟମକୁ ବିଶ୍ୱକପ୍ ଏବଂ ୨୦୨୦ ଅଲିମ୍ପିକ୍ସ ଚାମ୍ପିୟନ କରାଇଥିବା ଅଭିଜ୍ଞ କୋଚ୍ ଶେନ ମ୍ୟାକଲିଡ କିଛି ଦିନର ବିଶ୍ରାମ ପରେ ଦଳର ସହକାରୀ କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ବ୍ୟତୀତ ଦଳରେ ଅନେକ ଅଭିଜ୍ଞ ଖେଳାଳି ରହିଛନ୍ତି। ସେମାନଙ୍କ ମଧ୍ୟରେ ୪୦୦ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଭେଟେରାନ ଜନ୍-ଜନ୍ ଡୋମେନ ସାମିଲ।

**ହକି ବିଶ୍ୱକପ୍**




**ଆଉ ୬ ଦିନ**

# ମାଲେସିଆ, ଦକ୍ଷିଣ ଆଫ୍ରିକା, ଆର୍ଜେଣ୍ଟିନା, ନ୍ୟୁଜିଲାଣ୍ଡ ଦଳକୁ ସ୍ୱାଗତ

ଭୁବନେଶ୍ୱର, ୬।୧
(କ୍ରୀଡ଼ା ପ୍ରତିନିଧି)

ଆସନ୍ତା ହକି ବିଶ୍ୱକପ ଖେଳିବା ପାଇଁ ମାଲେସିଆ, ଦକ୍ଷିଣ ଆଫ୍ରିକା, ଆର୍ଜେଣ୍ଟିନା ଓ ନ୍ୟୁଜିଲାଣ୍ଡ ଦଳ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଛନ୍ତି। ସ୍ଥାନୀୟ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଦଳଗୁଡ଼ିକୁ ଭବ୍ୟ ସ୍ୱାଗତ କରାଯାଇଛି। ଆଗାମୀ ବିଶ୍ୱକପ ଭୁବନେଶ୍ୱର ଓ ରାଉରକେଲାରେ ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ମାଲେସିଆ ଦଳ ପୁଲ୍ 'ସି'ରେ ନେଦରଲାଣ୍ଡସ୍, ନ୍ୟୁଜିଲାଣ୍ଡ ଓ ଚିଲି ସହିତ ସ୍ଥାନ ପାଇଛି। ଆଗାମୀ ବିଶ୍ୱକପରେ ପ୍ରଦର୍ଶନର ଛାପ ଛାଡ଼ିବା ଏହି ଦଳର ମୁଖ୍ୟ ଲକ୍ଷ୍ୟ। ''ଓଡ଼ିଶାରେ ଖେଳିବାପାଇଁ ଆମେ ବ୍ୟଗ୍ରତାର ସହ ଅପେକ୍ଷା କରିଛୁ। ଏହି ଟୁର୍ନାମେଣ୍ଟ ଆମପାଇଁ ସ୍ୱତନ୍ତ୍ର ହେବ ବୋଲି ଆଶା ରଖିଛୁ। ଅଭ୍ୟାସ ଭଲ ହୋଇଥିବାରୁ ପ୍ରଦର୍ଶନର ଛାପ ଛାଡ଼ିପାରିବୁ ବୋଲି ଆଶା ରହିଛି'' ବୋଲି ଅଧିନାୟକ ମାରହାନ ଜଲିଲ ପ୍ରକାଶ କରିଛନ୍ତି। କୋଚ୍ ଅରୁଲ ଆନ୍ଥୋନୀଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ ୨୦୨୨ ସୁଲତାନ ଆଜଲାନ ଶାହ କପ୍ ଚାମ୍ପିୟନ ହୋଇଥିଲା। ୧୯୭୫ ବିଶ୍ୱକପରେ ଦଳ ଏହାର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲା। ଆୟୋଜକ ଦଳଭାବେ ୪ର୍ଥ ସ୍ଥାନ ଅଧିକାର କରିଥିଲା। ଏହି ସଂସ୍କରଣରେ ଭାରତ ଚାମ୍ପିୟନ ହୋଇଥିଲା। ବିଶ୍ୱର ୧୬ଟି ଶ୍ରେଷ୍ଠ ଦଳ ଅଂଶଗ୍ରହଣ କରୁଥିବାରୁ ଭଲ ଆରମ୍ଭ ଆମର ପ୍ରଥମ ଲକ୍ଷ୍ୟ ରହିବ ବୋଲି ଆନ୍ଥୋନୀ ପ୍ରକାଶ କରିଛନ୍ତି।


ଭୁବନେଶ୍ୱରରେ ପହଞ୍ଚିଥିବା ନ୍ୟୁଜିଲାଣ୍ଡ ଦଳର ଖେଳାଳି।

ଦକ୍ଷିଣ ଆଫ୍ରିକା ଦଳ ପୁଲ୍ 'ଏ'ରେ ଅଷ୍ଟ୍ରେଲିଆ, ଆର୍ଜେଣ୍ଟିନା ଓ ଫ୍ରାନ୍ସ ସହିତ ସ୍ଥାନ ପାଇଛି। ''ଅଷ୍ଟ୍ରେଲିଆ ଓ ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚ ଉପରେ ଆମର ମୁଖ୍ୟତଃ ଫୋକସ ରହିବ। ଏଥର ୨ଟି ଭେନ୍ୟୁରେ ଟୁର୍ନାମେଣ୍ଟ ହେବାକୁ ଯାଉଛି। ଭରପୂର ଦର୍ଶକଙ୍କ ସମ୍ମୁଖରେ ଖେଳିବାର ଭିନ୍ନ ଅନୁଭୂତି ରହିବ'' ବୋଲି ମୁଖ୍ୟ କୋଚ୍ ଚେସଲିନ୍ ଗି' ପ୍ରକାଶ କରିଛନ୍ତି। ୧୯୭୪ରେ ଅଷ୍ଟ୍ରେଲିଆର ସିଡ୍‌ନୀରେ ପ୍ରଥମ ବିଶ୍ୱକପ ଖେଳିଥିବା ଦକ୍ଷିଣ ଆଫ୍ରିକା ପାଇଁ ଏହା ହେବ ହକି ମହାକୁମ୍ଭ। ଡାୟାନ କାସିଏମ୍ ଦଳର ଅଧିନାୟକ ଅଛନ୍ତି। ପ୍ରଦର୍ଶନ ମାଧ୍ୟମରେ ଦେଶକୁ ଗର୍ବିତ କରିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି କାସିଏମ ପ୍ରକାଶ କରିଛନ୍ତି।

ବ୍ଲାକ୍ ଷ୍ଟିକ୍ସ (ନ୍ୟୁଜିଲାଣ୍ଡ) ଦଳର ନେତୃତ୍ୱ ନେଉଛନ୍ତି ନିକ୍ ଉଡ୍ସ। ଏହି ଦଳ ୨୦୨୨-୨୩ ପ୍ରୋ-ଲିଗ୍‌ରେ ଏଠାରେ ଭାରତ ବିପକ୍ଷରେ ମ୍ୟାଚ ଖେଳିଥିଲା। ଗ୍ରେଗ୍ ନିକୋଲ ଏହାର ମୁଖ୍ୟ କୋଚ୍। ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ କରି ଆମେ ବହୁତ ଖୁସି। ଏଠାକାର ହକିପ୍ରିୟ ଦର୍ଶକଙ୍କ ସମ୍ମୁଖରେ ଖେଳିବାର ମଜା ଭିନ୍ନ ରହିବ। ପ୍ରୋ ଲିଗ୍‌ରେ ଆମେ ଏଠାରେ ଭାରତ ଓ ସ୍ପେନ୍ ବିପକ୍ଷରେ ଖେଳିଥିଲୁ। ଏହାପରେ ସ୍ୱଦେଶ ଯାଇ ଟ୍ରେନିଂ କ୍ୟାମ୍ପ କରିଥିଲୁ। ଆକ୍ରମଣାତ୍ମ ରଣନୀତିରେ ଖେଳିବା ଆମର ମୁଖ୍ୟ ଲକ୍ଷ୍ୟ ରହିବ ବୋଲି ଉଡ୍ସ ପ୍ରକାଶ କରିଛନ୍ତି।

ଲିଓନେଲ ମେସି ଓ ଜାତୀୟ ଫୁଟବଲ ଦଳରୁ ପ୍ରେରଣା ଲାଭ କରିଥିବା ଆର୍ଜେଣ୍ଟିନା ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରତିଶ୍ରୁତିବଦ୍ଧ। ଆର୍ଜେଣ୍ଟିନା ଦଳ କାତାରରେ ଫିଫା ବିଶ୍ୱକପ ଚାମ୍ପିୟନ ହୋଇଥିଲା। ଆଗାମୀ ହକି ବିଶ୍ୱକପରେ ମଧ୍ୟ ଦଳ ଅନୁରୂପ ପ୍ରଦର୍ଶନ ଆଶା ରଖିଛି। ଏହା କଷ୍ଟସାଧ୍ୟ ହୋଇଥିଲେ ହେଁ ଆମେ ଟ୍ରଫି ଜିତି ଦେଶକୁ ଗର୍ବିତ କରିବାକୁ ଚାହୁଁ ବୋଲି ଅଧିନାୟକ ମାଥିଆସ ରେ' ପ୍ରକାଶ କରିଛନ୍ତି। ମାରିଆନୋ ରୋନକୋନି ଆର୍ଜେଣ୍ଟିନା ଦଳର କୋଚ୍ ଅଛନ୍ତି।




# ଅଷ୍ଟ୍ରେଲିଆ, ଇଂଲଣ୍ଡ ଦଳ ପହଞ୍ଚିଲା

**ଭୁବନେଶ୍ୱର, ୬।୧ (କ୍ରୀଡ଼ା ପ୍ରତିନିଧି):** ଓଡ଼ିଶାରେ ହେବାକୁ ଯାଉଥିବା ହକି ବିଶ୍ୱକପର ୧୫ତମ ସଂସ୍କରଣ ଖେଳିବା ପାଇଁ ଶୁକ୍ରବାର ରାତିରେ ଶକ୍ତିଶାଳୀ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ଦଳ ମଧ୍ୟ ଭୁବନେଶ୍ୱରରେ ପହଞ୍ଚିଛି। ୨୦୧୮ ବ୍ରୋଞ୍ଜ ମେଡାଲିଷ୍ଟ ଅଷ୍ଟ୍ରେଲିଆ ଏଥର ଆର୍ଜେଣ୍ଟିନା, ଫ୍ରାନ୍ସ ଓ ଦକ୍ଷିଣ ଆଫ୍ରିକା ସହିତ ପୁଲ୍ 'ଏ'ରେ ସ୍ଥାନ ପାଇଛି। ଏହି ଦଳ ଭୁବନେଶ୍ୱରରେ ୧୩ରେ ଫ୍ରାନ୍ସ ଓ ୧୬ରେ ଆର୍ଜେଣ୍ଟିନାକୁ ଭେଟିବା ପରେ ରାଉରକେଲା ଯାଇ ୨୦ ତାରିଖରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳିବ। ସେହିପରି ପୁଲ୍ 'ଡି'ରେ ଭାରତ, ସ୍ପେନ୍ ଓ ୱେଲ୍ସ ସହିତ ସ୍ଥାନ ପାଇଥିବା ଇଂଲଣ୍ଡ ରାଉରକେଲାରେ ୧୩ରେ ୱେଲ୍ସ ଓ ୧୫ରେ ଭାରତକୁ ଭେଟିବାପରେ ଭୁବନେଶ୍ୱର ଆସି ୧୯ ତାରିଖରେ ସ୍ପେନ୍ ବିପକ୍ଷରେ ମୁକାବିଲା କରିବ।

## ଭୁବନେଶ୍ୱରରେ ମିଶନ ଅଲିମ୍ପିକ ସେଲ୍ ବୈଠକ

**ନୂଆଦିଲ୍ଲୀ, ୬।୧:** କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଜାନୁୟାରୀ ୨୦ରେ ଭୁବନେଶ୍ୱର (ଓଡ଼ିଶା) ରେ ମିଶନ ଅଲିମ୍ପିକ ସେଲ୍ (ଏମ୍ଓସି) ବୈଠକ ଆୟୋଜନ କରାଯାଇଛି। ଏମ୍ଓସିର ମାସିକିଆ ବୈଠକ ସାଧାରଣତଃ ଭାବେ ଦିଲ୍ଲୀରେ ହୋଇଥାଏ। ପ୍ରଥମ ଥର ଏହା ଦିଲ୍ଲୀ ବାହାରେ ହେବାକୁ ଯାଉଛି। ଏଥିରେ ଆଥଲେଟମାନଙ୍କ ପ୍ରଦର୍ଶନର ମୂଲ୍ୟାୟନ କରାଯାଇଥାଏ। ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ) ପାଇଁ ଆଥଲେଟ୍‌ଙ୍କ ନାମ ସୁପାରିସ କରାଯାଇଥାଏ। ଏହାକୁ ଭିତ୍ତିକରି ମନ୍ତ୍ରଣାଳୟ ତରଫରୁ ସମ୍ପୃକ୍ତ ଆଥଲେଟ୍‌ଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥାଏ। ଏମ୍ଓସିର ସଦସ୍ୟମାନଙ୍କ ମଧ୍ୟରେ ରହିଛନ୍ତି, ପୂର୍ବତନ ଆଥଲେଟ ଅଞ୍ଜୁ ବବି ଜର୍ଜ, ଅଞ୍ଜଳୀ ଭଗବତ, ବୀରେନ ରସ୍କିନା, ଯୋଗେଶ୍ୱର ଦତ୍ତ, ତୃପ୍ତୀ ମୁରୁଗୁଣ୍ଡେ ଓ ମୋନାଲିସା ପଟ୍ଟୁଆ ଅନ୍ୟତମ। ଭୁବନେଶ୍ୱର ଆଗମନ ଅବସରରେ ସେମାନେ ହକି ବିଶ୍ୱକପ୍ ମ୍ୟାଚ ଦେଖିବେ। ଜାନୁୟାରୀ ୧୯ରେ ଭାରତ-ୱେଲ୍ସ ଅନ୍ତିମ ଲିଗ୍ ମ୍ୟାଚ ସେମାନେ ଦେଖିବେ ବୋଲି ଆଶା କରାଯାଉଛି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ